ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଜାନୁଆରୀ ୨୦୨୬



ଫଟୋ : ସ୍ମିତା ମହାପାତ୍ର

## ଓଡ଼ିଆ ସାହିତ୍ୟର ନବଦିଗନ୍ତ

Vol-4 • Issue-11 • January 2026 • Monthly • Rs.50 • 72 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୪ • ସଂଖ୍ୟା-୧୧ • ଜାନୁଆରୀ ୨୦୨୬ • ମାସିକ • ଟ.୫୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**କମଳକୁମାରୀ ଦାଶ**
**ଦେବାଶିଷ ମୁଦୁଲି**

ପାଠ-ସଂଶୋଧକ
**ପ୍ରଭାତ ରଞ୍ଜନ ବେହୁରା**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ସ୍ୱାତୀ ମହାପାତ୍ର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୫୦/-**

## ।। ସୂଚୀ ।।

ପାଠକଙ୍କ ମତାମତ ୦୨
ସାହିତ୍ୟର ଡିଜିଟାଲ୍ ଅବତାର (ସମ୍ପାଦକୀୟ) ୦୩
ଅନୁବାଦ କଳାର ତତ୍ତ୍ୱ, ପ୍ରୟୋଗ ଓ ସମ୍ଭାବନା (ପ୍ରବନ୍ଧ) ବସନ୍ତ କୁମାର ପଣ୍ଡା ୦୫
ନବବରଷ ମନ ହରଷ (ରମ୍ୟରଚନା): ପୀତବାସ ରାଉତରାୟ ୧୦
ସ୍ୱପ୍ନ ବଗିଚାର ଫୁଲ (କବିତା): କୁଳମଣି ଓଝା ୧୪
ପତ୍ରଂ ଗଳିତଂ ଥପଂ ଥପଂ:ଆମ ଭାଷା ପ୍ରସଙ୍ଗ (ପ୍ରବନ୍ଧ): ବୈଷ୍ଣବ ଚରଣ ମହାନ୍ତି ୧୫
ମୌସୁମୀର ଶେଷ ବର୍ଷା (ଗଳ୍ପ): ସତ୍ୟ ମିଶ୍ର ୨୦
ଓଡ଼ିଆ ଶବ୍ଦଭଂଡାର: ନବଚିନ୍ତନ (ପ୍ରବନ୍ଧ): ସଦାନଂଦ ନାୟକ ୨୫
ଚୋର ସାଙ୍ଗେ ଅଚାନକ ଭେଟ (ଅନୁଭୂତି): ସନ୍ତୋଷ କୁମାର ପଟ୍ଟନାୟକ ୩୧
ଅପସଂସ୍କୃତିର ଭାଷା: ଏକ ଦୃଷ୍ଟିପାତ (ପ୍ରବନ୍ଧ): ପ୍ରଫୁଲ୍ଲ କୁମାର ତ୍ରିପାଠୀ ୩୩
ବିଶ୍ୱରୂପ (ଗଳ୍ପ): ରୋହିତ ଦାଶ ୩୮
ବରିଷ୍ଠ ସାହିତ୍ୟିକ ଆନଂଦ ଚଂଦ୍ର ପହିଙ୍କ ସହ ବାର୍ତ୍ତାଳାପ (ସାକ୍ଷାତକାର) ୪୨
ନୂଆବରଷ : ନଟାହସ (ଧାରାବାହିକ ବ୍ୟଙ୍ଗ): ଅଜୟ କୁମାର ମିଶ୍ର ୪୬
ଓଡ଼ିଆ ବହିର ପାଠକ (ପ୍ରବନ୍ଧ): ମାନସ ରଂଜନ ମହାପାତ୍ର ୫୦
ଦେଶଦ୍ରୋହୀ (ଅନୁବାଦ ଗଳ୍ପ): ଆଶିଷ କୁମାର ରାୟ ୫୩
ଓଡ଼ିଆ ସାହିତ୍ୟରେ ପୁରୁଷବାଦ (ପ୍ରବନ୍ଧ): ଲିଙ୍ଗରାଜ ପ୍ରଧାନ ୫୫
ପୁନର୍ଜନ୍ମ (ଗଳ୍ପ): ପ୍ରଫୁଲ୍ଲ ବାରିକ ୫୯
ପ୍ରଥମା ଦୌଡ଼ରେ ଓଡ଼ିଆ ନାଟକ (ପ୍ରବନ୍ଧ): ଦୀପା ନାଥ ୬୨
ଅସ୍ଥି ବିସର୍ଜନ (ଅଣୁନାଟକ): ଅଭୟ ଦାଶ ୬୫
ମଶାଣିର ଫୁଲ (କବିତା) ପ୍ରଦୀପ କୁମାର ଦାସ ୬୬
ଦୁଇଟି ଅଣୁଗପ (ଗଳ୍ପ): ଜିନତମାମ ଦରଜୀ ୬୭
ହନୁମାଙ୍କଡ଼ର ପିଜୁଳି ବାଡ଼ି (ଶିଶୁଗଳ୍ପ): ସଂଗ୍ରାମ କେଶରୀ ପୃଷ୍ଟି ୬୮
ମାଛ କଥା (ପୁସ୍ତକ ସମୀକ୍ଷା): ନିହାର ଶତପଥୀ ୭୦
ସାହିତ୍ୟ ସମାଚାର ୭୧
ବ୍ୟୁକ୍ରାନ୍ତା (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ ୭୨

ଏହି ପତ୍ରିକାରେ ପ୍ରକାଶିତ ଲେଖକମାନଙ୍କର ବକ୍ତବ୍ୟ ଓ ଅଭିମତ ସେମାନଙ୍କର ନିଜସ୍ୱ ଏବଂ ଆମେ ସେଥିସହିତ ସହମତ ଥିବା ଜରୁରୀ ନୁହେଁ।

# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା'ର ଡିସେମ୍ବର ସଂଖ୍ୟାଟି ମୋର ତା୨୯.୧୧.୨୫ରିଖରେ ହସ୍ତଗତ ହେଲା। ପତ୍ରିକାର ପ୍ରାୟ ସମସ୍ତ ବିଷୟବସ୍ତୁ ପଢ଼ି ମୋତେ ଲାଗିଲା, ଏହି ପତ୍ରିକାଟି କେବଳ ଓଡ଼ିଆ ସାହିତ୍ୟର ନବଦିଗନ୍ତ ନୁହେଁ, ବରଂ ଏହାକୁ ଓଡ଼ିଆ ଅସ୍ମିତା କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ସଂଖ୍ୟାରେ ଥିବା ସମସ୍ତ ଲେଖା ସ୍ୱ ସ୍ୱ ସ୍ଥାନରେ ପରିପୂର୍ଣ୍ଣତା ପ୍ରକାଶ କରୁଛନ୍ତି। ପ୍ରବନ୍ଧରେ 'ଓଡ଼ିଶାରେ ପୋଥି ପରମ୍ପରା' ମୋତେ ଭଲ ଲାଗିଲା। କିଛି ଶିକ୍ଷଣୀୟ କଥାବସ୍ତୁ ଯାହାକି ମୋତେ ଜଣା ନଥିଲା, ତାହା ଜାଣିପାରିଲି। ଗଳ୍ପରେ 'ମୋ ନାଁ ନଈ', 'ଦେବତା', 'ପାପଗର୍ଭ', 'ନିରବତା' ମୋତେ ଖୁବ୍ ଭଲ ଲାଗିଲା। ଅନୁଭୂତିରେ 'ଜୀବନସାଥୀ ଇଣ୍ଟରଭ୍ୟୁ'ଟି ଚମତ୍କାର ହୋଇଛି। 'ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ଯୁକ୍ତବର୍ଣ୍ଣର ବିଧି' ଚମତ୍କାର। 'ପାଣିନି ଓ ଓଡ଼ିଆ ସନ୍ଧି ବିଚାର'ରୁ କିଛି ଶିଖିବାକୁ ମିଳିଲା। ବ୍ୟଙ୍ଗରେ ଘଣ୍ଟୁ ଚରିତ୍ର ଖୁବ୍ ଚମତ୍କାର। ଶିଶୁ ଗଳ୍ପ 'ଫୁଲରେ ଫୁଲ' ମନଛୁଆଁ।

ସାକ୍ଷାତକାରରେ ଶ୍ରୀଯୁକ୍ତ ଆଦିକନ୍ଦ ସାହୁଙ୍କ ଗୋଟିଏ କଥା ମୋତେ ଆଶ୍ଚର୍ଯ୍ୟ ଲାଗିଲା। କାରଣ ପ୍ରେମ ସାଧାରଣତଃ ୧୪ ବର୍ଷରେ ପରିପ୍ରକାଶ ହୁଏ। ତାର କାରଣ 'ରେତ' ୧୩ ବର୍ଷ ବୟସରେ ମସ୍ତିଷ୍କରୁ ନାଭିକମଳକୁ ପ୍ରବାହିତ ହୁଏ। ସେଠାରୁ ପ୍ରେମର ଉଦ୍ରେକ। ତେଣୁକରି ବ୍ରହ୍ମାଙ୍କର ବାର୍ତ୍ତା, ୧୨ ବର୍ଷ ପର୍ଯ୍ୟନ୍ତ ମାତୃହରଣ ଦୋଷ ଲାଗେ ନାହିଁ। ତେଣୁ ଶ୍ରୀଯୁକ୍ତଙ୍କର ପ୍ରେମପତ୍ରଟି ମୋତେ ଅସହଜ ଲାଗିଲା। ଆଜିକାଲି ମାତୃଭାଷାରେ ଲେଖିବା କହିବାରେ ଆମେ ଅନେକ ଇଂରାଜୀ ଶବ୍ଦ ବ୍ୟବହାର କରୁଛେ। ତାର କାରଣ ଏ କ୍ଷୁଦ୍ର ଜୀବନକୁ ଜଣାନାହିଁ। ସର୍ବୋପରି ପତ୍ରିକାଟିରେ ଶିକ୍ଷଣୀୟ ବିଷୟବସ୍ତୁ ସ୍ଥାନିତ ହୋଇଅଛି।

ଆଦିତ୍ୟ ପ୍ରସାଦ ମହାପାତ୍ର
tumman.2004@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

ଡିସମ୍ବର, ୨୦୨୫ ସଂଖ୍ୟାରେ ପ୍ରକାଶିତ 'ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ଯୁକ୍ତବର୍ଣ୍ଣର ବିଧି' ପ୍ରବନ୍ଧ ସମ୍ପର୍କରେ ଏହି ଅଭିମତ।

୧. ସ, ହ (ଶ ଓ ଷ) ଏ ବର୍ଣ୍ଣଗୁଡ଼ିକ ଉଷ୍ମ ବର୍ଣ୍ଣ ଅଟନ୍ତି ଏବଂ ଏ ଉଭୟ ଆଶ୍ରିତ ବର୍ଣ୍ଣ ବୋଲି କୁହାଯାଇଛି। ତେବେ ସନ୍ତାନ, ହରିହର, ସବୁଜ, ଆଦି ଶବ୍ଦଗୁଡ଼ିକରେ 'ସ' ତଥା 'ହ' କାହାକୁ ଆଶ୍ରୟ କରି ଉଚ୍ଚାରିତ ହେଉଛନ୍ତି ?

୨. ଋ ଋ – ଏହି ଦୁଇ ସ୍ୱରବର୍ଣ୍ଣ ପ୍ରାକୃତ ଭାଷାରେ ବ୍ୟବହୃତ ନ ଥିବାରୁ ତାହା ଓଡ଼ିଆ ଭାଷାର ଶବ୍ଦ ଭାବରେ ଗ୍ରାହ୍ୟ ହୋଇପାରେ ନାହିଁ? ଲେଖିକା ଏହାକୁ ଗ୍ରହଣ ନ କରିପାରନ୍ତି। ତାହା ଆପଣଙ୍କର ବ୍ୟକ୍ତିଗତ ବିଚାର । ମାତ୍ର ଓଡ଼ିଆ ଭାଷାରେ ଗ୍ରହଣ ହୋଇପାରେ ନାହିଁ ବୋଲି କହିବା ଆଦୌ ଗ୍ରହଣୀୟ ନୁହେଁ। ତେବେ ଗତ ପାଞ୍ଚ ଶହ ବର୍ଷ ଧରି ଓଡ଼ିଆ ଭାଷାରେ ବ୍ୟବହୃତ 'ଋଷି' ଶବ୍ଦର ପ୍ରୟୋଗ 'ରୁଷି' ବା 'ରୁସି' ଭାବରେ କରାଯାଇଛି କି? ଏହିଭଳି ଯୁକ୍ତି ଦ୍ୱାରା ଆମେ ଭାଷାର ଉତ୍କର୍ଷତା ବଢ଼ାଇବା ନା ଅପକର୍ଷତା ଆଡ଼କୁ ଟାଣି ନେବା?

୩. ବିଶୁଦ୍ଧ ଓଡ଼ିଆ ଭାଷାରେ 'ଅ' ଠାରୁ 'ଓ' ପର୍ଯ୍ୟନ୍ତ ସାତୋଟି ସ୍ୱର ବର୍ଣ୍ଣ ଥିଲା ବୋଲି ସେ କହିଛନ୍ତି। ତେବେ ଜଗନ୍ନାଥ ଦାସଙ୍କ ଭାଗବତରେ ଐ ଔ ବର୍ଣ୍ଣ ତଥା ଐ ଔ ମାତ୍ରା ଯୁକ୍ତ ଶବ୍ଦ ବ୍ୟବହୃତ ହୋଇ ନାହିଁ କି? ଜଗନ୍ନାଥ ଦାସଙ୍କ ଭାଗବତ ଅଧ୍ୟୟନ କଲେ ଆମର ଏହି ସନ୍ଦେହ ଦୂରହେବ ।

୪. 'କ' ଠାରୁ ମ ପର୍ଯ୍ୟନ୍ତ ଅବର୍ଗ୍ୟ ବୋଲି ନିବନ୍ଧଟିରେ ଉଲ୍ଲିଖିତ। ତେବେ ବର୍ଗ୍ୟ ପୁଣି କାହାକୁ ଆମେ କହିବା?

୫. ଗୁରୁ ଲଘୁ ନିୟମ – ଓଡ଼ିଆ ସାହିତ୍ୟରେ ଗୁରୁ ଲଘୁ ନିୟମର ପର୍ଯ୍ୟାଲୋଚନା ତ ଆଦୌ ନାହିଁ କହିଲେ ଚଳେ । ଏହି ନିୟମ ସଂସ୍କୃତାନୁସାରୀ ।

**ମମତା ମିଶ୍ର**
mamatadash@gmail.com

**ସମ୍ପାଦକୀୟ**

# ସାହିତ୍ୟର ଡିଜିଟାଲ୍ ଅବତାର

ଯୁଗ ପରେ ଯୁଗ ଆମର ସାହିତ୍ୟ ଭୂର୍ଜପତ୍ର ଓ ତାଳପତ୍ରଠାରୁ ନେଇ ମୁଦ୍ରିତ କାଗଜ ପର୍ଯ୍ୟନ୍ତ ଭଳିକି ଭଳି ଆଧାରକୁ ଆଶ୍ରୟ କରି ନିଜର ଜୟଯାତ୍ରା ଅବ୍ୟାହତ ରଖିଛି। ଏହି ଦୀର୍ଘ ଯାତ୍ରାପଥରେ ସାହିତ୍ୟ ଆଜି ଯେତେବେଳେ ଡିଜିଟାଲ୍ ଅବତାରକୁ ଆଦରିନେବା ପାଇଁ ଏକ ନୂଆ ଆହ୍ୱାନର ସମ୍ମୁଖୀନ ହୋଇଛି, ସେତେବେଳେ ଲେଖକ, ପାଠକ ଓ ପ୍ରକାଶକଙ୍କ ଭଳି ସାହିତ୍ୟ ସହିତ ଜଡ଼ିତ ସମସ୍ତ ବ୍ୟକ୍ତି ଓ ସଂସ୍ଥାବିଶେଷ ଏକ ଅପୂର୍ବ ଦ୍ୱନ୍ଦ୍ୱ ଭିତର ଦେଇ ଗତି କରୁଛନ୍ତି। କାରଣ ଡିଜିଟାଲ୍ ଦୁନିଆର ଜାଲରେ ଛନ୍ଦିହେବା ଛଡ଼ା ସାହିତ୍ୟର ଆଉ ଗତ୍ୟନ୍ତର ନାହିଁ ।

ଏହି ଡିଜିଟାଲ୍ ବିପ୍ଳବ ଏବର ସମୟରେ ଉଭା ହୋଇଛି ଇ-ବୁକ୍, ଅନଲାଇନ୍ ପ୍ଲାଟଫର୍ମ, ପି.ଡି.ଏଫ୍ ଆଉ ୱେବସାଇଟ୍ ଭଳି ବହୁବିଧ ରୂପରେ। ଏହି ସମସ୍ତ ବିକଳ୍ପ ମଧ୍ୟଦେଇ ସାହିତ୍ୟ ନିଜକୁ ପ୍ରକାଶ କରିବା ପାଇଁ ବାଟ ଖୋଜୁଛି। ତେବେ ମୁଖ୍ୟ ପ୍ରଶ୍ନ ହେଲା, ଏହି ଆହ୍ୱାନର ସମ୍ମୁଖୀନ ହେବା ପାଇଁ ଆଜିର ଓଡ଼ିଆ ଭାଷାର ସାହିତ୍ୟ କେତେଦୂର ପ୍ରସ୍ତୁତ ?




ବିଶ୍ୱସାରା ଡିଜିଟାଲ୍ ପ୍ରଣାଳୀରେ ବହି ପଢ଼ିବାର ପ୍ରବୃତ୍ତି ଯଦିଓ ଏବେ ସୁଦ୍ଧା ମୁଦ୍ରିତ ବହି ପଢ଼ିବାର ଆଦରକୁ ଟପିପାରିନାହିଁ, ସେହିଦିନ ଆଉ ବେଶି ଦୂର ନୁହେଁ। ଯୁକ୍ତରାଷ୍ଟ୍ର ଆମେରିକାରେ ପାଠକମାନଙ୍କ ମଧ୍ୟରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଥିବା ଏକ ରୋଚକ ତଥ୍ୟ ଅନୁଯାୟୀ ସେଠାକାର ୯% ଜଣ ପାଠକ ଏବେ କେବଳ ଡିଜିଟାଲ ପୁସ୍ତକ ହିଁ ପଢ଼ନ୍ତି, ଅର୍ଥାତ୍ ସେମାନେ ମୁଦ୍ରିତ ପୁସ୍ତକ ଜମାରୁ ପଢ଼ନ୍ତି ନାହିଁ। ଆଉ ମଧ୍ୟ କୁହାଯାଇଛି ଯେ ଆଉ ଚାରିବର୍ଷ ପରେ ମୁଦ୍ରିତ ପୁସ୍ତକ ୧୯୦ କୋଟି ପାଠକଙ୍କ ପାଖରେ ପହଞ୍ଚିବାର ସମ୍ଭାବନା ଥିବାବେଳେ ଡିଜିଟାଲ ପୁସ୍ତକ ପହଞ୍ଚିବ ୧୨୦ କୋଟି ଜଣଙ୍କ ନିକଟରେ। ଏଥିରୁ ଜଣାଯାଏ ଯେ ଅଦୂର ଭବିଷ୍ୟତରେ ମୁଦ୍ରିତ ପୁସ୍ତକ ଓ ଡିଜିଟାଲ ପୁସ୍ତକର ପାଠକସଂଖ୍ୟାରେ ଥିବା ବ୍ୟବଧାନ ବହୁତ କମିଯିବ।

କଥା ହେଲା, ଏହି ପ୍ରେକ୍ଷାପଟରେ ଓଡ଼ିଆ ପାଠକମାନଙ୍କର ସ୍ଥିତି କ'ଣ ? 'ସୃଜନିକା' ତଥା 'ଓଡ଼ିଆ ବିଭବ' ୱେବ୍‌ପୋର୍ଟାଲ ପି.ଡି.ଏଫ୍ ଭଳି ଏକ ସ୍ଥୂଳ ଫର୍ମାଟ୍ ଜରିଆରେ ପ୍ରାୟ ୧୭,୦୦୦ ଓଡ଼ିଆ ବହି ଅପ୍‌ଲୋଡ କରି ଏ ଦିଗରେ ଏକ ବିଶେଷ ଭୂମିକା ନେଇଛି, ଯେତେବେଳେ କି ସରକାରୀ ସ୍ତରରେ ୨୦୧୭ରୁ କାର୍ଯ୍ୟାରମ୍ଭ କରିଥିବା 'ଓଡ଼ିଶା ଭର୍ଚୁଆଲ୍ ଏକାଡେମୀ' ମାତ୍ର ପ୍ରାୟ ୨,୦୦୦ଟି ବହି ଅପ୍‌ଲୋଡ୍ କରିପାରିଛି। ବିଭିନ୍ନ ଘରୋଇ ପ୍ରକାଶନ ସଂସ୍ଥା ମଧ୍ୟ ନିଜ ନିଜ ଉଦ୍ୟମରେ କିଛି ବହି ଓ ପତ୍ରପତ୍ରିକାର ଡିଜିଟାଲ ସଂସ୍କରଣ ପାଠକମାନଙ୍କୁ ଉପଲବ୍ଧ କରାଇପାରିଛନ୍ତି। କିନ୍ତୁ ଏଗୁଡ଼ିକ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ। ଏବେ 'ଓଡ଼ିଆ ବିଭବ'ର ୱେବପୋର୍ଟାଲ୍‌ରେ ଥିବା ଓଡ଼ିଆ ବହିଗୁଡ଼ିକୁ ପଢ଼ିବା ପାଇଁ ସେଠାକୁ ଦୈନିକ ପ୍ରାୟ ୧୦୦୦ ଜଣ ପାଠକ ଆସୁଥିବାର ଜଣାପଡ଼େ। ତେବେ ଉଦ୍‌ବେଗର ବିଷୟ ହେଲା, ଏହି ସଂଖ୍ୟା ଗତ ପାଞ୍ଚବର୍ଷ ଧରି ପ୍ରାୟ ସ୍ଥିର ରହିଛି; ଅର୍ଥାତ୍ ଏଥିରେ ବିଶେଷ କିଛି ବୃଦ୍ଧି ହୋଇନାହିଁ।

ଏଣେ ମୁଦ୍ରିତ ଓଡ଼ିଆ ପୁସ୍ତକର ବିକ୍ରୟ ସଂଖ୍ୟା ଦିନକୁ ଦିନ ଯେ କମିଚାଲିଛି, ଏହା ବହୁବିଦିତ। କିନ୍ତୁ ଏହାର ଭରଣା କରିବା ପାଇଁ ଡିଜିଟାଲ୍ ରୂପରେ ପ୍ରକାଶିତ ହେଉଥିବା ଓଡ଼ିଆ ବହିଗୁଡ଼ିକର ପାଠକସଂଖ୍ୟାରେ ଯେଭଳି ବୃଦ୍ଧି ଘଟିବା କଥା ତାହା ଘଟୁନାହିଁ । ଏହା ଚିନ୍ତାର ବିଷୟ । ଓଡ଼ିଆ ପାଠକମାନେ ଡିଜିଟାଲ ପୁସ୍ତକ ପଢ଼ିବା ପାଇଁ ଏବେ ମଧ୍ୟ ବୀତସ୍ପୃହ କାହିଁକି ? ଆମେ ସମସ୍ତେ ଏହାର କାରଣ ଖୋଜିବାର ସମୟ ଆସିଛି।

**ନିହାର ଶତପଥୀ**

## ସାହିତ୍ୟ ବିଚାର

**କମଳାକାନ୍ତ ରଥ**




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୬୦୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ । ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୬୦୦/- ପଠାଇବା ପରେ ଆମର ହ୍ୱାଟ୍‌ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି ।

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି ।
www.sahityacharcha.com/subscription

## 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର
୧୨. ଉଦୟନାଥ ସାହୁ
୧୩. ନାରାୟଣ ମହାନ୍ତି
୧୪. ସିନିରୁଦ୍ଧ ଦାଶ
୧୫. ଦେବୀ ପ୍ରସନ୍ନ ପଟ୍ଟନାୟକ
୧୬. ନାରାୟଣ ଚନ୍ଦ୍ର ପଣ୍ଡା
୧୭. ସୌମ୍ୟ ରଞ୍ଜନ ପଟ୍ଟନାୟକ
୧୮. ଧୀରେନ୍ଦ୍ର କର

ପତ୍ରିକାର ଆଜୀବନ ସଦସ୍ୟ ହେବା ପାଇଁ ଇଚ୍ଛୁକ ପାଠକବନ୍ଧୁମାନେ 'ସାହିତ୍ୟ ଚର୍ଚ୍ଚା'ର ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିପାରନ୍ତି ।
**+91 9368772506**

ପ୍ରବନ୍ଧ

# ଅନୁବାଦ: ତତ୍ତ୍ୱ, ପ୍ରୟୋଗ ଓ ସମ୍ଭାବନା



ବସନ୍ତ କୁମାର ପଣ୍ଡା

ଅନୁବାଦ ବିଷୟରେ ସମସ୍ତେ ସାଧାରଣ ଭାବେ ସହଜ ଧାରଣା ପୋଷଣ କରିଥାନ୍ତି। ଭାବିଥାନ୍ତି ଅନୁବାଦ ବିଷୟରେ ସମସ୍ତଙ୍କୁ ସବୁକଥା ଜଣା। କିନ୍ତୁ ପ୍ରକୃତ କଥାଟି ଜାଣନ୍ତି ଖୁବ୍ କମ୍ ଲୋକ, ଯେଉଁମାନେ ଏଇ ପ୍ରେମକର୍ମରେ ନିଜକୁ ନିୟୋଜିତ କରି ସେଥିପ୍ରତି ଗଭୀର ଶ୍ରଦ୍ଧା ପୋଷଣ କରିଛନ୍ତି ଓ ଅକଥନୀୟ କଷ୍ଟ ପାଇଛନ୍ତି। ବହୁ ଭାଷା ଶିକ୍ଷା ପ୍ରଚଳନ ଅନୁବାଦ କର୍ମକୁ ଯେତିକି ଯେତିକି ନିଷ୍ପ୍ରୟୋଜନ ପ୍ରମାଣିତ କରିବାରେ ଲାଗିଛି ମାନବବିଜ୍ଞାନର ବିପୁଳ ବାଙ୍‌ମୟ ବିଷୟରେ ଅବାରିତ କୌତୂହଳ ତାହାକୁ ଅନିବାର୍ଯ୍ୟ ରୂପେ ପ୍ରତିପାଦନ କରୁଛି। ଅନୁବାଦର ମହତ୍ତ୍ୱ ଦର୍ଶାଇ ଏଜରା ପାଉଣ୍ଡ୍ କହିଛନ୍ତି, "ଇଂରାଜୀ ସାହିତ୍ୟର ଇତିହାସ ସର୍ବଦା ଅନୁବାଦକୁ ଗୌଣ ମନେ କରିଛି, କିନ୍ତୁ ମୁଁ ଭାବେ ଏହା ହୀନମନ୍ୟତାର ପରିଚୟ। କାରଣ ଇଂରାଜୀ ଭାଷାର କେତୋଟି ଶ୍ରେଷ୍ଠତମ ଗ୍ରନ୍ଥ ହେଉଛି ଅନୁବାଦ ଗ୍ରନ୍ଥ।" ଏହି ପ୍ରସଙ୍ଗରେ ସ୍ମରଣକୁ ଆସେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ 'ଓଡ଼ିଆ ଭାଗବତ'। ଏକ ଅନୁବାଦ ଗ୍ରନ୍ଥ ହୋଇ ମଧ୍ୟ ଏହା କେବଳ ନିଜସ୍ୱ ମୌଳିକ ଦ୍ୟୁତିରେ ଭାସ୍ୱର ସେତିକି ନୁହେଁ, ଆମ ଭାଷାର (ପ୍ରଚଳିତ ଓଡ଼ିଆ ମାନକ ଭାଷାର) ସକଳ ପ୍ରାଣପ୍ରାଚୁର୍ଯ୍ୟର ଗନ୍ତାଘର ହୋଇପାରିଛି।




## ଅନୁବାଦ ବିଜ୍ଞାନ

ଗତ କିଛି ବର୍ଷ ଭିତରେ ଅନୁବାଦ ସମ୍ପର୍କରେ ବହୁ ଗବେଷଣା ସାଧିତ ହୋଇ ଏହାକୁ ଏକ ସ୍ୱୀକୃତ ଅଧିତ ବିଷୟ ଭାବରେ ଗ୍ରହଣ କରାଯାଇଛି। ଅନୁବାଦ ଓ ଅନୁବାଦ ବିଜ୍ଞାନ- ଏପରି ଦୁଇଟି କଥାର ଅବତାରଣା କରି ଆଲୋଚକ ନିଦା ତା'ର ବ୍ୟାଖ୍ୟା କରିଛନ୍ତି । ତାଙ୍କ ମତରେ "ଅନୁବାଦ ଏକ ଜଟିଳକଥା ବା ଲେଖା, ଯାହା ଗୋଟିଏ ଭାଷାର ଆକାରକୁ ଭାଙ୍ଗି ଆଉ ଗୋଟିଏ ଭାଷାରେ ଆକୃତି ଦେଇଥାଏ ।" କିନ୍ତୁ "ଅନୁବାଦ ବିଜ୍ଞାନ ହେଉଛି ଗୋଟିଏ ଭାଷିକ ଧାରାର ବର୍ଣ୍ଣନା, ଯାହା କୌଣସି ଆହରଣ ଓ ବର୍ଜନ ନଥାଇ ଗୋଟିଏ ଗଠନରୁ ଅନ୍ୟ ଏକ ଗଠନକୁ ରୂପାନ୍ତରିତ କରିଥାଏ ।" ତୁଳନାତ୍ମକ ଆଲୋଚନା ପାଇଁ ଗୁରୁତ୍ୱପୂର୍ଣ୍ଣ ଅନୁବାଦ ଗ୍ରନ୍ଥରେ ନିହିତ ଅର୍ଥବୋଧର ସ୍ତର, ମୂଳଭାଷା ଓ ଅନୂଦିତ ଭାଷାର ଶବ୍ଦ ସାମର୍ଥ୍ୟ ଓ ସାଂସ୍କୃତିକ ବିଭିନ୍ନତାର କଥା ନିଦା ଆଲୋଚନା କରିଛନ୍ତି ଏବଂ କେତୋଟି ସମସ୍ୟାର ସୂଚନା ଦେଇଛନ୍ତି । ହାଲିଡେଙ୍କ ଭାଷାତାତ୍ତ୍ୱିକ ଦିଗକୁ ଦୃଷ୍ଟିରେ ରଖି କାଟଫୋର୍ଡ଼ ଅନୁବାଦର ଧର୍ମ ଓ ସମସ୍ୟାକୁ ଅବତାରଣା କରିଛନ୍ତି । ଅର୍ଥବୋଧକୁ ଭାଷାର ଶକ୍ତିଭାବେ ଗ୍ରହଣ କରି ମୂଳଭାଷା ଓ ଅନୂଦିତ ଭାଷାର ପ୍ରକାଶ ସାମର୍ଥ୍ୟକୁ ସେ ଆଲୋଚନାର ପରିସରକୁ ଆଣିଛନ୍ତି । ଭାରତବର୍ଷରେ କବି ଯୋଗୀ ଶ୍ରୀ ଅରବିନ୍ଦ ଥିଲେ ମହାନ୍ କାବ୍ୟ ସ୍ରଷ୍ଟା ଓ ଅନୁବାଦକ । 'ଫ୍ୟୁଚର୍ ପୋଏଟ୍ରି' ଗ୍ରନ୍ଥରେ (ପୃ.୨୩୧) ସେ କବିତା ଅନୁବାଦକୁ ଦୁଇପ୍ରକାରେ ବିଭକ୍ତ କରି ଆଲୋଚନା କରିଛନ୍ତି । ଗୋଟିଏ ହେଉଛି ମୂଳ ରଚନାର ସକଳ ଦିଗକୁ ଅକ୍ଷୁଣ୍ଣ ରଖି ଅନୁବାଦ କରିବା ଓ ଅନ୍ୟଟି ହେଉଛି ମୂଳ ରଚନାର ଭାବାବେଗ ଓ ରୂପକଳ୍ପକୁ ଆତ୍ମସ୍ଥ କରି ଅନୂଦିତ ଭାଷାକୁ ପ୍ରଯୁଜ୍ୟ ହେଲାପରି ମୁକ୍ତ ଭାବେ ପ୍ରକାଶ କରିବା । ସେ ନିଜେ ଦ୍ୱିତୀୟ ଧାରାଟିକୁ ଅନେକତ୍ର ଅବଲମ୍ବନ କରିଛନ୍ତି। ସେ ମନେ କରୁଥିଲେ ଅନୁବାଦକ ଗୋଟିଏ ଯନ୍ତ୍ର ନୁହେଁ, ମୂଳଲେଖାର ଶବ୍ଦ, ଅକ୍ଷର ଗ୍ରହଣ କରିବାକୁ ସେ ବାଧ୍ୟ ନୁହେଁ, ସେ ତା'ରି ଭିତରୁ ଆପଣା ପ୍ରତିଭାର ମହକ ଫୁଟାଇ ପାରିବ।

ଯାହା ତାଙ୍କର ବହୁ ମହତ୍ କୃତି ଭିତରେ ସାକାର ହୋଇପାରିଛି। ବେଳେବେଳେ ମୌଳିକ କୃତିକୁ ଅତିକ୍ରମ କରି ଅନୁବାଦକୁ ଅସାମାନ୍ୟ ସଫଳତା ପ୍ରଦାନ କରିଛି । ସେ ମନେ କରୁଥିଲେ ଆକ୍ଷରିକ ଅନୁବାଦ ଜୀବନକୁ ମରଣରେ ଓ କବିର ଐଶ୍ୱର୍ଯ୍ୟକୁ ଦାରିଦ୍ର୍ୟରେ ପରିଣତ କରିଦିଏ ।

ଅନୁବାଦର ତାତ୍ତ୍ୱିକ ଦିଗ ବିଷୟରେ ଚିନ୍ତା କଲାବେଳେ ଆମ ଦୃଷ୍ଟିକୁ ଆସେ ମୁଖ୍ୟତଃ ତିନିଜଣ ପଥିକୃତ ଆଲୋଚକଙ୍କ ବିଶ୍ଳେଷଣ, ସେମାନେ ହେଲେ- ଜେ.ସି. କାର୍ଟଫୋର୍ଡ଼, ୟୁ.ଜେ. ନିଦା ଓ ଲାଉସ୍ ହ୍ୟୁସନ୍। କାର୍ଟଫୋର୍ଡ଼ଙ୍କ ମତରେ, ମୂଳ ଭାଷାର ପାଠ ଉଦ୍ଦିଷ୍ଟ ଭାଷାରେ ବିକଳ୍ପ ଅର୍ଥନ୍ୟାସ କରିପାରିଲେ ଅନୁବାଦ ସାର୍ଥକ ହୁଏ। ନିଦା କହନ୍ତି, ଅନୁବାଦ ମୂଳ ଭାଷାର ବକ୍ତବ୍ୟକୁ ଉଦ୍ଦିଷ୍ଟ ପାଠକଙ୍କ ପାଖରେ ସ୍ୱାଭାବିକ ଭାବେ ପ୍ରକାଶ କରିଥାଏ ଓ ସେଥିରେ ସାଂସ୍କୃତିକ ପ୍ରେକ୍ଷାପଟ ନିହିତ ଥାଏ। କୁହାଯାଇଛି, ଅନୁବାଦ ଏପରି ଏକ ତରୁଣୀ ଯିଏ କେବେ ବିଶ୍ୱସ୍ତ କିମ୍ବା କେବେ ରମଣୀୟ। ଏକାଧାରରେ ଦୁଇଟିଯାକ କେବେ ନୁହେଁ। ଆଧୁନିକ ଭାଷାବିଜ୍ଞାନର ପ୍ରବର୍ତ୍ତକ ଫର୍ଡିନାଣ୍ଡ ଡି ସେସୋରଙ୍କ ମତରେ ଅନୁବାଦ ଲେଖକ (ସିଗ୍ନିଫାଇଅର୍) ଓ ପାଠକ (ସିଗ୍ନିଫାଏଡ୍) ମଧ୍ୟରେ ଏକ ଯାଦୃଚ୍ଛିକ ବନ୍ଧନ। ବିଘଟନବାଦର ସ୍ରଷ୍ଟା ଜାକ୍ୱି ଡେରିଡାଙ୍କ ମତରେ ଅନୁବାଦରେ ପାଠକର ସ୍ଥିତି ମୂଳ ପାଠକଠାରୁ ଭିନ୍ନ। ଏହି ସୂତ୍ରରୁ ଆରମ୍ଭ ହୋଇଛି (ରିଡର୍ସ୍ ରେସପନ୍ସ୍ ଥିଓରୀ)। ଏହି ତତ୍ତ୍ୱର ବ୍ୟାଖ୍ୟାକାର ରୋନାଲ୍ଡ଼ ବର୍ଥସଙ୍କ ମତରେ ଗୋଟିଏ ନିର୍ଦ୍ଦିଷ୍ଟ ପାଠ ଭିତରେ ବହୁ ଅନିର୍ଦ୍ଦିଷ୍ଟ ରୂପାନ୍ତରର ସମ୍ଭାବନା ଥାଏ। ନିଦା ଓ ଟାବେର ଯୁକ୍ତି ବାଢ଼ିଛନ୍ତି ଯେ ଗୋଟିଏ ଭାଷାରେ ଯାହା ରଚିତ ହୋଇଛି ତାହା ଅନ୍ୟ ଭାଷାରେ ସମାନ ଅର୍ଥ ବହନ କରି ପ୍ରକାଶ ହେବାର ଯୋଗ୍ୟତା ବହନ କରେ। କିନ୍ତୁ ଅନୁବାଦ କ୍ଷେତ୍ରରେ ଦ୍ୱିଅର୍ଥ ସମସ୍ୟା (ପ୍ରବ୍ଲେମ୍ ଅଫ୍ ଆମ୍ବିଗୁଇଟୀ) ରହି ଆସିଅଛି। ବିଶେଷତଃ ଅନୁବାଦବେଳେ ଗୋଟିଏ ସଂସ୍କୃତିର ସୂକ୍ଷ୍ମ ଦିଗଗୁଡ଼ିକ ଯାହା ବିଭିନ୍ନ ରୂଢ଼ି, ପ୍ରବଚନ ଓ ଲୋକବାଣୀରେ ପ୍ରକାଶିତ ହୋଇଥାଏ ଓ ସେହି ଭାଷା ସଂସ୍କୃତିର ଐତିହ୍ୟ ବହନ କରୁଥାଏ। ଯେଉଁ ଲୋକଜୀବନ, ଚଳଣି (ମୋଟିଫ୍) ସଂସ୍କୃତିର ବହୁତ ଦିଗ ଯେପରିକି ଲୋକବିଶ୍ୱାସ, ପରମ୍ପରା ଲୁଚି ରହିଥାଏ ତାହା ଅନ୍ୟ ଗୋଟିଏ ଭାଷାରେ ପ୍ରକାଶ କଲାବେଳେ ଅନୁବାଦକକୁ କଠିନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ସେହି କ୍ଷେତ୍ରରେ ଏକ ତୃତୀୟ ଭାଷା (ଥାର୍ଡ୍ ଲାଙ୍ଗୁଏଜ୍)ର ଉଦ୍‌ବର୍ତ୍ତନ ଘଟେ। ତେଣୁ ଅନୁବାଦରେ ମୁଖ୍ୟତଃ ଯେଉଁ ଦୁଇଟି କଥା ପ୍ରୟୋଜନ ତାହା ହେଲା, ୧- ମୂଳ କଥାରୁ ବିଚ୍ୟୁତ ନହୋଇ ଅନୂଦିତ ଭାଷାରେ ଅବିକଳ ପ୍ରକାଶ କରିବା, ୨- ଉତ୍ସ ଭାଷା ଓ ଉଦ୍ଦିଷ୍ଟ ଭାଷାର ଶବ୍ଦସମୂହ ଭିତରେ ସମାନତା ପ୍ରତିଷ୍ଠା କରିବା। ଏହିସବୁ ତାତ୍ତ୍ୱିକ ଆଲୋଚନା ସତ୍ତ୍ୱେ ବିଶିଷ୍ଟ ଅନୁବାଦକମାନେ ତତ୍ତ୍ୱଠାରୁ ନିରାପଦ ଦୂରତା ରକ୍ଷାକରି ଅନୁବାଦ କର୍ମକୁ ଶ୍ରେଷ୍ଠ ଭାବେ ବିବେଚନା କରିଛନ୍ତି। ବିଶିଷ୍ଟ କବି ଓ ଅନୁବାଦକ ଏ.କେ. ରାମାନୁଜନ୍‌ଙ୍କୁ ଥରେ ପ୍ରଶ୍ନ କରାଯାଇଥିଲା "ଅନୁବାଦ କରିଲାବେଳେ ଆପଣ କ'ଣ ତତ୍ତ୍ୱକୁ ଅନୁସରଣ କରନ୍ତି ?" ଉତ୍ତରରେ ସେ କହିଥିଲେ, "ଜଣେ ପ୍ରସ୍ତରଶିଳ୍ପୀ ବା କାଠମିସ୍ତ୍ରୀ ତା'ର ଶିଳ୍ପକର୍ମ କଲାବେଳେ କ'ଣ କୌଣସି ତତ୍ତ୍ୱକୁ ଆଧାର କରି କାର୍ଯ୍ୟ କରନ୍ତି ? ଶିଳ୍ପକର୍ମର ପଦ୍ଧତିଗତ ଜ୍ଞାନ ଶିଳ୍ପୀ ଭିତରେ ସମାହିତ ଥାଏ। ଠିକ୍ ସେହିପରି ଅନୁବାଦକର ରଚନା କର୍ମରେ ଏହା ଏକ ସର୍ଜନାତ୍ମକ କାର୍ଯ୍ୟ ଭାବରେ ନିହିତ ଥାଏ। ଅନୁବାଦ ଆଲୋଚନାର ପ୍ରଧାନ ତତ୍ତ୍ୱ ଭାବରେ ଯେଉଁ ତିନୋଟି ଦିଗ ସୁପରିଚିତ ତାହା ହେଲା, ୧) ଭାଷିକ ତତ୍ତ୍ୱ (ଲିଙ୍ଗୁଇଷ୍ଟିକ୍ ଥିଓରୀ) ୨) ସାର୍ବଜନିକ ତତ୍ତ୍ୱ (ୟୁନିଭର୍ସାଲିଷ୍ଟ ଥିଓରୀ) ଓ ୩) ତୁଳନା ତତ୍ତ୍ୱ (ରିଲେଟିଭିଷ୍ଟ ଥିଓରୀ) ।"

> **ଅନୁବାଦ ଏପରି ଏକ ତରୁଣୀ ଯିଏ କେବେ ବିଶ୍ୱସ୍ତ କିମ୍ବା କେବେ ରମଣୀୟ। ଏକାଧାରରେ ଦୁଇଟିଯାକ କେବେ ନୁହେଁ।**

**ସମସ୍ୟା ବହୁଳ**

ଅନୁବାଦ ବିଷୟରେ ସବୁ ଆଲୋଚନାର ଆରମ୍ଭ ଓ ଶେଷ ସମସ୍ୟା ବହୁଳ । ତତ୍ତ୍ୱ ଓ ପରିସର ମଧ୍ୟ ସମସ୍ୟାପୂର୍ଣ୍ଣ; ଅନୁବାଦ କର୍ମର ତିକ୍ତ ଓ ବେଦନାସିକ୍ତ ଅନୁଭୂତିର ଆଲୋଚନା। ଗତ ଶତକର ମଧ୍ୟଭାଗରେ ବହୁ ବିଶିଷ୍ଟ କବି, ସମାଲୋଚକ ଓ ଅନୁବାଦକଙ୍କ ସୂତ୍ରମୂଳକ ତଥା ବର୍ଣ୍ଣନାତ୍ମକ ଉକ୍ତିକୁ ନେଇ ଅନୁବାଦର ଆଂଶିକ ତତ୍ତ୍ୱ ରଚନା କରିବା

ପ୍ରୟାସ ହୋଇଥିଲା । ଆଧୁନିକ ଭାଷା ବିଜ୍ଞାନ ଅନୁବାଦ ଶିକ୍ଷାର ଏକ ସ୍ୱତନ୍ତ୍ର ଧାରା ପ୍ରସ୍ତୁତ କରିଥିଲେ ମଧ୍ୟ ଏହାର ତତ୍ତ୍ୱ ଓ ପ୍ରୟୋଗରେ ଦେଖାଦେଉଥିବା ଆପାତ ବିରୋଧ ଓ ବିଷମ ସମସ୍ୟା ତୁଳନାତ୍ମକ ଭାଷା ବିଜ୍ଞାନର ଖସଡ଼ାରେ ଏହାକୁ ଶୃଙ୍ଖଳିତ ଅଙ୍ଗଭାବେ ଗୃହୀତ କରାଇପାରିନାହିଁ । ୧) ଅନୁବାଦକ, ୨) ଅନୂଦିତ ଅଂଶ, ୩) ଗ୍ରାହକ/ପାଠକଙ୍କୁ ନେଇ ସୃଷ୍ଟି ହୋଇଥିବା ନିର୍ଦ୍ଦିଷ୍ଟ ଓ ଯଥାର୍ଥ ସମସ୍ୟାଗୁଡ଼ିକୁ ନିମ୍ନଭାବେ ଭାଗକରି ଆଲୋଚନା କରାଯାଇପାରେ-

୧) ଅନୁବାଦ ମୂଳ ରଚନାରୁ ମୁକ୍ତ ହେବା ଉଚିତ ନା ମୂଳାନୁଗ ଓ ବିଶ୍ୱସ୍ତ ହେବା ଉଚିତ୍ ?

୨) ଅନୁବାଦ କର୍ମ କ'ଣ ଏକ କଳା ନା ବିଜ୍ଞାନ ନା କେବଳ ଦକ୍ଷତା ବା କୌଶଳ ?

୩) ଅନୁବାଦଟି ପଢ଼ିବା ପାଇଁ ମୌଳିକ ରଚନା ପରି ଲାଗିଲେ ଭଲ ନା ଅନୁବାଦ ପରି ?

୪) ନିଜ ମାତୃଭାଷା ବ୍ୟତୀତ ଜଣେ ଅନ୍ୟ ଭାଷାରେ ଅନୁବାଦ କରିପାରିବ କି ?

୫) ଅନୁବାଦ ପ୍ରେରଣା ନା ଇଚ୍ଛାଶକ୍ତିର ଫଳ ?

୬) ଅନୁବାଦକ ମୂଳ ଲେଖକଙ୍କର ନା ନିଜର ରଚନାଶୈଳୀ, ସମୟ ଓ ସଂସ୍କୃତିକୁ ଅନୁବାଦରେ ପ୍ରତିଫଳିତ କରିବେ ?




୭) ଭାଷା, ସଂସ୍କୃତି ଓ ନାନ୍ଦନିକ ଅବବୋଧ- ଏସବୁ କ'ଣ ଅନୁବାଦର ପ୍ରତିବନ୍ଧକ ?

୮) ଅନୁବାଦର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଓ ପ୍ରେରଣା କେଉଁଠୁ ଆସେ ?

୯) ଅନୁବାଦର ମୂଲ୍ୟାୟନ ପାଇଁ ଆଦର୍ଶ ପରିମାପକ କ'ଣ ?

ଭାଷାତତ୍ତ୍ୱବିତ୍‌ଙ୍କ ମତରେ ଏପରି କୌଣସି ଅର୍ଥନ୍ୟାସ ବା ଭାବାବର୍ତ୍ତ ନାହିଁ, ଯାହା ଗୋଟିଏ ଭାଷାର ପରିଧିରେ ଏକାନ୍ତଭାବେ ଆବଦ୍ଧ ଓ ଅନ୍ୟ ଭାଷାରେ ରୂପାନ୍ତରିତ ହୋଇପାରିବ ନାହିଁ। ଅନୁବାଦଟି ସାହିତ୍ୟିକ ହେଉ ବା ବୈଜ୍ଞାନିକ- ଅନୁବାଦକ ମନରେ ସେଥିରେ ବ୍ୟବହୃତ ଭାଷା ମାଧ୍ୟମର ଗୁରୁତ୍ୱ ଓ ମୂଲ୍ୟ ସମାନ। ବିଶ୍ୱ ଜଗତରେ ଛବି ଓ ସ୍ମୃତି ସବୁ ମନୁଷ୍ୟଙ୍କ ମାନସପଟରେ ସମାନ ଓ ସାର୍ବଜନୀନ ହୋଇଥିବାରୁ ଗୋଟିଏ ଭାବ ସଂପୁଟ ମୂଳଭାଷାରେ ଯେଉଁ ଶବ୍ଦ ତରଙ୍ଗ ସୃଷ୍ଟି କରିଥିଲା ଅନୂଦିତ ଓ ଉଦ୍ଦିଷ୍ଟ ଭାଷାରେ ମଧ୍ୟ ଅବିକଳ ତାହା ସମ୍ଭବ।

ଅନୁବାଦ ଯେକୌଣସି ଦ୍ୱିଭାଷିକ ଯୋଗାଯୋଗ ଅପେକ୍ଷା ଅଧିକ ଜଟିଳ। ଏହାର ଦ୍ୱିଭାଷିକ ଓ ଦ୍ୱିସାଂସ୍କୃତିକ ଦିଗ ସହିତ ଏପରି ଅନେକ ଭାଷାଗତ ଓ ସାମାଜିକ କାରଣ ଜଡ଼ିତ ଯାହା ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅର୍ଥ ରୂପାନ୍ତର କରିବାକୁ ପ୍ରଭାବିତ କରିଥାଏ। ଦୁଇପ୍ରକାର ଭାଷା, ଦୁଇପ୍ରକାର ଶୈଳୀ, ଦୁଇପ୍ରକାର ନାନ୍ଦନିକ ଅବବୋଧ ଓ ଦୁଇ ସାଂସ୍କୃତିକ ଇତିହାସ ଓ ପରମ୍ପରା ଭିତରେ ସଂଘାତର ସେତୁ ହୁଏ ଅନୁବାଦ। ମୂଳ ଭାଷାରେ ବର୍ଣ୍ଣିତ ବିଷୟଗ୍ରନ୍ଥି ଅନୁବାଦକଙ୍କ ମନରେ ଉନ୍ମୋଚିତ ହୋଇ ପୁଣି ଉଦ୍ଦିଷ୍ଟ ଭାଷାର ଗଭୀର ଆଶ୍ଳେଷ ଓ ଆତ୍ମୀୟତାରେ ଅଭିନବ ରୂପ ଧାରଣ କରେ। ତେଣୁ ଅନୁସୃଜନ, ଆହରଣ, ଆକ୍ଷରିକ ଅନୁବାଦ, ଅନୁଲିଖନ, ଅନୁବର୍ତ୍ତନ, ଅଭିଯୋଜନ ଓ ଅନୁଚ୍ଛେଦକରଣ ଆଦି ଅନେକ ପ୍ରକାର ରୂପ ପରିଗ୍ରହ କରିଥାଏ ଅନୁବାଦ। କ୍ଷୁଦ୍ର ହେଉ କି ବିରାଟ ରଚନା ହେଉ, ପ୍ରସଙ୍ଗ ଯାହା ହେଉ ଅର୍ଥ ପ୍ରକାଶ ପାଇଁ ବ୍ୟବହୃତ ଭାଷାବିନ୍ୟାସ ସର୍ବଦା ସମାନ। ତାହା ମୁକ୍ତ ନୁହେଁ। ତେଣୁ ଅର୍ଥ କ୍ଷୟ ବା ଅର୍ଥ ହରାଇବା ଅନୁବାଦ କର୍ମର ଏକ ସ୍ୱାଭାବିକ ଲକ୍ଷଣ, ପୁଣି ସାହିତ୍ୟ ଗ୍ରନ୍ଥର ଅନୁବାଦ ବେଳେ ଏହା ଅବଧାରିତ।

## ସାମ୍ପ୍ରତିକ ଅନୁବାଦର ସ୍ୱରୂପ

ବର୍ତ୍ତମାନ ସମୟରେ ଅନୁବାଦର ସ୍ୱରୂପ ପରିବର୍ତ୍ତିତ ବହୁଭାଷିକ ଅବସ୍ଥା, ବହୁସ୍ତର ବ୍ୟାପୀ ଜ୍ଞାନ ଓ ବୈଷୟିକ ସମ୍ବଳକୁ ଆଧାର କରି ଯୁଗୋଚିତ ଭାବେ ନିଜର ନବତର ରୂପ ପରିଗ୍ରହ କରିଛି। ମୁଖ୍ୟତଃ ଛଅ ପ୍ରକାରର ଅନୁବାଦ ସାଧିତ ହେଉଛି। ତାହା ହେଲା- ୧) ସାହିତ୍ୟିକ, ୨) ବୈଷୟିକ, ୩) ପ୍ରଶାସନିକ, ୪) ଅର୍ଥନୈତିକ, ୫) ଆଇନଗତ ଓ ୬) ଅନ୍ୟାନ୍ୟ। 'ଏ ଟେକ୍ସଟ ବୁକ୍ ଅଫ୍ ଟ୍ରାନ୍ସଲେସନ୍' ଗ୍ରନ୍ଥରେ

ପେଟେର ନ୍ୟୁମାର୍କ ଏସବୁ ଅନୁବାଦର ସ୍ୱରୂପକୁ ଆଲୋଚନା କରିବାକୁ ଯାଇ ଦେଖାଇଛନ୍ତି ଏହା କେତେପ୍ରକାର ସାଧିତ ହୋଇଥାଏ ଓ ଏହିସବୁ ଅନୁବାଦ ପାଇଁ ସାଧନ କ'ଣ? ଅନୁବାଦ କର୍ମର ପ୍ରଥମ ସାଧନ ହେଉଛି ଶବ୍ଦ। ତେଣୁ ପ୍ରଥମ ପ୍ରକାରର ଅନୁବାଦ ହେଉଛି ଶାବ୍ଦିକ ଅନୁବାଦ (ୱାର୍ଡ୍ ଟୁ ୱାର୍ଡ) ଏହାକୁ କେହି କେହି 'ଲିଟେରାଲ୍' ଅନୁବାଦ ମଧ କହିଥାନ୍ତି। ଦ୍ୱିତୀୟଟି ହେଉଛି ବିଶ୍ୱସ୍ତ (ଫେଥ୍‌ଫୁଲ) ଅନୁବାଦ। ତୃତୀୟଟି ହେଉଛି ଯୋଗାଯୋଗ (କମ୍ୟୁନିକେଟିଭ୍), ଚତୁର୍ଥ ହେଉଛି ବାକ୍ୟାନୁବାଦ (ସେମାଟିକ୍ ଟ୍ରାନ୍‌ସଲେସନ୍), ପଞ୍ଚମ ହେଉଛି ଅଭିଯୋଜନ (ଏଡପ୍ଟେସନ୍) ଓ ଷଷ୍ଠ ହେଉଛି ମୁକ୍ତ ଅନୁବାଦ ବା (ଫ୍ରି ଟ୍ରାନ୍‌ସଲେସନ୍)। ଏସବୁ ବିଭାଗୀକରଣ ଭିତରେ ଅନୁବାଦରେ ଯେଉଁ ପାଞ୍ଚଟି ତତ୍ତ୍ୱ ସମନ୍ୱିତ ହୋଇଛି ତାହା ହେଲା- ଆନ୍ତର୍ଜାତିକ ସମ୍ପର୍କ (ଇଣ୍ଟରନ୍ୟାସନାଲ୍ ରିଲେସନ୍‌ସ୍), ବାସ୍ତବବାଦ (ରିଆଲିଜମ୍), ଉଦାରତାବାଦ (ଲିବେରାଲିଜମ୍), ମାର୍କସବାଦ (ମାର୍କ୍‌ସିଜମ), ସଂରଚନାବାଦ (କନ୍‌ଷ୍ଟ୍ରକ୍ଟିଭିଜମ୍), (ଫେମିନିଜମ୍) ଓ ନାରୀବାଦ (ଫେମିନିଜମ୍)। ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅନୁବାଦ ସମ୍ପର୍କିତ ଯେଉଁ ଶିକ୍ଷା ଓ ଗବେଷଣା ବିଭାଗ ପ୍ରତିଷ୍ଠା ହୋଇଛି ତାହା ଅନୁବାଦର ପ୍ରକ୍ରିୟା ଓ ପ୍ରୟୋଗ, ଅନୁବାଦ ବିଜ୍ଞାନର ବିଭିନ୍ନ ଦିଗ ବିଷୟରେ ଗବେଷଣା କରୁଛନ୍ତି। ଅନୁବାଦ ମାଧ୍ୟମରେ ଯିଏ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ହୋଇପାରିବ ଓ ଜ୍ଞାନର ପରିବେଷଣ ସମ୍ଭବ ହେବ, ତାହା ଛାତ୍ର ଓ ଗବେଷକଙ୍କ ମାଧ୍ୟମରେ ପ୍ରଚାର କରୁଛନ୍ତି। ବିଶ୍ୱ ଅର୍ଥନୀତିର ବିକାଶ ପାଇଁ ଅନୁବାଦର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ତାହା ମଧ ଆଲୋଚନାର ପରିସର ମଧ୍ୟକୁ ଆସୁଅଛି।

**ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀରୁ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ ଶତାବ୍ଦୀ ବ୍ୟାପି ଅନୁବାଦର ବିପୁଳ ସମ୍ଭାରରେ ଆମ ସାହିତ୍ୟ ଋଦ୍ଧିମନ୍ତ ହୋଇଛି।**

### ବିପୁଳ ସମ୍ଭାର

ଅନୁବାଦ ସଂପର୍କରେ ଏହି ତାତ୍ତ୍ୱିକ ଆଲୋଚନା ଆଧାରରେ ଓଡ଼ିଆ ଅନୁବାଦ ସାହିତ୍ୟକୁ ଦୃଷ୍ଟିପାତ କଲାବେଳେ ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀରୁ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ ଶତାବ୍ଦୀ ବ୍ୟାପି ଅନୁବାଦର ବିପୁଳ ସମ୍ଭାରରେ ଆମ ସାହିତ୍ୟ ଋଦ୍ଧିମନ୍ତ ତାହା ଆମେ ଦେଖିଥାଉ। ଓଡ଼ିଆ ଜାତିର ପ୍ରଣମ୍ୟ ପୁରୁଷ ଅତିବଡ଼ୀ ଜଗନ୍ନାଥଙ୍କ ଦାସଙ୍କ ଭାଗବତକୁ ଯଦି ଓଡ଼ିଆ ଅନୁବାଦର ଏକ ଦୀପସ୍ତମ୍ଭ ଭାବରେ ଆମେ କଳନାକରୁ ତାହା ପରବର୍ତ୍ତୀ ସମୟରେ ମଧ୍ୟଯୁଗୀୟ ସାହିତ୍ୟରେ ବଳରାମ ଦାସଙ୍କ ଭଗବତ୍ ଗୀତା, ଧରଣୀଧରଙ୍କ ଗୀତଗୋବିନ୍ଦର ଅନୁବାଦ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ଚୈତନ୍ୟ ଚରିତାମୃତ ଓ ବିଦଗ୍ଧ ମାଧବ ପ୍ରଭୃତି ରଚନାରେ ପରିପୁଷ୍ଟ। ଆଧୁନିକ ଯୁଗରେ ଖ୍ରୀଷ୍ଟିୟାନ ମିଶନାରୀମାନଙ୍କ ଆଗମନ ଓ ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ପରେ ଆମସ୍ ସଟନ୍, ଡବ୍ଲ୍ୟୁ.ସି. ଲେସି ପ୍ରଭୃତିଙ୍କ ଉଦ୍ୟମରେ ସ୍ୱର୍ଗଯାତ୍ରୀର ବୃତ୍ତାନ୍ତରେ ଅନୁବାଦର ନୂତନ ଧାରା ପ୍ରତିଷ୍ଠିତ ହୋଇଥିଲା। ହିନା କାଥେରିନ୍‌ଙ୍କ ଫୁଲମଣି କରୁଣାର ବିବରଣ ଓ ପରବର୍ତ୍ତୀ ସମୟରେ ରାଧାନାଥଙ୍କ ତୁଳସୀସ୍ତବକ, ଇଟାଲୀୟ ଯୁବା, ମଧୁସୂଦନଙ୍କ 'ସୀତା ବନବାସ', 'ନିର୍ବାସିତର ବିଳାପ', ଫକୀରମୋହନଙ୍କ 'ବୌଦ୍ଧାବତାର', ଜଗନ୍ମୋହନ ଲାଲାଙ୍କ 'ଭ୍ରମଭଞ୍ଜନ' ଆଦି ଅନୁବାଦ ସାଧିତ ହୋଇଥିଲା। ଓଡ଼ିଆ ପାଠ୍ୟପୁସ୍ତକ ରଚନା ପର୍ଯ୍ୟାୟରେ ବଙ୍ଗଳାରୁ ବହୁଭାବରେ ଅନୁବାଦ କରିଥିଲେ ଫକୀରମୋହନ ଓ ବିଚ୍ଛନ୍ଦଚରଣ। ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଜୀବନଚରିତ, ଅକ୍ଷୟ ଚନ୍ଦ୍ର ଦତ୍ତଙ୍କ 'ଚାରୁପାଠ' ପ୍ରଭୃତି ଉଲ୍ଲେଖଯୋଗ୍ୟ। ତା'ପରେ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଅନୁବାଦ ସାହିତ୍ୟକୁ ସମୃଦ୍ଧ କରିଥିଲେ। ସତ୍ୟବାଦୀ ଯୁଗରେ ପଣ୍ଡିତ ନୀଳକଣ୍ଠଙ୍କ 'ପ୍ରଣୟିନୀ' ଓ 'ଦାସନାୟକ', ପଣ୍ଡିତ ଗୋଦାବରୀଶଙ୍କ 'ଘଟାନ୍ତର', 'ଅଭାଗିନୀ' ଓଡ଼ିଆ ଅନୁବାଦର ଅନ୍ୟତମ ଶ୍ରେଷ୍ଠ ଉଦାହରଣ। ସ୍ୱାଧୀନତାର ପ୍ରାକ୍ କାଳରେ ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ପୀୟୂଷପ୍ରବାହ, ପଦ୍ମଚରଣଙ୍କ 'ପଦ୍ମପାଖୁଡ଼ା', ଅଜୟ ଚନ୍ଦ୍ର ଦାସଙ୍କ 'ଶେଷ ବନ୍ଦୀ ଭାରତୀ' ଚନ୍ଦ୍ରମଣି ଦାସଙ୍କ 'ବିଜନପଲ୍ଲୀ', ଅମରବଲ୍ଲଭ ଦେବଙ୍କ ବୀରପୂଜା, ମାୟାଧର ମାନସିଂହଙ୍କ 'ଅଥେଲୋ', ଗୋପବନ୍ଧୁ ଚୌଧୁରୀଙ୍କ 'ମହାତ୍ମା ଗାନ୍ଧିଙ୍କ ଆତ୍ମଜୀବନୀ' ଓ ଉଦୟନାଥ ଷଡ଼ଙ୍ଗୀଙ୍କ 'ଟମକକାଙ୍କ କୁଟିର' ପ୍ରଭୃତି ପ୍ରଧାନ। ପରବର୍ତ୍ତୀ ସମୟରେ ଓଡ଼ିଆ ଅନୁବାଦ ସାହିତ୍ୟକୁ ବହୁ ଭାବରେ ପ୍ରୋତ୍ସାହିତ କରିଛନ୍ତି ସାହିତ୍ୟ ଏକାଡ଼େମୀ ଓ ନ୍ୟାସନାଲ ବୁକ୍ ଟ୍ରଷ୍ଟ। ଏହି ଧାରାରେ ରାଧାମୋହନ ଗଡ଼ନାୟକଙ୍କ 'ମେଘଦୂତ',

'ସୋରାବ ଆଣ୍ଡ୍ ରୁସ୍ତମ୍', ଅନନ୍ତ ପଟ୍ଟନାୟକଙ୍କ ଗର୍କିଙ୍କ ମା', ସୁରେନ୍ଦ୍ର ଦ୍ୱିବେଦୀଙ୍କ 'ବିଶ୍ୱ ଇତିହାସ', ସଚ୍ଚି ରାଉତରାୟଙ୍କ 'ମାଇକୋଭସ୍କିଙ୍କ କବିତା', ଗୋପୀନାଥ ମହାନ୍ତିଙ୍କ 'ଯୁଦ୍ଧ ଓ ଶାନ୍ତି', 'ଯୋଗାଯୋଗ', ଜ୍ଞାନୀନ୍ଦ୍ର ବର୍ମାଙ୍କ 'ପୋଡ଼ାଭୂଇଁ' ଗୋଲୋକ ବିହାରୀ ଧଳଙ୍କ 'ଗୋଦାନ', 'ଗଗନ', 'ବିସ୍ମୃତିର ଚିତ୍ର', ଚିତ୍ତରଞ୍ଜନ ଦାସଙ୍କ 'ମୋ ଜୀବନ ସାଧନା', 'ଦୁଇ ଭଉଣୀ', 'ପ୍ରଥମ ପ୍ରତିଶ୍ରୁତି', 'ଦିବ୍ୟଜୀବନ', ଗଦାଧର ମିଶ୍ରଙ୍କ 'ଔଷଧୀୟ ବୃକ୍ଷଲତା' ଓ ଜାନକୀବଲ୍ଲଭ ପଟ୍ଟନାୟକଙ୍କ 'ଶତକତ୍ରୟ' ତଥା ବଙ୍କିମଚନ୍ଦ୍ରଙ୍କ ରଚନାବଳୀ ଉଲ୍ଲେଖନୀୟ।

ପରବର୍ତ୍ତୀ ସମୟରେ ନୀଳମଣି ମିଶ୍ର, ବସନ୍ତ କୁମାରୀ ଦେବୀ, ନନ୍ଦିନୀ ଶତପଥୀ, ଚୌଧୁରୀ ହେମକାନ୍ତ ମିଶ୍ର, ଶ୍ରୀନିବାସ ଉଦ୍‌ଗାତା, ଯୁଗଳ କିଶୋର ଦତ୍ତ, ଗୋବିନ୍ଦ ଚନ୍ଦ୍ର ସାହୁ, ବୈଷ୍ଣବ ଚରଣ ପରିଡ଼ା, ବିଜୟଲକ୍ଷ୍ମୀ ମହାନ୍ତି, ଶକୁନ୍ତଳା ବଳିୟାରସିଂହ, ଅସିତ୍ ମହାନ୍ତି, ପ୍ରଭାକର ସ୍ୱାଇଁ, ଗୌରହରି ଦାସ, ସୂର୍ଯ୍ୟମଣି ଖୁଣ୍ଟିଆ, କ୍ଷୀରୋଦ ପରିଡ଼ା, ସଂଘମିତ୍ରା ଭଞ୍ଜ ଓ ଶିଶିର ବେହେରା ପ୍ରଭୃତି ଓଡ଼ିଆ ଅନୁବାଦ ସାହିତ୍ୟକୁ ବିଭିନ୍ନ ଭାବରେ ସମୃଦ୍ଧ କରିଛନ୍ତି।




କେବଳ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ଭିତରେ ଆଲୋଚନାକୁ ସୀମିତ ନରଖି ଓଡ଼ିଆରୁ ଅନ୍ୟ ଭାଷାକୁ ଯେଉଁ ଯତ୍‌ସାମାନ୍ୟ ଅନୁବାଦ ସାଧିତ ହୋଇଛି ତାହା ଆଲୋଚନାର ପରିସରକୁ ଅଣାଯିବ ଉଚିତ୍। ଏହି ପର୍ଯ୍ୟାୟରେ ଓଡ଼ିଆରୁ ଇଂରାଜୀ ଭାଷାକୁ ଅନୁବାଦ କରାଯାଇଥିବା ଉଲ୍ଲେଖନୀୟ ପୁସ୍ତକଗୁଡ଼ିକ ମଧ୍ୟରେ ଫକୀରମୋହନଙ୍କ ଆତ୍ମଜୀବନୀ, ଉପନ୍ୟାସ ଛ'ମାଣ ଆଠଗୁଣ୍ଠ ବିଭିନ୍ନ ଅନୁବାଦକଙ୍କ ଦ୍ୱାରା ଅନୂଦିତ ହୋଇଛି। ବିକ୍ରମ ଦାସଙ୍କ ଦ୍ୱାରା ଗୋପୀନାଥ ମହାନ୍ତିଙ୍କ ପରଜା, ଦାନାପାଣି, ଲୟ ବିଳୟ, ଯତୀନ୍ଦ୍ର ନାୟକଙ୍କ ଦ୍ୱାରା ଚନ୍ଦ୍ରଶେଖର ରଥଙ୍କ ଯନ୍ତ୍ରାରୂଢ଼, ଜଗନ୍ନାଥ ପ୍ରସାଦ ଦାସଙ୍କ ଦେଶ-କାଳ-ପାତ୍ର, ଲିପିପୁଷ୍ପା ନାୟକଙ୍କ ଦ୍ୱାରା ଶାନ୍ତନୁ ଆଚାର୍ଯ୍ୟଙ୍କ ଶକୁନ୍ତଳା, ବିକ୍ରମ ଦାସଙ୍କ ଦ୍ୱାରା ପ୍ରତିଭା ରାୟଙ୍କ ଆଦିଭୂମି, ପ୍ରଦୀପ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଯାଜ୍ଞସେନୀ ଆଦି ଅନୂଦିତ ହୋଇଛି। କବିତା କ୍ଷେତ୍ରରେ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ପ୍ରଭୃତି ପ୍ରସିଦ୍ଧ କବିଙ୍କ କାବ୍ୟଗ୍ରନ୍ଥର ଇଂରାଜୀ ଅନୁବାଦ ସାଧିତ ହୋଇଛି। ହିନ୍ଦୀରେ ଶ୍ରୀନିବାସ ଉଦ୍‌ଗାତା, ଶଙ୍କରଲାଲ ପୁରୋହିତ, ଅଜୟ କୁମାର ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ମିଶ୍ର ପ୍ରଭୃତି ବହୁ ଓଡ଼ିଆ ସାହିତ୍ୟ ଗ୍ରନ୍ଥର ଅନୁବାଦ କରି ଜାତୀୟସ୍ତରରେ ପ୍ରସାର କରିଛନ୍ତି।

ଉପରୋକ୍ତ ଆଲୋଚନା ଭିତରେ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଓଡ଼ିଆ ଅନୁବାଦ ପ୍ରଧାନତଃ ସାହିତ୍ୟ ଗ୍ରନ୍ଥ ଭିତରେ ସୀମିତ। ସାହିତ୍ୟ ବ୍ୟତୀତ ଅପରାପର ବିଦ୍ୟାର ଯେଉଁ ବିପୁଳ ଭଣ୍ଡାର ରହିଛି ତାହା ପ୍ରାୟତଃ ଓଡ଼ିଆ ଅନୁବାଦକମାନଙ୍କୁ କାର୍ଯ୍ୟାନ୍ୱିତ କରିପାରିନାହିଁ। ବର୍ତ୍ତମାନ ୨୦୨୦ ନୂତନ ଜାତୀୟ ଶିକ୍ଷାନୀତିର କାର୍ଯ୍ୟାନ୍ୱୟନ ଅବସରରେ ବିଜ୍ଞାନ, କାରିଗରୀ, ସମାଜବିଜ୍ଞାନ ଏପରିକି କମ୍ପ୍ୟୁଟର ପ୍ରୟୋଗ ବିଷୟରେ ଉପଲବ୍ଧ ବିଭିନ୍ନ ପୁସ୍ତକର ଅନୁବାଦ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏସବୁକୁ ଲକ୍ଷ୍ୟ କଲେ ଓଡ଼ିଆ ଅନୁବାଦ ଜଗତ ଯେ କେତେ ବିସ୍ତୃତ ଓ ଏହାର ଯେଉଁ ବିପୁଳ ସମ୍ଭାବନା ରହିଛି ତାହାକୁ ବିଚାରବିମର୍ଶ ଭିତରେ ଓଡ଼ିଆ ଅନୁବାଦର ଏକ ପ୍ରତ୍ୟୟ ଚିତ୍ର ତଥା ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଏହି ଆଲୋଚନାଚକ୍ର ଏକ ନିର୍ଦ୍ଦିଷ୍ଟ ଭୂମିକା ସମ୍ପାଦନ କରିବ ବୋଲି ଆଶା କରୁଛି।

**ସହାୟକ ଗ୍ରନ୍ଥ :**


- ପାଉଣ୍ଡ୍, ଏଜ୍‌ରା, 'ହାଉ ଟୁ ରିଡ୍' ଲିଟେରାରୀ ଏସେଜ୍।
- ନିଡା, ଉଜିନ୍ ଏ, 'ସାଇନ୍‌ସ୍ ଅଫ୍ ଟ୍ରାନ୍ସଲେସନ୍' ୧୯୬୯, ସଂ.ଅମର, ନେମେଡ୍, ଷ୍ଟର୍ଲିଂ ପବ୍ଲିସର୍ସ।
- କ୍ୟାଟ୍‌ଫୋର୍ଡ, ଜେ.ସି., 'ଏ ଲିଙ୍ଗୁଇଷ୍ଟିକ୍ ଥିଓରୀ ଅଫ୍ ଟ୍ରାନ୍ସଲେସନ୍'।
- ନେମାଡ୍, ଭାଲଚନ୍ଦ୍ର, 'ଦି ପ୍ରବ୍ଲେମ୍ ଅଫ୍ ଇକୁଇଭାଲେନ୍‌ସ ଇନ୍ ଟ୍ରାନ୍‌ସଲେସନ୍'।
- ହ୍ୱର୍ଫ, ବେଞ୍ଜାମିନ ଲୀ, 'ଲାଙ୍ଗୁଏଜ୍ ଥଟ୍ ଏଣ୍ଡ୍ ରିଆଲିଟି', କ୍ୟାମ୍ବ୍ରିଜ୍ , ଦି ଏମ୍.ଆଇ.ଟି ପ୍ରେସ୍, ୧୯୭୧।


□□

ଲେଖକଙ୍କ ଇ-ମେଲ ଠିକଣା:
panda.bk@rediffmail.com



ରମ୍ୟରଚନା

# ନବବରଷ ମନ ହରଷ

ପୀତବାସ ରାଉତରାୟ

ଦୀପାବଳୀର ହାବିଳି, ହୋଲିର ରଙ୍ଗ ବୋଳାବୋଳି କିମ୍ବା ରଜର ଦୋଳି ନଥାଇ ମଧ୍ୟ ଆମ ରାଜ୍ୟରେ ଏକ ନୂତନ ପର୍ବର କୁହେଳି ସୃଷ୍ଟି ହେବାକୁ ବସିଲାଣି। ଏଥିରେ ନା କେଉଁ ଦେବାଦେବୀଙ୍କ ପୂଜା ଅଛି ନା ପର୍ବର ବିଧିବଦ୍ଧ ନୀତିନିୟମ ଅଛି। ମାତ୍ର ଏହା ଏକ ନିଶାରେ ପରିଣତ ହୋଇଗଲାଣି। ସହରମାନଙ୍କରେ ଇଂରାଜୀ ସ୍କୁଲର ଚାହିଦା ଭଳି ଆମ୍ଭମାନଙ୍କର ଆରମ୍ଭ ହୋଇଯାଇଛି ନବବର୍ଷ ନିଶା।




ବସନ୍ତ ଋତୁର ଆଗମନ ବାର୍ତ୍ତା ଯେମିତି ନବପଲ୍ଲବିତ ଆମ୍ରପତ୍ରରେ ଆସେ, ନବବର୍ଷର ବାର୍ତ୍ତା ଆସେ ପରସ୍ପରର ଅଭିନନ୍ଦନ ମାଧ୍ୟମରେ। ଦିନ ଥିଲା ନବବର୍ଷ ବାର୍ତ୍ତା ବହନ କରି ଆସୁଥିଲା ରଙ୍ଗବେରଙ୍ଗ ଅଭିନନ୍ଦନ ପତ୍ର। ଡିସେମ୍ବର ଆରମ୍ଭରୁ ରାସ୍ତାକଡ଼ରେ ଖୋଲିଯାଉଥିଲା ଅଭିନନ୍ଦନ ପତ୍ରର ଛୋଟ ବଡ଼ ଦୋକାନ। ଏହି ଅଭିନନ୍ଦନ ପତ୍ରକୁ କିଣି ଶୁଭେଚ୍ଛୁମାନେ ଡାକବାକ୍ସରେ ପକାଇ ଦେଉଥିଲେ, ତା' ପୁଣି ଡିସେମ୍ବର ଶେଷ ସପ୍ତାହରେ, ନବବର୍ଷ ସମୟରେ ଠିକଣା ଜାଗାରେ ପହଞ୍ଚିବ, ଏହି ଆଶାରେ। ସେ ସମୟରେ କୁହାଯାଉଥିଲା ନବବର୍ଷ ନାମ ଶୁଣିଲେ ଯଦି କେହି ବ୍ୟକ୍ତି ଚମକି ଉଠୁଥିଲା ସେ ଥିଲା ଡାକବାଲା। ପାହାଡ଼ିଆ ନଦୀରେ ବର୍ଷା ହେଲେ ହଠାତ୍ ଜୁଆର ଆସିବା ଭଳି ଏ ଯେଉଁ ନବବର୍ଷ ବେଳାଟି ଆସିଯାଏ ସେ ଡାକବାଲାର ଝୁଲାକୁ ଦଶମାସିଆ ଗର୍ଭବତୀ ନାରୀର ପେଟଭଳି ରାତାରାତି ଫୁଲାଇଦିଏ।

**ସେ କାଳ ପଖାଳ**

ସେ କାଳ ପଖାଳ ଆଉ ନାହିଁ। ଡାକବାଲାର କଷ୍ଟକୁ ଲାଘବ କରିଦେଇଛି ନୂତନ ଯୁଗର ଦୁଇଟି ଯନ୍ତ୍ର; ମୋବାଇଲ୍ ଫୋନ୍ ଆଉ କମ୍ପ୍ୟୁଟର। ମୋବାଇଲ୍ ମାଧ୍ୟମରେ ଏସ୍.ଏମ୍.ଏସ୍, ହ୍ୱାଟ୍ସଆପ୍ ଓ ଫେସ୍‌ବୁକ୍ ସେବା ଆଉ କମ୍ପ୍ୟୁଟର ମାଧ୍ୟମରେ ଶୁଭେଚ୍ଛା ଦିଆନିଆ ହୋଇଯାଇଛି ଏକବିଂଶୀୟ ଅଭିନନ୍ଦନ ପଦ୍ଧତି। ଏହା ଏତେମାତ୍ରାରେ ବ୍ୟବହାର ହୁଏ ଯେ ମୋବାଇଲ୍‌ରେ ସବୁ ବାଟ ଭିଡ଼ ହୋଇ ବାର୍ତ୍ତା ପହଞ୍ଚି ପାରେନାହିଁ । ତେଣୁ ଲୋକମାନେ ଡିସେମ୍ବର ୩୧ ସକାଳୁ ସକାଳୁ ବାର୍ତ୍ତା ପ୍ରେରଣ ଆରମ୍ଭ କରିଦିଅନ୍ତି।

ନବବର୍ଷ ନିଶାରେ ସାଧାରଣ ଜନତା କେବଳ ମସ୍‌ଗୁଲ ହୁଅନ୍ତି ନାହିଁ, ଏ ନିଶା ଘାରିଥାଏ ଊଣାଅଧିକେ ସବୁ ବର୍ଗକୁ। ନବବର୍ଷ ନେତାଙ୍କୁ ପ୍ରଚାର ପାଇଁ ଦିଏ ବଡ଼ ସୁଯୋଗ। ସହର ବଜାରରେ ଏପରିକି ଗାଁ ଗହଳିରେ ବଡ଼ ବଡ଼ ବିଜ୍ଞାପନ ମାରି ନେତାମାନେ ନିଜର ଫଟୋ ମାରି ନବବର୍ଷ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା ଦେଇ ନିଜ ପ୍ରଚାର ଆରମ୍ଭ କରିଦିଅନ୍ତି।

ନବବର୍ଷ ଉପଲକ୍ଷେ ବିଶ୍ୱପ୍ରସିଦ୍ଧ ନେତାମାନେ ଘୋଷଣା କରନ୍ତି ନବବର୍ଷ ଶାନ୍ତିର ବାର୍ତ୍ତା ବହନ କରୁ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେଉ। ଜାତୀୟ ସ୍ତରର ନେତାମାନେ କହିବୁଲନ୍ତି, "ଏ ବର୍ଷ ଦ୍ୱିଗୁଣ ଉତ୍ସାହରେ କାର୍ଯ୍ୟକରି ଦେଶକୁ ଅଧିକ ଉନ୍ନତ ଓ ଶକ୍ତିଶାଳୀ କରିବାକୁ ହେବ।" ପ୍ରାଦେଶିକ ସ୍ତରରେ ନେତାମାନେ କୁହନ୍ତି, "ପରସ୍ପର ମଧ୍ୟରେ ବିଦ୍ୱେଷଭାବ ଭୁଲି ଆମେମାନେ ରାଜ୍ୟର ପ୍ରଗତି ପାଇଁ କାମ କରିବା।" ମାତ୍ର ସୁବିଧା ଓ ସୁଯୋଗ ପାଇଲେ ବିକ୍ଷୋଭର ଆୟୋଜନ, କୁଶପୁତ୍ତଳିକା ଦାହ, ଘେରାଉ ଓ ଗୋଟିଏ ଦଳ ଅନ୍ୟଦଳ ବିପକ୍ଷରେ ବର୍ଷସାରା ବିଷୋଦ୍‌ଗାର କରିବାକୁ ପଛାନ୍ତି ନାହିଁ।

ଖବରକାଗଜମାନେ ଡିସେମ୍ବର ଆରମ୍ଭରୁ ଆରମ୍ଭ କରିଦିଅନ୍ତି ସେହି ବର୍ଷର ବିଶେଷ ଘଟଣାବଳୀର ସମୀକ୍ଷା।

ବର୍ଷରେ ପୁରସ୍କୃତ ହୋଇଥିବା ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ ସହ ପୁରସ୍କାରର ବିବରଣୀ, ବର୍ଷ ମଧ୍ୟରେ ପରଲୋକ ଗମନ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ ତଥା ସେ ବର୍ଷର ବିଶିଷ୍ଟ ବ୍ୟକ୍ତିଙ୍କ ମୁଖନିସୃତ ବାଣୀ ଯାହା ପାଠକଙ୍କୁ ବର୍ଷସାରା ଘଟିଥିବା ଘଟଣାକୁ ପୁଣିଥରେ ମନେ ପକାଇଦିଏ।

ଆଜିକାଲି ଗଣମାଧ୍ୟମ, ବିଶେଷକରି ଇଲେକ୍ଟ୍ରନିକ୍ ଗଣମାଧ୍ୟମ ଯେଉଁଭଳି ଛତୁ ଫୁଟିଲାଭଳି ଆବିର୍ଭାବ ହେଲେଣି ନବବର୍ଷ ସେମାନଙ୍କ ପାଇଁ ଏକ ନୂଆ ବାଟ ଫିଟାଏ। ରାଜନୀତିର ନେତାଙ୍କଠାରୁ ଆରମ୍ଭ କରି ଚଳଚ୍ଚିତ୍ର ଜଗତ, ସାହିତ୍ୟଜଗତ, କ୍ରୀଡ଼ାଜଗତ ଇତ୍ୟାଦିରୁ ବହୁ ପ୍ରତିଭାଙ୍କ ମୁହଁ ପାଖରେ ମାଇକ୍ରୋଫୋନ୍ ଲଗାଇ ପ୍ରଶ୍ନ ପଚାରନ୍ତି, ଆପଣ ନବବର୍ଷ ଦିନଟି କିଭଳି ଭାବେ ପାଳନ କରିବେ ଆଉ ଆପଣଙ୍କର ନୂତନ ବର୍ଷ ପାଇଁ କି ଯୋଜନା ଅଛି। ଭାଗ୍ୟ ଭଲ ଦେବାଦେବୀ ମୁହଁଖୋଲି କଥା କହନ୍ତି ନାହିଁ। ତା' ହୋଇଥିଲେ ଗଣମାଧ୍ୟମ ସେଠାରେ ମଧ୍ୟ ପହଞ୍ଚି ବାର୍ତ୍ତା ସଂଗ୍ରହ କରିସାରନ୍ତେଣି। ମୁଷ୍ଟିମେୟ ଧର୍ମଗୁରୁ ମଧ୍ୟ ତାଙ୍କ ଚ୍ୟାନେଲ୍‌ରେ ନବବର୍ଷ ସନ୍ଦେଶ ପଠାଇବାକୁ ଭୁଲନ୍ତି ନାହିଁ। କିଛି ଗଣମାଧ୍ୟମ ରାସ୍ତାଘାଟରେ ଯାହାକୁ ଦେଖିଲେ ପ୍ରଶ୍ନ ପଚାରି ତାଙ୍କ ଫଟୋ ସହିତ ମତାମତ ଛପାଇ ଚାଲନ୍ତି। ଏସବୁ ହେଲା ପ୍ରଚାର ଓ ପ୍ରସାରର କରାମତି ନବବର୍ଷ ଉପଲକ୍ଷେ। ନୂଆବର୍ଷ ଉପଲକ୍ଷେ ବିଦେଶୀ ପକ୍ଷୀଙ୍କ ଆଗମନ ଭଳି ପ୍ରବାସୀ ନାଗରିକଙ୍କର ନିଜ ଦେଶକୁ ବାଟ ଫିଟେ। ସେମାନେ ପହଞ୍ଚି ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସଭାସମିତି ଆୟୋଜନ କରିଥାନ୍ତି।

**ଭାଗ୍ୟ ଗଣନା**

ପ୍ରତିଦିନ, ପ୍ରତି ସପ୍ତାହ ଓ ପ୍ରତି ମାସ ପାଇଁ ରାଶିଫଳ ଗଣନା କରୁଥିବା ଜ୍ୟୋତିଷ ବିଶାରଦ, ଜ୍ୟୋତିଷ ଭୂଷଣମାନେ ତାଙ୍କର ଗଣନା ମଧ୍ୟ ଖବର କାଗଜ ଓ ଟେଲିଭିଜନ୍ ମାଧ୍ୟମରେ ଜଣାଇବାକୁ ଭୁଲନ୍ତି ନାହିଁ। ନବବର୍ଷ ଗଣନାର ବିଶେଷତ୍ୱ ହେଲା ଏହା କେବଳ ସାଧାରଣ ବ୍ୟକ୍ତି ପାଇଁ ସୀମିତ ନଥାଏ, ଏ ଗଣନା ବିଭିନ୍ନ ନେତାଙ୍କ ଭାଗ୍ୟଫଳ, ନିଜ ପ୍ରଦେଶ, ନିଜ ଦେଶ ତଥା ସମଗ୍ର ବିଶ୍ୱର ଭବିଷ୍ୟତ ମଧ୍ୟ ଜଣାଇଥାଏ ସତେ ଯେମିତି ଏ ପ୍ରଦେଶ, ଦେଶ ଓ ପୃଥିବୀ ଗୋଟିଏ ଗୋଟିଏ ପ୍ରାଣୀ ! ପ୍ରତିବର୍ଷ ଏହି ଗଣନାରେ ପ୍ରାଦେଶିକ ସ୍ତରରେ ମରୁଡ଼ି, ବନ୍ୟା, ବାତ୍ୟା, ଭାରତ ସ୍ତରରେ ଯୁଦ୍ଧ, ବାହ୍ୟଶତ୍ରୁ ଆକ୍ରମଣ, ଦଳକନ୍ଦଳ ଓ ବିଶ୍ୱସ୍ତରରେ ରାଜନୈତିକ ଅସ୍ଥିରତା ଓ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ କନ୍ଦଳ ପ୍ରକାଶ ପାଇଥାଏ, ଯାହା ସାଧାରଣ ଜନତା ମଧ୍ୟ ବିନା ଜ୍ୟୋତିଷ ବିଜ୍ଞାନ ସହାୟତାରେ କହିବୁଲୁଥାଏ।

ଚାତକ ଭଳି ଏହି ଦିନକୁ ଚାହିଁବା ପ୍ରାଣୀ ହେଲେ ଆଧୁନିକ ସାହିତ୍ୟିକଗଣ, ବିଶେଷ କରି ଆଧୁନିକ କବିଗଣ। ତାଙ୍କୁ ନବବର୍ଷର ଆଗମନ କିଭଳି ପ୍ରେରଣା ଦିଏ କେଜାଣି ମୁଷ୍ଟିମେୟ କବିଗଣ ଡିସେମ୍ବରର ଶୀତୁଆ ରାତିରେ କବି ତଥା ଶ୍ରୋତା ଆସନରେ ବସି ନିଜ ନିଜର କବିତା ପଠନ କରି ପ୍ରାଣକୁ ତୃପ୍ତ କରନ୍ତି। ଏଠାରେ ନା ଥାଏ କୋକିଳର କୁହୁତାନ ନା ଥାଏ ବର୍ଷାର ରିମ୍‌ଝିମ୍ ନୃତ୍ୟ ପ୍ରଦର୍ଶନ ଅବା ଥାଏ କାଶତଣ୍ଡୀ ଫୁଲରେ ଶରତର ଆଗମନ, ତଥାପି ନବବର୍ଷ ନାମରେ ଉଚ୍ଛୁଳୁଥାଏ କବିପ୍ରାଣ।

**ଚାତକ ଭଳି ଏହି ଦିନକୁ ଚାହିଁବା ପ୍ରାଣୀ ହେଲେ ଆଧୁନିକ ସାହିତ୍ୟିକଗଣ, ବିଶେଷ କରି ଆଧୁନିକ କବିଗଣ।**

**ଛୁଟିର ନିଶା**

ନବବର୍ଷ ପୂର୍ବଦିନ ସବୁ କାର୍ଯ୍ୟାଳୟରେ ଛୁଟିର ନିଶା ମାଡ଼ିପଡ଼େ ଏବଂ ନବବର୍ଷ ଦିନ ଉପସ୍ଥାନ ଅଧା ହୋଇଥାଏ। ଯେଉଁ କେତୋଟି ମୁଷ୍ଟିମେୟ କର୍ମଚାରୀ କାର୍ଯ୍ୟାଳୟ ଆସିଥାନ୍ତି, ସେମାନେ ନିଜ ଆସନରେ ବସିବା ପାଇଁ ସମୟ ପାଆନ୍ତି ନାହିଁ। ପରସ୍ପର ମଧ୍ୟରେ ହାର୍ଦ୍ଦିକ(?) ଶୁଭେଚ୍ଛା ଓ ଅଭିନନ୍ଦନରେ ମାତି ଯାଆନ୍ତି। ଖବରକାଗଜରେ ନବବର୍ଷ ଦିନ ବର୍ଷକର କ୍ୟାଲେଣ୍ଡର ଓ ଛୁଟିଦିନ ପ୍ରକାଶ ପାଇଥାଏ। ତାକୁ ହାତରେ ଧରି ପ୍ରତ୍ୟେକ କର୍ମଚାରୀ ଛୁଟିଦିନ ହିସାବ କରିବା ଆରମ୍ଭ କରିଦିଅନ୍ତି ଯଥା ପୂଜାଛୁଟି କେତେଦିନ ପଡ଼ିଛି, କେଉଁ ଛୁଟିଟା ଶନିବାରଠାରୁ ନେଲେ ରବିବାର ସହ ମିଶାଇ ବେଶିଦିନ ହୋଇପାରିବ ସେ ହିସାବରେ ମାତି ଯାଆନ୍ତି। ଯଦି କେଉଁ ପର୍ବ ରବିବାରକୁ ପଡ଼ିଗଲା ସେଥିପାଇଁ ପାଞ୍ଜିକାରଙ୍କୁ ନିନ୍ଦନ୍ତି। ନୂଆବର୍ଷ ଉପଲକ୍ଷେ କିଛି କୁକୁଡ଼ା ଓ ଖାସିଙ୍କୁ ସ୍ୱର୍ଗାଭିମୁଖୀ କରାଇ ପିକ୍‌ନିକ୍ ବା ଭୋଜିଭାତର ଯୋଜନା କରନ୍ତି ଅଧିକାଂଶ ଜନତା। ଠିପିଖୋଲା ଓ ଠିପିବନ୍ଦ ମଦ ଦୋକାନରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୁଏ।

ନବବର୍ଷର ସବୁଠାରୁ ବଡ଼ ବ୍ୟବସାୟ ହୁଏ ଫୁଲ ଦୋକାନୀଙ୍କର । ଯେଉଁମାନେ ଫୁଲତୋଡ଼ା ଆଗୁଆ ପ୍ରସ୍ତୁତ କରି ବିକ୍ରି କରିଥାନ୍ତି କାରଣ ସେମାନଙ୍କର ଦୋକାନରେ ଅସମ୍ଭବ ଭିଡ଼ ହୁଏ। ତଳିଆ କର୍ମଚାରୀ ଉପର ହାକିମଙ୍କୁ - ଛୋଟ ନେତା ବଡ଼ନେତାଙ୍କୁ - ଏହିଭଳି ସବୁ ମହଲରେ ପରସ୍ପର ମଧ୍ୟରେ ଫୁଲତୋଡ଼ା ଆଦାନ ପ୍ରଦାନ ହୋଇ ନବବର୍ଷ ବେଶ୍ ଜମିଯାଏ। ନବବର୍ଷ ପାଇଁ ମଧ୍ୟ ଡାଏରୀ ବିକ୍ରି ବହୁମାତ୍ରାରେ ବୃଦ୍ଧି ପାଏ।

ଏଣେ ହୋଟେଲମାନଙ୍କରେ ଛାଇଯାଏ ପୁରାତନ ବର୍ଷକୁ ବିଦାୟ ଓ ନବବର୍ଷ ଆଗମନକୁ ସ୍ୱାଗତ କରିବା ପାଇଁ ବିଜ୍ଞାପନ। ନବବର୍ଷ ନିଶାରେ ମସ୍‌ଗୁଲ ହେବା ପାଇଁ ହୋଟେଲ ନିଜେ ଆଲୋକ ସଜ୍ଜାରେ ସଜାଇ ହୁଏ। ବିଜ୍ଞାପନରେ ଆକର୍ଷଣୀୟ ତରୁଣୀମାନଙ୍କର ନୃତ୍ୟର ଭଙ୍ଗୀ ପ୍ରଦର୍ଶନ କରି ଡିନର ଓ ଡ୍ୟାନ୍‌ସର ଅଗ୍ରୀମ ବୁକିଂ ଆରମ୍ଭ ହୋଇଯାଏ। କ୍ଲବ୍‌ମାନଙ୍କରେ ମଧ୍ୟ ଆୟୋଜନ ହୁଏ ନବବର୍ଷ ପାଳନ ରାତିର ପ୍ରସ୍ତୁତି। କକ୍‌ଟେଲ, କୁକୁଡ଼ା ଓ କାମ ଉତ୍ତେଜକ ସଂଗୀତ ଓ ନୃତ୍ୟରେ ବିଭୋର ହୋଇ ଆମର ବନ୍ଧୁଗଣ ନବବର୍ଷକୁ ସ୍ୱାଗତ ଜଣାନ୍ତି। ସମୁଦ୍ରକୂଳିଆ ହୋଟେଲମାନେ ନବବର୍ଷର ପ୍ରଥମ ସୂର୍ଯ୍ୟୋଦୟ ଦେଖିବା ପାଇଁ ବିଜ୍ଞାପନ ଦେଇ ହୋଟେଲର ଦାମ୍ ବଢ଼ାଇ ଦିଅନ୍ତି।



**ଦେବଦର୍ଶନ**

ନବବର୍ଷର ଆଉ ଗୋଟିଏ ନିଶା ହେଉଛି ବିଭିନ୍ନ ଦେବଦେବୀ ପୀଠ ଦର୍ଶନ, ବିଶେଷ କରି ଶ୍ରୀମନ୍ଦିର ଦର୍ଶନ। ପୁରୀ ଅଭିମୁଖେ ଗାଡ଼ିର ସଂଖ୍ୟା ଓ ମନ୍ଦିର ଭିତରେ ଭିଡ଼ ଦେଖିଲେ କୌଣସି ପର୍ବପର୍ବାଣିର ଭ୍ରମ ସୃଷ୍ଟିହୁଏ। ଏଣେ ୩୧ ଡିସେମ୍ବର ପେଟେ ମଦ ମାଂସ ପକାଇ ହାପି ନ୍ୟୁ ଇୟର କରିଥିବେ ମାତ୍ର ତା' ପରଦିନ ଶୁଦ୍ଧପୂତ ହୋଇ ଶ୍ରୀଜଗନ୍ନାଥଙ୍କୁ ଚାହିଁ ବର୍ଷସାରା ଆନନ୍ଦ ପାଇବା ପାଇଁ ପ୍ରାର୍ଥନା କରୁଥିବେ। ଗତବର୍ଷ ପାଞ୍ଚଲକ୍ଷ ଲୋକ ପୁରୀରେ ଶ୍ରୀଜଗନ୍ନାଥ ଦର୍ଶନ କରିଥିଲେ ବୋଲି ହିସାବରୁ ଜଣାଯାଇଛି। ମନ୍ଦିର ପ୍ରଶାସନ ଏହି ଭିଡ଼କୁ ଆଖି ଆଗରେ ରଖି ଅଧରାତି ପରେ ପ୍ରଭୁଙ୍କୁ ନିଦରୁ ଉଠାଇ ଦର୍ଶନ ଆରମ୍ଭ କରାଇ ଦିଅନ୍ତି।

ନୂଆବର୍ଷରେ ଅଧିକାଂଶ ଲୋକଙ୍କର ଆଉ ଗୋଟିଏ ନାଟକ ରଚନା ହୁଏ ତା' ହେଲା ଶପଥ ଗ୍ରହଣ। ନୂଆବର୍ଷ ଦିନ କିଛି ଲୋକେ ଶପଥ ନିଅନ୍ତି ଆଉ ସିଗାରେଟ ପିଇବେ ନାହିଁ କି ମଦ ବୋତଲ ଛୁଇଁବେ ନାହିଁ। ସେ ଶପଥ ବର୍ଷ ଅଧାରୁ ଭଙ୍ଗକରି ସେମାନେ ପୁଣି ଅପେକ୍ଷା କରିଥାନ୍ତି ଆସନ୍ତା ନବବର୍ଷର ପ୍ରଥମ ଦିନକୁ ପୁଣିଥରେ ଶପଥ ନେବାପାଇଁ। ସେମାନଙ୍କ ପାଇଁ ନବବର୍ଷ ଗୋଟିଏ ବାହାନା ପାଲଟିଯାଏ।

ଟେଲିଭିଜନର ବିଭିନ୍ନ ଚାନେଲ ଡିସେମ୍ବର ୩୧ ତାରିଖ ଦିନ ସନ୍ଧ୍ୟାରୁ ଆରମ୍ଭ କରିଦିଅନ୍ତି ତାଙ୍କର କାର୍ଯ୍ୟକ୍ରମ ରାତି ବାରଟା ପର୍ଯ୍ୟନ୍ତ। ତା'ପରେ ଆସିଯାଏ ସେଇ ଶୂନ୍ୟ ମୁହୂର୍ତ୍ତ ବା ଜିରୋ ଆୱାର। ଘରେ ଘରେ ବସି ଟେଲିଭିଜନ୍ ଦେଖୁଥିବା ଦର୍ଶକମାନେ ମଧ୍ୟ ଏଇ ଦୃଶ୍ୟ ଦେଖି ଅଭିନନ୍ଦନ କରନ୍ତି ନବବର୍ଷକୁ। ପ୍ରତିଦିନ ରାତିରେ ବାରଟା ବାଜେ ମାତ୍ର ନାଚଗୀତରେ ନୂଆବର୍ଷର ଏ ରାତି ତାତି ଆଣିଦିଏ।

ବାରମାସରେ ତେରପର୍ବ ପାଳନ କରୁଥିବା ଆମର ସଂସ୍କୃତିରେ ଧସେଇ ପଶିଛି ଏ ନବବର୍ଷ ପାଳନ। ଆମର ବିଜ୍ଞ ବନ୍ଧୁଗଣ ଭୁଲିଯାଆନ୍ତି ଯେ ଆମ ଓଡ଼ିଆଙ୍କ ନବବର୍ଷ ପାଳନ ହୁଏ ପଣାପାଣିରୁ, ନିଶାପାଣିରୁ ନୁହେଁ। ଇଂରାଜୀ ନବବର୍ଷରେ ଯେଉଁ ଅଜସ୍ର ଖର୍ଚ୍ଚର ସୁଅ ଛୁଟେ, ନବବର୍ଷରେ ଯେଉଁସବୁ ସଂକଳ୍ପ ଓ ଶୁଭେଚ୍ଛା ବାର୍ତ୍ତା ଓ ପ୍ରତିଶ୍ରୁତି ଶୁଣାଯାଏ, ସେସବୁ କୁଆଡ଼େ ମିଳାଇ ଯାଆନ୍ତି ବର୍ଷ ଆରମ୍ଭ ହେବା ପରେ ପରେ। ଆରମ୍ଭ ହୋଇଯାଏ ପରସ୍ପର ମଧ୍ୟରେ ବିଦ୍ୱେଷ, ଗୋଡ଼ ଟଣାଓଟରା, ଚୋରି, ଧର୍ଷଣ, ହିଂସାତ୍ମକକାଣ୍ଡର ଏକ ଲମ୍ବା ନାଟକ। ତା' ସହିତ ଯୋଗ ହୋଇଥାଏ ଚିଟ୍‌ଫଣ୍ଡ, ଖଣି ଦୁର୍ନୀତି, ବାବା ବ୍ୟଭିଚାର ଭଳି ପ୍ରତିବର୍ଷ ନୂଆ ନୂଆ ଅପକୀର୍ତ୍ତି। ଏକଦା ବୀର ଜାତି ଥିବା ଓଡ଼ିଆଙ୍କୁ ଅଳସୁଆ କରି ଦେବାପାଇଁ ଦାନ ଅନୁଦାନର

**ପୂରାଦମ୍‌ରେ ଇଂରାଜୀ ନବବର୍ଷ ପାଳନ କଲାବେଳେ ଟିକିଏ ଦେଶୀ ନବବର୍ଷକୁ ନଜର ପକାନ୍ତୁ**

ସରକାରୀ ଯୋଜନା ପ୍ରଚଳନ ହୋଇଯାଏ ବର୍ଷସାରା।

ଆମର ଜନ୍ମ ଜାତକଟିଏ ତିଆରି ହେଲାବେଳେ ଗଜପତିଙ୍କ ଶକାବ୍ଦ ଗଣନା ହୋଇ ଲେଖାଯାଇଥାଏ; ମାତ୍ର ସେ ତାଳପତ୍ର ପୋଥି ସହ ଆମର ସମ୍ପର୍କ ଯେମିତି ବଦଳି ଯାଇ କମ୍ପ୍ୟୁଟର ଜାତକକୁ ଧରିବସିଲେଣି, ସେମିତି ଶ୍ରୀଗଜପତିଙ୍କ ସୁନିଆଠାରୁ ବର୍ଷଗଣନାକୁ ଭୁଲି, ପଣାସଂକ୍ରାନ୍ତି ନବବର୍ଷକୁ ଆଡ଼େଇ ନେଇ ଆମେ ମାତିଯାଇଛେ ଇଂରାଜୀ ନବବର୍ଷ ପାଳନ ନିଶାରେ।

ଇଂରାଜୀ ସଭ୍ୟତାର ଉପର ଦେଖାଣିଆ ନବବର୍ଷ ନିଶା ଏତେ ମାଡ଼ିଗଲାଣି ଯେ ଆମେ ନିଜର କୃଷିଭିତ୍ତିକ ଅର୍ଥନୀତିର ପ୍ରକୃତ ନବବର୍ଷକୁ ଭବିଷ୍ୟତରେ ସମ୍ପୂର୍ଣ୍ଣ ରୂପେ ଭୁଲିଯିବା କିଛି ବିଚିତ୍ର ନୁହେଁ।

ତେଣୁ ପୂରାଦମ୍‌ରେ ଇଂରାଜୀ ନବବର୍ଷ ପାଳନ କଲାବେଳେ ଟିକିଏ ଦେଶୀ ନବବର୍ଷକୁ ନଜର ପକାନ୍ତୁ ନହେଲେ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା 'ଉତ୍କଳ ପ୍ରଦେଶ' ଦିନେ 'ଉତ୍କଟ ପ୍ରଦେଶ'ରେ ପରିଣତ ହୋଇଯିବ।

□□

ଲେଖକଙ୍କ ଇ-ମେଲ ଠିକଣା:
rpitabas@yahoo.co.in

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ଯେକୌଣସି ସଂଖ୍ୟାରେ ଗୋଟିଏ କିମ୍ବା ଦୁଇଟି ମାତ୍ର କବିତା ପ୍ରକାଶ ପାଏ। କବିତାରେ ଆତ୍ମମୁଖୀ, ଅର୍ଥାତ୍ 'ମୁଁ' କିମ୍ବା 'ମୋର' ଭଳି ପ୍ରଥମ ପୁରୁଷ ଏକବଚନଯୁକ୍ତ ଶବ୍ଦ ଥିଲେ ତାହା ପ୍ରକାଶ ପାଏନାହିଁ।

୪. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।

୫. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୬. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ୱଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୭. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୮. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୯. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୧୦. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୧୧. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।

୧୨. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।

୧୩. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୪. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।



କବିତା

# ସ୍ୱପ୍ନ ବଗିଚାର ଫୁଲ

**କୁଳମଣି ଓଝା**

ମନ ଉପବନେ ସ୍ୱପ୍ନର ବଗିଚା
ନିତି ଫୁଲ ଫୁଟି ଯାଏ ଝଡ଼ି
ନାନା ଜାତି ଫୁଲେ ଭାବୁକ ଭଅଁର
ପାଦ ଥାପି ଦୂରେ ଯାଏ ଉଡ଼ି ।

ଫୁଲରେ ଫୁଲରେ ମହକ ମଦିରା
ଆନମନା ହୁଏ ପରବାସୀ
ସେ ମଦିରା ଥରେ ଚୁମିଲେ ଅଧରେ
ଉଆଁସ ନିଶିରେ ଉଏଁ ଶଶି ।

ସ୍ୱପ୍ନ ବଗିଚାରେ ରଙ୍ଗର ରୋଷଣି
ଧଳା, ନୀଳ, ନାଲି, ହଳଦିଆ
କେତେ କେତେ ରଙ୍ଗେ ଫୁଲଙ୍କ ଫଗୁଣ
ସୁଲୁସୁଲୁ ବହେ ମନ୍ଦ ବାଆ ।

ବଗିଚାର ମାଳି ନିଇତି ଦେଖୁଛି
ସଂଜ ଓ ସକାଳେ ଫୁଲବନେ
କେଉଁ ପରଦେଶୀ କେଉଁ ଦିଗୁ ଆସି
ମଧୁ ଲୁଟିନିଏ କି ଗୋପନେ ।

ସ୍ୱପ୍ନ ବଗିଚାରେ ଯୁଇ ଜାଇ ହେନା
ରଜନୀଗନ୍ଧାର ଚନ୍ଦ୍ରହାସ
କେବେ କି ଭାବରେ କବି ହୃଦୟରେ
ଅନାୟାସେ ଭରେ ଆଦିରସ ।

ଏଇ ବଗିଚାରେ ପକ୍ଷୀଙ୍କ କାକଳି
ଶୁଭେ ଆଳାପନୀ ରାତିଦିନ
ସେଇ ଗୀତ ସୁରେ କିଏ ସେ ବିଭୋରେ
ତୋଳେ ଆଶାବରୀ ପ୍ରୀତିତାନ ।



ବଗିଚା ନୁହେଁ ସେ ମିଳନ ମଣ୍ଡପ
ବିରହ ବେଦିକା କେବେ କେବେ
ଆଉ କେବେ ଭେଟ ସ୍ୱପ୍ନ ବଗିଚାରେ
ଅଭିମାନ ରେଖା ନିଭେ ଯେବେ ?

ଆଖିରେ ଆଖିଏ ଅସରା ସପନ
ସକାଳେ ଫୁଟଇ କେବେ ସଂଜେ
କି ଶୁଭ ଲଗନେ ଦିଏ ସେ ପରଷି
ମହମହ ରେଣୁ ମଧୁଶେଯେ ।

ସ୍ୱପ୍ନ ବଗିଚାରେ ଜୀବନ ଛନ୍ଦର
ନିତ୍ୟ ନୂଆ ସ୍ୱର ନୂଆ ଧାରା
ସ୍ୱପ୍ନଫୁଲ ଫୁଟି ଅପରେ ଅରପି
ଧନ୍ୟ ତା’ ଜୀବନ ମଧୁକ୍ଷରା ।

□□

କବିଙ୍କ ଇ-ମେଲ ଠିକଣା:
ojhakulamani1966@gmail.com

ପ୍ରବନ୍ଧ

# ପତ୍ରଂ ଗଳିତଂ ଥପଂ ଥପଂ: ଆମ ଭାଷା ପ୍ରସଙ୍ଗ



**ବୈଷ୍ଣବ ଚରଣ ମହାନ୍ତି**

ଏଠି ଏ ଯୋଉ 'ପତ୍ର' ପ୍ରସଙ୍ଗରେ କୁହାଯାଉଛି, ଇଏ ଯଦି ଗଛର ପତ୍ର ହେଇଥାନ୍ତା, ତେବେ ଖସଖସ ହେଇ ଖସିଥାନ୍ତା ଏବଂ ଏଠାରେ ଶୀର୍ଷକ ହେଇଥାନ୍ତା– 'ପତ୍ରଂ ଖସିତଂ ଖସଂଖସଂ'। ଏଣୁ ଇଏ ଗଛର ପତ୍ର ନୁହେଁ। ଗଛର ପତ୍ରକୁ ଛାଡ଼ି 'ପତ୍ର' ଶବ୍ଦର ଅନେକ ଅର୍ଥ; ଯେମିତି କି ଚିଠି, ଲେଖ, ଲିପି, ଦଲିଲ୍, ହୁକୁମ୍‌ନାମା, ଡେଣା, ଧାତୁର ପାତିଆ, ବାଣର ପକ୍ଷ, ଯାନ, ବାହନ, ଶସ୍ତ୍ରାଦିର ପାତ, ପକ୍ଷୀ, ସମୂହ, ଆଦି, ଇତ୍ୟାଦି ଇତ୍ୟାଦି। କିନ୍ତୁ 'ପତ୍ର'କୁ ନେଇ କୁହାଯାଉଥିବା ଏତେ ସବୁ ଏଇ ପଦାର୍ଥମାନଙ୍କ ଭିତରୁ ଗୋଟାଏ ବି ତ ପଦାର୍ଥ ତରଳ ନୁହଁ; ତେବେ ପତ୍ର ଏମିତି ଥପ ଥପ ହେଇ ବୋହୁଛି କେମିତି ଓ କୋଉଠୁ? ଏଣୁ ସର୍ବାଧିକ ବ୍ୟବହୃତ 'ପତ୍ର'ଶବ୍ଦର ଦ୍ୱିତୀୟ ଅର୍ଥ 'ଚିଠି' ଆଡ଼କୁ ଆସନ୍ତୁ ଏବେ ମୁହାଁଇବା।



ଆମେ ସ୍କୁଲ୍‌ରେ ପଢ଼ିଲା ବେଳେ ଆମର 'ପ୍ରବନ୍ଧ ଓ ପତ୍ରଲିଖନ' ଏକ ପାଠ୍ୟ ଥିଲା। ଚିଠିର ପର୍ଯ୍ୟାୟବାଚକ ପ୍ରାୟ ସବୁ ଶବ୍ଦ ପତ୍ରକୁ ବୁଝାଏ ବା ପତ୍ର ସହ ଯୋଡ଼ି ହେଇଥାଏ; ଏଇ ଯେମିତି କାଗଜପତ୍ର, ନିମନ୍ତ୍ରଣପତ୍ର, ପ୍ରେମପତ୍ର, ଛାଡ଼ପତ୍ର, ନିର୍ଦ୍ଦେଶପତ୍ର, ଅନ୍ତର୍ଦ୍ଦେଶୀୟପତ୍ର, ବହିପତ୍ର, ନଥିପତ୍ର, ବାଣ୍ଟରାପତ୍ର ଇତ୍ୟାଦି। ବହୁ ଖୋଜିଖୋଜି ପରେ ଗୋଟାଏ ଜାଗାରେ ପତ୍ରଗୁଡ଼ା ଥପ ଥପ ହେଇ ନିର୍ଗତ ହେଉଥିବାର ଶୁଣିବାକୁ ମିଳୁଛି; ସେଇଟା ହେଉଛି ସବୁ ଅକଳ କାମମାନ ହେଉଥିବା ସରକାରୀ କଳରେ। ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ବ୍ୟବହାର କରିବାକୁ ନିର୍ଦ୍ଦେଶ ପରେ ପତ୍ରଗୁଡ଼ାକ ଥପ ଥପ ହେଇ ନିର୍ଗତ ହେବା ଆରମ୍ଭ କଲେ। ଆମ ଦପ୍ତରଚର 'ଉପବିଭାଗୀୟ ଅଧିକାରୀ' (ସେକ୍‌ସନ୍ ଅଫିସର୍) ଓରଫ୍ ବଡ଼ବାବୁ ତାଙ୍କ ଉପବିଭାଗର ସାନବାବୁ('ଡିଲେଇଙ୍ଗ୍' ଆସିଷ୍ଟାଣ୍ଟ)ଙ୍କୁ କହିବାର ଶୁଣାଗଲା– "ହେୟ୍ ଅମୁକବାବୁ! ଗଲ...ଗଲ... ସେ ପତ୍ରଟା ନିର୍ଗମନ ବିଭାଗରୁ ନିର୍ଗତ ହେଲା କି ନାହିଁ ଦେଖି ଆସିବ।"

**ଭାଷା ବିଧେୟକ**

ଓଡ଼ିଶା ବିଧାନ ସଭାରେ ୧୯୫୪ରେ 'ଓଡ଼ିଶା ସରକାରୀ ଭାଷା ବିଧେୟକ' ପାରିତ ହେବା ପରେ ଭାଷାକୁ ଭିତ୍ତି କରି ଦିଇଟା ବଡ଼ ସମସ୍ୟା ଦେଖାଦେଲା; ଗୋଟିଏ ହେଲା ଓଡ଼ିଆ ଟାଇପ୍ ମେସିନ୍‌ର ଅଭାବ ଏବଂ ଦ୍ୱିତୀୟଟି ହେଲା ଅଫିସିରେ ବ୍ୟବହୃତ ହେଉଥିବା ଇଙ୍ଗ୍ରାଜୀ ଶବ୍ଦର ଓଡ଼ିଆ ପରିଭାଷା ବା ବିକଳ୍ପ ଶବ୍ଦ କାଢ଼ିବା। ଦିନକୁ ଗଦାଗଦା ସରକାରୀ ଚିଠି ତ ଆଉ ହାତରେ ଲେଖି ହୁଅନ୍ତା ନାହିଁ, ଇଙ୍ଗ୍ରାଜୀ ଟାଇପ୍ ମେସିନ୍ ବଦଳରେ ଓଡ଼ିଆ ଟାଇପ୍ ମେସିନ୍ ଦରକାର ପଡ଼ିଲା। ଗଞ୍ଜାମ ସୋରଡ଼ାର ରଙ୍ଗନାଥ ମହାପାତ୍ର ଓଡ଼ିଆ ଟାଇପ୍ ମେସିନ୍ ଉଦ୍ଭାବନ କଲେ। ଇଙ୍ଗ୍ରାଜୀ ଛୋଟ ଅକ୍ଷର, ବଡ଼ ଅକ୍ଷର ମିଶି ୫୨ଟା ଯୋଗୁଁ ଟାଇପ୍ ମେସିନରେ ସିନା ଜାଗା ଧରୁଛି, ଟାଇପ୍ ମେସିନ୍‌ର ସମୁଦାୟ ୮୬ କି'(୪୩ଟି କି + ସିଫ୍ଟ କି ୪୩)ରେ ଓଡ଼ିଆର ୩୬୬ ଅକ୍ଷର, ଯୁକ୍ତାକ୍ଷର, ମାତ୍ରା, ଫଳା ଆଦି କେମିତି ଜାଗା ହୁଅନ୍ତା? ଛାପାକଳର ସୁବିଧା ପାଇଁ ୧୯୧୪ରେ ସତ୍ୟବାଦୀ ଗୋଷ୍ଠୀ ଆରମ୍ଭ କରିଥିବା ଲିପି ସଂସ୍କାର ଝଡ଼ର ଦ୍ୱିତୀୟ ଲହର ପୁଣି ଆରମ୍ଭ ହେଲା ଟାଇପ୍ ମେସିନ୍ ପାଇଁ। ଓଡ଼ିଆ ବର୍ଣ୍ଣମାଳାର ବାଘକୁ ଇଙ୍ଗ୍ରାଜୀ ବର୍ଣ୍ଣମାଳାର ବିଲେଇ ରୂପ ଦେବାପାଇଁ, ଓଡ଼ିଆ ବର୍ଣ୍ଣମାଳାକୁ ଖର୍ବ କ୍ଷୀଣତନୁ କରିବାକୁ ପ୍ରୟାସ ଆରମ୍ଭ ହେଇଗଲା। ଇ ଈ, ଉ ଊ, ଜ ଯ, ସ ଶ ଷ ଆଦିରୁ ଗୋଟାଏ ଲେଖାଏ ରଖି ଆଉ ସବୁ ଉଡ଼େଇ ଦେବା; ଯୁକ୍ତାକ୍ଷର ବଦଳେ ଅନୁସ୍ୱାର ଓ ହଳନ୍ତ

ଦେଇ ଲେଖି ସମସ୍ୟା ସମାଧାନ ପାଇଁ ବାଟ ଖୋଜାଗଲା। ଲିପିସଂସ୍କାର ପାଇଁ ସରକାର ଶ୍ରୀ ମନମୋହନ ଚୌଧୁରୀଙ୍କୁ ଦାୟିତ୍ୱ ଦେଲେ। ତା.୩୧.୦୭.୫୪ରେ ସମାଜରେ ପ୍ରକାଶିତ ଲିପିସଂସ୍କାର ସମ୍ବନ୍ଧୀୟ ତାଙ୍କ ସୂଚନାତ୍ମକ ଲେଖା ପଢ଼ି ତତ୍କାଳୀନ ବିଧାୟକ ଶ୍ରୀ ପ୍ରତାପ କେଶରୀ ଦେଓ ଆଦି ତାହା ଗ୍ରହଣୀୟ ହୋଇ ପାରିବ ନାହିଁ ବୋଲି ବିଧାନ ସଭାରେ ଦୃଢ଼ ମତ ଦେବାରୁ ସେ ପ୍ରୟାସ ପୂର୍ଣ୍ଣଚ୍ଛେଦ ପଡ଼ିଲା। ୧୯୫୫ରେ କିନ୍ତୁ ଶ୍ରୀ ଚୌଧୁରୀଙ୍କର ଲିପିସଂସ୍କାର ସମ୍ବନ୍ଧୀୟ ପୂର୍ଣ୍ଣାଙ୍ଗ ଚିତ୍ର ଥିବା ଏକ ବହି- 'ଲୀପୀସଂସ୍କାର କଣ ଓ କାହିଁକୀ?'- କଟକ ଗ୍ରାମସେବକ ପ୍ରେସ୍‌ରୁ ପ୍ରକାଶ ପାଇଲା। ଏ ବହିର ନାଆଁରୁ ସ୍ପଷ୍ଟ ବୁଝାପଡ଼େ ଯଦି ସରକାର ଏହାକୁ ଗ୍ରହଣ କରିଥାନ୍ତେ ଓଡ଼ିଆ ଭାଷା ଏବେ ଏକ ପୋଲିଓଗ୍ରସ୍ତ ବିକୃତ ବିକଳାଙ୍ଗ ଭାଷା ହେଇରହିଥାନ୍ତା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ ନିଜ ପୁତୁରା ହେଲେ ବି ମୋହଗ୍ରସ୍ତ ନ ହୋଇ ଭାଷାର ହିତ ଦୃଷ୍ଟିରୁ ଶ୍ରୀ ମନମୋହନ ଚୌଧୁରୀଙ୍କ ଲିପିସଂସ୍କାରକୁ ଗ୍ରହଣ କଲେନାହିଁ।

**ମନମୋହନ ଚୌଧୁରୀଙ୍କ ବହିଟି ଗୃହୀତ ହୋଇଥିଲେ ଓଡ଼ିଆ ଭାଷା ଏବେ ଏକ ପୋଲିଓଗ୍ରସ୍ତ ବିକୃତ ବିକଳାଙ୍ଗ ଭାଷା ହେଇରହିଥାନ୍ତା।**

କିନ୍ତୁ ଟାଇପ୍ ମେସିନ୍ ନ ହେଲେ ଅଫିସିକାମ ଚାଲିପାରିବନି ଏବଂ ଲିପିସଂସ୍କାର ନ ହେଲେ ଟାଇପ୍ ମେସିନ୍ ହେଇପାରିବନି; ଏ ଦୋମୁଣ୍ଡିଆ ସମସ୍ୟାର ସମାଧାନ ପାଇଁ ଓଡ଼ିଶା ସରକାର ୧୬୧୦।୬୨ରେ ଏକ କମିଟି ଗଠନ କଲେ: ୧. ରାଧାନାଥ ରଥ -ସମ୍ପାଦକ, ସମାଜ, ଚେୟାରମ୍ୟାନ, ୨. ଡକ୍ଟର ପ୍ରାଣକୃଷ୍ଣ ପରିଜା, କୁଳପତି - ସଭ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ୩. ଡକ୍ଟର ସଦାଶିବ ମିଶ୍ର, ଡିରେକ୍ଟର, ଶିକ୍ଷା ବିଭାଗ, ୪. ଶ୍ରୀଧର ମହାପାତ୍ର, ପ୍ରକାଶକ, ଗ୍ରନ୍ଥ ମନ୍ଦିର, ୫. ମନମୋହନ ମିଶ୍ର, ସମ୍ପାଦକ, କଳିଙ୍ଗ, ୬. ଅଧ୍ୟାପକ ବୈଦ୍ୟନାଥ ରଥ, ପ୍ରିନ୍‌ସିପାଲ୍, ରାଧାନାଥ ଟ୍ରେନିଂ କଲେଜ, ୭. ଡକ୍ଟର ମାୟାଧର ମାନସିଂହ, ୮. ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ, ୯. ଉଦୟନାଥ ମିଶ୍ର, ସୁପରିଟେଣ୍ଡେଣ୍ଟ, ଓଡ଼ିଶା ଗଭର୍ଣ୍ଣମେଣ୍ଟ୍ ପ୍ରେସ୍, ସେକ୍ରେଟାରୀ। "ଜଣାଯାଇଛି, ଏହି କମିଟି ନିତାନ୍ତ ଆବଶ୍ୟକ ଲିପିସଂସ୍କାର ସମ୍ବନ୍ଧୀୟ ତାଙ୍କର ସର୍ବସମ୍ମତ ସୁପାରିଶ ସରକାରଙ୍କୁ ଦେଇଛନ୍ତି।"('ଓଡ଼ିଆ ଲିପିସଂସ୍କାର'-ଓଡ଼ିଆ ପ୍ରକାଶନ ଓ ପ୍ରସାରଣର ଇତିହାସ- ଶ୍ରୀଧର ମହାପାତ୍ର ଶର୍ମା, ପ୍ରଥମ ସଂସ୍କରଣ, ପ୍ରଥମ ଭାଗ, ଉତ୍ତରାର୍ଦ୍ଧ ପୃଷ୍ଠା-୧୨୬)। ଏ କମିଟି ରିପୋର୍ଟ କାମ ଦେଲାନି କି ସମସ୍ୟାର ସମାଧାନ ହେଲାନି।

### ଟାଇପ୍-ରାଇଟର୍ ପ୍ରସଙ୍ଗ

୧୯୮୫ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଓଡ଼ିଶା ସରକାରୀ ଭାଷା ବିଲ୍ ସଂଶୋଧନ ଅବସରରେ ବିଧାନ ସଭାରେ କହିଥିଲେ- "ଏ ସମ୍ପର୍କରେ ଆଉ ଗୋଟାଏ ପ୍ରଶ୍ନ ଉଠିଲା- ଟାଇପ୍-ରାଇଟର୍ ବିଷୟ। ଆମର ସେଥିରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ସେ ଅନୁସାରେ ଏ ବର୍ଷ ଭିତରେ, ଅର୍ଥାତ୍ ୧୯୮୪-୮୫ରେ ଟାଇପ୍- ରାଇଟର୍ ମଧ୍ୟ ସୁଧୁରାଯାଇଛି। ୧୯୮୨ରେ ଗୋଟିଏ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା ଏବଂ ସେ କମିଟି ସୁପାରିଶ ଅନୁସାରେ ଯେଉଁ ପୁରୁଣା ଟାଇପ୍-ରାଇଟର୍ ଥିଲା ତାକୁ ସଂସ୍କାର କରାଯାଇଛି। ସେଥିରେ ଯେଉଁ 'ନ୍ୟୁମେରିକାଲ୍‌ସ୍' ଅଛି ସେ ହେଉଛି ଆନ୍ତର୍ଜାତିକ ନ୍ୟୁମେରିକାଲ୍‌ସ୍ । ୧୯୮୫-୮୬ରେ ୨୦୭୭ ଟାଇପ୍-ରାଇଟର୍ କିଣାଯିବ ଓ ଆଗରୁ ୨୧୪୭ ଟାଇପ୍-ରାଇଟର୍ କିଣାଯାଇଥିଲା। ଆଉ ଏ ଭିତରେ ୬୯୯ ଟାଇପ୍-ରାଇଟର୍ ଆଣି ସାରିଲୁଣି। ବାକି ପ୍ରାୟ ୨୦୦୦ ଟାଇପ୍-ରାଇଟର୍ ପାଇଁ ୩୩୫ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି ଓ ତାହା ମିଳିବାରେ ଅସୁବିଧା ନାହିଁ।" ସେତେବେଳକୁ ବଜାରକୁ କମ୍ପ୍ୟୁଟର ଆସିଯିବାରୁ ଟାଇପ୍ ମେସିନ୍ ଅସୁବିଧା ଅଧ୍ୟାୟର ଇତି ହେଇଗଲା।

ଏଥର ଆସିବା ଦ୍ୱିତୀୟ ସମସ୍ୟା ପ୍ରସଙ୍ଗକୁ- ଦ୍ୱିତୀୟଟି ହେଲା ଅଫିସିରେ ବ୍ୟବହୃତ ହେଉଥିବା ଇଙ୍ଗ୍ରାଜୀ ଶବ୍ଦର ଓଡ଼ିଆ ପରିଭାଷା ବା ଓଡ଼ିଆ ପ୍ରତିଶବ୍ଦ କାଢ଼ିବା। ସହଜରେ ଯେପରି ଇଂରାଜୀ ପରିବର୍ତ୍ତେ ଓଡ଼ିଆ ଭାଷା ବ୍ୟବହୃତ ହେଇପାରିବ, ସେଥିନିମନ୍ତେ ପ୍ରଶାସନ କ୍ଷେତ୍ରରେ ସାଧାରଣତଃ ବ୍ୟବହୃତ ହେଉଥିବା ଇଂରାଜୀ ଶବ୍ଦଗୁଡ଼ିକର ଓଡ଼ିଆ ପ୍ରତିଶବ୍ଦ ଥିବା ଗୋଟିଏ ଶବ୍ଦକୋଷ ସଂକଳନପାଇଁ ଏକ ସମିତି ଗଠନ କରାଗଲା ଓ ୧୯୫୫ ନଭେମ୍ବର ମାସରେ ପ୍ରକାଶ ପାଇଲା

'ଓରିଆ ଗ୍ଲସାରୀ ଅଫ୍ ଦି ଇଂଲିଶ୍ ଟର୍ମସ୍' ଓ ଏହାର ଦ୍ୱିତୀୟ ଖଣ୍ଡ ୧୯୫୯ରେ ପ୍ରକାଶିତ ହେଲା ଏବଂ ତା'ର ଦ୍ୱିତୀୟ ସଂସ୍କରଣ ୧୯୭୯ରେ ପ୍ରକାଶିତ ହେଲା। ୧.୪.୧୯୮୪ରେ ପ୍ରକାଶ ପାଇଲା 'ପ୍ରଶାସନ ଶବ୍ଦକୋଷ' ଏବଂ ଏହାର ପରିମାର୍ଜିତ ପରିବର୍ଦ୍ଧିତ ସଂସ୍କରଣ ୧୯୯୬ରେ ସରକାର ପ୍ରକାଶ କଲେ। ରାଜ୍ୟ ପାଠ୍ୟ ପୁସ୍ତକ ପ୍ରକାଶନ ଓ ପ୍ରଣୟନ ସଂସ୍ଥା ମଧ୍ୟ ୨୦୦୨ରେ 'ପ୍ରଶାସନ ପରିଭାଷା' ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନ 'ପ୍ରଶାସନ ଶବ୍ଦକୋଷ' ୨୦୧୦, ଏବଂ ତା'ର ପରିବର୍ଦ୍ଧିତ ସଂସ୍କରଣ ୨୦୧୬ରେ ପ୍ରକାଶ କଲେ।

**ରାଇସ୍... ରାଇସ୍**

ଆଗେ ଗାଆଁମାନଙ୍କରେ ଭୋଜିଭାତ ଜନ୍ତାଳରେ ଭାତ ପରଷୁଥିବା ଲୋକଟି ବାଉଁଶ ଚାଟିଟୋକେଇରେ ଭାତ ପରଷିବା ବେଳେ 'ଅନ୍ନ...ଅନ୍ନ...ଅନ୍ନ?' -କହିବାର ଶୁଣାଯାଉଥିଲା। ଏବେ ଆଉ ଭୋଜିରେ ଭାତ ଯଚାଯାଉନି, ଭାତ ମଗାଯାଉଛି ମାଗିଖିଆ ଭୋଜି (ବଫେ)ରେ। ଓଡ଼ିଆ 'ଭାତ' ଓ ସଂସ୍କୃତ 'ଅନ୍ନ' ଛାଡ଼ି ବାବୁମାନେ ଏବେ ଇଙ୍ଗ୍ରାଜୀ 'ରାଇସ୍... ରାଇସ୍' ମାଗୁଥିବାର ଶୁଣାଯାଉଛି। ସକାଳେ ପତ୍ନୀଙ୍କି 'ପଖାଳ ପୁଞ୍ଜିଏ ଦିଅ' କହୁଥିବା ପତିଜାତୀୟ ପୁରୁଷଟି ସଞ୍ଜରେ ଭାତକୁ ଅନ୍ନ ବା ଚାଇସ୍ କହିବା ଭଳି 'ଇସୁ ସେକ୍ସନ୍‌ରୁ ଚିଠିଟା ଇସୁ ହେଲା କି ନାହିଁ ଦେଖିଆସିବ ଗଲ' ନ କହି 'ପତ୍ରଟା ନିର୍ଗମନ ବିଭାଗରୁ ନିର୍ଗତ ହେଲା କି ନାହିଁ ଦେଖି ଆସିବ'; ଏହା ହେଉଛି ପାରିଭାଷିକ ପ୍ରମାଦସମ୍ଭୂତ ଅମଲାତାନ୍ତ୍ରିକ ଅତିକୃତି ବା ଅମଲାତାନ୍ତ୍ରିକ ଅତିବିସ୍ତରର ଉଦାହରଣ।




ସବୁ କଲମଚାଷରେ ସାହିତ୍ୟ ଫଳେନାହିଁ, ତା'ର ପ୍ରକୃଷ୍ଟ ପ୍ରମାଣ ଆମ ସରକାରୀ ନଥିପତ୍ରର ଲିଖିତ ଭାଷା। ଏମିତି କି କାର୍ଯ୍ୟାଳୟର କଥିତ ଭାଷା ଭାର୍ଯ୍ୟାଳୟର ଭାଷିତ ଭାଷାଠାରୁ ଭିନ୍ନ। ଦପ୍ତର ଦୁଆର ଡେଇଁ ନୋଟ୍, ଡ୍ରାଫ୍ଟ, ଫାଇଲ୍, ଅର୍ଡର, ସିଏଲ୍, ଇଏଲ୍ ଆଦି ଶବ୍ଦ ଭାର୍ଯ୍ୟାଳୟର ଭେଡ଼ ଭାଙ୍ଗି ପଶିପାରେ ନାହିଁ, କି ପରିବାର ପରିମଣ୍ଡଳର ପ୍ରେମ, ପ୍ରୀତିର ପରିଭାଷା ଦପ୍ତରର ଦାଣ୍ଡଦୁଆର ମାଡ଼େନାହିଁ। ସ୍ଥାନ, କାଳ, ପାତ୍ର ଭେଦରେ କିଛି ଶବ୍ଦର ଅର୍ଥ ବେଳେବେଳେ ଅନର୍ଥ ହେଇଯାଏ, କଦର୍ଥ ପାଲଟିଯାଏ; ଯେମିତି କି କାର୍ଯ୍ୟାଳୟରେ 'ଇସୁ ହେବା' ଓ ଭାର୍ଯ୍ୟାଳୟରେ 'ଇସୁ ହେବା' ସମ୍ପୂର୍ଣ୍ଣ ଭିନ୍ନ ଅର୍ଥ ପ୍ରକଟ କରେ। ସେକ୍ସନ୍ ଅଫିସର୍ ତାଙ୍କ ଡିଲିଙ୍ଗ୍ ଆସିଷ୍ଟାଣ୍ଟ୍‌ଙ୍କୁ ଯଦି କହିଥାନ୍ତେ- "ହେୟ୍! ଗଲ...ଗଲ...ସେ ଚିଠିଟା ଇସୁ ସେକ୍ସନ୍‌ରୁ ଇସୁ ହେଲା କି ନାହିଁ ଦେଖି ଆସିବ।"- ଏଥିରେ କ'ଣଟା ଏମିତି ପ୍ରଣବ ଅଶୁଦ୍ଧି ହେଇଯାଇଥାନ୍ତା? ସରକାରୀ କଳରେ ବ୍ୟବହୃତ 'ନୋଟ୍, ଡ୍ରାଫ୍ଟ, ଫାଇଲ୍, ଅର୍ଡର, ସିଏଲ୍, ଇଏଲ୍, ସେକ୍ସନ୍ ଅଫିସର' ଆଦି ଶବ୍ଦ ଯେମିତି ସହଜ ସ୍ୱଚ୍ଛନ୍ଦରେ ବ୍ୟବହାର କରିହେବ 'ଟିପ୍ପଣୀ, ଚିଠା, ନଥି, ନିର୍ଦ୍ଦେଶ, ଆପାତ୍ତିକ ଛୁଟି, ଅର୍ଜିତ ଛୁଟି, ଉପବିଭାଗୀୟ ଅଧିକାରୀ' ସେମିତି ସହଜରେ ବ୍ୟବହାର କରିହେଉଚି କି? ଫାଇଲ୍ ମୁଭ୍‌ମେଣ୍ଟ୍ ନ କହି 'ନଥିଚାଳନା' କହିଲେ ମହାଭାରତ ଯୁଦ୍ଧରେ ରଥଚାଳନା ଭଳି ଲାଗୁଛି।

କେଞ୍ଚି କୁନ୍ଥେଇ କରି, ଚାପି ଚୁପୁଡ଼ି କରି ଆମେ ସେ ସବୁର କେତେ ଖାଣ୍ଟି ଓଡ଼ିଆ ପ୍ରତିଶବ୍ଦ କାଢୁଥିବା? ଓଡ଼ିଆ କରିବାକୁ ଯାଇ କିନ୍ତୁ ବହୁକ୍ଷେତ୍ରରେ ଆମେ ସଂସ୍କୃତରେ ପାଗକରି ପୁଳାଏ ପଥରପ୍ରାୟ ଶବ୍ଦ ସୃଷ୍ଟି କରିବସୁଛୁ, ଯୋଉଗୁଡ଼ାକ ପ୍ରକୃତପକ୍ଷେ ସାଧାରଣରେ ସହଜ ଉଚ୍ଚାରଣୀୟ, ବ୍ୟବହାର ଉପଯୋଗୀ ହେଉନାହିଁ। 'ରେଫ୍ରିଜରେଟର୍' ଗୋଟିଏ ଇଂରାଜୀ ଶବ୍ଦ, ବିଭିନ୍ନ ସରକାରୀ ଶବ୍ଦକୋଷରେ ଦିଆଯାଇଥିବା ଏହାର ଓଡ଼ିଆ ପ୍ରତିଶବ୍ଦଗୁଡ଼ିକୁ ଉଦାହରଣ ଭାବେ ନିଆଯାଇପାରେ:

୧. ପ୍ରଶୀତକ, ଶୀତଳୀ : 'ଓରିଆ ଗ୍ଲସାରୀ ଅଫ୍ ଇଂଲିଶ୍ ଟର୍ମସ୍,' ପ୍ରକାଶକ - କ୍ୟାବିନେଟ୍ ବିଭାଗ, ଓଡ଼ିଶା ସରକାର ୧୯୫୫; ପୃଷ୍ଠା-୨୬୦।

୨. ଶୀତଳୀକାଭକ : 'ଓରିଆ ଗ୍ଲସରୀ ଅଫ୍ ଇଂଲିଶ୍ ଟର୍ମସ୍, ଭାଗ-୨, ଦ୍ୱିତୀୟ ସଂସ୍କରଣ', ପ୍ରଶୀତକ, ଶୈତ୍ୟକାରକ, ପ୍ରକାଶକ: ରାଜନୀତିକ ଏବଂ

ଶାସନସଂସ୍ଥା ବିଭାଗ-୧୯୭୯; ପୃଷ୍ଠା-୪୩୫ ।

୩. ଶୀତଳକ ଯନ୍ତ୍ର: ପ୍ରଶାସନ ଶବ୍ଦକୋଷ, ପ୍ରକାଶକ-ବିଧି ବିଭାଗ, ଓଡ଼ିଶା ସରକାର-୧୯୮୪; ପୃଷ୍ଠା-୧୮୯ ।

୪. ଶୀତଳକ: ପ୍ରଶାସନ ଶବ୍ଦକୋଷ, ପ୍ରକାଶକ- ବିଧି ବିଭାଗ, ଓଡ଼ିଶା ସରକାର-୧୯୯୬; ପୃଷ୍ଠା-୧୫୧ ।

୫. ଶୀତଳକ, ରେଫ୍ରିଜିରେଟର: ପ୍ରଶାସନ ଶବ୍ଦକୋଷ, ପ୍ରକାଶକ-ଓଡ଼ିଆ ଭାଷା ପ୍ରତିଷ୍ଠାନ-୨୦୧୦; ପୃଷ୍ଠା-୨୨୯ ।

୬. ଶୀତଳକ, ଶୀତଳୀକରଣ ଯନ୍ତ୍ର: ପ୍ରଶାସନ ପରିଭାଷା, ପ୍ରକାଶକ- ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର- ପ୍ରଥମ ପ୍ରକାଶ-୨୦୦୨; ପୃଷ୍ଠା-୨୯୮ ।

୭. ଶୀତଳୀକରଣ ଯନ୍ତ୍ର ବା ରେଫ୍ରିଜିରେଟର୍: ବ୍ୟୁରୋ'ସ୍ ଇଂଲିଶ ଓରିଆ ଡିକ୍ସିନାରୀ, ଓରିଶା, ଶୀତଳ ଭଣ୍ଡାର, ପ୍ରକାଶକ - ଓଡ଼ିଶା ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୨୦୦୦; ପୃଷ୍ଠା-୬୭୮ ।

୮. ଭିତର ଥଣ୍ଡା ରଖାଯାଇ ପାରୁଥିବା ଆଲମାରି ବାକ୍ସ ବା କୋଠରି: 'ଅକ୍ସଫୋର୍ଡ ଇଂଲିଶ-ଇଂଲିଶ-ଓରିଆ ଡିକ୍ସନାରୀ' - ଅକ୍ସଫୋର୍ଡ ୟୁନିଭରସିଟି ପ୍ରେସ୍, ପ୍ରଥମ ସଂସ୍କରଣ, ୨୦୦୪, ପୃଷ୍ଠା- ୮୭୫

୯. ଶୀତଳକ ଯନ୍ତ୍ର, ଦ୍ରବ୍ୟ: ଅଜନ୍ତା'ସ୍ ଇଂଲିଶ୍-ଇଂଲିଶ୍-ଓରିଆ ଡିକ୍ସନାରୀ, ଅଜନ୍ତା ପବ୍ଲିକେଶନ, ପ୍ରଥମ ସଂସ୍କରଣ, ପୃଷ୍ଠା-୮୧୮ ।

ଉଲ୍ଲିଖିତ ନବଧା ଉଦାହରଣରୁ କେଉଁଟି ଗ୍ରହଣୀୟ ? କେହି ଜଣେହେଲେ ଓଡ଼ିଆ କେବେ ରେଫ୍ରିଜିରେଟରକୁ କହୁଛି କି 'ଶୀତଳୀ', 'ପ୍ରଶୀତକ', 'ଶୀତଳୀକାଭକ' ବା 'ଶୀତଳକଯନ୍ତ୍ର' କହିବାକୁ, ବୁଝିବାକୁ ଓ ମନେରଖିବାକୁ 'ଲିଭର୍ ଅଫ୍ ସଲଫର୍' ଯେତିକି ସହଜ ହେବ, ତା'ର ଓଡ଼ିଆ 'ଦହାତୁ ପ୍ରାଙ୍ଗାରୀୟ ଓ ଶୁଲ୍ବାରିର ଏକତ୍ର ତାପଜନିତ ରକ୍ତପିଙ୍ଗଳ ଉତ୍ପନ୍ନ ଦ୍ରବ୍ୟ' ସେତିକି ସହଜ ହେବ କି ? ଇଂରାଜୀ ଶବ୍ଦ 'ବଟନ୍'କୁ ବୋତାମ ନ କହି ଗ୍ଲୋସାରି ଅନୁସରଣରେ ତାକୁ 'କୁଡ୍ମ' କହିଲେ କିଏ ବୁଝିବ ? ମୁଖ୍ୟମନ୍ତ୍ରୀ ଜନୈକ ମନ୍ତ୍ରୀଙ୍କ 'ପତ୍ରକୋଷ' କାଢ଼ିନେଇଛନ୍ତି ଶୁଣିଲେ ଯେ କେହି ଭାବିବ ପିତ୍ତକୋଷ, ଅଣ୍ଡକୋଷ ଭଳି ପତ୍ରକୋଷ ମନ୍ତ୍ରୀଙ୍କର ଗୋଟାଏ କିଛି ଅଙ୍ଗ, କିନ୍ତୁ ମନ୍ତ୍ରୀଙ୍କ ପୋର୍ଟଫୋଲିଓ କାଢ଼ିନେଇଛନ୍ତି ଲେଖିଲେ ସହଜରେ ବୁଝାପଡ଼ିଥାନ୍ତା । -ଇଏ ସବୁ ଓଡ଼ିଆ ଭାଷାକୁ ସରକାରୀ କାର୍ଯ୍ୟାଳୟରେ ବ୍ୟବହାର କରିବାକୁ ସରକାର ବହୁ ଶ୍ରମ, ଶକ୍ତି ଓ ଅର୍ଥ ଶ୍ରାଦ୍ଧକରି ପ୍ରସ୍ତୁତ ଓ ପ୍ରକାଶ କରିଥିବା ଗ୍ଲୋସାରିର ଶବ୍ଦସମୂହ । ଯୋଉ ଶବ୍ଦ କେହି ବୁଝନ୍ତି ନାହିଁ, କେହି ବ୍ୟବହାର କରନ୍ତି ନାହିଁ, ଆମେ ଯେତେ ଜବରଦସ୍ତ କରି ଗୁଞ୍ଜିଲେ ବି କେହି ସେ ସବୁକୁ ଗ୍ରହଣ କରିବେ ନାହିଁ । ଏଣୁ ଆଦୌ ବ୍ୟବହାରରେ ଆସୁନଥିବା ଏମିତିଗୁଡ଼ାଏ ଶବ୍ଦ କେଞ୍ଚି କୁଣ୍ଢେଇ ତିଆରି କରି ବରଂ ଅଧିକ ସମସ୍ୟାକୁ ଆହ୍ୱାନ କରାଯାଇଛି । ଏଇ ପ୍ରକାର ଅଯଥା ଅବୋଧ ଓଡ଼ିଆ ଶବ୍ଦପାଇଁ ଏପର୍ଯ୍ୟନ୍ତ ଓଡ଼ିଆ ସରକାରୀ ଭାଷା ହେଇପାରିନି ।

**ଶିକ୍ଷାର ବିକାଶ ସହିତ ଭାଷାର ବିନାଶ ହେଇଚାଲିଛି । ଶିକ୍ଷିତ, ସମ୍ଭ୍ରାନ୍ତଘର ପିଲାମାନେ ମାତୃଭାଷା ଓଡ଼ିଆରେ ପିତୃନାମ ଲେଖିବାକୁ ଅସମର୍ଥ ।**

## ଆଁ'ରେ ଓଡ଼ିଆଭାଷା

ଆଜିକାଲି ଇଂରାଜୀ ଭାଷାର ଅଜଗରୀ ଆଁ'ରେ ଓଡ଼ିଆଭାଷା ଅଧାଗିଳା ହେଲାଣି । ଓଡ଼ିଶାରେ ଶିକ୍ଷାର ବିକାଶ ସହିତ ଭାଷାର ବିନାଶ ହେଇଚାଲିଛି । ସହରୀ, ଶିକ୍ଷିତ, ସମ୍ଭ୍ରାନ୍ତଘର ପିଲାମାନେ ମାତୃଭାଷାରେ ପିତୃନାମ ଲେଖିବାକୁ ଅକ୍ଷମ, ଅସମର୍ଥ । ଏମାନେ ବିଶ୍ୱବିଦ୍ୟାଳୟ ଡିଗ୍ରୀଧାରୀ ଉଚ୍ଚଶିକ୍ଷିତ, କିନ୍ତୁ ଓଡ଼ିଆ ଭାଷାରେ ନିରକ୍ଷର,ଏମାନେ ହେଉଛନ୍ତି 'ଶିକ୍ଷିତ ଓଡ଼ିଆନିରକ୍ଷର ଗୋଷ୍ଠୀ' । ଏମାନଙ୍କ ପାଟିର ପରିଧିକି ବି ହିନ୍ଦୀ ଆଉ ଇଂରାଜୀ ଜବରଦଖଲ କଲାଣି । କବାଟ କଣ୍ଡିବାଟେ ଏମାନଙ୍କ ଘରକୁ ଇଂରାଜୀଭାଷା ଅନୁପ୍ରବେଶ କରି ଯାଙ୍କ ଶୋଇବାଘରକୁ 'ବେଡ୍ ରୁମ୍', ବସିବାଘରକୁ 'ଡ୍ରଇଙ୍ଗ୍ ରୁମ୍', ରାନ୍ଧିବାଘରକୁ 'କିଚିନ୍' କରିସାରିଲାଣି । ଏମାନଙ୍କ ପାଟିରୁ 'ଚିକେନ୍, ମଟନ୍, ମିକ୍ସଚର୍' ବ୍ୟତୀତ 'କୁକୁଡ଼ାମାଂସ, ଖାସିମାଂସ, ଚଣାଚୁର୍' ଭଳି ଓଡ଼ିଆ ଶବ୍ଦ କେବେ କେହି ଶୁଣିଲେଣି କି ? ଏମାନେ ପ୍ରାୟ ସମସ୍ତେ ସହରୀ, ସରକାରୀ କର୍ମଚାରୀ କିମ୍ବା ତାଙ୍କ ସନ୍ତାନ ବା ସମ୍ପର୍କୀୟ । ଯଦି ଭୁବନେଶ୍ୱରର ସବୁ ବ୍ୟାଙ୍କ ପାସ୍‌ବୁକ୍ ଖୋଲାଯିବ, କେତେଜଣ

> **ପଞ୍ଜୁରିରେ ଥିବା ପକ୍ଷୀକୁ ବାହାରେ ଛାଡ଼ିଲେ ଯେମିତି ସେ ଉଡ଼ି ପାରେନାହିଁ, ଓଡ଼ିଆ ଲେଖିଲା ବେଳକୁ ସେହି ଦଶା ସରକାରୀ କର୍ମଚାରୀଙ୍କର ।**

ଓଡ଼ିଆରେ ଦସ୍ତଖତ କରୁଥିବାର ଦେଖାଯିବ? କୌଣସି ଭାଷା ନିତ୍ୟବ୍ୟବହାରରେ ନ ଲାଗିଲେ ତା'ର ମୃତ୍ୟୁ ଅନିବାର୍ଯ୍ୟ। ଆଜିକାଲି ଦପ୍ତରଚର କୁନି କର୍ମଚାରୀଟିର ପିଲା ବି ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଛି। ବର୍ଷବର୍ଷ ଧରି ପଞ୍ଜୁରିରେ ରହୁଥିବା ପକ୍ଷୀକୁ ବାହାରେ ଛାଡ଼ିଲେ ଯେମିତି ସେ ଉଡ଼ି ପାରେନାହିଁ, ଦପ୍ତରଚର ସରକାରୀ କର୍ମଚାରୀମାନଙ୍କ ହାତ ଇଂରାଜୀ ରାମ୍ପିରାମ୍ପି ଏମିତି ଗତରେ ପଡ଼ିଗଲାଣି ଯେ ଓଡ଼ିଆରେ କିଛି ଗୋଟାଏ ଲେଖିଲା ବେଳକୁ ସହଜ ସ୍ୱଚ୍ଛନ୍ଦରେ ସେମାନଙ୍କ ହାତ ଚାଲେନାହିଁ । ଓଡିଶାର ଲକ୍ଷଲକ୍ଷ ସରକାରୀ କର୍ମଚାରୀ ଯଦି ନିତିଦିନ ତାଙ୍କ ଫାଇଲିରେ ଓଡ଼ିଆ ଲେଖିବେ ଓ ପଢ଼ିବେ: ଓଡ଼ିଆ ଅକ୍ଷର, ଶବ୍ଦ ଆଉ ବାକ୍ୟ ଉପରେ ସେମାନଙ୍କ ଦୃଷ୍ଟି ପଡ଼ିବ, ଓଡ଼ିଆ ଭାଷାକୁ ସେମାନଙ୍କ ମନ ଲୋଡ଼ିବ। ଓଡ଼ିଆ ଅକ୍ଷର ଆଉ ଶବ୍ଦସବୁ ଘଷିମାଜି ହେଇ ଫାଇଲ ଭିତରୁ ସୁନାଭଳି ଝଟକିବେ। ଅଧିକାଂଶ ଓଡ଼ିଆରେ ଭାବି ଇଂରାଜୀରେ ଲେଖନ୍ତି, ଏ ଅଭ୍ୟାସ ଛାଡ଼ି ପ୍ରତ୍ୟେକ ସରକାରୀ କର୍ମଚାରୀ ଫାଇଲିରେ ଥିବା ପ୍ରସଙ୍ଗ ଉପରେ ଯାହା ବିଚାରୁଛନ୍ତି, ଚିନ୍ତାକରୁଛନ୍ତି ବା ଭାବୁଛନ୍ତି ସେଇ କଥା ଉପରିସ୍ଥ ବା ନିମ୍ନସ୍ଥଙ୍କୁ ଯୋଉ ଭାଷାରେ କହିଥାନ୍ତେ, ସେଇ ଭାଷାରେ ଲେଖନ୍ତୁ; କିନ୍ତୁ ଓଡ଼ିଆ ଲିପିରେ ଲେଖନ୍ତୁ। ଏପରି ହେଇଥିଲେ କେବେଠୁ ଓଡ଼ିଆ ଭାଷା ସରକାରୀ ଫାଇଲିପତ୍ରରେ ଆସ୍ଥାନ ଜମେଇ ସାରନ୍ତାଣି।

୧୯୫୪ରେ 'ଓଡ଼ିଶା ସରକାରୀ ଭାଷା ବିଧେୟକ' ଆଣିଥିବା ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କଠାରୁ ନବୀନ ପଟ୍ଟନାୟକଙ୍କ ପର୍ଯ୍ୟନ୍ତ ୧୩ଜଣ ମୁଖ୍ୟମନ୍ତ୍ରୀ ଗଲେଣି; କିନ୍ତୁ ଓଡ଼ିଆ ଭାଷା ସରକାରୀ ଫାଇଲିର ଡୋର ଫିଟେଇ ଭିତରେ ପଶିପାରିଲା ନାହିଁ। ନବକୃଷ୍ଣ ଚୌଧୁରୀ ଓ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଛାଡ଼ିଦେଲେ ଏଥିପ୍ରତି ଅନ୍ୟ କେହି ଆନ୍ତରିକତାର ସହ ଗୁରୁତ୍ୱ ଦେଇନାହାନ୍ତି। ତମେ ଓଡ଼ିଶା ସରକାରଙ୍କ ଅଧୀନରେ ଚାକିରି କରିଛ, ଓଡ଼ିଶା ସରକାରୀ ରାଜକୋଷରୁ ଦରମା ନେଉଛ; 'ଓଡ଼ିଆ' ଓଡ଼ିଶାର ଭାଷା, ଏଇ ଓଡ଼ିଆ ଭାଷା ପାଇଁ ଏ ରାଜ୍ୟ ସ୍ୱତନ୍ତ୍ର ରାଜ୍ୟ ଓଡ଼ିଶା ହେଇଛି; ତମେ ଓଡ଼ିଆରେ ନ ଲେଖିବ କାହିଁକି? 'ଯିଏ ନ ଲେଖିବ ସେ ମାସରେ ତାଙ୍କ ଦରମା ବନ୍ଦ'- ଏମିତି ଗୋଟାଏ ସରକାରୀ ନିର୍ଦ୍ଦେଶ ସହ କଡ଼ାକଡ଼ି ଭାବେ ଏହାର ଅନୁପାଳନ ପ୍ରତି ଗୁରୁତ୍ୱ ଦିଆଗଲେ କେମିତି କିଏ ଓଡ଼ିଆରେ ନ ଲେଖିବ ତ ଦେଖିବା! ଓଡ଼ିଶା ସଚିବାଳୟରେ ବାଞ୍ଛୁ ସାହୁ ବୋଲି ଜଣେ ଡେପୁଟି ସେକ୍ରେଟେରୀ ଥାଆନ୍ତି। ୧୯୫୪ ଓଡ଼ିଶା ସରକାରୀ ଭାଷା ବିଧେୟକ ନଗଦାନଗଦି ପାରିତ ହେଇଥାଏ। ବାଞ୍ଛୁ ସାହୁଙ୍କ ପାଖକୁ ଗୋଟାଏ ଫାଇଲ୍ ଗଲା। ସେ 'ଆଜ୍ ପ୍ରପୋଜଡ୍' ଲେଖି ଦସ୍ତଖତ କରିବା ଜାଗାରେ ଲେଖିଲେ- 'ଯେମିତି ଅଛି ସେମିତି ଥାଉ, ଇତି ଶ୍ରୀ ବାଞ୍ଛୁ ସାହୁ'। ଶ୍ରୀ ବାଞ୍ଛୁ ସାହୁ କେବେଠୁ ସ୍ୱର୍ଗକୁ ଗଲେଣି, କିନ୍ତୁ ଓଡ଼ିଆକୁ ସରକାରୀ ଭାଷା କରିବା କଥା ଯେମିତି ଥିଲା ସେମିତି ଅଛି; ଯଠାରୁ ବଳି ବଡ଼ ଦୁର୍ଭାଗ୍ୟ ଆଉ କ'ଣ ଥାଇପାରେ???

□□

ଲେଖକଙ୍କ ଇ-ମେଲ ଠିକଣା:
baishnabamohanty@gmail.com

*ଲେଖକ -ବନ୍ଧୁମାନଙ୍କୁ ଅନୁରୋଧ*




'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା **info@sahityacharcha.com**

**କିମ୍ବା ହ୍ୱାଟସ୍ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।**

**ବିଶେଷ ସୂଚନା ପାଇଁ ଦେଖନ୍ତୁ:**

www.sahityacharcha.com/submit-articles



# ମୌସୁମୀର ଶେଷ ବର୍ଷା

ଗଳ୍ପ

ସତ୍ୟ ମିଶ୍ର

ଅକ୍ଟୋବର ସତେଇଶି ତାରିଖ ଅପରାହ୍ଣର ଘଟଣା । ଦେବେଶ ଦତ୍ତ ବର୍ଷାରେ ଓଦାହୋଇ ସ୍କୁଟରରେ ଆସି ରାଜ୍ ଟାୱାରରେ ପହଞ୍ଚିଲେ । ତଳେ ଠିକଣା ଜାଗାରେ ସ୍କୁଟର ରଖି ତରବରରେ ଲିଫ୍ଟ ପାଖକୁ ଗଲେ ଓ ସପ୍ତମ ମହଲାକୁ ଉଠି ଜୋଡିଆକ୍ ଲଜିଷ୍ଟିକ୍ସ ଅଫିସ୍‌ରେ ପହଞ୍ଚିଲେ । ସେଠି ସେ ଚାକିରି କରନ୍ତି, କିନ୍ତୁ ପ୍ରତିଦିନ ଅଫିସ୍ ଆରମ୍ଭ ହୁଏ ଦିନ ଦଶଟାରେ । ତେଣୁ ଏବେ ତାଙ୍କ ଆଗମନ ବହୁ ବିଳମ୍ବିତ । ମୁଣ୍ଡର ବିପର୍ଯ୍ୟସ୍ତ କେଶରୁ ଓ ପିନ୍ଧିଥିବା ପୋଷାକରୁ ଟୋପାଟୋପା ପାଣି ଝରୁଥାଏ । ବାହାରେ ଠିଆହୋଇ ଅଫିସ୍‌ର କାଚ ଦରଜାରେ ପ୍ରଦର୍ଶିତ ଜୋଡିଆକ୍ ଲଜିଷ୍ଟିକ୍ସର ନୀଳ ଲୋଗୋକୁ ଅନାଇ କିଛି ଚିନ୍ତାକଲେ ।



ହେମନ୍ତ ଋତୁ ହୋଇଥିବାରୁ ବର୍ଷା ହେବାକଥା ନୁହେଁ । କିନ୍ତୁ ପାଣିପାଗ ତ ତା' ନିଜ ଇଚ୍ଛାର ମାଲିକ । କେଉଁ ଦୂରରୁ, ବୋଧହୁଏ ନିକୋବାର୍ ଦ୍ୱୀପଆଡୁ ନିରୀହ ଲଘୁଚାପଟିଏ ବଙ୍ଗୋପସାଗରର ଉତ୍ତାଳ ଛାତି ଉପରେ ହଲିଦୋହଲି ସ୍ଥଳଆଡ଼କୁ ଆସିବା ପାଇଁ ମନ ବଳାଇଲା । ଆସିବା ବେଳକୁ ସେ ଆଉ ନିରୀହ ହୋଇ ରହିଲା ନାହିଁ । ନିଜକୁ ଦୁର୍ଦ୍ଦାନ୍ତ ଘୂର୍ଣ୍ଣିବାତ୍ୟା ବୋଲି ପରିଚିତକରି ସେ ମଛଲିପଟନମ୍ ବନ୍ଦର ଆଡ଼କୁ ମୁହାଁଇଲା । ପାଣିପାଗ ବିଜ୍ଞାନୀମାନେ ଚେତାବନୀ ଦେଲେ ଯେ, ଏହି ଦୁଷ୍ଟବାତ୍ୟା ସ୍ଥଳଭାଗକୁ ମନ୍ଥିଚକଟି ହୁଲସ୍ଥୁଲ କରିଦେବ । କିନ୍ତୁ କଳିଙ୍ଗପଟନମ୍ ଦେଇ ଦେବେଶଙ୍କ ସହରରେ ପହଞ୍ଚିବା ବେଳକୁ ସେ ଶକ୍ତିର ଆଉ ପ୍ରତାପ ନଥିଲା । କେବଳ କିଛି ଅସରା ବର୍ଷାରେ ସହରକୁ ଭିଜାଇବା ଛଡ଼ା ଆଉ କିଛି ଉପଦ୍ରବ କରିବାର ତାକତ ତା'ର ନଥିଲା ।

ପ୍ୟାଣ୍ଟ୍ ପକେଟ୍‌ରୁ ଖଣ୍ଡେ ସଫେଦ ରୁମାଲ୍ ବାହାରକରି ଦେବେଶ ଦତ୍ତ ନିଜ ମୁଣ୍ଡ ଓ ମୁହଁ ପୋଛିଲେ । ପୋଷାକରୁ ବିନ୍ଦୁ ବିନ୍ଦୁ ପାଣି ଝାଡ଼ିବାକୁ ଚେଷ୍ଟାକଲେ । ତା'ପରେ କାଚଦରଜା ଠେଲି ସନ୍ତର୍ପଣରେ ଅଫିସ୍ ଭିତରେ ପାଦ ରଖିଲେ । ସେଠି ରିସେପ୍‌ସନ୍ ଡେସ୍କରେ ଦ୍ୱାରରକ୍ଷୀ ପରି ଉପବିଷ୍ଟ ପରିଚାଳିକା ନଜନୀନ୍ ତାଙ୍କୁ ଅଟକାଇ କହିଲା, 'ଆପଣଙ୍କୁ ସାର୍ ଡକାଇଛନ୍ତି । ତୁରନ୍ତ ଯାଇ ଦେଖାକରନ୍ତୁ ।' 'ସାର୍' ମାନେ ଅଫିସ୍‌ର ସର୍ବୋଚ୍ଚ କର୍ତ୍ତା ମ୍ୟାନେଜର ମନୁ ଶର୍ମା । ଦେବେଶ ମନେ ମନେ ପ୍ରମାଦ ଗଣିଲେ । ନଜନୀନ୍ ତାର ବକ୍ତବ୍ୟ ପୂରା କରିବା ପାଇଁ ଯୋଡ଼ିଲା : 'ଆପଣ କାହାକୁ କିଛି ନ କହି ଅଫିସ୍ ଛାଡ଼ି କୁଆଡ଼େ ପଳାଇଥିଲେ । ଆଜି ଷ୍ଟାଫ୍ ମିଟିଙ୍ଗ ଆରମ୍ଭ ହେବା ବେଳକୁ ମଧ୍ୟ ଆପଣ ନଥିଲେ । ତେଣୁ ସାର୍ ଆପଣଙ୍କ ଉପରେ ଖୁବ ଖପ୍‌ପା । ମିଟିଙ୍ଗ ଆହୁରି ସରିନାହିଁ । ଆପଣ ଯାଆନ୍ତୁ ।'

'ମିଟିଙ୍ଗ ସରିଲେ ମୁଁ ଯାଇ ଦେଖାକରିବି ।'

'ନା, ମୋତେ କୁହାଯାଇଛି, ଆପଣ ଆସିବାମାତ୍ରେ ସାର୍‌ଙ୍କ ପାଖକୁ ପଠାଇବା ପାଇଁ ।'

ଦେବେଶ ଜାଣନ୍ତି ତାଙ୍କ ମ୍ୟାନେଜର୍ ମନୁ ଶର୍ମା ଭାରି କଠୋର । କମ୍ପାନୀର ପ୍ରତିଷ୍ଠାତା ମାଙ୍ଗୀରାମ୍ ସେଠ୍ ବୁଢ଼ାହୋଇ କମ୍ପାନୀ ଚଳାଇବା ପାଇଁ ଅକ୍ଷମ ହୋଇଯିବାରୁ ମ୍ୟାନେଜମେଣ୍ଟ କୌଶଳରେ ଦକ୍ଷ ବୋଲି କୁହାଯାଉଥିବା ଏହି ମନୁ ଶର୍ମାଙ୍କୁ ସିଂହାସନ ସମର୍ପିଦେଇ ଅବସର ନେଲେ । ନୂଆ ମ୍ୟାନେଜରଙ୍କ ଶକ୍ତ ଓ ତ୍ରୁଟିଶୂନ୍ୟ ପରିଚାଳନାରେ

ଜୋଡିଆକ୍ ଲଜିଷ୍ଟିକ୍‌ସ ଖୁବ୍ ଉନ୍ନତି କରୁଛି ବୋଲି କୁହାଯାଏ । ସବୁ କର୍ମଚାରୀଙ୍କୁ ୟୁନିଫର୍ମ ପିନ୍ଧି ବେକରେ ନାମଫଳକ ଝୁଲାଇ ଠିକ୍ ସମୟରେ ଅଫିସ୍‌ରେ ଆସି ପହଞ୍ଚିବା ପାଇଁ ଶକ୍ତ ନିର୍ଦ୍ଦେଶ ମିଳିଛି । ଖିଲାପକାରୀମାନଙ୍କୁ ଦଣ୍ଡିତ କରାଯିବା ବିଧାନ ମଧ୍ୟ ଜାରି ହୋଇଯାଇଛି । ମାସରେ ଦୁଇଥର ସବୁ କର୍ମଚାରୀଙ୍କୁ ଏକାଠି ବସାଇ ଆଲୋଚନା କରିବା ଓ ମୁଖ୍ୟତଃ ଧମକଦେବା ତାଙ୍କର କୁଶଳୀ ପରିଚାଳନା ଶୈଳୀର ଏକ ଅଙ୍ଗ ବୋଲି ପ୍ରତିପାଦିତ ହୋଇସାରିଛି । ତାଙ୍କ ମୁହଁରୁ ପ୍ରାୟତଃ ଇଂରାଜୀ କଥା ବାହାରେ, ତେଣୁ ନିଜ ମାତୃଭାଷାର କଞ୍ଚା ଗାଳି ଅପେକ୍ଷା ତାଙ୍କ ଇଂରାଜୀ ତିରସ୍କାର ଅପେକ୍ଷାକୃତ କମ୍ ଅପମାନଜନକ ବୋଲି କର୍ମଚାରୀମାନଙ୍କ ଧାରଣା । 'ଆମ ସାର୍ ପ୍ରକୃତରେ ଜଣେ ଦୟାଳୁ ମଣିଷ' ବୋଲି ତାଙ୍କ ଡ୍ରାଇଭର୍ କହୁଥିବା ବାକ୍ୟକୁ ତାସଲ୍ୟକରି ଉଡ଼ାଇ ଦିଆଯାଏ ।

ଦେବେଶ ଦତ୍ତ ପ୍ରଥମେ ନିଜ ଆସନକୁ ଯାଇ ଟେବୁଲ ଉପରେ ଥିବା କମ୍ପ୍ୟୁଟର୍ ଲଗ୍ ଇନ୍ ହୋଇଛି ନା ନାଇଁ ପରୀକ୍ଷା କରିନେଲେ । ତା'ପରେ ଆଉଟିକିଏ ଝାଡ଼ିଝୁଡ଼ି ହୋଇ କନଫରେନ୍ସ ରୁମ୍ ଭିତରେ ପଶିଲେ । ଭିତରେ ସ୍କୁଲର ଶ୍ରେଣୀଗୃହ ଭଳି ବସିବା ବ୍ୟବସ୍ଥା । କେବଳ ସମସ୍ତଙ୍କ ଆଗରେ ବସିଥିବା ମ୍ୟାନେଜରଙ୍କ ବ୍ୟତୀତ ଅନ୍ୟ ସମସ୍ତେ ପ୍ରବେଶ ଦ୍ୱାରକୁ ପଛକରି ବସିଥିଲେ । ତେଣୁ ଦେବେଶ ଭିତରକୁ ପଶି ପଛଧାଡ଼ିରେ ଗୋଟିଏ ଖାଲି ଚୌକିରେ ବସିବା ଦୃଶ୍ୟ କେବଳ ମନୁ ଶର୍ମା ଏବଂ ଦେବେଶଙ୍କ ପାଖରେ ବସିଥିବା ରାଧା ତିୱାରୀ ବ୍ୟତୀତ ଆଉ କେହି ଦେଖିନଥିଲେ ।

**ନିଜ ମାତୃଭାଷାର କଞ୍ଚା ଗାଳି ଅପେକ୍ଷା ତାଙ୍କ ଇଂରାଜୀ ତିରସ୍କାର ଅପେକ୍ଷାକୃତ କମ୍ ଅପମାନଜନକ ବୋଲି କର୍ମଚାରୀମାନଙ୍କ ଧାରଣା ।**

ମ୍ୟାନେଜର୍ ଶର୍ମାଜୀ ଖୁବ୍ ଉତ୍ସାହର ସହିତ ବଡ଼ପାଟିରେ କ'ଣ ଗୋଟାଏ କହୁଥିଲେ । କିନ୍ତୁ ହଠାତ୍ ତାହା ବନ୍ଦକରି ତୀକ୍ଷ୍ଣ ଦୃଷ୍ଟିରେ ଦେବେଶଙ୍କୁ ଅନାଇଲେ । ପ୍ରାୟ ତିରିଶ ସେକେଣ୍ଡର ସ୍ତବ୍ଧ ନିରବତା ପରେ ସେମିତି ଭାଷଣ ଦେବାଭଳି କଣ୍ଠରେ କହିଲେ, 'ସାମ୍‌ୱାନ ଜଷ୍ଟ୍ କେମ୍ ଇନ୍ ଏଣ୍ଡ୍ ଆକ୍ୟୁପାଏଡ୍ ଏ ସିଟ୍ ।'

ତାଙ୍କ କଣ୍ଠର ବିଦ୍ରୂପକୁ ଉପେକ୍ଷାକରି ଶାନ୍ତ କଣ୍ଠରେ ଦେବେଶ କହିଲେ, 'ସାର୍, ମୁଁ ଏବେ ଆସିଲି ।'

'ଆଇ କୁଡ୍ ସି ଦାଟ୍ । ହ୍ୱାଏ ? ହ୍ୱେର୍ ୱେର୍ ୟୁ ଟିଲ୍ ନାଓ ?'

'ସାର୍, ମିଟିଙ୍ଗ ସରିଲେ ଆପଣଙ୍କ ରୁମ୍‌କୁ ଆସି ସବୁକଥା କହିବି ।'

କିନ୍ତୁ ଜଣେ ବିଶୃଙ୍ଖଳିତ କର୍ମଚାରୀଙ୍କୁ ସମଗ୍ର ଷ୍ଟାଫ୍‌ଙ୍କ ଆଗରେ ଅପଦସ୍ତ କରିବାର ବିରଳ ସୁଯୋଗ ମନୁ ଶର୍ମାଙ୍କ ପରି ଜଣେ ପରାକ୍ରମୀ ପ୍ରଶାସକ କିପରି ହାତଛଡ଼ା କରନ୍ତେ ? ଗର୍ଜନ କରି କହିଲେ, 'ନୋ ! ଆଇ ବିଲିଭ୍ ଇନ୍ ଅନ୍ ଦ ସ୍ପଟ୍ ରିଜୋଲ୍ୟୁସନ୍ । କହ ତମର କ'ଣ କହିବାକୁ ଅଛି ।' କିନ୍ତୁ ଦେବେଶ ମୁହଁଖୋଲି କିଛି କହିବା ଆଗରୁ ପୁଣି ହୁକୁମ୍ ଦେଲେ, 'ନୋ, ଷ୍ଟପ୍ । ତମେ ମୋ' ପାଖରେ ଆସି ବସ । ତମର ଆଲୁରୁବାଲୁରୁ ମୁଣ୍ଡ, ଓଦା ଡ୍ରେସ୍ ସମସ୍ତେ ଦେଖନ୍ତୁ । ଅଫିସ୍ ଡେକୋରମ୍ କୁଆଡ଼େ ଗଲା? ଏମିତି ବେଶରେ ଆସିଲେ ଜୋଡିଆକ୍ ଲଜିଷ୍ଟିକ୍‌ସର ଇମେଜ୍ କ'ଣ ହେବ ? ମୁଁ ଚାହେଁ ତମର ଏକ୍ସପ୍ଲାନେସନ୍ ସମସ୍ତେ ଶୁଣନ୍ତୁ । ତମେ କାହିଁକି ଅଫିସ୍ ଛାଡ଼ି କିଛି ନକରି ଅଦୃଶ୍ୟ ହୋଇଗଲ; ପୁଣି ଏବେ ଆସି ମୁହଁ ଦେଖାଉଛ - ଏସବୁକଥା ସମସ୍ତେ ଜାଣିବା ଦରକାର ।

ଦେବେଶ ଅନୁମାନ କରିନେଲେ ଯେ, ମିଟିଙ୍ଗ ସରିଲାଣି । କେବଳ ତାଙ୍କୁ ସମସ୍ତଙ୍କ ସାମନାରେ ଅପମାନିତ କରିବା ପ୍ରକ୍ରିୟା ବାକି ଅଛି । ନମ୍ର ଭାବରେ ଉତ୍ତର ଦେଲେ, 'ସାର୍ ମୋର ଗୋଟାଏ ଜରୁରୀ କାମ ଆସିଗଲା ।'

- 'ହ୍ୱାଟ୍ ? କେହି ମରିଗଲା ? କିଛି ଆକ୍‌ସିଡେଣ୍ଟ ?

- 'ସାର୍, ଆପଣ ବରଂ ମୋର ଗୋଟାଏ ଦିନର ଦରମା କାଟିଦିଅନ୍ତୁ ।'

- 'ୟୁ ଡୋଣ୍ଟ୍ ହେଭ୍ ଟୁ ଟେଲ୍ ମି ହ୍ୱାଟ୍ ଆଇ ସାଲ୍ ଡୁ । ଆଇ ୱାଣ୍ଟ୍ ୟୋର୍ ଓରାଲ୍ ଏକ୍ସପ୍ଲାନେସନ୍ ଫାଷ୍ଟ ।'

- 'ଏଠି ? ଏପରି ଓପନ୍ ମିଟିଙ୍ଗରେ ?'

- 'ୟେସ୍ ! ସଂକୋଚ କାହିଁକି ?'

- 'ଆପଣ କେହି ବୁଝିପାରିବେନି ।'

- 'କ'ଣ ବୁଝିପାରିବିନି ?'

- 'ମୁଁ ଯାହା କରିବି ।'

- 'ବୁଝିପାରିବୁ ନା ନାହିଁ ପରେ ଦେଖାଯିବ । ଫାଷ୍ଟ ଉଇ ୱାଣ୍ଟ୍ ଟୁ ହିଅର୍ ଫ୍ରମ୍ ୟୁ । କୁଇକ୍ । ଡୋଣ୍ଟ ୱେଷ୍ଟ ଆୱାର ଟାଇମ୍ ।'

- 'କଥାଟି ମୋର ପର୍ସନାଲ ।'

- 'ହାଃ ! ଅଫିସ୍ କାମ ଭିତରେ ପର୍ସନାଲ କଥା କୁଆଡୁ ଆସିଲା ?' ଗୋ ଅନ୍ । ଟେଲ୍ ୟୋର ଷ୍ଟୋରି ।'

ଦେବେଶ କିଛି ସମୟ ଆଖିବୁଜି ଚୁପ୍‌ହୋଇ ବସିଲେ । ତା'ପରେ ଆଖିଖୋଲି ଦୃଢ଼ ଭାବରେ କହିଲେ, 'ଠିକ୍ ଅଛି । କହୁଛି । ଶୁଣନ୍ତୁ ।'

XXXXX

ଦେବେଶଙ୍କ ପୁଅ ବବିର ବୟସ ପାଞ୍ଚବର୍ଷରୁ କମ୍ । ସନରାଇଜ୍ ସ୍କୁଲରେ ଷ୍ଟାଣ୍ଡର୍ଡ ୱାନ୍‌ରେ ଭର୍ତ୍ତି ହୋଇଛି । ପ୍ରତିଦିନ ଦେବେଶ ତାକୁ ସ୍କୁଲରେ ଛାଡ଼ି ଆସନ୍ତି । ସ୍କୁଲ ସରିଲେ ଦେବେଶଙ୍କ ପତ୍ନୀ ତାକୁ ଘରକୁ ଆଣନ୍ତି ।

ଗତ ଅଗଷ୍ଟ ମାସରେ ବବି ସ୍କୁଲକୁ ଯିବା ପାଇଁ ଛତାଟିଏ ମାଗିଥିଲା । ତାର ପ୍ରଥମ ଅଳି ତା' ମା' ପାଖରେ । କିନ୍ତୁ ତା' କଥା ରହିଲା ନାହିଁ । ତା' ମା' ଟାଳଟୁଳ କରି କଥାଟିକୁ ମାସେ ଗଡ଼ାଇନେଲେ । ଭାବିଥିଲେ ତା'ପରେ ବବି କଥାଟିକୁ ଭୁଲିଯିବ । କିନ୍ତୁ ତା'ର କେତେଜଣ ସ୍କୁଲସାଥୀ ଛତାଧରି ବର୍ଷାରେ ଯା'ଆସ କରୁଥିବାର ଦେଖି ନିଜେ ମଧ୍ୟ ସେମିତି ଛତାଧରି ଚାଲିବା ପାଇଁ ତା'ର ଥିଲା ପ୍ରବଳ ଇଚ୍ଛା । ଛତା ପାଇଁ ବାରମ୍ବାର ଅଳି କରିବାରୁ କଥାଟା ଦେବେଶଙ୍କ ଇଜିଲାସକୁ ଆସିଗଲା । ସେତେବେଳେ ଅଗଷ୍ଟ ସରିଆସିଲାଣି ।

ଦେବେଶ ମଧ୍ୟ ବିଭିନ୍ନ ଆଳ ଦେଖାଇ ପନ୍ଦର କୋଡ଼ିଏ ଦିନ ଗଡ଼ାଇନେଲେ । କିନ୍ତୁ ବବି ତା'ର ଛତାଧାରୀ ସାଥୀମାନଙ୍କୁ ଯେପରି ଆତୁର ନୟନରେ ଅନାଇରହେ, ତାହା ଦେଖି ଦେବେଶଙ୍କ ମନ ତରଳିଗଲା । ବବି ଅଝଟ ପିଲାନୁହେଁ, ତେଣୁ ବେଶି ଅଳିଅର୍ଦ୍ଦଳି କରି ବାପା, ମା'ଙ୍କୁ ବେଶି ହିନସ୍ତା କରିବା ଅଭ୍ୟାସ ତା'ର ନଥିଲା । ତଥାପି ଛତାଟିଏ ନପାଇ ସେ ସବୁବେଳେ ମନମାରି ରହୁଥିଲା । ଦିନେ ତାକୁ ସ୍କୁଟରରେ ବସାଇ ଦେବେଶ ବଜାରକୁ ନେଲେ । ତା'ର ପସନ୍ଦ ମୁତାବକ ନାଲି ରଙ୍ଗର ଛୋଟ ଛତାଟିଏ କିଣି ତା' ହାତରେ ଦେଲେ । ବବିର ଆନନ୍ଦ କହିଲେ ନସରେ ।

କିନ୍ତୁ ଅସଲ ସମସ୍ୟା ଆରମ୍ଭ ହେଲା ତା'ପରେ । ଛତାଟିଏ ପାଇଯିବା ପରେ ବବି ପୂରା ଖୁସି ହୋଇଯିବ ବୋଲି ଯେଉଁ ଆଶାଥିଲା, ତାହା କ୍ରମଶଃ ମଉଳିବାରେ ଲାଗିଲା । କାରଣ ଛତାଖୋଲି ମୁଣ୍ଡ ଉପରେ ଧରି ସ୍କୁଲକୁ ଯିବା ସୁଯୋଗ ତାକୁ ମିଳିଲାନାହିଁ । ଛତା କିଣାହେବା ପରଠାରୁ ଆଉ ବର୍ଷା ହୋଇନାହିଁ । ସେପ୍ଟେମ୍ବର ତୃତୀୟ ସପ୍ତାହ ହୋଇସାରିଥାଏ । ମା' ଦୁର୍ଗା ପୃଥିବୀକୁ ଆସି ବାହୁଡ଼ିଗଲେ, କିନ୍ତୁ ଆଉ ବର୍ଷା ହେଲାନାହିଁ । ତେଣୁ ନିଜ ସାଥୀମାନଙ୍କ ଭଳି ଛତାଧରି ସ୍କୁଲକୁ ଯିବାର ବହୁ ବାଂଛିତ ମଧୁର ଅନୁଭବ ବବିକୁ ଆଉ ମିଳିଲା ନାହିଁ । ସେ ଖୁବ୍ ବିରସ ଦିଶିଲା । ତାର ମୁହଁ ଦେଖି ଦେବେଶ ପୁଅର ନୈରାଶ୍ୟ ବୁଝିପାରନ୍ତି, କିନ୍ତୁ ସେ କ'ଣ ବା ଆଉ କରିପାରନ୍ତେ ?

**ଛତାଟିଏ ପାଇଯିବା ପରେ ବବି ପୂରା ଖୁସି ହୋଇଯିବ ବୋଲି ଯେଉଁ ଆଶାଥିଲା, ତାହା କ୍ରମଶଃ ମଉଳିବାରେ ଲାଗିଲା ।**

ଅକ୍ଟୋବର ପ୍ରଥମ ସପ୍ତାହରେ ବବିକୁ ଜ୍ୱରହେଲା । ଔଷଧ ଖାଇଲା । ସ୍କୁଲକୁ ନଯାଇ ତିନିଦିନ ଘରେ ରହିଲା । ଜ୍ୱର ଅବଶ୍ୟ ଭଲ ହୋଇଗଲା; କିନ୍ତୁ ଦେବେଶଙ୍କ ମନରେ ଗୋଟିଏ ଧାରଣା ଜମାଟବାନ୍ଧି ରହିଲା ଯେ, ତାର ଅଭିଳାଷ ଅପୂର୍ଣ୍ଣ ରହିଯିବାର ପୀଡ଼ା ତା' ଜ୍ୱରର ଅନ୍ୟତମ କାରଣ ହୋଇଥିବ । ମନ ଭିତରେ ଖୁବ୍ ଛଟପଟ ହୋଇଥିବ । ବବି ପାଇଁ ଛତାଟି ଆଗରୁ ନ କିଣି ବିଳମ୍ବ କରିଥିବାରୁ ମନରେ ଅନୁଶୋଚନା ଆସିଲା ।

ଦେବେଶ ପ୍ରତିଦିନ ମେଘକୁ ଅନାଇ ବର୍ଷା ଖୋଜୁଥିଲେ । ପାଣିପାଗର ବିବରଣୀ, ପୂର୍ବାନୁମାନ ଶୁଣୁଥିଲେ । କେତେଥର ଆସନ୍ନ ବର୍ଷାର ଭବିଷ୍ୟବାଣୀ ଶୁଣିବାକୁ ମିଳିଲା । ଅରେଞ୍ଜ ୱାର୍ଣ୍ଣିଂ ଲାଗିଲା । ମଧ୍ୟମରୁ ପ୍ରବଳ ବର୍ଷା ହେବ ବୋଲି ଘୋଷଣା ମଧ୍ୟ ଆସିଲା । କିନ୍ତୁ ସବୁ ଶୂନ୍ୟରେ ଉଡ଼ିଗଲା । ବର୍ଷା ହେଲାନାହିଁ ।

କାଳେ ଅଦିନିଆ ବର୍ଷାରେ ଫସଲ ନଷ୍ଟ ହୋଇଯିବ ବୋଲି ଯେତେବେଳେ କୃଷକକୁଳ ଆତଙ୍କିତ ହୋଇ ରହନ୍ତି, ସେତେବେଳେ ଦେବେଶ ଅସରାଏ ବର୍ଷା ପାଇଁ ପ୍ରାର୍ଥନା

କରୁଥାନ୍ତି । ବବିର ତୀବ୍ର ଇଚ୍ଛା ଓ ନିଜର ପ୍ରାର୍ଥନା ଉଭୟ ଅଯୌକ୍ତିକ ନିର୍ବୋଧତା ବୋଲି ବୁଝନ୍ତି, କିନ୍ତୁ ନିୟନ୍ତ୍ରଣ କରିପାରନ୍ତି ନାହିଁ ।

ଅକ୍ଟୋବର ସତେଇଶି ତାରିଖ ସକାଳେ ଅଫିସ୍‌ରେ କାମ କରୁଥିବା ବେଳେ ଦେବେଶ ଥରେ ମୁଣ୍ଡଟେକି ଝରକା ଆଡ଼େ ଅନାଇଥିଲେ । ହଠାତ୍ ଆଖିରେ ପଡ଼ିଲା ଏକ ବହୁ-ପ୍ରତୀକ୍ଷିତ ଦୃଶ୍ୟ । ବାହାରେ ଖରା ବଦଳରେ ମେଘ । ଝରକାର କାଚ ଉପରେ ବିନ୍ଦୁ ବିନ୍ଦୁ ପାଣି ପଡ଼ିଛି ଓ ପଡୁଛି । ସେତେବେଳେ ସମୟ ବାରଟା ବାଜିବାକୁ ଆହୁରି ପାଞ୍ଚ ମିନିଟ୍ ବାକି । ବବିର ସ୍କୁଲ ଛୁଟିହୁଏ ସାଢ଼େ ବାରଟାରେ । ତାଙ୍କର ଚିନ୍ତା, ଚେତନା ସବୁ ଗୋଟିଏ ବିନ୍ଦୁରେ ଠୁଳ ହୋଇଗଲା - ସ୍କୁଲ ସରିବା ଆଗରୁ କେମିତି ଛତାଟି ନେଇ ବବି ହାତରେ ପହଞ୍ଚାଇ ଦେବେ । ହାତରେ ସମୟ କମ୍ । ବତାସ ପରି ଚୌକିରୁ ଉଠି, ପାଖରେ ବସିଥିବା ସହକର୍ମୀ ନରେଶ ଆଡ଼କୁ 'ଅର୍ଜେଣ୍ଟ କାମଟିଏ ମନେପଡ଼ିଲା' ବୋଲି ଅଧା ବାକ୍ୟଟିଏ ଫୋପାଡ଼ିଦେଇ ସିଧା ଲିଫ୍‌ଟରେ ତଳକୁ ଖସି ସ୍କୁଟର ପାଖରେ ପହଞ୍ଚିଲେ । ସେଠାରୁ ନିଜ ଘର । ଘର ଭିତରେ ଭୂତପରି ପଶି ବବିର ଛତାଟିକୁ ଧରି ସେମିତି ବର୍ଷାରେ ସ୍କୁଲ ଆଡ଼କୁ ଛୁଟିଲେ । ନିଜେ ଭିଜୁଥିଲେ, ମୁଣ୍ଡରୁ ବହିଆସୁଥିବା ବୁନ୍ଦା ବୁନ୍ଦା ପାଣି ଆଖି ଉପରକୁ ବହି ଆସୁଥିବାରୁ ରାସ୍ତା ଠିକ୍ ଭାବେ ଦିଶୁନଥିଲା । କିନ୍ତୁ ସେଥିପ୍ରତି ଭ୍ରୂକ୍ଷେପ ନକରି ଏକ ଲୟରେ ସ୍କୁଟର ଚଲାଇ ନିଜ ଲକ୍ଷ୍ୟ ଆଡ଼କୁ ଆଗେଇଲେ, କାରଣ ସେ ଜାଣୁଥିଲେ ଯେ ଏହି ବର୍ଷା ହେଉଛି ଏ ବର୍ଷର ଶେଷବର୍ଷା ।



ସେ ସ୍କୁଲ ପାଖରେ ପହଞ୍ଚିବା ବେଳକୁ ହିଁ ଘଣ୍ଟିବାଜିଲା । ଅନେକ ଅପେକ୍ଷାରତ ଅଭିଭାବକଙ୍କ ସହିତ ମିଶି ସେ ମଧ୍ୟ ଗେଟ୍ ଭିତରେ ପଶିଲେ । ଆତୁର, ଅଧୀର, କୁନି ପିଲାମାନେ ବ୍ୟାଗଧରି ନିଜ ନିଜର ବାପା, ମା'ଙ୍କ ଆଡ଼କୁ ଆଗେଇ ଆସୁଥିଲେ । ବବି ଭାବିନଥିଲା, ତା' ବାପାଙ୍କୁ ସେତେବେଳେ ସେଠାରେ ଦେଖିବ ବୋଲି । ତା' ହାତରେ ନୂଆଛତାଟି ପଡ଼ିବାମାତ୍ରେ ତାର ଆନନ୍ଦ ଦେଖେ କିଏ ? ବର୍ଷା ଛାଡ଼ିନଥିଲା । ବବିର ହସ ହସ ମୁହଁ ଦେଖି ଦେବେଶ ଜାଣିଲେ ତାଙ୍କ କଷ୍ଟ ସଫଳ ହେଲା । ହାତରେ ନାଲିଛତା ଧରି ଓଦା ରାସ୍ତାରେ ପାଦ ଚବର ଚବର କରି ବବି ନାଚିନାଚି ଡେଇଁଡେଇଁ ଚାଲିଲା ଯେମିତି ତା'ମୁଣ୍ଡ ଉପରେ ଥିବା ପଦାର୍ଥ ଛତାନୁହେଁ, ରାଜାଙ୍କ ମୁକୁଟ । ଦେବେଶ ତରବରରେ ସ୍କୁଟର୍ ଷ୍ଟାର୍ଟକରି ଅଫିସ୍ ଫେରିଲେ ।

XXXXX

'ଏତିକି ମାତ୍ର କଥା' - ଦେବେଶ କହିଚାଲିଲେ, 'ଗୋଟିଏ ତୁଚ୍ଛ, ଅବାନ୍ତର କଥାକୁ ନେଇ ମୁଁ ଏପରି ବ୍ୟସ୍ତ ହେଉଥିବା କଥା ପ୍ରଘଟ ହେଲେ ମୋ' ଉପରେ ସମସ୍ତଙ୍କର ଥଟ୍ଟା, ପରିହାସ, ଉପହାସ ଅଜାଡ଼ି ହୋଇପଡ଼ିବ ବୋଲି ମୁଁ ଜାଣେ । କିନ୍ତୁ ବିଶ୍ୱାସ କରନ୍ତୁ, ମୋ' ପାଇଁ ବ୍ୟାପାରଟି ତୁଚ୍ଛ ନଥିଲା କି ଅବାନ୍ତର ନଥିଲା । ନିହାତି ବାଧ୍ୟ ନ ହେଲେ ମୁଁ ଏକଥା କାହାକୁ କହିନଥାନ୍ତି । ଆଗରୁ କହିଛି, କଥାଟି ପୂରା ପର୍ସନାଲ ।'

ମନୁ ଶର୍ମା କହିଲେ, 'ଡୋଣ୍ଟ ୟୁ ଥିଙ୍କ୍ ୟୋର୍ ସନ୍ ଇଜ୍ କ୍ରେଜି ?'

- 'ଅଲ୍ କିଡ୍‌ସ୍ ଆର୍ କ୍ରେଜି ଏଣ୍ଡ୍ ଏଡୋରେବଲ୍ ସାର୍ । ଅଧିକାଂଶ ବାପା-ମା ସେମିତି ତାଙ୍କ ପିଲାମାନଙ୍କ ପାଇଁ କ୍ରେଜି । ପିଲାଙ୍କ ମୁହଁରେ ଧାରେ ହସ ଦେଖିବା ପାଇଁ ପ୍ୟାରେଣ୍ଟ୍‌ମାନେ ଏମିତି କ୍ରେଜି କାମ କରନ୍ତି ।'

- 'ୟୁ ଆର୍ ଏ ସେଣ୍ଟିମେଣ୍ଟାଲ୍ ସିମ୍ପଲଟନ୍ ଦେବେଶ । ଛୋଟ ଛୁଆକୁ ଏତେବେଶି ଇଣ୍ଡଲ୍‌ଜ୍ କାହିଁକି କରୁଛ ? ତମେ କ'ଣ ଭାବୁଛ ପୃଥିବୀରେ ଆଉ କେବେ ବର୍ଷା ହେବନାହିଁ କି ତମପୁଅକୁ ଛତା ଲୋଡ଼ା ହେବନାହିଁ ।'

- 'ହଁ ସାର୍, ପୁଣି ବର୍ଷା ହେବ, ପୁଣି ଛତା ଖୋଲିବ । କିନ୍ତୁ ତାହା ହେବ ଆସନ୍ତାବର୍ଷ । ଏପରି ଏକ ସହଜ ଜିନିଷ ପାଇଁ ମୁଁ କାହିଁକି ବର୍ଷଟିଏ ଅପେକ୍ଷା କରିବି ? ସେତେବେଳେ ମୋ' ପୁଅ ଆଉ ଗୋଟିଏ ବର୍ଷ ବଡ଼ ହୋଇଯାଇଥିବ । ଶୈଶବଠାରୁ ଆଉ ବର୍ଷେ ଦୂରେଇ ଯାଇଥିବ । ଏ 'କ୍ରେଜ୍'

କମିଯାଇଥିବ । ସେତେବେଳେ କ'ଣ ସେ ଏତେ ବେଶି ଆନନ୍ଦ ପାଇବ? ଆପଣ କେଉଁ ଇଣ୍ଟଲଜେନ୍ସ୍ କଥା କହୁଛନ୍ତି ସାର୍? ମୁଁ ତାକୁ କିଛି ହୀରା ମୋତି ଦେଇନାହିଁ । ଛାର ଛତାଟିଏ । ଏଥିରେ ଇଣ୍ଟଲଜେନ୍ସ୍ କାହିଁ?'

> **ପରେ ପରେ କୋଠରୀର ସବୁ ଦିଗରୁ ଅନେକ କଣ୍ଠରୁ 'ମି ଟୂ', 'ମି ଟୂ' ଧ୍ୱନି ପହଁରି ଆସିଲା ।**

– 'ଛାଡ଼ । ଏସବୁ ବକୱାସ୍‌ରୁ ମୋତେ କ'ଣ ମିଳିବ? ଆମ ଅଫିସ୍‌ର ଡିସିପ୍ଲିନ୍ ତମେ ଭାଙ୍ଗିଛ ନା ନାଇଁ?'

– 'ହଁ ଭାଙ୍ଗିଛି । ତେଣୁ ଦଣ୍ଡ ସ୍ୱରୂପ ମୋତେ ଆଜିର ଦରମା ଦିଅନ୍ତୁ ନାହିଁ । ଦରମାରୁ ତିନି ହଜାର ଟଙ୍କା କଟିଗଲେ ମୋତେ ଅବଶ୍ୟ ବାଧିବ, କିନ୍ତୁ ଆଜି ମୋ' କୁନିପୁଅର ଆଖିରେ ଯେଉଁ ଚମକ୍ ଦେଖିଲି, ତା' ତୁଳନାରେ ଏ ଟଙ୍କା ବେଶି ନୁହେଁ ।'

ସଭାଗୃହ ପୂରା ନିରବ ଥିବାବେଳେ ହଠାତ୍ ପଛଧାଡ଼ିରୁ ରାଧା ତିୱାରୀ ଠିଆ ହୋଇଗଲେ । ମନୁ ଶର୍ମା ତାଙ୍କୁ ପ୍ରଶ୍ନିଳ ଆଖିରେ ଅନାଇବା ବେଳେ ସେ ବଡ଼ପାଟିରେ କହିଲେ, 'ସାର୍, ଆପଣ ଯଦି ଦେବେଶ ବାବୁଙ୍କର ଗୋଟିଏ ଦିନର ଦରମା କାଟୁଛନ୍ତି, ମୋ'ର ବି କାଟନ୍ତୁ । ମୋର ଗୋଟାଏ ପର୍ସନାଲ୍ ଅର୍ଜେଣ୍ଟ୍ କାମ ମନେପଡ଼ିଲା । ମୁଁ ଯାଉଛି ।

ବାଁ ପଟୁ ନରେଶର ପାଟି ଶୁଭିଲା 'ମୋର ବି କାଟନ୍ତୁ । ମୁଁ ବି ଯାଉଛି ।'

ସତ୍ୟପାଲ୍ ହାତଟେକି କହିଲା, 'ମୁଁ ବି ।' ତା'ପରେ ଇଂରାଜୀରେ ଅନୁବାଦ କରି କହିଲା 'ମି ଟୂ' ।

ପରେ ପରେ କୋଠରୀର ସବୁ ଦିଗରୁ ଅନେକ କଣ୍ଠରୁ 'ମି ଟୂ', 'ମି ଟୂ' ଧ୍ୱନି ପହଁରି ଆସିଲା ।

ମନୁ ଶର୍ମା ଗୋଟିଏ ହାତ ଉପରକୁ ଟେକି ବଡ଼ପାଟିରେ ଆଦେଶ ଦେଲେ 'ଷ୍ଟପ୍ ଇଟ୍' । ସମସ୍ତେ ଚୁପ୍ ହୋଇଗଲେ ।

ତା'ପରେ ମ୍ୟାନେଜର ମହୋଦୟ ଅତି ନାଟକୀୟ ଭାବରେ କହିଲେ 'ମି ଟୂ' ।

□□

ଲେଖକଙ୍କ ଇ-ମେଲ ଠିକଣା:
Email: sanamisra@gmail.com

# କଥାକାର ଅଚ୍ୟୁତାନନ୍ଦ ପତି ଆଶିଷ ସମ୍ମାନ -୨୦୨୫

'ସାହିତ୍ୟ ଚର୍ଚ୍ଚା' ପତ୍ରିକାରେ ୨୦୨୫ ମସିହାରେ ପ୍ରକାଶିତ ଶ୍ରେଷ୍ଠ ଗଳ୍ପ ପାଇଁ 'କଥାକାର ଅଚ୍ୟୁତାନନ୍ଦ ପତି ଆଶିଷ ସମ୍ମାନ'ରେ ସମ୍ମାନିତ ହେବେ



**ସୁବିଦିତ ଗାଳ୍ପିକ**

## ଜାକିର ଖାନ୍

ଏହି ଉଦ୍ଦେଶ୍ୟରେ ତାଙ୍କୁ ପ୍ରଦତ୍ତ ହେବ ଟ.୫୦୦୦/-ର ପୁରସ୍କାର ରାଶି ସହ ଏକ ଉତ୍ତରୀୟ ଓ ପ୍ରଶସ୍ତି ଫଳକ ।

ଏହି ସମ୍ମାନ ପ୍ରତିବର୍ଷ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାରେ ପ୍ରକାଶିତ ଶ୍ରେଷ୍ଠ ଗଳ୍ପ ପାଇଁ ବର୍ଷୀୟାନ ଲେଖକ ଅଚ୍ୟୁତାନନ୍ଦ ପତିଙ୍କ ସୌଜନ୍ୟରୁ ପ୍ରଦାନ କରାଯାଇଥାଏ ।

**ପ୍ରବନ୍ଧ**

# ଓଡ଼ିଆ ଶବ୍ଦଭଂଡାର: ନବଚିନ୍ତନ



ସଦାନଂଦ ନାୟକ

ବିଭିନ୍ନ ଶବ୍ଦକୋଷ ହେଉ ବା ଭାଷା-ଆଲୋଚନା ପୁସ୍ତକ, ତହିଁରେ ଓଡ଼ିଆ ଶବ୍ଦକୁ ସାଧାରଣତଃ ୪ ଭାଗରେ ବିଭକ୍ତ କରାଯାଇଛି, ଯଥା- ତତ୍ସମ, ତଦ୍‌ଭବ, ଦେଶଜ ଓ ବୈଦେଶିକ। କେହିକେହି ଅର୍ଦ୍ଧତତ୍ସମର ମଧ୍ୟ ଅବତାରଣା କରିଛନ୍ତି। ସାଧାରଣ ବିଚାରରେ ଏପରି ବିଭାଗୀକରଣର ଅର୍ଥ ହେଉଛି, ତତ୍ସମ: ତତ୍‌ସମ ବା ସଂସ୍କୃତ ଶବ୍ଦ, ତଦ୍‌ଭବ: ସଂସ୍କୃତରୁ ସୃଷ୍ଟ ଶବ୍ଦ, ଦେଶଜ: ଓଡ଼ିଆରେ ପ୍ରଚଳିତ ବିଭିନ୍ନ ଭାରତୀୟ ଭାଷାର ଶବ୍ଦ ଓ ବୈଦେଶିକ: ବିଦେଶରୁ ଆଗତ ଶବ୍ଦ। ଏପରି ବିଭାଗୀକରଣ ଅଯଥାର୍ଥ ମନେହୁଏ ଏ ଲେଖକ ବିଚାରରେ; ତେଣୁ ଭିନ୍ନଦୃଷ୍ଟିକୋଣ, ନବଚିନ୍ତନ ନେଇ ସଯୁକ୍ତି ଓଡ଼ିଆ ଶବ୍ଦଭଂଡାରର ଭିନ୍ନ ଏକବିଭାଗୀକରଣ କରିବା ଏ ପ୍ରବଂଧର ଲକ୍ଷ୍ୟ।

> **କେତେକ ମୌଳିକ ଓଡ଼ିଆଶବ୍ଦକୁ ଅଯୌକ୍ତିକ ଭାବରେ ତତ୍ସମଶବ୍ଦ ବୋଲି କହି ଓଡ଼ିଆ ଶବ୍ଦଭଂଡାରର ଗୁରୁତ୍ୱ ହ୍ରାସ କରାଯାଇଛି।**

### ମତାନୈକ୍ୟ

ପାରଂପରିକ ବିଭାଗୀକରଣ ସହିତ ମତାନୈକ୍ୟ: ପାରଂପରିକ ବିଭାଗୀକରଣ ବା ବିଚାର ଅନୁସାରେ ସଂସ୍କୃତ ଭାଷା ଖ୍ରୀ.ପୂ. ୩୦୦୦ରୁ ଖ୍ରୀ.ପୂ. ୧୫୦୦ ମଧ୍ୟରେ ଆର୍ଯ୍ୟମାନଂକ ସହିତ ଭାରତକୁ ଆସିଛି। ଆଦ୍ୟରୁ ବୈଦିକସଂସ୍କୃତ ରୂପେ ପରିଚିତ ଏ ଭାଷା ଲୌକିକସଂସ୍କୃତ-ପାଲି-ପ୍ରାକୃତ-ଅପଭ୍ରଂଶ ପଥ ଦେଇ ଓଡ଼ିଆ ଭାଷାରେ ପରିଣତ ହୋଇଛି। ଏ ସଂପର୍କରେ ଏ ଲେଖକର ମତ ଏହି ଯେ, ସଂସ୍କୃତ କେବେ ବି କଥିତଭାଷା ବା ମାତୃଭାଷା ନଥିଲା। ସଂସ୍କୃତ ବଦଳି ବଦଳି ଓଡ଼ିଆରେ ପରିଣତ ହୋଇନାହିଁ। ସଂସ୍କୃତ ଓଡ଼ିଆଭାଷାର ଜନନୀ ନୁହେଁ, ବରଂ ପ୍ରାଚୀନ ଭାରତରେ ପ୍ରଚଳିତ/କଥିତ "ଉଡ୍ରଭାଷା" ପରି ଅନ୍ୟାନ୍ୟ ଭାଷାମାନଂକର ଏକ ସଂସ୍କାରିତ ରୂପ ହେଉଛି ସଂସ୍କୃତ। ତେଣୁ ଗ୍ରିଅରସନ୍ ଯଥାର୍ଥରେ କହିଛନ୍ତି- ସଂସ୍କୃତ ହେଉଛି ଏକ କୃତ୍ରିମ ଭାଷା। (ଦେଖିପାରନ୍ତି-ନାୟକ ସଦାନଂଦ, ଓଡ଼ିଆଭାଷାର ଭିତ୍ତି ଓ ଭବିଷ୍ୟତ, ଦେବଭୂମି, ୨୦୧୭, ଓଡ଼ିଆ ଭାଷାର ଉତ୍ସ ନିରୂପଣର ନୂତନ ଦିଗ। (ଝଂକାର, ଅକ୍ଟୋବର,୨୦୨୧, ଓଡ଼ିଆ ଭାଷାର ଉତ୍ସ, ସମାଜ ତା. ୧୩.୦୬. ୨୦୨୫, ସ୍ୱର୍ଣ୍ଣ ଭାଷାମର୍ମ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ)।

(କ) କେତେକ ମୌଳିକ ଓଡ଼ିଆଶବ୍ଦକୁ ଅଯଥା ଅଯୌକ୍ତିକ ଭାବରେ ତତ୍ସମଶବ୍ଦ ବୋଲି କହି ଓଡ଼ିଆଭାଷା ତଥା ଓଡ଼ିଆ ଶବ୍ଦଭଂଡାରର ଗୁରୁତ୍ୱ ହ୍ରାସ କରାଯାଇ(ଉ)ଛି। ତତ୍ସମଶବ୍ଦ ସଂପର୍କରେ ଭରତ ମୁନି ତାଂକ ନାଟ୍ୟଶାସ୍ତ୍ରରେ ବିଶଦ ଆଲୋଚନା କରିଛନ୍ତି, ତାଂକ ମତ ଅନୁସାରେ ନାଟକ (ସଂସ୍କୃତ ନାଟକ)ରେ ଚାରିପ୍ରକାର ଭାଷା ବ୍ୟବହୃତ ହୋଇଥାଏ, ୧-ଅତିଭାଷା (ଦେବଗଣଂକ ଭାଷା), ୨-ଆର୍ଯ୍ୟଭାଷା (ଭୂପାଳମାନଂକର ଭାଷା), ୩-ଜାତିଭାଷା (ଭାରତବର୍ଷରେ କଥିତ ଅନାର୍ଯ୍ୟ ଏବଂ ମ୍ଳେଚ୍ଛମାନଂକ ଭାଷା) ଏବଂ ୪-ଜାତ୍ୟନ୍ତରୀ ଭାଷା (ପଶୁପକ୍ଷୀଂକ ଭାଷା)। (ଭରତ ମୁନି, ନାଟ୍ୟଶାସ୍ତ୍ର (ଦ୍ୱିତୀୟ ଖଂଡ), ଅନୁବାଦ, ଶ୍ରୀନିବାସ ଉଦ୍‌ଗାତା, ପୃଷ୍ଠା.୧୫୩) ଭରତ ମୁନିପ୍ରାକୃତ ପାଠ୍ୟ ୩ ପ୍ରକାର ବୋଲି କହିଛନ୍ତି-

"ତ୍ରିବିଧଂ ତଚ୍ଚ ବିଜ୍ଞେୟଂ ନାଟ୍ୟଯୋଗେ ସମାସତଃ।
ସମାନଶବ୍ଦଂ ବିଭ୍ରଷ୍ଟଂ ଦେଶାଗତ ମଥାପି ଚ।"

ଅର୍ଥାତ୍- ନାଟ୍ୟ ପ୍ରଦର୍ଶନ ଅଥବା ରଚନାରେ ହେଉଥିବା ଏହି ପ୍ରାକୃତ ପାଠ ତିନି ପ୍ରକାର ଯଥା- ୧. ସମାନ ଶବ୍ଦ ବା ତତ୍‌ସମରୁ ହେଉଥିବା, ୨.ବିଭ୍ରଷ୍ଟ ବା ତଦ୍‌ଭବ ଶବ୍ଦରୁ ହେଉଥିବା, ୩. ଦେଶଜ ଶବ୍ଦର। (ପୂର୍ବଉତ୍ସ, ପୃଷ୍ଠା. ୧୪୭)। "ସମାନ-ବିଭ୍ରଷ୍ଟ-ଦେଶାଗତ" ଶବ୍ଦ ମଧ୍ୟରୁ ଏହି

'ସମାନଶବ୍ଦ'କୁ ଆଧାର କରି ଓଡ଼ିଆଭାଷାର ଏକ ବିଶାଳ ଶବ୍ଦସଂଭାରକୁ ତତ୍ସମ ବା ସଂସ୍କୃତଶବ୍ଦ ବୋଲି କେତେକ ଗ୍ରହଣ କରିନେଇଛନ୍ତି ବିନା ବିଚାରରେ, କାରଣ ନାଟ୍ୟଶାସ୍ତ୍ରରେ ବି କୁହାଯାଇଛି :

"କମଳାମଳରେଣୁତରଂଗଲୋଳସଲିଳାଦିବାକ୍ୟସଂପନ୍ନମ୍,
ପ୍ରାକୃତବଂଧେଷ୍ୱେବଂ ସଂସ୍କୃତମପି ଯୋଗମୁପଯାତି।

ସଂସ୍କୃତ ଭଳି ପ୍ରାକୃତରେ ମଧ୍ୟ କମଳ, ଅମଳ, ରେଣୁ, ତରଂଗ, ଲୋଳ, ସଳିଳ ଆଦି ସମାନ ଶବ୍ଦରୁ ନିର୍ମିତ ବାକ୍ୟର ପ୍ରୟୋଗ କରାଯାଇଥାଏ। ଅର୍ଥାତ୍ ଏହି ସମାନ ରୂପରେ ପ୍ରୟୋଗ ହେଉଥିବାରୁ ଏମାନେ ତତ୍ସମ ଶବ୍ଦ ଯେଉଁମାନଂକର ସମାନ ଭାବରେ ଉଭୟ ଭାଷାରେ ନିୟମିତ ପ୍ରୟୋଗ କରାଯାଇଥାଏ।" (ପୂର୍ବଉକ୍ତ, ପୃଷ୍ଠା.୧୪୭)

**ପ୍ରାକୃତ ବି ତତ୍ସମ**

ଏହାର ସ୍ପଷ୍ଟ ଅର୍ଥ ଏହିଯେ, ଉଭୟ ସଂସ୍କୃତ ଓ ପ୍ରାକୃତରେ ବ୍ୟବହୃତ ସମାନଶବ୍ଦ ହେଉଛି 'ତତ୍ସମ'। ତେଣୁ ପ୍ରାକୃତ ନିମନ୍ତେ ସଂସ୍କୃତ ଯେପରି ତତ୍ସମ, ସଂସ୍କୃତ ନିମନ୍ତେ ପ୍ରାକୃତ ବି ସେମିତି ତତ୍ସମ ଯଥା-'କମଳ'। ଓଡ଼ିଆରେ ତତ୍ସମ କହିଲେ 'ତତ୍ସମ', 'ସଂସ୍କୃତସମ' ବା 'ସଂସ୍କୃତଶବ୍ଦ' ବୋଲି ଯେଉଁ ଅର୍ଥ କରାଯାଇ(ଉ)ଛି, ତାହା ନାଟ୍ୟଶାସ୍ତ୍ର ଅନୁସାରେ ଠିକ୍ ନୁହେଁ। ଏତଦ୍‌ଭିନ୍ନ "ଅକ୍ଷ, ଅଂକନ, ଆକର, ଆରୋଗ୍ୟ, ଇକ୍ଷୁ, ଇଂଧନ, ଉଚ୍ଚାରଣ, ଉତ୍ସବ, ଔଷଧ, କଂଜ, କନକ, କ୍ଷଣ, କ୍ଷରଣ, ଖେଦ, ଗଂଡ, ଗାତ୍ର, ଘଟ, ଘୃତ, ଚଂଦ୍ର, ଚିନ୍ତନ, ଛଳ, ଜଟାୟୁ, ଜ୍ଞାନ, ତିଳ, ତୃଣ, ଦର୍ଶନ, ଦୋଷ, ଧନୁ, ନକ୍ର, ନଗର, ପତନ, ପତିତ, ଫଳ, ଫାଲ୍‌ଗୁନ, ବକୁଳ, ବଳ, ଭଂଗ, ଭାର, ମକରଂଦ, ମନନ, ଯକ୍ଷ, ଯୁଗଳ, ରତ୍ନ, ରସାଳ, ଲକ୍ଷଣ, ଲାଭ, ଶଂଖ, ଶାସ୍ତ୍ର, ସଂଯୋଗ, ସେଚନ, ହର୍ଷ, ହୃଦୟ" ଇତ୍ୟାଦି ଶବ୍ଦ ଓଡ଼ିଆରେ ତତ୍ସମଶବ୍ଦ ଭାବରେ ବିବେଚିତ ହେଉଥିଲେ ମଧ୍ୟ ସଂସ୍କୃତରେ ଏଗୁଡ଼ିକର ରୂପ ଯଥାକ୍ରମେ "ଅକ୍ଷଃ, ଅଂକନଂ, ଆକରଃ, ଆରୋଗ୍ୟଂ, ଇକ୍ଷୁଃ, ଇଂଧନଃ, ଉଚ୍ଚାରଣଂ,ଉତ୍ସବଃ, ଔଷଧଂ, କଂଜଃ, କନକଂ, କ୍ଷଣଃ, କ୍ଷରଣଂ, ଖେଦଃ, ଗଂଡଃ, ଗାତ୍ରଂ, ଘଟଃ, ଘୃତଂ, ଚଂଦ୍ରଃ, ଚିନ୍ତନଂ, ଛଳଃ, ଜଟାୟୁଃ, ଜ୍ଞାନଂ, ତିଳଃ, ତୃଣଂ, ଦର୍ଶନଂ, ଦୋଷଃ, ଧନୁଃ, ନକ୍ରଃ, ନଗରଂ, ପତନଂ, ପତିତଃ, ଫଳଂ, ଫାଲ୍‌ଗୁନଃ, ବକୁଳଃ, ବଳଂ, ଭଂଗଃ, ଭାରଃ, ମକରଂଦଃ, ମନନଂ, ଯକ୍ଷଃ, ଯୁଗଳଂ, ରତ୍ନଂ, ରସାଳଃ, ଲକ୍ଷଣଂ, ଲାଭଃ, ଶଂଖଃ, ଶାସ୍ତ୍ରଂ, ସଂଯୋଗଃ, ସେଚନଂ, ହର୍ଷଃ, ହୃଦୟଂ" ହୋଇଥାଏ। ଶବ୍ଦଯୋଡ଼ି(ଯେପରି ଅକ୍ଷ: ଅକ୍ଷଃ, ଅଂକନ: ଅଂକନଂ) ମଧ୍ୟରେ ଏତେ ଧ୍ୱନି-ବ୍ୟବଧାନ ଥିଲେ ମଧ୍ୟ ଏଗୁଡ଼ିକୁ ସମାନଶବ୍ଦ ବା ତତ୍ସମ ଭାବରେ ବିବେଚନା କରିବା ଅଯୌକ୍ତିକ କଥା ନିଶ୍ଚୟ। ଏହା ସହଜରେ ଅନୁମେୟ ଯେ, ପ୍ରଥମେ ଲୋକରେ ପ୍ରଚଳିତ 'ଅକ୍ଷ, ଅଂକନ, ଆକର' ଇତ୍ୟାଦି ଉକ୍ତ ବା ଓଡ଼ିଆ ଶବ୍ଦ ସାମାନ୍ୟ ପରିବର୍ତ୍ତିତ ବା ସଂସ୍କାରିତ ହୋଇ ସଂସ୍କୃତଶବ୍ଦ ଭାବରେ ଗୃହୀତ ହୋଇଛନ୍ତି। ଆମ ଶବ୍ଦ-ଦୁହିତାକୁ ଅନୁସ୍ୱାର, ବିସର୍ଗ, ହଳନ୍ତର ପାଟଶାଢ଼ି-ଶଂଖା-ସିଂଦୂର-ଅଳିତା-ଅଳଂକାରଦେଇ ବୋହୂ ସଜେଇ ଅନ୍ୟମାନେ କହୁଛନ୍ତି କ'ଣ ନା ଆମର? ଭୁଲି ଯାଉଛନ୍ତି ଯେ, ସିଏ ଦିନେ ଆମଘରେ ଜନ୍ମ ହୋଇଥିଲା। ଖାଲି ଟିକିଏ ବଂଶୀ ଧରେଇ, ଫୁଲମାଳ ପକେଇ, ଜାମୁଡ଼ାଳ-ମୟୂରଚଂଦ୍ରିକା ଖୋସି ନାଟ ଶିଖେଇ ଦେଲା ବୋଲି ନଟନାଗର ଗୋଟାପଣେ ଯଶୋଦାର, ଦେବକୀର କିଛି ବି ନୁହେଁ?



ନାଟ୍ୟଶାସ୍ତ୍ର କାଳରୁ 'ସମାନଶବ୍ଦ'ର ପ୍ରଚଳନକୁ ଉପେକ୍ଷା କରି ତତ୍ସମ ନାମରେ ଓଡ଼ିଆଭାଷାର ଅର୍ଦ୍ଧାଧିକ ଶବ୍ଦକୁ ସଂସ୍କୃତଶବ୍ଦ ନାମରେ ଚଳେଇ ନେବା ଓଡ଼ିଆଭାଷା ପ୍ରତି ଚରମ ଅବହେଳା ଓ ଅନ୍ୟାୟ ନିଶ୍ଚୟ। ତେବେ ନଦୀ, ମାତା, ଲତା ପରି ଅନେକ ଓଡ଼ିଆଶବ୍ଦ ସଂସ୍କୃତ ସହିତ ସମାନ। ଯେଉଁ ଶବ୍ଦଗୁଡ଼ିକୁ ତଥାକଥିତ ତତ୍ସମଶବ୍ଦ ଭାବରେ ଗ୍ରହଣ କରାଯା(ଇ)ଉଛି, ସେଗୁଡ଼ିକୁ ଓଡ଼ିଆଶବ୍ଦ ବୋଲି କହିବାରେ କୌଣସି ଅସୁବିଧା ନାହିଁ। ତେଣୁ ବିଜୟ ପ୍ରସାଦ ମହାପାତ୍ର ଯଥାର୍ଥରେ କହିଛନ୍ତି- "ଓଡ଼ିଆରେ ତତ୍ସମ ଶବ୍ଦ ବୋଲି କିଛି ନାହିଁ।" (ଓଡ଼ିଆ ଭାଷା ବିଭବ, ୧୯୯୫, ବିଦ୍ୟାପୁରୀ, ପୃଷ୍ଠା.୪୮)

(ଖ) ସେହିପରି ଅଦ୍‌ଭୁତ ଭାବରେ ଏକ ତଦ୍‌ଭବ ଶବ୍ଦର ପରିକଳ୍ପନା କରାଯାଇଛି। "ତଦ୍‌ଭବ" ଶବ୍ଦର ଅର୍ଥ କରାଯାଇଛି, ତଦ୍ ଭବ, ତଦ୍ ଅର୍ଥାତ୍ ସଂସ୍କୃତ(ରୁ) ଭବ ବା

ସୃଷ୍ଟ ଓଡ଼ିଆଶବ୍ଦ। ନାଟ୍ୟଶାସ୍ତ୍ରରେ ଥିବା "ବିଭ୍ରଷ୍ଟଂ" ଶବ୍ଦକୁ କେହି କେହି 'ତଦ୍‌ଭବ' ଭାବରେ ଗ୍ରହଣ କରିଥାନ୍ତି। ବିଭ୍ରଷ୍ଟଂ ଶବ୍ଦର ଅର୍ଥ ହେଉଛି-ବିଚ୍ୟୁତ, ସ୍ଖଳିତ, ବିନଷ୍ଟ। ଅର୍ଥାତ୍ ତଦ୍‌ଭବ ନାମରେ ପରିଚିତ ଓଡ଼ିଆଶବ୍ଦ ଭଂଡାରର ପ୍ରାୟତଃ ଶତକଡ଼ା ୮୦ ଭାଗ ଶବ୍ଦ ସଂସ୍କୃତଭାଷା ବା ସଂସ୍କୃତ ଶବ୍ଦର ବିଚ୍ୟୁତି, ସ୍ଖଳନ, ବିନାଶରୁ ଜନ୍ମ? କେବେବି ଜନସାଧାରଣରେ କଥିତଭାଷା ବା ମାତୃଭାଷା ନଥିବା ସଂସ୍କୃତ ଭାଷାରୁ ଉଡ୍ର ତଥା ଓଡ଼ିଆ ଭାଷାର ଏ ବିପୁଳ ଶବ୍ଦସଂଭାର ସୃଷ୍ଟି ହେବା କ'ଣ ସଂଭବ? ବରଂ ଏମିତି ହୋଇଥିବ, "ଉଡ୍ର"ପରି ପ୍ରାଚୀନ ଭାରତରେ ରହିଥିବା ଅନ୍ୟାନ୍ୟ ମାତୃଭାଷା ବା ଜନସାଧାରଣରେ ପ୍ରଚଳିତ କଥିତ ଭାଷାଗୁଡ଼ିକରେ ପ୍ରଚଳିତ ଶବ୍ଦଗୁଡ଼ିକର ସାମାନ୍ୟ ସଂସ୍କାରିତ ରୂପ ହେଉଛି ସଂସ୍କୃତଶବ୍ଦ। 'ପୁଷ୍କରିଣୀ'ରୁ 'ପୋଖରି' ସୃଷ୍ଟ ବୋଲି ଯାହା କୁହାଯାଉଛି, ସେପରି ନ ହୋଇ 'ପୋଖରି'ରୁ ବି 'ପୁଷ୍କରିଣୀ' ସୃଷ୍ଟିହେବା ସଂଭବ। ବ୍ୟୁତ୍ପତ୍ତି କରିହେବ ଅତି ସହଜରେ ଧ୍ୱନିନିୟମ ପକାଇ। କେବଳ ସେତିକି ନୁହେଁ, 'ପୋଖରି' ଓ 'ପୁଷ୍କରିଣୀ' ଉଭୟ ଓଡ଼ିଆଶବ୍ଦ; ଆବଶ୍ୟକତା ଅନୁସାରେ ବ୍ୟବହୃତ ହୋଇଥାନ୍ତି, କାରଣ ପ୍ରତ୍ୟେକ ଶବ୍ଦର ଏକ ପ୍ରୟୋଗସୀମା ଓ ସ୍ଥାନ ରହିଥାଏ ସବୁବେଳେ।

**ଦେଶଜ ଶବ୍ଦ ଭାବରେ ଦ୍ରାବିଡ଼, ଆଦିବାସୀ ଓ କେତେକ ତଥାକଥିତ ଅବ୍ୟୁତ୍ପନ୍ନ ଶବ୍ଦକୁ ଗ୍ରହଣ କରାଯାଏ।**

ସଂସ୍କୃତ ମୋହରେ ପଡ଼ି ଆମ ଭାଷାର ମୌଳିକତାକୁ ଉପେକ୍ଷା କରି ଆମେ ନିଜର ସମସ୍ତ ବିଦ୍ୟାବୁଦ୍ଧି ପ୍ରୟୋଗ କରି, କଳ୍ପିତ ଧ୍ୱନିନିୟମ ପକେଇ ବ୍ୟୁତ୍ପତ୍ତି ନାଁରେ ଓଡ଼ିଆ ଶବ୍ଦର ମୂଳ (ଉତ୍ସ) ଜବରଦସ୍ତ ସଂସ୍କୃତରୁ ଖୋଜି ବାହାର କରିବାରେ ଲାଗିପଡ଼ିଛେ ଏବେ ବି। "ଅଇଁଠା, ଆରିସି, ଓଢ଼ଣା, କେସନ, ଖୁଡ଼ୀ, ଘିମିରି, ଛେଉଂଡ, ଜୁଆଇଁ, ଡାହୁକ, ଡମଣା, ଦାମୁଡ଼ି, ନାତି, ପିଉସୀ, ବନାନ, ଭାଲିଆ, ମହାନ୍ତି, ଲବଣୀ, ସତ୍ତୁ, ହେଠ" ଇତ୍ୟାଦି ଶବ୍ଦ ଯଥାକ୍ରମେ "ଉଚ୍ଛିଷ୍ଟକ, ଆଦର୍ଶିକା, ଅବଗୁଣ୍ଠନ, କୀଦୃଶନ୍, କ୍ଷୁଦ୍ରତାତିକା, ଘର୍ମରିକା, ଛିନ୍ନମୁଂଡ, ଜାମାତୃକ, ଦାତ୍ୟୁହକ, ଧର୍ମଣକ, ଦ୍ରମ୍ୟତର, ନପ୍ତୃକ, ପିତୃସ୍ୱସୃକା, ବର୍ଣ୍ଣାୟନ, ଭଲ୍ଲୁତକ, ମହାମନ୍ତ୍ରୀ, ନବନୀତ, ସବୋତୃ, ଅଧସ୍ଥ" ଶବ୍ଦରୁ ଆସିଛି ବୋଲି ନିର୍ଣ୍ଣୟକରି ପାଂଡିତ୍ୟ ପ୍ରଦର୍ଶନ କରୁଛେ; ବିଶ୍ୱବିଦ୍ୟାଳୟ ସ୍ତରରେ ପାଠ୍ୟ ରୂପେ ଶିକ୍ଷାଦାନ କରୁଛେ; ଥରେ ବିଚାର କରିନାହୁଁ, ସାଧାରଣ ଜନତା ତଥା ତତ୍‌କାଳୀନ ସମାଜରେ ଶିକ୍ଷାରୁ ବଂଚିତ ଲୋକେ ପ୍ରଥମେ 'ପୟଃପିଟକଃ' କହିଥିବେ ନା 'ପଇଡ଼' କହିଥିବେ? 'କଫନିକା'ରୁ କହୁଣି ନା 'କହୁଣି'ରୁ 'କଫନିକା'?

ତେଣୁ ଓଡ଼ିଆରେ 'ତଦ୍‌ଭବଶବ୍ଦ' ବୋଲି କିଛି ନାହିଁ, 'ତଦ୍‌ଭବ' ବୋଲି କୁହାଯାଉଥିବା ସମସ୍ତ ଶବ୍ଦ ହେଉଛି ଓଡ଼ିଆଶବ୍ଦ। ତଦ୍‌ଭବ ନାଁରେ ସଂସ୍କୃତଶବ୍ଦ ବଦଳି ବଦଳି ଓଡ଼ିଆ ଶବ୍ଦରେ ପରିଣତ ହୋଇନାହିଁ। ଭାତ ଶୁଖିଗଲେ ଚାଉଳ ହୁଏ ବୋଲି ପ୍ରତ୍ୟୟନ ହୁଏ, କିନ୍ତୁ ବାସ୍ତବରେ ଚାଉଳରୁ ଭାତ ହୋଇଥାଏ ନା।

(ଗ) ଦେଶଜ ଶବ୍ଦ ଭାବରେ ଦ୍ରାବିଡ଼, ଆଦିବାସୀ ଓ କେତେକ ତଥାକଥିତ ଅବ୍ୟୁତ୍ପନ୍ନ ଶବ୍ଦକୁ ଗ୍ରହଣ କରାଯାଏ। ଯେଉଁ ଶବ୍ଦର କୌଣସି ମୂଳ ନିର୍ଣ୍ଣୟ କରାଯାଇପାରିନାହିଁ ସେଗୁଡ଼ିକୁ ଏହି ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି, ଯେପରି- "ଅଲରା, କସି, ଖଡ଼ା, ଗୋଜ, ଛଚିଂଦ୍ରା, ଝୁମୁକା, ଟାକୁଆ, ଠାର, ଡାଳ, ନିଛାଟିଆ, ପାଢ଼, ବୋଝ, ଲେଂଜରା, ହଡ଼ା" ଇତ୍ୟାଦି। ଏହି ଶବ୍ଦଗୁଡ଼ିକୁ ଆଂଗୁଠି ଗାରରେ ବି ଗଣିହେବ, ଏହାର ସଂଖ୍ୟା ବୋଧହୁଏ ୧୦୦ ବି ହେବନାହିଁ। ପ୍ରଚଳିତ ଓଡ଼ିଆ ଶବ୍ଦଭଂଡାରର ବିଭାଗୀକରଣ ଅନୁସାରେ ତତ୍ସମ, ତଦ୍‌ଭବ, ଦ୍ରାବିଡ଼, ଆଦିବାସୀ, ବୈଦେଶିକ ଶବ୍ଦକୁ ବାଦ୍ ଦେଲେ ଏତିକି ହେଉଛି ଓଡ଼ିଆଭାଷାର ମୌଳିକ ଶବ୍ଦସଂପଦ(?) ତଥାକଥିତ ତତ୍ସମ, ତଦ୍‌ଭବ ଏବଂ ଦ୍ରାବିଡ଼, ଆଦିବାସୀ, ବୈଦେଶିକଶବ୍ଦ ରୂପକ ମହାଭାରତର ଇଂଦ୍ରପ୍ରସ୍ଥ, ସ୍ୱର୍ଣ୍ଣପ୍ରସ୍ଥ, ପାଂଡୁପ୍ରସ୍ଥ, ବ୍ୟାଘ୍ରପ୍ରସ୍ଥ, ତିଲପ୍ରସ୍ଥକୁ ବାଦ୍‌ଦେଲେ ଆଉ ରହିଲା କ'ଣ ଯେ? ଏତେ ସୀମିତ ଶବ୍ଦକୁ ନେଇ ହଜାର ହଜାର ବର୍ଷ ତଳୁ ଉଡ୍ରଭାଷା କାଳରୁଏ ବିଶାଳ ଜାତି ପରସ୍ପର ମଧ୍ୟରେ ଭାବବିନିମୟ କରିଆସୁଛି?

## ନୂତନ ବିଭାଗୀକରଣ

ଶବ୍ଦ ଭଂଡାରର ନୂତନ ବିଭାଗୀକରଣ: ଓଡ଼ିଆ ଶବ୍ଦଭଂଡାରର କଳେବର ବର୍ତ୍ତମାନ ବିରାଟ ଦ୍ରୁମ, ଅଧୁନା ସମଗ୍ର ବିଶ୍ୱ ଗୋଟିଏ ଗାଁ ପରିପ୍ରେକ୍ଷାରେ ପୃଥିବୀର ଅନ୍ୟାନ୍ୟ ଭାଷା ପରି ଓଡ଼ିଆ ଶବ୍ଦଭଂଡାରର ସମସ୍ତ ଦ୍ୱାର, ବାତାୟନ ଓ

ଗବାକ୍ଷ ସଂପୂର୍ଣ ଉନ୍ମୁକ୍ତ। ପ୍ରାଚୀନ ଓଡ଼ିଆଶବ୍ଦଠାରୁ ଆରଂଭ କରି ବିଦେଶରେ ଏଇ ମୁହୂର୍ତ୍ତରେ ଆବିଷ୍କୃତ ନୂତନ ନକ୍ଷତ୍ରର ନାମ ବି ଆମ ଓଡ଼ିଆଶବ୍ଦ। ପ୍ରାଚୀନ ଶବ୍ଦକୁ ସୁରକ୍ଷା ପ୍ରଦାନ କରିବା ଯେପରି ଆମର କର୍ତ୍ତବ୍ୟ, ନୂତନ ଶବ୍ଦକୁ ସ୍ୱାଗତ କରିବା ସେହିପରି ଅନିବାରଣୀୟ ମହତକାର୍ଯ୍ୟ। ଶାସ୍ତ୍ରରେ ସ୍ଥାନିତ ଉଚ୍ଚାଂଗ ଶବ୍ଦଠାରୁ ଆରଂଭ କରି କୌଣସି ନିର୍ଦ୍ଦିଷ୍ଟ ଜାତି ବା ଗୋଷ୍ଠିର ଅତି ସୀମିତଶବ୍ଦ ସମେତ ଓଡ଼ିଶାର ସମସ୍ତ ଉପାନ୍ତଂଚଳୀୟ ତଥା ବିଭିନ୍ନ ଆଂଚଳିକ ଓଡ଼ିଆଶବ୍ଦ ହେଉଛି ଆମ ଶବ୍ଦଭଂଡାରର ସଂପଦ। ଏହାକୁ ଆଧାର କରି ଓଡ଼ିଆ ଶବ୍ଦଭଂଡାରକୁ ନିମ୍ନ ମତେ ବିଭାଗୀକରଣ କାରାଯାଇପାରେ।

| ଓଡ଼ିଆ ଶବ୍ଦଭଂଡାର | |
|---|---|
| (୧) ମୌଳିକ ଶବ୍ଦ | (୨) ଆହରିତ ଶବ୍ଦ |
| (କ) ଶାସ୍ତ୍ରୀୟଉଚ୍ଚାଂଗ ଶବ୍ଦ | (କ) ଦେଶାହରିତ ଶବ୍ଦ |
| (ଖ) ମାନକ ଶବ୍ଦ | (ଖ) ବିଦେଶାହରିତ ଶବ୍ଦ |
| (ଗ) ଆଂଚଳିକ ଶବ୍ଦ | |
| (ଘ) ଗୌଷ୍ଠୀକ ଶବ୍ଦ | |

## (୧) ମୌଳିକ ଶବ୍ଦ:

ପ୍ରାଚୀନରୁ ସଂପ୍ରତିକ: ପାରଂପରିକ ରୀତିରେ ଆମଭାଷାରେ ବ୍ୟବହୃତ ଅଣଆହାରିତ ଶବ୍ଦ ହେଉଛି ମୌଳିକ ଓଡ଼ିଆଶବ୍ଦ। ପ୍ରାଚୀନଶାସ୍ତ୍ର ବ୍ୟବହୃତ ଶବ୍ଦଠାରୁ ଆରଂଭ କରି ସଂପ୍ରତି ସାଧାରଣ ଜନତାର କଥୋପକଥନ, ଲିଖନ ତଥା ରାଜକାର୍ଯ୍ୟରେ ବ୍ୟବହୃତ ଶବ୍ଦ ଏହାର ପରିସରଭୁକ୍ତ। ଆହରଣ ଓ ବର୍ଜନ ମାଧ୍ୟମରେ ଯେକୌଣସି ଭାଷାର ମୌଳିକ ଶବ୍ଦଭଂଡାରରେ ପରିବର୍ତ୍ତନ ଘଟିଥାଏ। ପରିବର୍ତ୍ତନ ଘଟିବା ହିଁ ଭାଷାର ପ୍ରଗତି, ଉନ୍ନତିଓ ଜୀବନ୍ତସ୍ଥିତିର ଲକ୍ଷଣ। ଆବଶ୍ୟକତା, ଅନିବାର୍ଯ୍ୟତା, ଅବିକଳ୍ପତା ଅନୁସାରେ କୌଣସି ଆହରିତଶବ୍ଦ ବି ମୌଳିକଶବ୍ଦ ଭାବରେ ବିବେଚିତ ହୋଇପାରେ। ଏହି ଦୃଷ୍ଟିରୁ ଓଡ଼ିଆଭାଷା ଖୁବ୍ ଅନୁକୂଳ, ପ୍ରଗତିଶୀଳ। ମୌଳିକ ଓଡ଼ିଆଶବ୍ଦ(କ) ଶାସ୍ତ୍ରୀୟଉଚ୍ଚାଂଗ ଶବ୍ଦ, (ଖ) ମାନକ ଶବ୍ଦ, (ଗ) ଆଂଚଳିକ ଶବ୍ଦ ଓ (ଘ) ଗୌଷ୍ଠୀକ ଶବ୍ଦ ଏହିପରି ୪ ଭାଗରେ ବିଭକ୍ତ। ଏହି ବିଭାଗୀକରଣର ସ୍ୱରୂପକୁ ଏପରି ବ୍ୟାଖ୍ୟା କରାଯାଇପାରେ।

**(କ) ଶାସ୍ତ୍ରୀୟଉଚ୍ଚାଂଗ ଶବ୍ଦ:** ସାଧାରଣତଃ ସ୍ୱତନ୍ତ୍ର ଧରଣର ସାହିତ୍ୟ ସୃଷ୍ଟି, ସାଂସ୍କୃତିକ-ସାହିତ୍ୟିକ-ସାମାଜିକ-ଧାର୍ମିକ ଅନୁଷ୍ଠାନ, ସଭାରେ ପ୍ରଦତ୍ତଭାଷଣ, କେତେକ ରାଜକାର୍ଯ୍ୟ ସଂପାଦନ କ୍ଷେତ୍ରରେ ଏହି ଶବ୍ଦ ବ୍ୟବହୃତ ହୋଇଥାଏ। କେତେକ ଏହାକୁ ସମ୍ମାନଦେବାକୁ ଯାଇ ସାଧୁଶବ୍ଦ, ଶିଷ୍ଟଶବ୍ଦ ବୋଲି କହିଥାନ୍ତି। କେତେକ କ୍ଷେତ୍ରରେ ଏହା କିଛି ଲୋକଂକ ନିମନ୍ତେ ଦୁରାଚ୍ଚାର୍ଯ୍ୟ ବି ହୋଇଥାଏ। ଓଡ଼ିଆଭାଷାରେ ପ୍ରଚଳିତଏହି ବର୍ଗରଶବ୍ଦ କିଛି ଅପ୍ରଚୁର ନୁହେଁ, ଓଡ଼ିଆଭାଷା ଅସ୍ମିତା କ୍ଷେତ୍ରରେ ଏହି ଶବ୍ଦଗୁଡ଼ିକର ସ୍ଥାନ ସ୍ୱତନ୍ତ୍ର ଓ ବହୁ ଉର୍ଦ୍ଧ୍ୱରେ। ଓଡ଼ିଆ ରୀତିସାହିତ୍ୟର କୋଣାର୍କ ଏହି ଶବ୍ଦ-ପ୍ରସ୍ତରରେ ନିର୍ମିତ। ଅଂଗ ଓ ଆତ୍ମାରେ ପାଠକ ଓ ଶ୍ରୋତାଂକୁ ମୋହିବାର ଅପୂର୍ବ କ୍ଷମତା ବହନ କରେ ଏହି ଶବ୍ଦମାଳା, କେତେକ ଏହାକୁ ସାହିତ୍ୟିକ ଶବ୍ଦ ବୋଲି ବି କହିଥାନ୍ତି। "ଅକ୍ଷ, ଅପାଂଗ, ଆନନ, ଆତପ, ଇଷ୍ଟକ, ଇଂଦିବର, ଈପ୍‌ସା, ଈହା, ଉଦ୍‌ବୃତ, ଉର୍ଦ୍ଧ୍ୱ, ଉର୍ଣନାଭ, ଋତ, ଋଷଭ, ଏଷଣା, ଏରଂଡ, ଐକାନ୍ତିକ, ଐଚ୍ଛିକ, ଔଚିତ୍ୟ, ଔଜଲ୍ୟ,କଂଦର, କେତନ, କ୍ଷମା, କ୍ଷିତି,ଖଦ୍ୟୋତ, ଖନିତ୍ର, ଗର୍ଦ୍ଦଭ, ଗର୍ଗର, ଘର୍ମ, ଘୋଟକ, ଚଂଦ୍ରିକା, ଚଂଦ୍ରାତପ, ଛାଗ, ଛାୟା, ଜତୁ, ଜୃଂଭା, ଜ୍ଞାତି, ଜ୍ଞାନ, ଝର୍ଝର, ଝଂକାର, ଟଂକ, ଟୀକା,ଡାକିନୀ, ଡୁଂଡୁଭ, ତଂଡୁଳ, ତଡ଼ିତ,ଦର୍ଦ୍ଦୁର, ଦୁର୍ଦ୍ଧର୍ଷ, ଧୃଷ୍ଟ, ଧୂନକ, ନକୁଳ, ନକ୍ର, ପଂକ୍ତି, ପୁଷ୍ପ,ଫଲ୍‌ଗୁ, ଫାଲ୍‌ଗୁନ, ବକୁଳ, ବଂଧୁର, ଭ୍ରୂ,ଭର୍ତ୍ତା, ମୁକୁର, ମୟୂଖ, ଯମକ, ଯାଚଞ୍ଚା, ରକ୍ତ, ରତ୍ନ, ଲଗ୍ନ, ଲୁବ୍ଧକ,ଶାର୍ଦ୍ଦୁଳ, ଶୁଦ୍ଧ, ଷଷ୍ଠ, ଷାଣ୍ମାସିକ, ସଜ୍ଜନ, ସ୍ମୃତି, ହସ୍ତ, ହୃଷ୍ଟ, ହୃଷୀକ" ଇତ୍ୟାଦି ଏହିବର୍ଗର ଶବ୍ଦ। ଏଥି ମଧ୍ୟରୁ କେତେକ ଶବ୍ଦ କେବଳ ସାହିତ୍ୟ ସୃଷ୍ଟିରେ ହିଁ ବ୍ୟବହୃତ ହୋଇଥାନ୍ତି, ଦୈନନ୍ଦିନ ବ୍ୟବହାରରେ ନୁହେଁ, ଯେପରି-"ଅନୋହ, ଆଶୀବିଷ, ଈକ୍ଷଣ, ଉରଜ, କିଂଶୁକ, ଖଗପତି,ଗଂଧସାର, ଘନରସ, ଚତ୍ୱର,ଛଦ୍ମ, ଜଳଦ, ଝଷ, ଡାକିନୀ, ତ୍ରିଜାମା,ଦୁରିତ, ଧୃତି, ନୀରଧର, ପନ୍ନଗ, ବିହଗ,ଫଣୀଂଦ୍ର, ଭୁଜଂଗ, ମହୀଧର, ଯତି, ରଂଭୋରୁ, ଶିଖରୀ, ଷଟ୍‌ପଦ, ସରୋବର,ହରିତ" ଇତ୍ୟାଦି।ଏହି ଶ୍ରେଣୀର ଶବ୍ଦର ନାମକରଣ କେବଳ 'ଉଚ୍ଚାଂଗ ଶବ୍ଦ' କରିଥିଲେ ହୋଇଥାନ୍ତା, କିନ୍ତୁ ଏଥି ମଧ୍ୟରୁ କେତେକ ଶବ୍ଦ କେବଳ ଶାସ୍ତ୍ର (ସାହିତ୍ୟାଦି)ରେ ବ୍ୟବହୃତ ହେଉଥିବାରୁ ଏବଂ ଏହା ଉଚ୍ଚାଂଗ ରୂପ ଓ ଆବେଦନଦ୍ୱାରା ସ୍ୱତନ୍ତ୍ର ମର୍ଯ୍ୟାଦାରେ ଆସୀନ ହୋଇଥିବାରୁ ଉଭୟର ମିଶ୍ରଣରେ 'ଶାସ୍ତ୍ରୀୟଉଚ୍ଚାଂଗ'ଭାବରେ

ନାମିତ କରାଗଲା।

**(ଖ) ମାନକ ଶବ୍ଦ:** କୌଣସି ଦେଶ ବା ରାଜ୍ୟରେ ଗୋଟିଏ ଭାଷା ବ୍ୟବହୃତ ହେଉଥିଲେ ମଧ୍ୟ ସର୍ବତ୍ର ଭାଷାର ରୂପ ସମାନ ନଥାଏ, କିଛି ନା କିଛି ଭେଦ ରହିଥାଏ ବିଭିନ୍ନ କାରଣରୁ। ସେହି ଦେଶ ବା ରାଜ୍ୟର ସମସ୍ତ ଅଂଚଳର ସର୍ବଜନଗ୍ରାହ୍ୟ, ସର୍ବଜନବୋଧ୍ୟ, ସମସ୍ତଂକ ନିମନ୍ତେ ଆଦର୍ଶ ସ୍ଥାନୀୟ ଭାଷାରୂପ ହେଉଛି ମାନକଭାଷା। ମନେ ରଖିବାକୁ ହେବ ଯେ, ଏହା କୌଣସି ନିର୍ଦ୍ଦିଷ୍ଟ ଅଂଚଳର ଭାଷା ନୁହେଁ, ଅଥଚ ସମସ୍ତଂକ ନିମନ୍ତେ ଉଦ୍ଦିଷ୍ଟ, ସମସ୍ତଂକ ଭାଷା। ଠିକ୍ ଯେମିତି ଚଂଦ୍ର କାହାରି ଜଣକର ମାମୁ ନୁହେଁ କିନ୍ତୁ ସମସ୍ତଂକର ମାମୁ। ଏହି ଦୃଷ୍ଟିରୁ ଓଡ଼ିଶାର ନିର୍ଦ୍ଦିଷ୍ଟ କୌଣସି ଅଂଚଳର ଭାଷାକୁ ଓଡ଼ିଆଭାଷାର 'ମାନକଭାଷା' ବୋଲି କୁହାଯାଇ ପାରିବନାହିଁ। କେତେକ ଏହାକୁ ବହିର ଭାଷା ବୋଲି କହିଥାନ୍ତି, କାରଣ ଗଳ୍ପ, ଉପନ୍ୟାସ, ନାଟକ, କବିତା, ସମାଲୋଚନା ଆଦି ସାଧାରଣତଃ ଏହି ଭାଷାରେ ଲେଖାଯାଇଥାଏ। ଅବଶ୍ୟ ଏହା ଆଂଶିକ ସତ୍ୟ। ପ୍ରାୟତଃ ଏହାକୁ ଭିତ୍ତିକରି ଭାଷାର ବ୍ୟାକରଣ ରଚନା କରାଯାଏ। କହିବା ବାହୁଲ୍ୟ ଯେ, ମାନକଭାଷାରେ ବ୍ୟବହୃତ ଶବ୍ଦ ହେଉଛି ମାନକଶବ୍ଦ।




**(ଗ)ଆଂଚଳିକ ଶବ୍ଦ:** ଗ୍ରିଅରସନ୍ ଯାହା କହିଛନ୍ତି ଓଡ଼ିଆଭାଷାର କୌଣସି ଉପଭାଷା ନାହିଁ, ତାହା ସତ୍ୟ। ସେ ଅବଶ୍ୟ ଖୋର୍ଦ୍ଧା-ଘୁମୁସର ଅଂଚଳର କୃଷକମାନଂକ ଭାଷାକୁ ଓଡ଼ିଆର ମାନକଭାଷା ଭାବରେ ଗ୍ରହଣ କରିଛନ୍ତି। ଓଡ଼ିଶାର ସମସ୍ତ ଆଂଚଳିକ ଭାଷାର ସମାହାର ହିଁ ଓଡ଼ିଆଭାଷା। ଅନୁରୂପ ଭାବରେ ଓଡ଼ିଶାର ସମସ୍ତ ଆଂଚଳିକଶବ୍ଦର ସମାହାରରେ ଓଡ଼ିଆ ଶବ୍ଦଭଂଡାର ଗଠିତ। ଆଂଚଳିକ ଶବ୍ଦ କେତେବେଳେ ସ୍ୱତନ୍ତ୍ରଶବ୍ଦ ତ କେତେବେଳେ ମାନକଶବ୍ଦଠାରୁ ସାମାନ୍ୟ ଧ୍ୱନି ଭିନ୍ନ ଶବ୍ଦ ହୋଇଥାଏ। ଆଂଚଳିକ ଶବ୍ଦ ସୃଷ୍ଟି ପଶ୍ଚାତରେ ଭୌଗୋଳିକ ସ୍ଥିତି ଓ ଅନ୍ୟଭାଷାର ପାରିବେଶିକ ପରିସ୍ଥିତି କାର୍ଯ୍ୟ କରିଥାଏ। ଏହି ଶବ୍ଦସମୂହ ଓଡ଼ିଆଭାଷାର ଅନ୍ୟତମ ବୈଶିଷ୍ଟ୍ୟ, ଅସ୍ମିତା ଓ ଚାରୁବିଭବ। ଏହି ବର୍ଗରେ "ଅଉଲ୍, ଅଛନ୍, ଅଂଗି, ଅଂଡ୍ରା, ଅଂଡ୍ରାପିଲା, ଆକା, ଆକାଶ୍ୟ, ଆଖଡ଼ି, ଆଘର୍, ଆଂବିଳ, ଇଖ୍‌ନି, ଇଡ଼ି, ଉଆଳି, ଉଆଁସ୍, ଉକେନ୍, ଏଁଖ୍, ଏନ୍‌ତା, ଏତା, ଓଖ, ଓରି, କଏରା, କଟାଣ, କରଡ଼ି, କଭାଟ, ଖାପ, କୁଅଁ, କାଇଲା, କାକୁର୍ତି, ଖୁଜ, ଖକ୍‌ସା, ଖଚା, ଗଉ, ଗମାତ, ଗା'ରି, ଗୀତପେଡ଼ି, ଗୁ, ଘଂଗୋ, ଘନା, ଚାଏଁରି, ଚିକି, ଚହ୍ଲା, ଛତ୍, ଛୁମ୍,ଜଇନି, ଜର୍,ଜିଉ, ଜିହଲ, ଜୋଇଁ, ଝଁଟ୍, ଝଁପି, ଝାଂଟେଇବା, ଟାଁକ୍, ଟୁପି, ଠୁସା, ଠୋଡ଼ି, ଡିମ୍, ଡୁଂଗା, ଢୁଣି, ଢୁଲି, ତଲ୍, ତାସ୍, ଥଏ, ଥାବ୍, ଦଦା, ଦାଏଲ୍, ଧଏନ୍, ଧଜ୍, ନଏଦ୍, ନନି, ପଇତି, ପଣିସ ପାନ୍ତୁ, ପଟ୍‌କା, ପତ୍‌ରି, ପିରି, ଫଏଲି, ଫସା, ଫେନ୍ତୁ, ବଏଲା, ବଛର, ବଦ୍ଦୁ, ବଂ'ଡା, ବା'ସ୍ତୁ, ବାଂଗିଣ, ବୋଇତାଲୁ, ବୋହୂପିଲା, ଭଉଁରା, ଭଟା, ଭାଜି, ଭାଲିଆଚାଉଳ, ଭୂଇଁଚଣା, ମଂଦ୍, ମାଇପିଲା, ମାଟ୍ରୁ, ରୁଠା, ରେ'କୁ, ରୋଟ୍, ଲମ୍, ଲାତ, ଲାରି, କାକରପେଡ଼ି, ସମାନେ, ସଂଠ, ସଭେ, ସେଏଁତେ, ହଦ୍, ହଁସ୍"ଇତ୍ୟାଦିଶବ୍ଦ ସ୍ଥାନ ଲଭିଥାନ୍ତି।

**(ଘ) ଗୌଷ୍ଠୀକ ଶବ୍ଦ:** ଓଡ଼ିଶାରେ ବିଭିନ୍ନ ଜାତି-ସଂପ୍ରଦାୟ-ଗୋଷ୍ଠୀର ଲୋକ ବସବାସ କରିଥାନ୍ତି। ଗୋଟିଏ ଗାଁ, ଗୋଟିଏ ସାହିରେ ରହୁଥିଲେ ମଧ୍ୟ ବେଳେବେଳେ ସେମାନଂକ ଭାଷା ମଧ୍ୟରେ ସୂକ୍ଷ୍ମଭେଦ ରହିଥାଏ, ଏହି ଭେଦ କେତେବେଳେ ଧ୍ୱନିଗତ ତ କେତେବେଳେ ସ୍ୱତନ୍ତ୍ର ଶବ୍ଦଗତ। ଯେପରି "ଲଖ (ନଖ), ରୋଦର-ଲୋଦର (ଓଦର), ଗୁଡ଼ (ଗୋଡ଼), ଖୁଜ (ଖୋଜ), ଦୁରୁଷ୍ଟି (ଦୃଷ୍ଟି), ବରସା (ବର୍ଷା), ଜୋଛନା (ଜ୍ୟୋତ୍ସ୍ନା)" ଇତ୍ୟାଦି। ଏତଦ୍‌ଭିନ୍ନ ବଢ଼େଇ, କମାର, ରାଜମିସ୍ତ୍ରି, ବାରିକ, ଚର୍ମକାର, ଓକିଲ, ଡାକ୍ତର, ଶିକ୍ଷକାର, ବ୍ୟବସାୟୀ, ଯନ୍ତ୍ରି ପରି ବିଭିନ୍ନ ଜାତି ବା ଗୋଷ୍ଠୀରେ କେତେକ ସ୍ୱତନ୍ତ୍ର ଶବ୍ଦର ପ୍ରଚଳନରହିଥାଏ, ଯେପରି- "ଓଳମ,ଓସା, କରଣି, କବାଲି, ଖାନତଲାସ,ଗଜ, ତାପି, ଦପ୍ତର, ନହୁରୁଣି, ନିହଣ, ବଟାଳି, ଭଅଁର, ମଟାମ, ମୁଗୁର" ଇତ୍ୟାଦି। ସମାଜରେ ଜାତି, ସଂପ୍ରଦାୟ ଓ ଗୋଷ୍ଠୀ ମଧ୍ୟରେ ସୂକ୍ଷ୍ମ ପାର୍ଥକ୍ୟ ରହିଥିଲେ ବି ଏପରି ନାମକରଣ ସବୁରି ନିମନ୍ତେ ଉଦ୍ଦିଷ୍ଟ।

**(୨)ଆହରିତ ଶବ୍ଦ:** ଭାଷାରେ ଆହରଣ ଏକ ଅନିବାର୍ଯ୍ୟ ଦିଗ, ପ୍ରଗତିର ପ୍ରତୀକ। ସମୟ ସହିତ ତାଳ ଦେବାକୁ ଯାଇ, ଆଜିର ଏ ବିଶ୍ୱାୟନ କାଳରେ ବିଶ୍ୱର ପ୍ରତ୍ୟେକ ଭାଷା ଊଣା ଅଧିକେ ପ୍ରଭାବିତ ହେବାକୁ ସତେଯେପରି ବାଧ୍ୟ। ଶିକ୍ଷାର ବିସ୍ତାର, ଗମନାଗମନର ସୁବିଧା, ଗଣ ଯୋଗାଯୋଗର ପ୍ରସାର, ବୈଜ୍ଞାନିକ ଉଦ୍‌ଭାବନ, ସାହିତ୍ୟ-ସଂସ୍କୃତି-କ୍ରୀଡ଼ାର ବିନିମୟ, ବିବିଧ ଆବିଷ୍କାର, ବ୍ୟବସାୟ ଅନୁକୂଳ ଦୂରଦିଗ୍‌ବଳୟର ସଂକୋଚନ, ଜାତୀୟ-ଅନ୍ତର୍ଜାତୀୟ ସ୍ତରର ବିବାହ ସଂସ୍ଥାପନ, ଦେଶ ବିଦେଶରେ କର୍ମସଂସ୍ଥାନ, ମନୋରଂଜନଧର୍ମୀ ବହୁବିଧ ଦିଗର ବ୍ୟାପକ ଉନ୍ମୋଚନ, ପାର୍ଯ୍ୟଟନିକ ସୁଗମ ଗମନାଗମନ ଆଦି ଅନେକ ଦିଗ ବିଶ୍ୱର ସମସ୍ତଭାଷା ବା ଶବ୍ଦଭଂଡାରକୁ ପ୍ରଭାବିତ କରିଛି। ଏହି ପ୍ରଭାବ ଆଜି ଅନିବାରଣୀୟ ଦିଗ ହୋଇ ଉଭା ହୋଇଛି, ଯାହାର ଅନ୍ୟନାମ ହେଉଛି ଆହରଣ। ଓଡ଼ିଆଭାଷାର ଏହି ଶାବ୍ଦିକ ଆହରଣକୁ ୨ ଭାଗରେ ବିଭକ୍ତ କରାଯାଇପାରେ, (କ) ଦେଶାହରିତ ଶବ୍ଦ ଓ (ଖ) ବିଦେଶାହରିତ ଶବ୍ଦ।

**(କ) ଦେଶାହରିତ ଶବ୍ଦ:** ଆମଦେଶର ବିଭିନ୍ନ ଭାଷାରୁ ଓଡ଼ିଆଭାଷା ଯେଉଁ ଶବ୍ଦଗୁଡ଼ିକୁ ଆହରଣ କରିଛି ସେଗୁଡ଼ିକ ହେଉଛି ଦେଶାହରିତ ଶବ୍ଦ। ଓଡ଼ିଶାର ତ୍ରିପାର୍ଶ୍ୱରେ ବଂଗଳା-ହିଂଦି-ଛତିଶଗଡ଼ି-ତେଲୁଗୁ ଭାଷା ରହିଥିବାରୁ ମଧ୍ୟଭାଗରେ ବିଭିନ୍ନ ଆଦିବାସୀ ବସବାସ କରୁଥିବାରୁ ଏବଂ ଶିକ୍ଷା-ଶାସନ-ସଂସ୍କୃତି-ଧର୍ମ-ବ୍ୟବସାୟ-କର୍ମସଂସ୍ଥାନ-ବୈବାହିକ ସଂପର୍କ ସ୍ଥାପନ-ପର୍ଯ୍ୟଟନ ଆଦି କାରଣରୁ ଓଡ଼ିଆଭାଷା ବିବିଧ ଭାରତୀୟଭାଷା ଦ୍ୱାରା ପ୍ରଭାବିତ ହୋଇଛି। ସାହିତ୍ୟ, ବିଭିନ୍ନ ପତ୍ରିକା, ଚଳଚ୍ଚିତ୍ର ଓ ଜାତୀୟ-ଅନ୍ତର୍ଜାତୀୟ ଗଣମାଧ୍ୟମ ଦ୍ୱାରା ଓଡ଼ିଆଭାଷା କିଛି କମ୍ ପ୍ରଭାବିତ ହୋଇନାହିଁ। ଓଡ଼ିଆଭାଷାରେ ଏହି ବର୍ଗର ଆହରିତ ଶବ୍ଦ ମଧ୍ୟରୁ କେତେକ ହେଉଛି- "ଆଂଗ, ଆସ୍ତି, ଉଲ୍‌ଲି, ଓରାଓଁ,କଂଧ, କଢୁନ୍, କୋହ୍ଲ, ଗଦବା, ଗଂଡ, ଗୁଂଡି, ଜୁଆଂଗ, ଛାନ୍‌ଭିନ୍ନ, ଝଟା, ଟୁଂକିଓ, ଡିଂଗ୍ରି, ଡେବ୍ରି, ତେଲୁଗୁ, ତାମିଲି, ଧାଂଗଡ଼ା, ଧାଂଗଡ଼ୀ, ନାକୁ, ପରଜା, ବଂଡା, ବଗେରା, ମତଲବ୍, ଯୋଗା, ଯୋଜୋନା, ସଉରା,ସାନ୍ତାଳ, ସିସ୍ଟୁ, ସେ (ବିଭକ୍ତି ଚିହ୍ନ)ସ୍ୱାଗତଂ" ଇତ୍ୟାଦି।

**(ଖ)ବିଦେଶାହରିତ ଶବ୍ଦ:** ଉପରେ ବର୍ଣ୍ଣିତ ଆହରଣର ବିବିଧ କାରଣ ବା ଦିଗ ପରିପ୍ରେକ୍ଷାରେ ଓଡ଼ିଆଭାଷା ବା ଓଡ଼ିଆ ଶବ୍ଦଭଂଡାର ବିଭିନ୍ନ ବିଦେଶ ଭାଷାରୁ ଶବ୍ଦ ଆହରଣ କରିଆସୁଛି। ବିଶେଷତଃ ଭାରତ ଦୀର୍ଘବର୍ଷ ଧରି ବିଦେଶ-ଶାସକଂକ ଅଧୀନରେ ରହିଥିବାରୁ ଅନେକ ସମୟରେ ବୈଦେଶିକ ଶବ୍ଦ ଗ୍ରହଣ କରିବାକୁ ବାଧ୍ୟ ହୋଇଛି। ସାଂପ୍ରତିକ କାଳରେ ବୈଦେଶିକ ଶବ୍ଦ ଆହରଣ ତ ଏକ ଅନିବାର୍ଯ୍ୟ ଆବଶ୍ୟକତା ହୋଇଗଲାଣି। ଓଡ଼ିଆ ଭାଷାରେ ଅନେକ ବିଦେଶାହରିତ ଶବ୍ଦ ପ୍ରଚଳିତ, ତନ୍ମଧ୍ୟରୁ କେତୋଟି ହେଉଛି- "ଅଦାଲତ, ଅଡିଟ୍, ଆମଦାନି, ଆଂବୁଲାନ୍ସ, ଆୟା, ଇଜଲାସ୍, ଇସ୍ତ୍ରି, ଇଂଜେକସନ୍, ଉଜିର୍, ଏରିଆ, ଓକିଲ, ଓଭିଅସ୍, କାଏମ୍, କାଜ, କେବିନ୍, ଖାରଜ୍, ଗଫଲତି, ଗାଂଗୁଲା, ଗିଅର୍, ଚପରାସି, ଚାବି, ଚେନ୍, ଛାପା,ଜବାବ୍, ଜାଫ୍ରାନ୍, ଜଗ୍, ଟ୍ରକ୍, ଡିହ, ଡ୍ରାଫ୍ଟ, ତଜ୍‌ବିଜ୍, ତଉଲିଆ, ଥାନା, ଦରୁଆନ୍, ନବ୍, ନାଲିସ୍, ନିଲାମ, ପର୍ସ, ପରୁଆନା, ପପେୟା, ପାଉ, ଫଇସଲା, ଫିତା, ଫୋନ୍, ବଟକରା, ବସ୍, ବାଜିଗର୍, ଭୋଟ୍, ମକଦ୍ଦମା, ମାସ୍ତୁଲ୍, ମେୟର, ୟୁନିଫର୍ମ, ଫ୍ୱାର୍ଡ, ରସିଦ, ରିଟ୍, ରୁମାଲ୍, ଲାଖରାଜ୍, ଲେସ୍, ସାଇକ୍ଲ, ସାଗୁ, ସାଲିସ୍, ହାକିମ, ହ୍ୟୁସିଲ, ଟିକସ, ଡାକ୍ତର, ପଲସ୍ତରା, ପିଂଗଳ, ପୋଷ୍ଟାଫିସ୍, ବୋତଲ" ଇତ୍ୟାଦି। ଓଡ଼ିଆ ଭାଷାରେ ଇଂଗିସ୍, ଫରାସି, ଆରବି, ତୁର୍କି, ପର୍ତୁଗିଜ, ଚିନ୍ ଆଦି ଭାଷାର ଶବ୍ଦ ସ୍ଥାନ ଲାଭକରିଛି।

**ଓଡ଼ିଆ-ସଂସ୍କୃତ ମଧ୍ୟରେ ପାରସ୍ପରିକ ଶବ୍ଦ ବିନିମୟକୁ ଅସ୍ୱୀକାର କରାଯାଇନପାରେ।**

ଯେକୌଣସି ଭାଷା ଚତୁର୍ପାର୍ଶ୍ୱର ଭାଷା ଦ୍ୱାରା ପ୍ରଭାବିତ ହେବା ଏକ ସାଧାରଣ କ୍ରିୟା, ଓଡ଼ିଆ-ସଂସ୍କୃତ ମଧ୍ୟରେ ପାରସ୍ପରିକ ଶବ୍ଦ ବିନିମୟକୁ ଅସ୍ୱୀକାର କରାଯାଇନପାରେ। ଶବ୍ଦ ଆଧାରରେ ଓଡ଼ିଆ ଭାଷାର ମୌଳିକତା, ବୈଶିଷ୍ଟ୍ୟ, ଅସ୍ମିତା, ସୌକୁମାର୍ଯ୍ୟକୁ ନବାଲୋକରେ ଉଦ୍ଦୀପ୍ତ କରାଯିବା ଆବଶ୍ୟକ।

*(ଏହି ପ୍ରବନ୍ଧର କେତେକ ସ୍ଥଳରେ ପାରମ୍ପରିକ ବନାନଠାରୁ ସାମାନ୍ୟ ଭିନ୍ନ ବନାନର ଶବ୍ଦପ୍ରୟୋଗ ଲେଖକଙ୍କର ନିଜସ୍ୱ ନୀତି ଅନୁସାରେ ହୋଇଛି। - ସମ୍ପାଦକ)*

□□

ଲେଖକଙ୍କ ଇ-ମେଲ ଠିକଣା:
sadanandanayak.odi@gmail.com

**ଅନୁଭୂତି**

# ଚୋର ସାଙ୍ଗେ ଅଚାନକ ଭେଟ



**ସନ୍ତୋଷ କୁମାର ପଟ୍ଟନାୟକ**

**ସେ**ତେବେଳେ ମୁଁ ବିଶ୍ୱବିଦ୍ୟାଳୟ ପାଠ ସାରି ଚାକିରି ସନ୍ଧାନରେ ଥାଏ । ଗୋଟିଏ ଜାତୀୟକରଣ ବ୍ୟାଙ୍କର ଅନେକ ପଦବୀ ପାଇଁ ପରୀକ୍ଷା କେନ୍ଦ୍ର କଟକ ରେଭେନ୍ସା କଲେଜରେ ସ୍ଥିରୀକୃତ ହୋଇଥିଲା । ମୋର କଲେଜ ସମୟର ବନ୍ଧୁ ସାହିଦ୍ ସେତେବେଳକୁ ଭୂତତ୍ତ୍ୱବିତ୍ ଭାବରେ ନୂଆ ଚାକିରି ପାଇ ମହମ୍ମଦିଆ ବଜାରରେ ଘରଭଡ଼ା ନେଇଥାଏ । ମୁଁ କଟକରେ ବ୍ୟାଙ୍କ ପରୀକ୍ଷା ଦେବାକୁ ଆସୁଥିବା ଖବରପାଇ ମତେ ସେ କହିଥିଲା, ସୁନ୍ଦରଗଡ଼ରୁ ସିଧା କଟକ ତା'ର ଭଡ଼ାଘରେ ପହଞ୍ଚିବାକୁ । ସାହିଦ ସେତେବେଳକୁ ଅବିବାହିତ ଥିଲା ଓ ସେ ଘରେ ମୁଁ ପହଞ୍ଚିଲେ କୌଣସି ଅସୁବିଧା ହେବନାହିଁ ବୋଲି କହିଥିଲା ।

> **ପାଚେରି ଉପରେ କେହି ଜଣେ ପେଟେଇ କରି ଶୋଇଲା ପରି ମୋର ମନେ ହୋଇଥିଲା ।**

ପରୀକ୍ଷା ଆଗଦିନ ମୁଁ କଟକରେ ପହଞ୍ଚିଲା ବେଳକୁ ଭୋର୍ ଚାରିଟା ହୋଇଥିଲା । ତଥାପି ସାହିଦ ମତେ ଆଣିବା ପାଇଁ ବସଷ୍ଟାଣ୍ଡରେ ମଟରସାଇକେଲ ଧରି ଅପେକ୍ଷାରତ ଥିଲା । ମହମ୍ମଦିଆ ବଜାରରେ ସାହିଦର ଭଡ଼ାଘର ଦେଖି ମତେ ସାମାନ୍ୟ ଆଶ୍ଚର୍ଯ୍ୟ ଲାଗିଥିଲା । ଏତେବଡ଼ ଘର ଭଡ଼ା ନେବାର କାରଣ ତାକୁ ପଚାରିବାରେ ସେ କହିଥିଲା, ବହୁତ ଖୋଜିବା ପରେ ୟା'ଠାରୁ ଆଉ ଛୋଟ ଘର ମିଳିନଥିଲା । ସେତେବେଳକୁ ମେ' ମାସ । ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗରମ । ଘରଟି ବହୁତ ପୁରୁଣା ଓ ଛାତ ବେଶ ମୋଟା । ଦିନବେଳା ପଙ୍ଖା ଲଗାଇ ରହିହେଲା କିନ୍ତୁ ଗରମରେ ରାତିରେ ସେ ଘର ଭିତରେ ରହିହେବ ନାହିଁ ବୋଲି ସାହିଦ ମତେ କହିଥିଲା । ଘର ଛାତଟି ବେଶ୍ ପ୍ରଶସ୍ତ ଓ ସୁବିଧାଜନକ । ଚାରିପଟରେ ଛୋଟ ଜାଲି ଲଗା ସିମେଣ୍ଟ ପାଚେରି । ଛାତ ଉପରକୁ ଯିବା ପାଇଁ ଘରର ପଛ ପାଖରୁ ସିମେଣ୍ଟ ପାହାଚ ଛାତକୁ ସଂଯୋଗ କରିଛି । ତଳେ ଘରକୁ ଲାଗି ଦୁଇ ପାଖରେ ଓ ପଛକୁ ଖାଲି ଜାଗା, ଛୋଟ ସିମେଣ୍ଟ ପାଚେରି ଦ୍ୱାରା ଘେରାଯାଇଛି । ସାହିଦ କହିଥିଲା ଯେ, ଘର ଚାବି ପକାଇ ଆମେ ଦୁଇଜଣ ଛାତ ଉପରେ ବେଶ୍ ଆରାମରେ ଶୋଇପାରିବା । ଘରର ସାମନାରେ ପିଚୁ ରାସ୍ତା । ସେହି ରାସ୍ତାକୁ ଲାଗି ଗୋଟିଏ ଗଳି ରାସ୍ତା ସମକୋଣରେ ସାହି ଭିତରକୁ ଲମ୍ବିଯାଇଛି । ସାହିଦ ଘରର ସାମନା ପଟକୁ ସରକାରୀ ଇଲେକ୍‌ଟ୍ରି ଖୁଣ୍ଟି । ସେଥିରେ ଲାଇଟ୍ ଘରର ଛାତ ଉପରକୁ ମଧ୍ୟ ପଡ଼ିଥାଏ ।

ଅନେକ ଦିନ ପରେ ଆମେ ଦୁଇବନ୍ଧୁ ଏକାଠି ହୋଇଥିବାରୁ ଅନେକ ଗପସପ କରିଥିଲୁ । କ୍ରମେ ସଂଧ୍ୟା ହୋଇ ରାତିହୋଇ ଆସିଲା । ସାହିଦ ଘରେ କାମ କରୁଥିବା ରୋଷେୟା ରାତ୍ରି ଭୋଜନ ପ୍ରସ୍ତୁତକରି ଚାଲିଯାଇଥିଲା । ରାତ୍ର ଭୋଜନ ସାରି ଆମେ ଦୁଇଜଣ ସପ ଓ ତକିଆ ଧରି ଛାତ ଉପରକୁ ଯାଇଥିଲୁ । ସେତେବେଳକୁ ପ୍ରାୟ ରାତି ଏଗାରଟା ହେବ । ରାସ୍ତା ଉପରେ ଗାଡ଼ି ମୋଟର ଯିବାଆସିବା ଓ ଅନ୍ୟାନ୍ୟ କୋଳାହଳ ଧୀରେ ଧୀରେ କମିଆସୁଥିଲା । ଆମେ କଥାବାର୍ତ୍ତା କରୁକରୁ ଲକ୍ଷ୍ୟକଲି ସାହିଦ ଶୋଇପଡ଼ିଛି । ମତେ ସାମାନ୍ୟ ଶୋଷ ଲାଗିବାରୁ ମୁଁ ତଳକୁ ଯାଇ ଘରର ଚାବିଖୋଲି ଗୋଟିଏ ପାଣି ବୋତଲ ଆଣିବାକୁ ବାହାରିଲି । ମୁଁ ପାହାଚ ଦେଇ ତଳକୁ ଓହ୍ଲାଇବାକୁ ବାହାରିଛି ହଠାତ୍ ତଳକୁ ମୋର ଦୃଷ୍ଟି ପଡ଼ିଯାଇଥିଲା ।

### ପାଚେରି ଉପରେ କେହି

ଇଲେକ୍‌ଟ୍ରି ଖୁଣ୍ଟିର ଆଲୁଅ ରାସ୍ତା ଉପରକୁ ପଡୁଥିଲା; କିନ୍ତୁ ଖୁଣ୍ଟିର ଛାଇରେ ଗୋଟିଏ ଅଂଶ ଅନ୍ଧକାର ହୋଇଥିଲା । ଘରକୁ ଲାଗି ଯେଉଁ ଛୋଟ ପାଚେରିଟି ସୀମାକୁ ଘେରି ରହିଛି, ସାମନାପଟ ପାଚେରି ଉପରେ କେହି ଜଣେ ପେଟେଇ କରି ଶୋଇଲାପରି ମୋର ମନେ ହୋଇଥିଲା । ପିନ୍ଧିଥିବା ହାତଘଣ୍ଟା ଉପରେ ନଜର ପକାଇଲି, ରାତି ଗୋଟାଏ ବାଜିବାକୁ ଯାଉଥିଲା । ମୁଁ ଅଳ୍ପ ସମୟ ଠିଆହୋଇ ଶୋଇଥିବା ଲୋକଟିକୁ

ଲକ୍ଷ୍ୟକଲି । ସେ ପାଚେରି ଉପରୁ ମୁଣ୍ଡକୁ ଅଳ୍ପ ଉଠାଇ ସାପପରି ବାଁ ଓ ଡାହାଣକୁ ଧୀରେ ଧୀରେ ନଜର ପକାଉଥିଲା । ମୁଁ ବର୍ତ୍ତମାନ ନିଶ୍ଚିତ ଥିଲି ଯେ, ଏ ଲୋକଟି ଗୋଟିଏ ଚୋର । ମୁଁ ଆଉ ତଳକୁ ନ ଓହ୍ଲାଇ ଧୀରେ ଧୀରେ ଯାଇ ସାହିଦକୁ ଉଠାଇଲି । ସେ ଆଖି ଖୋଲିବାମାତ୍ରେ ମୁଁ ପାଟିରେ ଆଙ୍ଗୁଠି ଦେଇ ଚୁପ୍ ରହିବାକୁ ସଂକେତ ଦେଇ ଛାତ ଉପର ପାଚେରି ଧାରକୁ ଡାକି ଦେଇଥିଲି । ଆମେ ଦୁଇଜଣ ଦେଖୁଥିଲୁ, ଗୋଟିଏ କୁମ୍ଭୀର ପରି ସେ ପାଚେରି ଉପରେ ଶୋଇଥିଲା । ସାହିଦ ଆଶ୍ଚର୍ଯ୍ୟ ହୋଇଗଲା, ତା'ପରେ ମତେ ଫୁସ୍‌ଫୁସ୍ ହୋଇ କହିଲା, 'ଏଇ ଚୋରଟା ଆମ ଘରକୁ ପଶିବାକୁ ଆସିଛି । ଯଦି ପଶେ, ତା'ହେଲେ ବହୁତ ମାଡ଼ ଖାଇବ ।' ମୁଁ କ'ଣ ଉତ୍ତରଦେବି ଚିନ୍ତା କଲାବେଳେ ମୁଖ୍ୟ ରାସ୍ତାରୁ ଯାଇଥିବା ଗଳିଆଡୁ ହୁଇସିଲ୍ ସାଙ୍ଗେ ବାଡ଼ିର ଠୁକ୍ ଠୁକ୍ ଶବ୍ଦ ଶୁଣିବାକୁ ପାଇଥିଲୁ । ଏପରି ଗୋଟିଏ ହଠାତ୍ ପରିବର୍ତ୍ତିତ ପରିସ୍ଥିତିରେ କ'ଣ କରିବୁ ଚିନ୍ତା କରିପାରିଲୁ ନାହିଁ । ହୁଇସିଲ୍ ଓ ଲାଠିର ଠକ୍ ଠକ୍ ଶବ୍ଦ କ୍ରମେ ଗଳି ଭିତରୁ ମୁଖ୍ୟରାସ୍ତା ଆଡ଼କୁ ଅର୍ଥାତ୍ ସାହିଦର ଘର ସାମନାକୁ ଆସୁଥିଲା । ଆମର ଦୃଷ୍ଟି ସେ ଚୋର ଆଡ଼କୁ ଯାଇଥିଲା । ସେ ହୁଇସିଲ୍ ଓ ବାଡ଼ିର ଶବ୍ଦ ଶୁଣି ସଂପୂର୍ଣ୍ଣ ନିଶ୍ଚଳ ହୋଇ ସେ ପାଚେରି ଉପରେ ପେଟେଇ ରହିଥିଲା । ସାହିଦ ମୋର ହାତଧରି ଛାତ ଉପରେ ବିପରୀତ ଦିଗକୁ ଟାଣିନେଇ ମୋ' କାନରେ କହିଲା, କ'ଣ କଲେ ସେ ଆସୁଥିବା ଦରୱାନ ପାଚେରି ଉପରେ ପେଟେଇଥିବା ଚୋରକୁ ଧରିପାରିବ ? କିଭଳି ସେ ଦରୱାନର ଦୃଷ୍ଟି ଚୋର ଉପରେ ପଡ଼ିବ ? ଚିନ୍ତାକରି ଆମେ ଛାତ ଉପରେ କିଛି ଗୋଟିଏ ଶବ୍ଦ କରୁଥିବା ପଦାର୍ଥ ଖୋଜିବାକୁ ଚେଷ୍ଟାକଲୁ । ସାହିଦ ଗୋଟିଏ ଖାଲି ଆକବର ଖାଁ ଗୁଡ଼ାଖୁ ଡବା ପାଇଥିଲା । ଆମେ ନିର୍ଣ୍ଣୟ କଲୁ ଯେ, ସେ ଖାଲି ଗୁଡ଼ାଖୁ ଡବାଟା ଚୋର ପେଟେଇଥିବା ଇଲେକଟ୍ରିକ୍ ଖୁଣ୍ଟକୁ ଖୁବ୍ ଜୋରରେ ଫିଙ୍ଗିବୁ । ସେ ଶବ୍ଦରେ ଦରୱାନ ଦୃଷ୍ଟି ନିଶ୍ଚିତ ଇଲେକଟ୍ରିକ୍ ଖୁଣ୍ଟି ତଥା ପାଚେରି ଉପରେ ଥିବା ଚୋର ଉପରେ ପଡ଼ିବ ଓ ସେ ନିଶ୍ଚିତ ଚୋରକୁ ଧରିପକାଇବ । ତା'ପରେ ଆମେ ତଳକୁ ଯାଇ ଦରୱାନ ସାଙ୍ଗେ ସେ ଚୋରକୁ ଧରିପକାଇବୁ ।



## ଗୁଡ଼ାଖୁ ଡବାର କରାମତି

ସେ ହୁଇସିଲ୍ ଶବ୍ଦ ଓ ବାଡ଼ିର ଶବ୍ଦ ମୁଖ୍ୟରାସ୍ତା ଉପରକୁ ଆସିଯାଉଥିଲା । ଆଉ ଡେରି ନ କରି ସାହିଦ ସେ ଗୁଡ଼ାଖୁ ଡବାକୁ ଖୁବ୍ ଜୋରରେ ସେ ଇଲେକଟ୍ରିକ୍ ଖୁଣ୍ଟିକୁ ଲକ୍ଷ୍ୟକରି ଫିଙ୍ଗିଥିଲା । ଲକ୍ଷ୍ୟ ଅବ୍ୟର୍ଥ ଥିଲା । ଆମେ ଆଶା କରୁଥିବାଠାରୁ ଅଧିକ ଶବ୍ଦକରି ଡବାଟା ଇଲେକଟ୍ରିକ୍ ଖୁଣ୍ଟିରେ ମାଡ଼ ହୋଇ ପିଚୁରାସ୍ତା ମଝିରେ ପଡ଼ି ନଟୁପରି କେତେ ସମୟ ଘୂରିଘୂରି ସ୍ଥିର ହୋଇଯାଇଥିଲା । ଏହାପରେ ଯାହାହେଲା, ସେ ଘଟଣା ଅପ୍ରତ୍ୟାଶିତ ଥିଲା । ଦରୱାନ ବାଡ଼ିଧରି ଯେଉଁ ଗଳିରୁ ବାହାରିଥିଲା, ସେଇ ଦିଗକୁ ବିଜୁଳି ବେଗରେ ଦୌଡ଼ି ପଳାଇଥିଲା, ଏଥର କିନ୍ତୁ ବାଡ଼ି କିମ୍ବା ହୁଇସିଲର ଶବ୍ଦ ନଥିଲା । ଆମେ ଅବାକ୍ ହୋଇ ପାଚେରି ଉପରକୁ ଦେଖିଲୁ ସେଠି ପେଟେଇଥିବା ଚୋରଟି ନିଃଶବ୍ଦରେ ମନ୍ତ୍ର କଲାପରି କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିଲା । ଆମେ ତଳକୁ ଓହ୍ଲାଇ ରାସ୍ତା ଉପରକୁ ଆସିଥିଲୁ । ଚାରିଆଡ଼ ନଜର ପକାଇବାରେ ଚୋର କିମ୍ବା ଦରୱାନର ଚିହ୍ନବର୍ଣ୍ଣ ନଥିଲା । ରାସ୍ତା ମଝିରେ ପଡ଼ିଥିବା ଖାଲି ଗୁଡ଼ାଖୁ ଡବାକୁ ଉଠାଇ ସାହିଦ କହିଥିଲା, 'ଦେଖିଲୁ ତ ? ମୁଁ ଏ ଦରୱାନକୁ ନୂଆବର୍ଷରେ ସମସ୍ତଙ୍କଠୁ ଅଧିକା ପଇସା ଦେଇଥିଲି, ମୋ' ଘର ଉପରେ ଟିକେ ସତର୍କ ଦୃଷ୍ଟି ରଖିବାକୁ । କ'ଣ କଲା ଦେଖିଲୁ ? ମୁଁ କହିଥିଲି, ଯାହାହେଉ, ଚୋରି ତ ହୋଇନାହିଁ । କିଛି ସମୟ ପରେ ଦୁଇଜଣ ଏକାସାଙ୍ଗେ ହସି ଉଠିଥିଲୁ । କାରଣ ଆମର ଏଇ ସାମାନ୍ୟ ଗୁଡ଼ାଖୁ ଡବା ଉଭୟ ଚୋର ଓ ଦରୱାନ ଦୁଇଜଣଙ୍କୁ ଛାନିଆ କରିଦେଇଥିଲା ।

ଏହି ଘଟଣାର ପ୍ରାୟ ଏକବର୍ଷ ପରେ ମୋର ଓଡ଼ିଶା ପୋଲିସରେ ଚାକିରି ହୋଇଯାଇଥିଲା । ପରେ ଆମେ ଦୁଇଜଣ ଭେଟ ହେଲେ ଅନ୍ୟାନ୍ୟ ବିଷୟ ସହିତ ସେଦିନ ଗୁଡ଼ାଖୁ ଡବାର ଶବ୍ଦରେ ଚମକିପଡ଼ି ଦରୱାନ ଓ ଚୋର ଦୁଇଜଣ ଏକାଥରେ ସେଠାରୁ ଅନ୍ତର୍ଦ୍ଧାନ ହେବାର କଥା ମନେପକାଇ ବହୁତ ହସିଥାଉ ।

□□

ଲେଖକଙ୍କ ଇ-ମେଲ ଠିକଣା:
santoshpatnaikcb@gmail.com

ପ୍ରବନ୍ଧ

# ଅପସଂସ୍କୃତିର ଭାଷା: ଏକ ଦୃଷ୍ଟିପାତ



ପ୍ରଫୁଲ୍ଲ କୁମାର ତ୍ରିପାଠୀ

ଗଳ୍ପ, ଉପନ୍ୟାସ, ପ୍ରବନ୍ଧାଦି ଲେଖିବା ବେଳେ ସାହିତ୍ୟକାରମାନେ ଯେଉଁ ଓଡ଼ିଆ ଭାଷା ବ୍ୟବହାର କରନ୍ତି, ଭଦ୍ରମଣ୍ଡଳୀରେ କଥାବାର୍ତ୍ତା ବେଳେ ବା ସଭା ମଞ୍ଚରେ ଠିଆହୋଇ ଭାଷଣ ଦେବାବେଳେ ଶିକ୍ଷିତ ଲୋକେ ଯେଉଁ ଓଡ଼ିଆ କହନ୍ତି, ଯେଉଁ ଓଡ଼ିଆ ଭାଷା ବ୍ୟବହାର କରି ଶ୍ରେଣୀ କକ୍ଷରେ ଶିକ୍ଷକ ଓ ଅଧ୍ୟାପକବୃନ୍ଦ ପାଠ ପଢ଼ାନ୍ତି, ସେଇ ଓଡ଼ିଆଠାରୁ ସର୍ବତୋମୁଖୀ ଭାବରେ ପୃଥକ୍ ଏକ ପ୍ରକାର ଓଡ଼ିଆ ଅଛି, ଯାହା ବିଭିନ୍ନ ସ୍ତରରେ ବହୁଳ ଭାବରେ ବ୍ୟବହୃତ । ଏ ପ୍ରକାର ଓଡ଼ିଆରେ ଯେଉଁ ଶବ୍ଦମାନ ବ୍ୟବହାର କରାଯାଏ, ସେଗୁଡ଼ିକର ଉତ୍ପତ୍ତି ନିର୍ଣ୍ଣୟ କରିବା ଅନେକ କ୍ଷେତ୍ରରେ ବଡ଼ କଠିନ । ତେବେ ଶୁଣିବାକୁ ଏ ଓଡ଼ିଆ ରୁଚିକର ବୋଧ ହୁଏନାହିଁ ।




ସୀମିତ ପରିସର ମଧ୍ୟରେ ନିଜର ବନ୍ଧୁ ମେଳରେ ଏ ପ୍ରକାର ଓଡ଼ିଆ କହିଲେ ଚଳିପାରେ, ମାତ୍ର ଏହାର ବ୍ୟବହାର କର୍ତ୍ତା ମଧ୍ୟ ଜାଣନ୍ତି ଯେ, ସେ ଏ ପ୍ରକାର ଭାଷାକୁ ସାଧାରଣ ସ୍ତରରେ ଚଳାଇ ନେଇପାରିବେ ନାହିଁ । ଏ ପ୍ରକାର ଭାଷାକୁ ଅଶିଷ୍ଟ ଭାଷା କିମ୍ବା ଅପସଂସ୍କୃତିର ଭାଷା ବୋଲି ନାମିତ କରାଯାଇପାରେ । ଶିକ୍ଷିତ, ଅଶିକ୍ଷିତ ସମସ୍ତେ ଏ ପ୍ରକାର ଭାଷା ଏକ ନିର୍ଦ୍ଦିଷ୍ଟ ପରିବେଶ ମଧ୍ୟରେ ବ୍ୟବହାର କରନ୍ତି । ନିରୋଳା ଭାଷାତାତ୍ତ୍ୱିକ ଦୃଷ୍ଟିରୁ ଏହାର ଯଥେଷ୍ଟ ଗୁରୁତ୍ୱ ଥିଲେ ହେଁ ଏବଂ ଏହାର ଅଧ୍ୟୟନ ଅତି ଆମୋଦଦାୟକ ହୋଇଥିଲେ ହେଁ, ଓଡ଼ିଶାରେ କେହି ଏଥିପ୍ରତି ଦୃଷ୍ଟି ଦେଇଥିବା ଭଳି ମନେ ହେଉନାହିଁ ।

### ଭାଷାର ବିଭିନ୍ନତା

ଗୋଟିଏ ନିର୍ଦ୍ଦିଷ୍ଟ ଭାଷା ବ୍ୟବହାର କରୁଥିବା ସମସ୍ତ ଲୋକ ପରସ୍ପର ସହ କଥାବାର୍ତ୍ତା କରିପାରିବା ଆଦୌ ସମ୍ଭବ ନୁହେଁ । ଭୌଗୋଳିକ ଗୁରୁତ୍ୱ, ଗମନାଗମନର ଅସୁବିଧା, ଅର୍ଥନୈତିକ ବୈଷମ୍ୟ; ସାମାଜିକ ସ୍ତରରେ ବିଭିନ୍ନତା ଇତ୍ୟାଦି ଅନେକ କାରଣରୁ ସମସ୍ତେ ସମସ୍ତଙ୍କ ସହ ମିଳାମିଶା କରି କଥାବାର୍ତ୍ତା କରିପାରିବା ଆଦୌ ସମ୍ଭବ ନୁହେଁ । ଏଣୁ ଗୋଟିଏ ଭାଷା ମଧ୍ୟରେ ବିଭିନ୍ନତା ପ୍ରକାଶପାଇଥାଏ । 'ଯେ ଜାଗା ଯାଇ, ସେ ଫଳ ଖାଇ' କଥାଟି ନିଶ୍ଚୟ ସତ । କିନ୍ତୁ 'ଯେ ଜାଗା ଯାଇ, ସେ କଥା କହି' - ଏ କଥା ମଧ୍ୟ ସତ ।

ସେଇଥିପାଇଁ ମଦଭାଟିରେ ଯେଉଁ ପ୍ରକାର ଭାଷା ବ୍ୟବହାର କରାଯାଏ, ମାଲ ଗୋଦାମରେ ସେଇ ପ୍ରକାର ଭାଷା ବ୍ୟବହାର କରାଯାଏନାହିଁ । ସେଇ ଏକା ଓଡ଼ିଆ । ମାତ୍ର ସ୍କୁଲ କଲେଜ ବାରଣ୍ଡାରେ ଗୋଟିଏ ପ୍ରକାର ଶୁଭେ ତ ବେଶ୍ୟା ଗଳିରେ ଆଉ ଏକ ପ୍ରକାର । ଚୋରମାନଙ୍କର ସାଂକେତିକ ଭାଷା ବୁଝିବାକୁ ପୁଲିସ୍ ଅକ୍ଷମ, ତେଣେ ଡାକ୍ତରମାନଙ୍କ ଭାଷା ରୋଗୀ । ଗୋଟିଏ ପ୍ରଦେଶର ବାସିନ୍ଦା ହୋଇଥିଲେ ହେଁ ଅଭ୍ୟାସ ଯୋଗରୁ ହେଉ ବା ଅଭାବ ଯୋଗରୁ ହେଉ, ଜଣେ ଲୋକର ବ୍ୟବହୃତ ଭାଷା ଅନ୍ୟ ଲୋକ ପାଇଁ ଅବୋଧ ହୋଇପଡ଼େ । ଗ୍ରାମବାସୀ ସାଧାରଣ ଲୋକେ ବହିର୍ଜଗତ ସହ ସଂପର୍କଶୂନ୍ୟ ହୋଇ ନିଜର ସାରା ଜୀବନ ବିତାଇ ଦିଅନ୍ତି । ଏମାନେ କେବଳ ଦୁଇ, ପାଞ୍ଚ ବା ଆଠ ବର୍ଗ କିଲୋମିଟର ପୃଥିବୀ ସହିତ ପରିଚିତ । ଏଣୁ ଏମାନେ ଯେଉଁ ଭାଷା ବ୍ୟବହାର କରନ୍ତି, ତହିଁରେ ଆଧୁନିକ ଜ୍ଞାନ ବିଜ୍ଞାନର ଶବ୍ଦରାଜିର ପ୍ରୟୋଗ ଶୁଣିବାକୁ ମିଳେନାହିଁ ।

ହାତଗୋଡ଼ ଚାଲିଲେ ହୁଏତ ପେଟକୁ ଦାନା ଓ ପିଠିକୁ କନା ଜୁଟିପାରେ, ମାତ୍ର ପାଟି ନ ଫିଟାଇ ମନ ଅଭ୍ୟନ୍ତରର ଗୋପନ ଭାବରାଜି ପ୍ରକାଶ କରିହେବ କିପରି ? ସମାଜର

ପ୍ରତ୍ୟେକ ସ୍ତରର ମଣିଷ ନିଜକୁ ବ୍ୟକ୍ତ କରିବାକୁ ଚାହାନ୍ତି ଏବଂ ଏଥିପାଇଁ ଭାଷାକୁ ମାଧ୍ୟମ ରୂପରେ ବ୍ୟବହାର କରନ୍ତି । ପ୍ରତ୍ୟେକ ସ୍ତରରେ ବ୍ୟବହୃତ ଭାଷାର ନିଜସ୍ୱ ସ୍ୱାତନ୍ତ୍ର୍ୟ ରହିଛି । ଏହି ସ୍ୱାତନ୍ତ୍ର୍ୟ ଜାଣିବାକୁ ହେଲେ ସେଇ ସ୍ତରରେ ବାସ କରୁଥିବା ଲୋକଙ୍କର ପ୍ରତ୍ୟକ୍ଷ ସଂସର୍ଗରେ ଆସିବାକୁ ହେବ ।

ଜ୍ଞାନ ବିଜ୍ଞାନର ବିଭିନ୍ନ ବିଭାଗ ଯଥା: ତର୍କଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର, ହସ୍ତରେଖା ବିଜ୍ଞାନ, ପଦାର୍ଥ ବିଜ୍ଞାନ ଇତ୍ୟାଦିରେ ବିଭିନ୍ନ ପ୍ରକାର ପରିଭାଷା ଥିବା ଭଳି ସମାଜର ବିଭିନ୍ନ ଗୋଷ୍ଠୀ-ଭୁକ୍ତ (ଯଥା: କମାର, ଦର୍ଜି, ଚମାର, ତନ୍ତୀ) ଲୋକଙ୍କର ବ୍ୟବହୃତ ଭାଷାରେ ମଧ୍ୟ ଅନେକ 'ପରିଶବ୍ଦ' ବ୍ୟବହୃତ ହୋଇଥାଏ । ଏ ସ୍ତରର ଭାଷା ଓ ଶବ୍ଦ ଭଣ୍ଡାର ସାଧାରଣତଃ ହାଲୁକା ଓ ଲଘୁ ଏବଂ ଅଧିକାଂଶତଃ ଅଲିଖିତ ହୋଇ ରହିଯାଇଛି । ଲେଖକମାନେ ଏ ଶବ୍ଦଗୁଡ଼ିକ ସହ ଅପରିଚିତ । ଏଭଳିକି ଆମର ତଥାକଥିତ 'ସାମାଜିକ' ନାଟକ ଓ ଉପନ୍ୟାସରେ ମଧ୍ୟ ଏ ଶବ୍ଦଗୁଡ଼ିକର ସ୍ଥାନନାହିଁ । କାରଣ ଏହା ପ୍ରକୃତ ଓଡ଼ିଆ ନୁହେଁ, ଏହା ଏକ ଗୋଷ୍ଠୀ ଭାଷା । 'ଏହା ସମସ୍ତଙ୍କର ବୋଧଗମ୍ୟ ନୁହେଁ, ଏଣୁ ଏ ଭାଷା ଚଳିବ ନାହିଁ ।' - ଏ ପ୍ରକାର ଯୁକ୍ତି ନିରର୍ଥକ । କାରଣ ଡାକ୍ତର ଯଦି ନିଜ ଶବ୍ଦ ଭଣ୍ଡାରର ଶବ୍ଦ ବ୍ୟବହାର ନ କରିବେ, ତା'ହେଲେ ତାଙ୍କର ଡାକ୍ତରତ୍ୱ ପ୍ରକାଶ ପାଇବ ନାହିଁ । ସାହିତ୍ୟରେ ସଂଳାପ ମାଧ୍ୟମରେ ଚରିତ୍ରର ପେଶା ଓ ସାମାଜିକ ସ୍ତର, ସୂଚାଇବାର ଖୁବ୍ କମ୍ ଚେଷ୍ଟା ହୋଇଛି । ଏ ଭାଷା ନିତ୍ୟକଥିତ ଓ ଜୀବନ୍ତ ଭାଷା ହୋଇଥିଲେ ହେଁ ଲିଖିତ ସାହିତ୍ୟ, ମଞ୍ଚିତ ସାହିତ୍ୟ ଓ ଏଭଳିକି ଚଳଚ୍ଚିତ୍ରୀକୃତ ସାହିତ୍ୟରେ ମଧ୍ୟ ଏହାର ସ୍ଥାନ ମୋଟେ ନାହିଁ କହିଲେ ଚଳେ । ଅବଶ୍ୟ ଓଡ଼ିଆରେ ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ ଓ ଫତୁରାନନ୍ଦ ନିଜ ନିଜର କେତେକ ରଚନାରେ ଏ ଅପସଂସ୍କୃତିର ଅଶିଷ୍ଟ ଭାଷା ପ୍ରୟୋଗକରି ସାହସର ପରିଚୟ ଦେଇଛନ୍ତି । ଏ ସ୍ତରୀୟ ଭାଷାର ଏକ ଉଲ୍ଲେଖନୀୟ ଲକ୍ଷଣ ହେଲା, ଏ ପ୍ରକାର ଭାଷା ମୁଖ୍ୟତଃ ସମାଜର ପୁରୁଷ ସଭ୍ୟମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ ।

**ଗୋଟିଏ ନିର୍ଦ୍ଦିଷ୍ଟ ଭାବକୁ ବ୍ୟକ୍ତ କରିବା ପାଇଁ ବିଭିନ୍ନ ବ୍ୟକ୍ତି ବିଭିନ୍ନ ପ୍ରକାର ଶବ୍ଦ ଚୟନ କରିଥାଆନ୍ତି ।**

**ବିବିଧ ଶବ୍ଦ ଚୟନ**

ଗୋଟିଏ ନିର୍ଦ୍ଦିଷ୍ଟ ଭାବକୁ ବ୍ୟକ୍ତ କରିବା ପାଇଁ ବିଭିନ୍ନ ବ୍ୟକ୍ତି ବିଭିନ୍ନ ପ୍ରକାର ଶବ୍ଦ ଚୟନ କରିଥାଆନ୍ତି । ଅଶିଷ୍ଟ ଭାଷା ପ୍ରୟୋଗରେ ଏହି ଶବ୍ଦ ଚୟନ ରୀତି, ଶିଷ୍ଟ ଭାଷା ପ୍ରୟୋଗଠୁ ଭିନ୍ନ ।

- ପେଟ ପୋଡ଼ିଯାଉଛି
- ଭୋକ କରୁଚି
- ପେଟ୍ରୋଲ ଶେଷ, ଗାଡ଼ି ଚାଲୁନାହିଁ
- ପେଟରେ ମୂଷା
- ଏ ଦିଅ
- ବେଏରା ଲାଓ
- ପେଟପୂଜା ବେଳ ହୋଇଗଲା
- ଚାଲ ଚାଲ
- ବାଢ଼
- ଆଣ
- ମା'

ଉପରେ ଏଗାର ପ୍ରକାର ସଂଳାପ ପ୍ରୟୋଗକରି, ଏଗାର ଜଣ ଲୋକ କେବଳ ଗୋଟିଏ ଭାବ ପ୍ରକାଶ କରିଛନ୍ତି: କ୍ଷୁଧା । ଏ ପ୍ରତ୍ୟେକ ଶବ୍ଦ ପ୍ରୟୋଗର ଅର୍ଥ ଏକ ହେଲେ ହେଁ ଏହା ବିଭିନ୍ନ ଲୋକଙ୍କ ମୁହଁରୁ ଉଚ୍ଚାରିତ ହୋଇଛି ।

ଏ ସଂଳାପ କେବଳ ଗୋଟିଏ ମାନବିକ ଭାବକୁ ନୁହେଁ, ଗୋଟିଏ ସାମାଜିକ ସ୍ତରକୁ ମଧ୍ୟ ବ୍ୟକ୍ତ କରିପାରେ । ଗୋଟିଏ ଶବ୍ଦର ଅନେକ ପ୍ରତିଶବ୍ଦ ଥାଇପାରେ । ମାତ୍ର ତନ୍ମଧ୍ୟରୁ ଅନେକ ସମାର୍ଥବୋଧକ ହୋଇଥିବାରୁ ସାହିତ୍ୟିକ କାର୍ଯ୍ୟ ପାଇଁ ଅନୁପଯୁକ୍ତ । କେବଳ ସ୍ତର ସୂଚକୀୟ ପ୍ରତିଶବ୍ଦ ବ୍ୟବହାର କରାଯାଇପାରେ । ଅପସଂସ୍କୃତିର ଭାଷାରେ ବ୍ୟବହୃତ ଅନେକ ଶବ୍ଦ ଏକ ନିର୍ଦ୍ଦିଷ୍ଟ ଭାବକୈନ୍ଦ୍ରିକ । ଅଶିଷ୍ଟ ଭାଷାର ଅଧିକାଂଶ ଶବ୍ଦ, ନରନାରୀଙ୍କର ଶାରୀରିକ ସଂପର୍କ, ମାନସିକ ଅନଗ୍ରସରତା ଓ ସାମାଜିକ ବିଚାରରେ ଗର୍ହିତ କାର୍ଯ୍ୟାବଳୀ ସହିତ ସଂପୃକ୍ତ । ଅର୍ଥାତ୍ ଯେଉଁ ବିଷୟରେ କଥାବାର୍ତ୍ତା କଲେ ସମସ୍ତେ ବୁଝିପାରିବେ ବୋଲି ବକ୍ତାଙ୍କର ଭୟଥାଏ, ସେ ବିଷୟକୁ ବ୍ୟକ୍ତ କରିବା ପାଇଁ ଏହି ପ୍ରକାର ଅଜ୍ଞାଜ୍ଞାତ ଶବ୍ଦମାନ ବ୍ୟବହୃତ ହୁଏ ।

ଏହା ହୁଏତ ଗୁପ୍ତଭାଷା । ଯଥା: ଆମର ଅଧିକାଂଶ ଗାଳି ।

୧. ନରନାରୀଙ୍କର ଶାରୀରିକ ସଂପର୍କ ସୂଚକ: ହାରାମଜାଦା, ହାରାମୀ, ବାଡ଼ିପଶା, ବେଧେଇ, ବେଧୁଆ, ବେଧ, ବେହିପୋ, ଦାରିଆଣୀ, ଦାରି, ଚିନ୍ନାଳି, ଅସତୀ, କୁଳଟା, ବେଶ୍ୟା, ଜାରଜ, ସାଥୀ-ଶୁଅନ୍ତା, ବାରଦୁଆରୀ ।

୨. ମାନସିକ ଅନଗ୍ରସରତା ସୂଚକ: ଅଭଦ୍ର, ଅସଭ୍ୟ, ଚଗଲା, ଦୁଷ୍ଟ, ବାଳୁଙ୍ଗା, କୁଳାଙ୍ଗାର, ଅକାଳକୁଷ୍ମାଣ୍ଡ, ବେଇମାନ, ଓଲୁ, ବୋକା, ଭକୁଆ, ବଜ୍ଜାତ ।

୩. ବ୍ୟାଧି, ବିକୃତି ବା ମୃତ୍ୟୁ ସୂଚକ: ରୁଘା, ବରରୁଗିଆ, ପୁଖରା, କରହା, ରଇଖିଆ, ରଇଜଳା, ଗାଡ଼ଶୁଆ, ଗଜାବଇସିଆ, ବାଘଧରା, ଚୁଲିପଶା, ଗାତପଶା, ଅଳପେଇସା, ରବଆଖିଆ, ଠୁଠା, ମୁହଁପୋଡ଼ା, ପୋଡ଼ାମୁହାଁ, ପୋଡ଼ାମୁହିଁ, ପେଚାମୁହାଁ, ଦୋମୁହାଁ, ଆଡ଼ମୁହାଁ, ଅଥାରମୁହାଁ, ଭୁତମୁଖୀ, ଚାନ୍ଦମୁହାଁ, ଉଞ୍ଚୁକପାଳୀ, ବାହାଡ଼ାବାଲି, ଡେଙ୍ଗୀ ସୋଡ଼ପି, ଚେପଟିନାକୀ ।



୪. ଗର୍ହିତ କାର୍ଯ୍ୟ ବା ବ୍ୟବହାର ସୂଚକ: ସବାଖିଆ (ଖାଇ), ଛତରଖିଆ (ଖାଇ), ପରଭାତୋଇ, ହାଣ୍ଡିଖାଇ, ଅଖାଇନାନୀ, ଉଁଆସୀ, ବେହିଆ, ବଜାରୀ, ଛତରା, ଡହରା, ଚଣ୍ଡାଳ, ଆରତିକୁହା, ଆଗପତ୍ରୀ, ସତ୍ୟାନାଶୀ, ବାଡ଼ିପଡ଼ି, ଅଇଁଠାଖାଇ, ଉଜୁଳି, କଞ୍ଚାଡ଼ାହାଣୀ, କଞ୍ଚାଖାଇ, ବାହାପିଆ, ଫତୁରିଆ, ବର୍ମଶିଆ, ଭିକମଗା, ଭିକାରୀ, ଚାମ୍‌ଚା, ଲୁଙ୍ଗୁରୁ, ଭଗାରୀହସା, ଛନ୍‌କୀ, ଅଣ୍ଡିରାଚଣ୍ଡୀ, ଅଧୁଆମୁହାଁ, କେରୁଆଭଣ୍ଡା ।

୫. ଅଭକ୍ଷ ଭକ୍ଷଣ ସୂଚକ: ଗୁହଖିଆ, ଥୁକରଟା, ରକତ ପାଣିପିଆ ।

ଏ ପ୍ରକାର ଗାଳିମାନ ନିତ୍ୟ ଅନେକ ଓଡ଼ିଆଙ୍କ ଦ୍ୱାରା ବ୍ୟବହୃତ । ଏଥିରୁ ବ୍ୟବହାର କର୍ତ୍ତାଙ୍କର ସାମାଜିକ ସ୍ୱର ନିର୍ଣ୍ଣୟ କରାଯାଇପାରେ କି ? ନିରୋଳା ଭାଷାତାତ୍ତ୍ୱିକ ଦୃଷ୍ଟିରୁ ଅଧିକାଂଶ ଅଶ୍ଳୀଳ ପର୍ଯ୍ୟାୟଭୁକ୍ତ ଗାଳିରେ ବ୍ୟବହୃତ ଶବ୍ଦରୁ ହିଁ କଳିଦେଇ ହେବ ଯେ, ଗାଳି ଦେଉଥିବା ଲୋକଟି କେଉଁ ଶ୍ରେଣୀ ଓ ଧରଣର । ଗୋଟିଏ ଶବ୍ଦର ଉଚ୍ଚାରଣ ହିଁ ଗୋଟିଏ ମଣିଷର ଚରିତ୍ରକୁ ଉଦ୍‌ଭାସିତ କରିପକାଏ । ମାତ୍ର ଅନେକ ସମୟରେ ଗାଳିରେ ଏକ ମିଥ୍ୟା ଆରୋପ ହିଁ ଧ୍ୱନିତ ହୋଇଥାଏ । ନିଜକୁ ଅତି କଠୋର ଭାବରେ ବ୍ୟକ୍ତ କରିବାର ପ୍ରଚେଷ୍ଟାରେ ବିଫଳ ହେଲେ ମଣିଷ ପାଟିରୁ ଗାଳି ଖସିପଡ଼େ । ବେଳେ ବେଳେ ଅତି ଭଲ ପାଉଥିବା ବ୍ୟକ୍ତି ଗେଲରେ ଗେଲରେ ଗାଳିଦେଇ ପକାନ୍ତି ।

ଗେଲରେ ଗେଲରେ ନାଁ ମଧ୍ୟ କରାଯାଏ । ଯଥା:

୧. ଜଣେ ରାଗୀ ଅଧ୍ୟାପକ - ଫାୟାର ବ୍ରିଗେଡ ଭାବରେ ।

୨. ଜଣେ କୃପଣ ଶିକ୍ଷକ - ଗବା ନାମରେ ।

୩. ଜଣେ ତରବରିଆ ଲୋକ - ଦମକଳ ନାମରେ ପରିଚିତ ହୋଇପାରନ୍ତି ।

ଠିକ୍ ସେହିପରି

୪. ଚିଡ଼ିଚିଡ଼ା ସ୍ୱଭାବର ଛାତ୍ରୀ - ଫସ୍‌ଫରସ ।

ଏକ ଗପୁଡ଼ି ଲୋକଟିଏ ଏ.ଆଇ.ଆର. ନାମରେ ପରିଚିତ ହୋଇପାରେ । ଏଠି ପ୍ରଯୁକ୍ତ ଶବ୍ଦଗୁଡ଼ିକ ଗୁଣ ବା ଠିକ୍ ବିଶ୍ଳେଷଣ ପର୍ଯ୍ୟାୟଭୁକ୍ତ । କେତେକ ପୌରାଣିକ ବ୍ୟକ୍ତି ମଧ୍ୟ 'ବିଶ୍ଳେଷଣ' ପାଲଟି ଯାଇଛନ୍ତି ।

୧. ହନୁମାନ - ପ୍ରଭୁଭକ୍ତ

୨. ଶକୁନି - କଳିହୁଡ଼ା ଲୋକ

୩. ନାରଦ - କଳିହୁଡ଼ା ଲୋକ

୪. ମନ୍ଥରା - ମନ୍ଦ ପ୍ରକୃତିର ମାଇକିନା

୫. କୃଷ୍ଣ - ରସିକ

୬. ଆରୁଣି - ଗୁରୁଭକ୍ତ ଛାତ୍ର

ଇତିହାସରୁ ଗୃହୀତ କେତୋଟି ନାମ ମଧ୍ୟ ଗୁଣବାଚକ ବିଶେଷଣ ରୂପରେ ବ୍ୟବହୃତ ।

୭. ହିଟଲର - ତୁମ୍ବିତୋଫାନ କରୁଥିବା ଲୋକ । (ତୋ ଏ ହିଟଲରୀ ମୋ ଠେଇଁ ଚଳିବ ନାହିଁ) ।

୮. ଗାନ୍ଧୀ - ସରଳ, ନିଷ୍କପଟ, ନିରାଡ଼ମ୍ବର ଲୋକ ।

୯. ଦେବାନନ୍ଦ - ସଜେଇ ହୋଇ ବାହାରୁଥିବା ଟୋକା । (ତୋର ଏ ଦେବାନନ୍ଦି ଚଳିବ ନାହିଁ) ।

୬. ସ୍ତ୍ରୀମାନଙ୍କର କେତେକ ଶାରୀରିକ ଅବସ୍ଥା ସୂଚକ ।

(କ) ରତୁମତୀ ହେବା : ରେଡ୍ ଲେଟର ଡେ, ଧରମ ପଛି, ମନ୍ଥଲି ହୋଲି ଡେ, ଆଉଟ ଅଫ୍ ଅର୍ଡର, ନାଲିବତୀ, ରେଡ୍ ଟେପ୍ ।

(ଖ) ସୁନ୍ଦରୀ ଟୋକୀ - କଟକରେ ମାଛ, ଜରି, କାଚ, ସୁନା ନାମରେ, ପାରଳାରେ ଖଣ୍ଡା, ଗଞ୍ଜାମରେ ପେଣ୍ଣି, ସମ୍ବଲପୁରରେ ଗଣ୍ଡି, ଆଉ କେଉଁଠି ବା ଚଢ଼େଇ ।

୭. ଲାଞ୍ଚ-ବ୍ୟଞ୍ଜକ ଅନେକ ଶବ୍ଦ ବ୍ୟବହାର କରାଯାଏ । ଯେଉଭଳି ଚା'ଖିଆ, ପାନଖିଆ, ଗୁଆଖିଆ, ଅଣ୍ଟାଗୁଞ୍ଜା, ଉପୁରି ।

୮. ତୋଷାମଦ-ବ୍ୟଞ୍ଜକ 'ଶବ୍ଦ ପ୍ରୟୋଗ': ପମ୍ପ ଦେବା, ତେଲେଇବା, ମାଲିସ୍ କରିବା, ତେଲ ଦେବା, ଚାମଚାଗିରି କରିବା ।

୯. ମିଥ୍ୟା-ବ୍ୟଞ୍ଜକ 'ଶବ୍ଦ ପ୍ରୟୋଗ' : ବଣ୍ଡଲ ମାରିବା, ଡାବା - ପୁଡି, ଦେଢ଼ି ମାରିବା, ଫାଣ୍ଡା ମାରିବା ।

୧୦. ନଷ୍ଟ ଚରିତ୍ରା-ବ୍ୟଞ୍ଜକ ଶବ୍ଦ: ଟେକ୍‌ସି, ଟ୍ରକ୍, ବାଜେଣୀ, ହାଓଡ଼ାପୋଲ, ମହାପକ୍କା ଖଲିପା ।

**ଅପସଂସ୍କୃତିର ପ୍ରଚଳିତ ଶବ୍ଦାବଳୀର ବ୍ୟବହାର ଶିଷ୍ଟତାବିରୋଧୀ ରୂପେ ବିବେଚିତ ହୋଇଥାଏ ।**

ଏଭଳି ପର୍ଯ୍ୟାୟଭୁକ୍ତ କରିବା ଅପେକ୍ଷା 'ଅପସଂସ୍କୃତିର ଭାଷା'ର ଏକ ଆଦ୍ୟ ଅଭିଧାନ ସଂକଳନ କରାଯାଇପାରେ । ମାତ୍ର ମୁଁ ସମ୍ଭବତଃ ସେତେ ବିରାଟ ଏକ ଦାୟିତ୍ୱ ତୁଲେଇପାରିବାର ଯୋଗ୍ୟ ନୁହେଁ । ତେଣୁ ମୁଁ ନିଜେ ଏକା କିମ୍ବା ବନ୍ଧୁବାନ୍ଧବ ମେଳରେ ମାଲଗୋଦାମ, କଲେଜ, ଅଫିସ୍ ଓ ରାସ୍ତାରେ ଶୁଣିଥିବା ଏଭଳି ଶବ୍ଦମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ନିଜର କର୍ତ୍ତବ୍ୟ ମାତ୍ର ସଂପାଦନ କରୁଛି ।

ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଅପରାଧୀମାନେ କେମିତି 'ଗୁପ୍ତଭାଷା' ବ୍ୟବହାର କରନ୍ତି, ତାହା ମଧ୍ୟ ଏକ ଆମୋଦଦାୟକ ଅଧ୍ୟୟନ ହୋଇପାରେ । ପାଠକମାନଙ୍କ ମଧ୍ୟରୁ କେହି ଯଦି ନିମ୍ନଲିଖିତ ଅପରାଧୀ ହୋଇଥାନ୍ତି ବା ସେ ଧରଣର ଲୋକଙ୍କର ଘନିଷ୍ଠ ସଂପର୍କରେ ଆସିଥାଆନ୍ତି, ତା'ହେଲେ ସେମାନଙ୍କର ନିତିଦିନିଆ କଥାବାର୍ତ୍ତାରୁ ପାଞ୍ଚ/ଦଶ ବାକ୍ୟ ଲେଖି ମୋ ପାଖକୁ ପଠାନ୍ତୁ । ଏହା ମୋର ଅଧ୍ୟୟନ କାର୍ଯ୍ୟ ପାଇଁ ବ୍ୟବହାର କରିବି ।

ଅପରାଧୀମାନଙ୍କୁ କେବଳ ଦୁଇ ଭାଗରେ ବିଭକ୍ତ କରାଯାଇପାରେ : ପେସାଦାର ଓ ଅପେସାଦାର । ସମାଜର ବିଭିନ୍ନ ଅପରାଧୀଙ୍କୁ ନିମ୍ନମତେ ବାଣ୍ଟି ଦିଆଯାଇପାରେ ।

୧. ଚୋର, ଡକାୟତ, ତସ୍କର, ପକେଟମାର, ଚୋରା ମାଲ୍‌ର ବେପାରି, ପିଲାଚୋର, ଠକ, ଜାଲିୟାତ, ଭିକ୍ଷୁକ, ହିଂଜଡ଼ା ସଂପ୍ରଦାୟ, ଗଞ୍ଜେଇ ବେପାରି ।

୨. ପତିତା, ପତିତାର ମାଲିକ/ମାଲିକାଣୀ, ପତିତାର ଦଲାଲ ।

୩. ହିଂସାକାମୀ ଯୁବକ ଦଳ, ଚୋରାଚାଲାଣକାରୀ, ଅସାମାଜିକ ବ୍ୟବହାରକାରୀ ।

ଏହି ଶ୍ରେଣୀର ଲୋକଙ୍କର କଥିତ ଭାଷାର ଅଧ୍ୟୟନ ଜରୁରି । କାରଣ ତାଙ୍କର, ଆଉ ଆମର ମଝିରେ ଏକ ଭାଷାର ପ୍ରାଚୀର ରହିଯାଉଥିବାରୁ ସେମାନେ ବେଳେ ବେଳେ ଆମର, ମାନବିକ ସମବେଦନାରୁ ବଞ୍ଚିତ ହୋଇପଡୁଛନ୍ତି । ଏଇ ଅପରାଧୀମାନେ ସୁଧୁରିଗଲେ ବି ସମାଜରେ ସ୍ଥାନ ପାଇପାରନ୍ତି ନାହିଁ ।

### ଶିଷ୍ଟତାବିରୋଧୀ

ଅପସଂସ୍କୃତି ଭାବରେ ପ୍ରଚଳିତ ଶବ୍ଦାବଳୀର ବ୍ୟବହାର ଶିଷ୍ଟତାବିରୋଧୀ ରୂପେ ବିବେଚିତ ହୋଇଥାଏ । ଶବ୍ଦ ନିଜସ୍ୱ ସତେଜତା ହରାଇବା ପରେ କିମ୍ବା ସାଧୁ ଭାଷାରେ ସାମିଲ ହୋଇସାରିବା ପରେ ହିଁ ଶିଷ୍ଟମଣ୍ଡଳୀ ଦ୍ୱାରା ବ୍ୟବହୃତ ହୁଏ । ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ସ୍ତ୍ରୀମାନେ ସାଧାରଣତଃ ସ୍ୱାମୀର ନାମୋଚ୍ଚାରଣ କରନ୍ତି ନାହିଁ । ଏଣୁ କେତେକ ଧ୍ୱନିକୁ ଉହ୍ୟ ରଖିବା ଉଦ୍ଦେଶ୍ୟରେ ହିଁ ଓଡ଼ିଆଣୀମାନେ ମୂଳଭାବକୁ ମୂଳ ନାମରେ ପ୍ରକାଶ କରିବାରେ ଅସମର୍ଥ ହୁଅନ୍ତି । ଯଥା: ସ୍ୱାମୀଙ୍କ ନାମ ଟଙ୍କଧର । ତାଙ୍କ ସ୍ତ୍ରୀ, ତେଣୁ ଟଙ୍କା ନ କହି ରୁପିଆ ବୋଲି କହନ୍ତି । ଯାହାହେଲେ ବି ସେ ମୋ ସ୍ୱାମୀ, ସେ ମୋ ଶ୍ୱଶୁର, ପୁଣି ସେ ମୋ ଦେଢ଼ଶୁର, ତାଙ୍କ ନାଁଟା କେମିତି ଧରିବି ? ତୁଣ୍ଡରେ ମୋର ଘା' ହୋଇଯିବ ନାହିଁ ?

ଏହି ଭାବ ଯୋଗୁଁ ଅନେକ ଓଡ଼ିଆଣୀ ଜଗନ୍ନାଥ ନ କହି କହନ୍ତି, ପୁରୀ ମହାପ୍ରଭୁ, କାଳିଆ ବା ଚକାଡୋଳା । ଦଶରଥର ସ୍ତ୍ରୀ ୧୦ (ଦଶ) ନ କହି କହେ ନଅଟା ଗୋଟେ । ସୁରେଶର ସ୍ତ୍ରୀ ସୋରିଷ କହେନାହିଁ । ସୁନ୍ଦରର ଶ୍ରୀମତୀ ସିନ୍ଦୂର

ନାଲି ବା ଲାଲି ବୋଲି କହନ୍ତି ।

ଶିଶୁମାନେ ପ୍ରଥମେ ଭାଷା ଶିକ୍ଷା କଲାବେଳେ ଅଧିକାଂଶ ଦୋ-ଅକ୍ଷରୀ ଶବ୍ଦ ଘନ ଘନ ଉଚ୍ଚାରଣ କରି ନିଜକୁ ବ୍ୟକ୍ତ କରିବାକୁ ଚେଷ୍ଟା କରନ୍ତି । ଯଥା:-

ଗଗ - ମିଳା, ଅସନା

ଦଦ - ଦୁଧ, କ୍ଷୀର

ମାମ୍ ମାମ୍ - ଖାଦ୍ୟ

ଗ’ କରିବା - ମଳତ୍ୟାଗ

ଚି’ ଚି’ - ମୂତ୍ରତ୍ୟାଗ

ଜି ଜି - ମାଛ

ଗା ଗା - ଲୁଗା

ପଁ ପଁ - ମଟରଗାଡ଼ି

ଭୋ ଭୋ - କୁକୁର ଇତ୍ୟାଦି । ଏ ପ୍ରକାର ଭାଷା ପ୍ରୟୋଗକୁ ମଧ୍ୟ ଏ ଅଧ୍ୟୟନର ପରିସରଭୁକ୍ତ କରାଯାଇପାରେ । ତେବେ ତଦ୍ୱାରା ଯେ ଏହା ଶାଖା ପ୍ରଶାଖା ମେଲି ଅସମ୍ଭାଳ ଭାବରେ ବ୍ୟାପକ ହୋଇଯିବ ତହିଁରେ ସନ୍ଦେହ ନାହିଁ ।

ତେଣୁ ସ୍ୱାମୀ ନାମ ପରିପ୍ରେକ୍ଷୀରେ ନାରୀ ଭାଷା ଓ ଶିଶୁଭାଷାର ଅଧ୍ୟୟନ ସ୍ଥଗିତ ରଖି, ପ୍ରଥମେ ସଂଗୃହୀତ ଶବ୍ଦଗୁଡ଼ିକୁ ଆଭିଧାନିକ ରୀତିରେ ସଜାଇ ରଖିବାକୁ ହେବ ।

ଛାତ୍ରମାନେ ପରସ୍ପର ମଧ୍ୟରେ ଭାବ ବିନିମୟ କଲାବେଳେ ଅନେକ ଏଭଳି ଶବ୍ଦ ବ୍ୟବହାର କରନ୍ତି, ଯାହାକୁ ଅପସଂସ୍କୃତି ପର୍ଯ୍ୟାୟଭୁକ୍ତ କରାଯାଇପାରେ । ବିଦ୍ୟାଳୟର ଜଣେ ଶିକ୍ଷକ ଛୋଟା । ଛାତ୍ରମାନେ ତାଙ୍କୁ ଦେଢ଼ି ବା ଡେଙ୍କି ନାମରେ ଜାଣନ୍ତି । ସାହିତ୍ୟ ଶିକ୍ଷକ ଭଞ୍ଜ ଓ ସଂସ୍କୃତ ଶିକ୍ଷକ ଚୁଟି ଚାଣକ୍ୟ ନାମରେ ପରିଚିତ । ଏ ପ୍ରକାର ନାମକରଣ କରିବାରେ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ଯଥେଷ୍ଟ କଳ୍ପନାଶୀଳତାର ପରିଚୟ ଦିଅନ୍ତି । ତେବେ ଏହାର ବ୍ୟାପକତା ଓ ପରିବର୍ତ୍ତନଶୀଳତା ଯୋଗୁ, ଏ ଶବ୍ଦଗୁଡ଼ିକୁ ଅଭିଧାନଭୁକ୍ତ କରିବା ଅତ୍ୟନ୍ତ ଦୁରୂହବ୍ୟାପାର ।

**ଅପସଂସ୍କୃତିର ଭାଷାରେ ଅନ୍ୟ ଏକ ଲକ୍ଷଣୀୟ ବିଷୟ ହେଲା, ଅନେକ ଓଡ଼ିଆ କ୍ରିୟା ପଦର ଆଂଲୋକରଣ ।**

ଅପସଂସ୍କୃତିର ଭାଷାରେ ଅନ୍ୟ ଏକ ଲକ୍ଷଣୀୟ ବିଷୟ ହେଲା, ଅନେକ ଓଡ଼ିଆ କ୍ରିୟା ପଦର ଆଂଲୋକରଣ । କଥା କଥାକେ ଲୋକେ ଲାଫିଙ୍ଗ ନ କହି ହସିଂ ଓ ସିଟିଂ ନ କହି ବସିଂ ବୋଲି କହୁଛନ୍ତି । ବିଭିନ୍ନ କ୍ରିୟା ପଦରେ ‘ଫାଏ’ ଯୋଗ କରିବାର ରୀତି ମଧ୍ୟ କଥିତ ଭାଷାରେ ଲକ୍ଷ୍ୟ କରାଯାଇପାରେ । ଦି ବସ୍ ଇଜ୍ ବିଗଡ଼ିଫାଏଡ୍ (ବସଟା ବିଗିଡି ଯାଇଛି), ତି ଥିଫ୍ ଇଜ୍ ପଳାଇଫାଏଡ୍ (ଚୋରଟି ପଳାଇଗଲା) ଭଳି ବାକ୍ୟମାନ ପ୍ରତିଦିନ ଏଠି ସେଠି ଶୁଣିବାକୁ ମିଳୁଛି । ଏହା ଯେତେ ଅଶୁଦ୍ଧ ଓ ଅଶିଷ୍ଟ ହେଉ ନା କାହିଁକି, ଏହା ଯେ ଆମର ବାଚନିକ ଜୀବନ୍ତତାର ସଂକେତ ଏଥିରେ କୌଣସି ସନ୍ଦେହ ନାହିଁ । ଅଭିବ୍ୟକ୍ତିକୁ ଅଧିକ ବଳଶାଳୀ କରିବା ଉଦ୍ଦେଶ୍ୟରେ ଭାଷା ସହିତ ଯଥେଚ୍ଛାଚାର, ଆଗ ବି ଚାଲିଥିଲା, ଏବେ ବି ଚାଲିଛି ଓ ଭବିଷ୍ୟତରେ ମଧ୍ୟ ଚାଲିଥିବ ।

□□

ଲେଖକଙ୍କ ଇ-ମେଲ ଠିକଣା:
prafullaktripathy2025@rediffmail.com

## ଏ ସଂଖ୍ୟାର ମଲାଟ ଚିତ୍ର




ଚଳିତ ସଂଖ୍ୟାର ପ୍ରଚ୍ଛଦପଟରେ ଥିବା ଫଟୋଚିତ୍ରଟିକୁ ଉତ୍ତୋଳନ କରିଛନ୍ତି ବିଶିଷ୍ଟ ସୌଖୀନ ଫଟୋଗ୍ରାଫର ସ୍ୱାତୀ ମହାପାତ୍ର ।



ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ନୟାଗଡ଼ ଜିଲ୍ଲାର ଏକ ପାହାଡ଼ତଳି ଅଞ୍ଚଳରେ ସୂର୍ଯ୍ୟୋଦୟର ଏହି ମନମୋହକ ଦୃଶ୍ୟକୁ ସେ ନିଜ କ୍ୟାମେରାରେ ବନ୍ଦୀ କରିଛନ୍ତି । ଏଥିପାଇଁ ସେ ଗୋଟିଏ ଟାମରନ୍ ଲେନ୍ସ ଯୁକ୍ତ କ୍ୟାନନ୍ ୫-ଡି’ ମାର୍କ-୪ କ୍ୟାମେରା ବ୍ୟବହାର କରିଥିଲେ ।



ଗଳ୍ପ

# ବିଶ୍ୱରୂପ

ରୋହିତ ଦାଶ

ସକାଳୁ ନିଦ ଭାଙ୍ଗିଲା ପରେ ଅମନ ଅନୁଭବ କଲା ଯେ ସେ ବିଛଣାରୁ ଆଦୌ ଉଠିପାରୁନି। ଅମନ କଡ଼ ଲେଉଟେଇଲା ଓ ଭାବିଲା ସତରେ ସେ ଉଠିଛି ନା ସ୍ୱପ୍ନ ଦେଖୁଛି। ଅମନ ଆଖି ମଳି କୋଠରି ଭିତରକୁ ନିଘାକଲା। ଝରକାର ନୀଳ ପରଦା ଫାଙ୍କରୁ ଖରାର ଧାସ ସ୍ପଷ୍ଟ ଦିଶୁଛି। ଝରକା ବାହାରେ ବଗିଚାରେ କୁନି ଚଢ଼େଇମାନଙ୍କ କିଚିରିମିଚିରି। ଗାଁ ହେଇଥିଲେ ଅବଶ୍ୟ କୁଆର କା କା ଶୁଭିଥାନ୍ତା ଓ ଅମନ ସକାଳ ହେଲା ବୋଲି ବିଶ୍ୱାସ କରିବାକୁ ବାଧ୍ୟ ହୋଇଥାନ୍ତା। ହେଲେ ସହରମାନଙ୍କରେ ଆଜିକାଲି ଆଉ କୁଆ କୋଇଲି କାହାନ୍ତି!

କେତେ ସମୟ ହୋଇଥିବ। ଅମନ ଘଣ୍ଟାକୁ ନିଘାକଲା। କିନ୍ତୁ ନା ଘଣ୍ଟା ଚାଲୁନି। ଉଭୟ କଣ୍ଟା ସ୍ଥିର ଅଛି। ବୋଧେ ଅନେକ ଦିନରୁ ବ୍ୟାଟେରି ସରିଯାଇଛି। ଏହା ଅଶୁଭ ବୋଲି ମା' କହେ। ଅମନ ବ୍ୟସ୍ତତା ଭିତରେ ନିଘା କରିପାରିନି। ଅମନ ଖଟ ପାଖ ସାଇଡ ଟେବୁଲରେ ଚାର୍ଜରେ ବସିଥିବା ମୋବାଇଲକୁ ପାଖକୁ ଟାଣି ଦେଖିଲା। ସାତଟା ତିରିଶ ମିନିଟ୍। ଏତେ ଜଲଦି ସେ ତ କେବେ ଉଠେନି। ଆଜି କେମିତି ଏତେ ଜଲଦି ତାର ନିଦ ଭାଙ୍ଗିଗଲା କେଜାଣି।



ବଡ଼ କଷ୍ଟରେ ଅମନ ଖଟ ଉପରେ କାନ୍ଥକୁ ଆଉଜି ବସିଲା। ତାକୁ ବହୁତ ଅଜବ ଲାଗୁଥିଲା। କିନ୍ତୁ ଠିକ୍ କେମିତି ଲାଗୁଥିଲା ସେ ଆଦୌ ବୁଝିପାରୁନଥିଲା। କେମିତି କିଛି ଗୋଟେ ହଜେଇ ଦେବା ଭଳି ଅନୁଭବ। ଯେମିତି ସେ ତା'ର ଅନୁଭବ କରିବାର ଶକ୍ତି ଟିକକ ହିଁ ହରେଇ ଦେଇଛି। ଖୁବ୍ ଗୋଟେ ଖାଲି ଖାଲି ଶୂନ୍‌ଶାନ୍ ଲାଗୁଛି। ସେ କିଛି ବୋଇଲେ କିଛି ଜାଣିପାରୁନି।

ଅମନ ଖଟରୁ ଉଠିବାକୁ ଚେଷ୍ଟାକଲା କିନ୍ତୁ ଉଠିପାରୁ ନ ଥିଲା। ଅମନ ଭଲକି ନିଘାକଲା ଚାଦରତଳେ ତା' ଗୋଡ଼ ଦି'ଟା ଅଛି ତ। ଅମନ ଗୋଡ଼ ହଲେଇ ଦେଖିଲା ଓ କିଛି ଜାଣିପାରିଲାନି। ରାଗରେ ଚାଦରକୁ ଫିଙ୍ଗିଦେଲା। ଦେଖିଲା ଗୋଡ଼ ଦି'ଟା ତା' ଜାଗାରେ ଠିକ୍‌ଅଛି। ସେ ପିନ୍ଧିଥିବା କଳା ହାଫ୍ ନିକର ତଳେ ତାର ଧଳା ସରୁ ଲୋମଶ ଗୋଡ଼ ଦି'ଟା ତ ଅଛି। ହେଲେ ସେ ଉଠିପାରୁନି କାହିଁକି।

ଅମନ ଜୋରରେ ଚିତ୍କାର କଲା। ତା'ର ଚିତ୍କାର ଶୁଣି ସର୍ବପ୍ରଥମେ ଯେ ତା ବେଡରୁମ୍‌କୁ ପଶିଲା ସେ ହେଲା ଅମନର ଭଉଣୀ ଗୀତା। ଗୀତା କହିଲା, କ'ଣ ସକାଳୁ ଏତେ ଜୋର ଚିଲ୍ଲଉଛୁ ଭାଇ। ମୁଁ ତ ଡରିଗଲି। ସକାଳୁ ଉଠି ମୁଁ ଏଗ୍‌ଜାମ ପାଇଁ ପ୍ରିପେୟାର କରୁଥିଲି। ଦେଖୁଛି ଏ ଘରେ ଶାନ୍ତିରେ ଟିକେ ପଢ଼ି ବି ହେବନି। କ'ଣ ହେଲା କୁହ। ଅମନକୁ ଚୁପ୍ ରହିବା ଦେଖି ଗୀତା କହିଲ. ରହ ମୁଁ ମା'କୁ ଡାକି ଦେଉଛି।

ଅମନ ତାକୁ ଭକୁଆ ଭଳିଆ ଦେଖିଲା ଖାଲି। କିଛି କହିପାରୁ ନ ଥିଲା। ଗୀତା ପଳେଇଗଲା। ଅମନକୁ ଖୁବ୍ ଗୋଟେ ଏକା ଲାଗିଲା। ତାକୁ ଲାଗିଲା ସେ ପୁଣିଥରେ ଜୋରରେ ଚିଲ୍ଲେଇବ ଓ ତାର ଅସ୍ତିତ୍ୱ ଜାହିର କରିବ। ମୋବାଇଲକୁ କାଚ ଝରକାକୁ ଫିଙ୍ଗିଦେବ। କିନ୍ତୁ ନା ସେ ସେମିତି କଲାନି। ଗୋଟେ ହଜିଲା ହଜିଲା ଆଖିରେ ଚାରିଆଡ଼େ ଅନେଇଲା ଓ ଗତରାତି ସମ୍ପର୍କରେ ଆଖିବୁଜି ଭାବିବାକୁ ଲାଗିଲା।

### *ଫ୍ଲାସ୍ ବ୍ୟାକ୍*

ସବୁଦିନ ଭଳି ଗତକାଲି ଅମନ କଲେଜ ଯାଇଥିଲା। ଅମନ ସାଇନ୍ସରେ ପ୍ଲସ୍ ଟୁ ପାସ୍ କଲାପରେ ରାଜଧାନୀର ଗୋଟେ ପ୍ରାଇଭେଟ୍ କଲେଜରେ ଇଞ୍ଜିନିଅରିଂ କରୁଥିଲା। ହେଲେ ଯୋଉ ସିନ୍‌ସିଅରିଟି ନେଇ ପଢ଼ିବା କଥା ସେ ସେମିତି ପଢୁନାହିଁ। ଏଠିକି ଆସିଲା ପରେ ତା' ଲାଇଫ୍‌ଷ୍ଟାଇଲ୍ ଚେଞ୍ଜ ହେଇଗଲା। ତାର ପୋଷାକପତ୍ର ହାବଭାବ ସବୁ ବଦଳିଗଲା। ବଦଳିଗଲା ନୁହେଁ କୁହନ୍ତୁ ବଦଳିବା ପାଇଁ ବାଧ୍ୟହେଲା। ହୁଏତ ସିନିଅର ପିଲାଙ୍କ ରାଗିଂ ବି ସେଥିପାଇଁ ଊଣାଅଧିକେ ଦାୟୀ। ସେ କୋଉଗୋଟେ ଦୂର ମଫସଲ ଗାଁରୁ ଆସିଥିଲା। ଆଗରୁ ପଢୁଥିବା କଲେଜ ବି ଗୋଟେ ମଫସଲୀ କଲେଜ ଥିଲା। ହେଲେ ଭୁବନେଶ୍ୱରରେ ଚଳିବାକୁ ହେଲେ ପୁଣି ସେ ପରିବେଶ ସହ ଖାପ୍ ଖୁଆଇ ଚାଲିବାକୁ ତ ପଡ଼ିବ। ତା' ପୁଣି ଏକ ଇଞ୍ଜିନିଅରିଂ କଲେଜରେ।

ତା' ପାଖରେ ଭଲ ପୋଷାକ ନ ଥିଲା। ବୋଉକୁ କହି ଗୁଡ଼େ ପଇସା ଖର୍ଚ୍ଚକରି ନୂଆଁ ଜାମା, ସୁ କଲା। ହେୟାର ଷ୍ଟାଇଲ ଚେଞ୍ଜକଲା। ଦାଢି ଟ୍ରିମିଙ୍ଗ କଲା ଏବଂ ଅଳ୍ପ କିଛି ଦିନର ଚେଷ୍ଟା ପରେ ତାର ଗାଉଁଲିଆ ଚେହେରା ଓ ଭାବଟି କୁଆଡ଼େ ଗାଏବ ହୋଇଗଲା। ଏବେ କଲେଜରେ ହୀରୋ। ଛାତ୍ରୀମାନେ ବି ତା' ସଙ୍ଗେ ମିଶିବାକୁ ଲାଗିଲେ। ତା' ସାଙ୍ଗେ ହୋଟେଲ ଗଲେ, କିଟି ପାର୍ଟିରେ ଗଲେ, ସପିଙ୍ଗ୍‌ମଲ ଗଲେ, ପାର୍କ ଗଲେ, ସିନେମା ହଲ୍ ଗଲେ, ରେଷ୍ଟୁରାଣ୍ଟ ଗଲେ।

**ମଦ ପିଇବା କୁଆଡ଼େ ଏକ ଷ୍ଟେଟସ ସିମ୍ବଲ। ଆଉ ଯାହାର ଯେତେ ଝିଅ ସାଙ୍ଗ ସେ ସେତେ ସ୍ମାର୍ଟ।**

ଏଇତ କିଛିଦିନ ତଳେ ବାପାଙ୍କ ପ୍ରୋମୋସନ୍ ହୋଇ ଭୁବନେଶ୍ୱର ବଦଳି ହୋଇଗଲା। ହୋମ ଡିପାର୍ଟମେଣ୍ଟର ଡେପୁଟୀ ସେକ୍ରେଟାରୀ। ଭଲ ଦରମା ସାଙ୍ଗକୁ ଉପୁରି। ସରକାରୀ କ୍ୱାର୍ଟର। ବାଇକ୍, କାର୍ ଥାଟବାଟ।

ଅମନର ଷ୍ଟାଟସ ଏବେ ଆଉ ଟିକେ ବଢ଼ିଗଲା। ଖର୍ଚ୍ଚ ବି ବଢ଼ିଗଲା। ଆହୁରି ଆହୁରି ବୁଲିଲା। ଗୋଟେ ବେପରୁଆ ଜୀବନ ବଂଚିଲା। ସାଙ୍ଗମାନଙ୍କ ସଙ୍ଗେ ବାର ବି ଗଲା। ମଦ ପିଇବା କୁଆଡ଼େ ଏକ ଷ୍ଟେଟସ ସିମ୍ବଲ। ଆଉ ଯାହାର ଯେତେ ଝିଅ ସାଙ୍ଗ ସେ ସେତେ ସ୍ମାର୍ଟ।

ଝିଅ ପଟେଇବାକୁ ହେଲେ କିନ୍ତୁ ଗୁଡ଼ାଏ ପଇସା ଦରକାର ପକେଟରେ। କୁଆଡୁ ଆସିବ ଏତେ ପକେଟ ମନି। ତେଣୁ ଏବେ ଅନ୍ୟ ସାଙ୍ଗମାନଙ୍କ ଭଳି ସେ ବି ଚୋରା ଗଂଜେଇ ବେପାରିମାନଙ୍କ ପାଇଁ କାମକଲା। ଛାତ୍ରମାନଙ୍କୁ କେହି ସନ୍ଦେହ କରିବେନି। ତେଣୁ ଅମନ ସେଇ ବେପାରରୁ ଭଲ ଦି' ପଇସା ରୋଜଗାର କଲା। ତା'ର ବେକାର ଖର୍ଚ୍ଚ ବାହାରିଯାଏ। ବାପା ପାଖରେ ହାତ ପତେଇବାକୁ ପଡ଼େନା। ଥରେ ଦି' ଥର ପୋଲିସରେ ଧରା ବି ପଡ଼ିଛି ହେଲେ ବାପାଙ୍କ ନା ଧରି ପୋଲିସ ହାତରୁ ଖସିଯାଏ।

ଏଇତ କାଲି ସେ ଥିଲା ଇନ୍ଦିରା ଗାନ୍ଧି ପାର୍କରେ। ଏବେ ନୂଆଁ ନୂଆଁ ଆସିଛି ଗୋଟେ ଝିଅ କଲେଜକୁ। ନା ତା'ର ମଧୁସ୍ମିତା। ସ୍ନେହରେ ତାକୁ ମଧୁ କୁହେ ଅମନ। ଉଭୟେ ଖୁବ୍ ମଜା ଲୁଟିଲେ ପାର୍କର ଅନ୍ଧାରୁଆ ବୁଦା ଗହଳରେ। ତା' ପରେ ଗୋଟେ ରେଷ୍ଟୁରାଣ୍ଟରେ ଖାଇଲେ ଓ ମଧୁକୁ ତା' ହଷ୍ଟେଲରେ ଛାଡ଼ି ଘରକୁ ଆସିଥିଲା ଅମନ। କିନ୍ତୁ ବାଟରେ କୋଉଠି ଅଟକିଲା ଓ କ'ଣ କଲା ଆଉ କେତେବେଳେ ଘରକୁ ଫେରିଲା ତାର ମନେ ନାଇଁ।

### *ଫ୍ଲାସବ୍ୟାକ୍ ସରିଲା*

ଅମନ ପୁଣିଥରେ ଜୋରରେ ପାଟିକଲା। ଏଥର ଦୌଡ଼ିକି ଆସିଲେ ତା' ବୋଉ। ଅମନ ଉପରେ ବହେ ପାଟିକଲେ। କିରେ ଏତେ ସକାଳୁ ହମ୍ବା ବଳଦ ଭଳି ପାଟିକରୁଛୁ କିଆଁ।

ଅମନ ଭାବିଲା ସତରେ ସେ କ'ଣ ହମ୍ବା ଡାକିଲା ମା' ନା ମମି ଡାକିଲା। ତା' ମମ୍ମି ଡାକ ଆଉ ମାମା ହେଇ ହମ୍ବା ଶୁଭୁନି ତ। ଅମନ ଆଉଥରେ ସେମିତି ଡାକିବାକୁ ଚାହିଁଲା। ହେଲେ ତା' ପାଟିରୁ କିଛି କଥା ବାହାରିଲା ନାଇଁ।

ଅମନ ଚୁପ୍‌ଚାପ୍ ଭକୁଆ ଭଳିଆ ମମିକୁ ଅନେଇଥିଲା। ସେ କିଛି କହିପାରୁ ନ ଥିଲା। ଏବେ ସେ ବୋଉକୁ ପାଖରେ ପାଇ ଇସାରାରେ କହିଲା ଯେ ସେ ଅସୁସ୍ଥ ଓ ଉଠିବା ଅବସ୍ଥାରେ ନାହିଁ। ତାକୁ ତୁରନ୍ତ ହସ୍ପିଟାଲ ନେବାର ବ୍ୟବସ୍ଥା କରାଯାଉ।

ସଂସାରରେ କୋଉ ମା' ଏମିତି ଅଛି ଯେ ତା ଗେହ୍ଲା ପୁଅର ହୃଦୟର ଅକୁହା ଭାଷା ବୁଝି ନ ପାରିବ ।

ତେଣୁ ଘରୁ ବାପାଙ୍କୁ ଫୋନ୍ କଲା ପରେ ଅମନ ଏବେ ଏକ ନାମୀ ପ୍ରାଇଭେଟ୍ ହସ୍ପିଟାଲରେ।

ଡାକ୍ତର କହିଲେ, ଲାଗୁଛି ଅତ୍ୟଧିକ ଉଦ୍‌ବେଗ ହେତୁ ଅମନ ତାର ବାକ୍‌ଶକ୍ତି ଓ ଚଳତ୍ ଶକ୍ତି ହରେଇ ବସିଛି। ତାର ସ୍ନାୟୁରେ ଟିକେ ସମସ୍ୟା ଥାଇପାରେ ଯୋଉଥିପାଇଁ ସେ ତା'ର ହାତଗୋଡ଼ ବା ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସଙ୍ଗେ କୋଅର୍ଡିନେଟ କରିପାରୁନି। ଏଇଟା ଆଜିକାଲି ପିଲାଙ୍କ କମନ ଡିଜିଜ। ଆପଣମାନେ ଚିନ୍ତା କରନ୍ତୁ ନାଇଁ। କାଲିଯାଏ ୱେଟ୍ କରନ୍ତୁ। ମୁଁ ସବୁ ଟେଷ୍ଟ ପାଇଁ ପଠେଇ ଦେଇଛି। ରିପୋର୍ଟ ଆସିବାକୁ ଚବିଶ ଘଣ୍ଟା ଲାଗିଯିବ। ଟିଲ୍ ଦେନ୍ ସାଲାଇନ୍ ଚାଲିବ ଆଉ ମୁଁ କିଛି ମେଡ଼ିସିନ୍ ଆଉ ଇଞ୍ଜେକ୍ସନ୍ ଲେଖିଦେଉଛି। ଆଇ ଥିଙ୍କ ଏଟ୍‌ଲିଷ୍ଟ କାଲିଯାଏ ଅମନ ଅନ୍ତତଃ କଥା କହିପାରିବେ ଓ ବୁଝି ପାରିବେ। ଆପଣମାନେ ତାକୁ କିଛି ପଚାରିବେ ନାଇଁ। ଇଉ ନିଡ଼ ଓନଲି ଏନସାର ହିମ୍। ଦ୍ୟାଟ୍ ଠୁ ଇନ୍ ଏ ପଜିଟିଭ୍ ୱେ।




ଅମନର ସେବାରେ କିଛି ହେଳା ହୋଇ ନ ଥିଲା। ତା' ପରଦିନ ଅମନ ସ୍ୱାଭାବିକ ଭାବେ କଥା କହିପାରୁଥିଲେ ବି ତାକୁ ଡାକ୍ତର କଥା ହେବା ପାଇଁ ମନା କରିଥିଲେ। ସନ୍ଧ୍ୟାରେ ରିପୋର୍ଟ ଆସିଲା। ରିପୋର୍ଟ ଦେଖି ଡାକ୍ତର ବି ଆଶ୍ଚର୍ଯ୍ୟ ହୋଇଗଲେ।

ରିପୋର୍ଟ ସ୍ପଷ୍ଟ ଥିଲା। ଅମନର ଛାତି ଭିତରେ ହୃଦୟ ନ ଥିଲା।

ଅମନର ବାପା ବୋଉ ଏମିତିକି ଅମନ ନିଜେ ବି ଏ ରିପୋର୍ଟକୁ ବିଶ୍ୱାସ କରିବାକୁ ପ୍ରସ୍ତୁତ ନ ଥିଲା। ହେଲେ ଡାକ୍ତର ଯେତେବେଳେ ତାଙ୍କ ଲାପ୍‌ଟପ୍ ଖୋଲି ଏମିତି ଅନେକ ରିପୋର୍ଟ ଦେଖେଇଲେ ତାଙ୍କ କଥାକୁ ଅବିଶ୍ୱାସ କରିବା ଭଳି କିଛି ନ ଥିଲା। ଡାକ୍ତର କହିଲେ ନଥିଂ ଟୁ ଓରି। ଆଉ ଗୋଟେ ହୃଦୟ ଆପଣଙ୍କୁ ଯୋଗାଡ଼ କରିବାକୁ ପଡିବ। ଟିଲ ଦେନ୍ ୟୁ ହାଭ୍ ଟୁ ମେନେଜ ଉଇଦାଉଟ୍ ଦିସ୍।

ଅମନ ଏବେ ସତକୁସତ ଅନୁଭବ କରିପାରିଲା ଯେ ତାର ଛାତି ଭିତରେ ହୃଦୟ ନାହିଁ। ସେ ହାତମାରି ଦେଖିଲା ତା ଛାତି ଆଦୌ ଧକ୍ ଧକ୍ ହେଉନି। ଖୁବ୍ ଖାଲି ଖାଲି ଲାଗୁଛି। କୁଆଡ଼େ କିଛି ମନ ଲାଗୁନି। ତା' ଛାତିରେ ଶ୍ମଶାନବତ୍ ନୀରବତା। ତା' ଜୀବନ ଏବେ ଏକ ଶୁଷ୍କ ମରୁଭୁଇଁ ଯେମିତି।

ଅମନ ଚିନ୍ତାକଲା। ଏମିତିରେ ତା' ହୃଦୟଟା ଗଲା କୁଆଡେ? ନିଶ୍ଚୟ ଚୋରି ହୋଇଯାଇଛି।

ଅମନ ଆଉ କାହା କଥା ନ ଶୁଣି ଏକମୁହାଁ ସିଧା ପୋଲିସ ଷ୍ଟେସନ୍ ଧାଇଁଲା ଓ ଏକ ଏଫ୍‌ଆଇଆର୍ ଦର୍ଜ କଲା।

ଥାନାବାବୁ ଆଦୌ ଆଶ୍ଚର୍ଯ୍ୟ ହେଲେନି। କହିଲେ ଦିସ ଇଜ୍ କମନ୍ ନାଓ ଏ ଡେଏଜ୍। ମେନ୍‌ଲି ଉଇଥ୍ ଆୱାର ୟୁଥ୍। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଆମେ ଦିନକୁ ପ୍ରାୟ ଗୋଟେ ଦି'ଟା ଏମିତି କେସ୍ ପାଉଛୁ। ସେ ଗୋଟେ କାଚ ଆଲମିରା ଆଡ଼କୁ ତାଙ୍କ ରୋଲ ବାଡ଼ିରେ ଇଙ୍ଗିତ କଲେ। କହିଲେ, ଯାଅ ଦେଖ ସେଇଠି କେତେ ଚୋରି ହୃଦୟ ଆମେ ଏ ଯାଏ ଉଦ୍ଧାର କରି ରଖିଛୁ। ଏମିତି କି କାଲି ବି ଗୋଟେ ନୂଆଁ ମାଲ୍ ଆସଛି। ଦେଖ କାଳେ ତମର ହୋଇଥିବ।

ଥାନାବାବୁ ଫୋନ୍‌ରେ ହିଁ ହିଁ ହୋଇ ହସି କାହା ସଙ୍ଗେ କଥା ହେଉ ହେଉ ଥାନା ବାହାରକୁ ଗଲେ। ଅମନ ଗୋଟେ କୌତୂହଳୀ ଆଖି ନେଇ କାଚ ଆଲମିରା ପାଖକୁଗଲା।

ସତକୁସତ ଗୁଡ଼ାଏ ଲାଲ ଲାଲ ପାନପତ୍ର ଆକୃତିର କିଛି ହୃଦୟ ସେଇଠି କାଚ ଜାରମାନଙ୍କରେ ସଜା ହୋଇ ରଖାଯାଇଛି। କିଛି ହୃଦୟ ଧକ୍ ଧକ୍ କରୁଛି। କିଛି ନିଷ୍ପନ୍ଦ ନିଥର। କିଛି ହୃଦୟରେ କଳା କଳା ଦାଗ। କିଛିରେ ପରସ୍ତେ ଧୂଳି ବସି ଯାଇଛି।

ଅମନ ଚିନ୍ତାକଲା। ଏଥିରୁ କୋଉ ହୃଦୟଟା ତା'ର ଯେ ସେ କେମିତି ଜାଣିବ। କୋଉଟା ଝିଅ କୋଉଟା ପୁଅର

କୋଉଟା ବୁଢ଼ା ଲୋକର କୋଉଟା ଯୁବକର କେମିତି ଜଣାଯାଏ। ଯାର କ'ଣ କିଛି ବିଦ୍ୟା ଅଛି ? ଶରୀରରୁ ହୃଦୟ ବାହାରି ଯିବାପରେ କୋଉଟା କାହାର କେମିତି ଜଣାପଡ଼େ। ହୃଦୟର ଆକୃତିରୁ କ'ଣ ହୃଦୟ ସମ୍ପର୍କରେ କିଛି ଜଣାପଡ଼େ ?

ଅମନ ଏମିତି ଅନସନ୍ଧିତ୍ସୁ ହୋଇ ଅନେଇ ଥିବାବେଳେ ଥାନାବାବୁ ଫେରି ଆସିଲେ। ଅମନକୁ ପଛଆଡୁ କାନ୍ଧରେ ହାତ ଦେଇ ପଚାରିଲେ କିଛି ଜାଣି ପାରିଲ ୟଙ୍ଗ ମେନ୍ ? କୋଉଟା ପସନ୍ଦ ହେଉଛି ଯଦି କୁହ। ଆମର ଏଇଠି ମାଲ ପଡ଼ି ଖରାପ ହେବା ଅପେକ୍ଷା ଖଲାସ ହୋଇଗଲେ ଭଲ। ମାଲଖାନା ତ ଏମିତି ଆଜେବାଜେ ଜିନିଷରେ ଭରି ଗଲାଣି। ମାଲଖାନାର ସାଇଜ୍ ବଢ଼େଇବା ପାଇଁ ଆମ ତହବିଲରେ ମାଲ ନାହିଁ। ଉପର ଅଫିସର କହୁଛି ମାଲସବୁ କେମିତି ବି ଖଲାସ କର।

ଅମନ ପଚାରିଲା ସାର୍ ଚୋରକୁ ଧରି ହେବନି ? ତାକୁ ଆଉ କିଛି ମିଳିଲାନି ଶଳା ମୋ' ହୃଦୟକୁ ଧରି ଫେରାର। ଏମିତି ଏ ଚୋରିର ମୋଟିଭ୍ କ'ଣ ସାର। ମୁଁ କ'ଣ ପାଇଁ ଅନ୍ୟ ହୃଦୟ ନେଇ ସାରାଜୀବନ ଏଡଜଷ୍ଟ କରି ବଂଚିବି। ତା' ଛଡ଼ା ଏ ଯୋଉ ହୃଦୟଗୁଡ଼ା ରଖିଛନ୍ତି ଏଇଟା କାହାର କେମିତି ଜାଣିବା। କୋଉ ଚୋର ଡକାୟତ କି ମର୍ଡରର୍‌ର ଯଦି ହୋଇଥାଏ।

**ଥାନାବାବୁ ହୋ ହୋ ହୋଇ ହସିଲେ। କହିଲେ ଆଜିକାଲି କାହାର ହୃଦୟ ଚୋରି ହେଉନି ? ଏଇଟା ଗୋଟେ କମନ୍ ଟ୍ରେଣ୍ଡ।**

ଥାନାବାବୁ ହୋ ହୋ ହୋଇ ହସିଲେ। କହିଲେ ଆଜିକାଲି କାହାର ହୃଦୟ ଚୋରି ହେଉନି ? ଏଇଟା ଗୋଟେ କମନ୍ ଟ୍ରେଣ୍ଡ। ପକେଟରୁ ମୋବାଇଲ ଚୋରି ହେଲା ଭଳି ଛାତିରୁ ହୃଦୟ ଚୋରି ହେଇଯାଉଛି। ଏ ସହରରେ କିଏ ଭଲା ଅରିଜିନାଲ ହୃଦୟଟେ ଧରି ବୁଲୁଛି କହିଲେ।

ଆପଣ ଭାବୁଛନ୍ତି ମୋ' ଛାତିରେ ମୋ' ନିଜ ହୃଦୟ ଅଛି। ହେଇ ଦେଖନ୍ତୁ । ଏଇଟା ସେ ବଦମାସ ଡକାୟତର ହୃଦୟ ଯାହାକୁ ଧରି ପାରିଲିନି ବୋଲି ମୁଁ ସସ୍‌ପେଣ୍ଡ ହୋଇଥିଲି। ଅନ୍ୟ ଏକ ଇଲାକାରେ ତା'ର ଏନ୍‌କାଉଣ୍ଟର ହେବାପରେ ମୁଁ ଏବେ ତା' ହୃଦୟକୁ ମୋ' ଛାତିରେ ଧରି ବୁଲୁଛି। ତେଣୁ ସିନା ମୁଁ ଏତେ ନିର୍ଦ୍ଦୟ। ଆଉ ନିର୍ଦ୍ଦୟ ନ ହେଲେ କେହି ପୋଲିସରେ ରହି ପାରିବକି। ମୋର ସେ ପୁରୁଣା ଦୟାଳୁ ହୃଦୟ ପାଇଁ ମୁଁ ହେଲେ କ'ଣ କମ ଦଶା ଭୋଗିଛିକି। ଥାନା ବାବୁ ଦି' ହାତରେ ହନୁମାନ ଛାତି ଚିରି ରାମଙ୍କୁ ଦେଖେଇବା ଭଳି ମୁଦ୍ରାରେ ତାଙ୍କ ହୃଦୟକୁ ଚିରି ଧରିଲେ ଏବଂ କହିଲେ ଆପଣ ବି ଏମିତି ମୋ' ଭଳି ହୃଦୟଟେ ଲଗେଇ ଦିଅନ୍ତୁ।

ଅମନକୁ ଲାଗିଲା ଯେମିତି ସେ ଅର୍ଜୁନଙ୍କ ଭଳି ବିଶ୍ୱରୂପ ଦର୍ଶନ କରୁଛି। ଛାତି ଭିତରୁ ଥାନାବାବୁଙ୍କ ହୃଦୟ ଅତି ଭୟଙ୍କର ଦିଶୁଛି। ତା' ଭିତରେ ଏ ଶତାବ୍ଦୀରେ ଘଟି ଯାଇଥିବା ସବୁ ଘୋଟାଲା, ଲାଞ୍ଚ, ଦୁର୍ନୀତି, କେଲେଙ୍କାରୀ, ଗଣଦୁଷ୍କର୍ମ, ମର୍ଡର, ଚୋରି, ଡକାୟତି ଆହୁରି ଆହୁରି ଭୟଙ୍କର ଦୃଶ୍ୟସବୁ ଦେଖାଯାଉଛି। ଥାନାବାବୁ ଗୋଟେ ଦୁଷ୍ଟ ଅସୁର ଭଳି ହା ହା ହେଇ ହସୁଛନ୍ତି। ଅମନକୁ ଲାଗିଲା ସେ ଚେତା ଶୂନ୍ୟ ହୋଇଯିବ। ତାର ଏଲିଅଟ୍‌ଙ୍କ କବିତା ମନେପଡ଼ିଲା। ହ୍ୟୁମେନ୍‌କାଇଣ୍ଡ କେନ୍ ନଟ୍ ବିଅର ଠୁ ମଚ୍ ଅଫ୍ ରିଆଲିଟି।

ଅମନ ଚିନ୍ତାକଲା ସେ ବିନା ହୃଦୟରେ ବଂଚିବ ପଛେ ଏମିତି ବାଜେ ହୃଦୟଟେ କଦାପି ଲଗେଇବନି।

ଅମନ ଅଣନିଃଶ୍ୱାସୀ ହୋଇ ଥାନାରୁ ଦୌଡ଼ି ଦୌଡ଼ି ପଳେଇ ଆସୁଛି। ତାକୁ ଲାଗୁଛି ଯେମିତି କେହି ଜଣେ ତାକୁ ପିଛା କରୁଛି।

ବିଛଣାରେ ଅମନ ଶୋଇ ଶୋଇ ଚିନ୍ତା କରୁଛି। ଗତକାଲି ପାର୍କରୁ ଫେରିବା ପରେ ରାସ୍ତାରେ ସେ କ'ଣ ମଦ, ଗଞ୍ଜେଇ, ଅଫିମ, ଚରସ ହିରୋଇନ୍ ନା ହାସିସ୍ ଭଳି କିଛି ନେଇଥିଲା କି ? ଭାବି ଭାବି ତା' ମୁଣ୍ଡ ଗୋଳମାଳ ହୋଇଯାଉଛି।

ଏହା ସ୍ୱପ୍ନ ନା ସତ୍ୟ ଅମନ ଏବେବି ଦ୍ୱନ୍ଦ୍ୱରେ ଅଛି ଓ ବାରମ୍ବାର ତା' ଛାତିକୁ ଅଣ୍ଡାଳୁଛି। ତା' ଛାତିର ଧକ୍‌ଧକ୍ ଶୁଣିବାକୁ ଚେଷ୍ଟା କରୁଛି। ତା' ଆଖିପତା ଲାଗି ଆସୁଛି। ଏବେ ଖାଲି ତାକୁ ଥାନାବାବୁଙ୍କ ବିଶ୍ୱରୂପ ଦିଶୁଛି।

□□

ଲେଖକଙ୍କ ଇ-ମେଲ ଠିକଣା:
rohitdash28@gmail.com

**ସାକ୍ଷାତକାର**

# ବରିଷ୍ଠ କଥାକାର ଓ ନାଟ୍ୟକାର ଆନଂଦ ଚଂଦ୍ର ପହିଙ୍କ ସହ ବାର୍ତ୍ତାଳାପ

**ଆନଂଦ ଚଂଦ୍ର ପହି ଜଣେ ବରିଷ୍ଠ ନାଟ୍ୟକାର ଓ କଥାକାର ଭାବରେ ଓଡ଼ିଆ ସାରସ୍ୱତ ଜଗତରେ ସୁପରିଚିତ। ୧୯୪୬ ମସିହାରେ ଜନ୍ମିତ ଏହି ପ୍ରତିଭାଧରଙ୍କ ଏ ଯାବତ ପ୍ରାୟ ୫୦ଟି ପୁସ୍ତକ ପ୍ରକାଶିତ। ସେ ଓଡ଼ିଶା ରାଜ୍ୟ ସଚିବାଳୟରେ ୩୪ ବର୍ଷ କାଳ ନିଜର ଚାକିରି ଜୀବନ ବିତାଇବା ପରେ ୨୦୦୪ ମସିହାରେ ଅବସର ଗ୍ରହଣ କରିଥିଲେ। ନିଜର ନାଟକ 'ପ୍ରତୀକ୍ଷାରେ ପରୀକ୍ଷିତ' ପାଇଁ ସେ ୧୯୯୮ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ। ତାଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।**

**ସାହିତ୍ୟ ଚର୍ଚ୍ଚା:** ସାହିତ୍ୟ ପ୍ରତି ଆପଣଙ୍କର ଆକର୍ଷଣ ପ୍ରବଳ। ଆମେ ଲକ୍ଷ୍ୟ କରିଛୁ ଯେ ଆପଣଙ୍କର ଗୋଡ଼ରେ କିଛି ଶାରୀରିକ ଅସୁବିଧା ଥିବା ସତ୍ତ୍ୱେ ଆପଣ ନିଜର ଆଶାବାଡ଼ିଟିକୁ ସ୍କୁଟରରେ ଲଦି ପ୍ରତିମାସରେ 'ବନ୍ଧୁଘର ସାହିତ୍ୟ ପିଣ୍ଡା'ରେ ଯଥା ସମୟରେ ପହଞ୍ଚିଯାଆନ୍ତି।



**ଆନଂଦ ଚଂଦ୍ର ପହି:** ବର୍ତ୍ତମାନ ଜୀବନରେ ମୋ'ର ସାହିତ୍ୟ ବ୍ୟତୀତ ଆଉ କିଛି କାମ ନାହିଁ ନା! ୨୧ ବର୍ଷ ହେଲାଣି ଅବସର ନେବାର, ସାହିତ୍ୟ ସାଧନା ବର୍ତ୍ତମାନ ମୋ ଜୀବନର ଏକମାତ୍ର ଲକ୍ଷ୍ୟ।

**ସାହିତ୍ୟ ଚର୍ଚ୍ଚା:** ଏଥିରେ ଆପଣଙ୍କର ଅସୁସ୍ଥତା କିଛି ପ୍ରତିବନ୍ଧକ ସୃଷ୍ଟି କରୁନାହିଁ ତ !

**ଆନଂଦ ଚଂଦ୍ର ପହି:** ବରଂ ଅସୁସ୍ଥତା ଦୂର ହେଉଛି ଏହିଥିରେ। ମୁଁ ଏଥିରେ ବୁଡ଼ି ରହିଲେ ଦେହ କ'ଣ ହେଉଛି, କ'ଣ ନାହିଁ, ଭୁଲିଯାଉଛି। ଏ ବୟସରେ ଲେଖା ଆଉ ପଢ଼ା ନ ଥିଲେ ତ ପାଗଳ ହୋଇଯିବ ମଣିଷ।

**ସାହିତ୍ୟ ଚର୍ଚ୍ଚା:** ଆପଣ ନିଜର ନାଁ'ଟିରେ ଅନୁସ୍ୱାର ଲଗାଇବାର ଧାରା କେବେଠାରୁ ଆରମ୍ଭ କଲେ ? କାରଣ ଆପଣଙ୍କ ପ୍ରଥମ ପର୍ଯ୍ୟାୟର କିଛି ବହି ଅଛି ଯେଉଁଥିରେ ଏଭଳି ଲେଖାଯାଇନାହିଁ। ଉଦାହରଣ ସ୍ୱରୂପ ୧୯୯୮ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ଆପଣଙ୍କ ବହିରେ ଆପଣଙ୍କ ନାମ 'ଆନଂଦ ଚଂଦ୍ର' ପରିବର୍ତ୍ତେ 'ଆନନ୍ଦ ଚନ୍ଦ୍ର' ବୋଲି ଅଛି।

**ଆନଂଦ ଚଂଦ୍ର ପହି:** ମୋ' ନାଁ'ର ଗୋଟିଏ ସ୍ୱତନ୍ତ୍ରତା ରଖିବା ପାଇଁ ମୁଁ ପରେ ଏହା କରିଛି। ପୂର୍ବରୁ ମୁଁ ଏହା ଲେଖୁ ନଥିଲି। ପରେ ଦେଖିଲି ଯେ ଆନନ୍ଦ ଚନ୍ଦ୍ର ନାମରେ ବହୁତ ଜଣ ଅଛନ୍ତି; ତେଣୁ ନିଜର ନାଁ'ଟିକୁ ଟିକିଏ ନିଆରା କରିବା ପାଇଁ ଏହା ବଦଳାଇଲି।

**ସାହିତ୍ୟ ଚର୍ଚ୍ଚା:** ନିଜର ନାଁ'ରେ ତ ଆପଣ ଅନୁସ୍ୱାର ଦେଲେ; କିନ୍ତୁ ତାହାର ଅର୍ଥ ନୁହେଁ ଯେ ନିଜର କୌଣସି ବହିର ପାଠରେ ମଧ୍ୟ ଆପଣ ଏପରି ଅନୁସ୍ୱାର ଲଗାଇ

ଯୁକ୍ତାକ୍ଷର ଗଢୁଥିବେ !

**ଆନଂଦ ଚଂଦ୍ର ପହି:** ନା ଏପରି ହୋଇନାହିଁ। କେବଳ ନିଜ ନାଁରେ ଏହା କରିଛି।

**ସାହିତ୍ୟ ଚର୍ଚ୍ଚା:** ଆପଣ ନିଜର ଲେଖକୀୟ ଜୀବନ ଆରମ୍ଭ କଲେ କ୍ଷୁଦ୍ରଗଳ୍ପରୁ। ଏହି ବିଭାଗରେ ନିଜକୁ ପ୍ରତିଷ୍ଠିତ କରିବା ପରେ ବି ନିଜକୁ କାହିଁକି ସ୍ଥାନାନ୍ତରିତ କଲେ ନାଟକ ବିଭାଗ ଭିତରକୁ ?

**ଆନଂଦ ଚଂଦ୍ର ପହି:** ମୁଁ ଯେତେବେଳେ ଲେଖିବାକୁ ଆରମ୍ଭ କଲି, ସେଇଟା ହେଉଛି ୧୯୭୫ ମସିହା ପରର କଥା। ସେତେବେଳେ ଦେଖିଲି ଯେ ସବୁ ଦୁର୍ବୋଧ। ନାଟକଠାରୁ ନେଇ କବିତା, ଗଳ୍ପ ସବୁକିଛି ଦୁର୍ବୋଧ। କେହି କିଛି ପଢୁନଥା'ନ୍ତି। ଏକଥା ଘଟୁଥାଏ ବିଶେଷ କରି ନାଟକରେ। ଡାକିଲେ, ଲୋକେ ଅନୁରୋଧ ରକ୍ଷାକରି ନାଟକ ଦେଖିବାକୁ ଯାଉଥାଆନ୍ତି, ବିନା ଟିକେଟ୍‌ରେ ତ ଯାଆନ୍ତି, ପାଞ୍ଚ କି ଦଶ ମିନିଟ୍ ରହି କେବଳ ମୁହଁ ଦେଖାଇ ଚାଲିଆସନ୍ତି। ମୁଁ ଦେଖିଲି, ଏମିତି ଧାରା ସୃଷ୍ଟି ହେଲେ ନାଟକ ଆଉ ବଞ୍ଚିବନି। ମୁଁ ଚେଷ୍ଟା କଲି ଯେ ଲେଖିବି ଆମ ପାଣିପବନର କଥା, ଆମ ସମସ୍ୟା, ଯାହା ଲୋକେ ବୁଝିପାରୁଥିବେ ଏବଂ ଯାହା ଲୋକଙ୍କୁ ବାନ୍ଧି ରଖିପାରୁଥିବ।

**ଲେଖକମାନେ ହେଉଛନ୍ତି ଜଣେ ଜଣେ ଦୂରଦ୍ରଷ୍ଟା; ସେମାନେ ବହୁତ କଥା ପୂର୍ବରୁ ଅନୁମାନ କରିନେଇପାରନ୍ତି।**

**ସାହିତ୍ୟ ଚର୍ଚ୍ଚା:** ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆପଣ ନାଟକରେ ଉଦ୍ଭଟତାକୁ ପରିହାର କଲେ।

**ଆନଂଦ ଚଂଦ୍ର ପହି:** ହଁ, ଉଦ୍ଭଟତାକୁ ଦୂର କରିବାପାଇଁ ମୁଁ ବହୁତ ଚେଷ୍ଟା କରିଛି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଅଧିକାଂଶ ନାଟକ ତ ରେଡିଓ ଜରିଆରେ ଲୋକଲୋଚନକୁ ଆସିଛି।

**ଆନଂଦ ଚଂଦ୍ର ପହି:** ମୁଁ ଉଦ୍ଭଟତାର ଧାରାରୁ ଦୂରକୁ ଯାଇ ଯେଉଁ ସରଳ ଓ ବାସ୍ତବଧର୍ମୀ ନାଟକ ସବୁ ଲେଖୁଥିଲି, ତା'କୁ ମଞ୍ଚସ୍ଥ ବା କରିବ କିଏ ? ତେଣୁ ରେଡିଓକୁ ପଠାଇଲି।

**ସାହିତ୍ୟ ଚର୍ଚ୍ଚା:** ସେହିହେତୁ ଆପଣଙ୍କ ନାଟକର ବହୁଳାଂଶ ହେଉଛି ବେତାର ନାଟକ। ଆଜିକାଲି ତ ରେଡ଼ିଓ ପ୍ରାୟ କେହି ଶୁଣୁନାହାନ୍ତି, କିନ୍ତୁ ସେତେବେଳେ ଏହାର ପ୍ରଚୁର ଲୋକପ୍ରିୟତା ଥିଲା।

**ଆନଂଦ ଚଂଦ୍ର ପହି:** ସେତେବେଳେ ବେତାର ନାଟକ ଥିଲା ସାହିତ୍ୟର ଏକୁଟିଆ ବାଦଶାହ। କଟକ ଷ୍ଟେସନ୍‌ରେ ସେତେବେଳେ ଶୁକ୍ରବାର ଦିନ ଗୋଟିଏ ନାଟକ ହେଉଥିଲା ଏବଂ ସୋମବାର ମଧ୍ୟ ଆଉ ଗୋଟିଏ ପ୍ରସାରିତ ହେଉଥିଲା।

**ସାହିତ୍ୟ ଚର୍ଚ୍ଚା:** କାରଣ ସେତେବେଳେ ନା ଥିଲା ଦୂରଦର୍ଶନ, ନା ମୋବାଇଲ୍, ନା ୟୁଟିଉବ୍।

**ଆନଂଦ ଚଂଦ୍ର ପହି:** ଏସବୁ କିଛି ନ ଥିଲା। ବହି ବି ସମସ୍ତେ ପଢ଼ିପାରୁ ନ ଥିଲେ। ଏଣୁ ରେଡିଓ ଥିଲା ଏକମାତ୍ର ସାଧନ। ଯେତେବେଳେ ମୁଁ ଆକାଶବାଣୀକୁ ପଠାଇଲି ନାଟକ; ତାହାର ସିଲେକସନ୍ ହୋଇଗଲା। ମୁଁ ଦେଖିଲି ଯେ ମୋ'ର ନାଟକ ବେଶି ଆଦୃତ ହେଲା। ତା' ପରେ ପରେ ଦୂରଦର୍ଶନ ଆସିଗଲା। ସେଠିକୁ ମଧ୍ୟ ଦେଲି ମୋର ନାଟକ। ମୋର ପ୍ରାୟ ପନ୍ଦରଟା ନାଟକ ଦୂରଦର୍ଶନରେ ପ୍ରସାରିତ ହୋଇଛି। ରେଡ଼ିଓରେ ହୋଇଛି ଷାଠିଏଟା ଖଣ୍ଡେ।

**ସାହିତ୍ୟ ଚର୍ଚ୍ଚା:** ରେଡିଓ-ନାଟକର କଥା ଯେହେତୁ ପଡ଼ିଛି, ଆପଣଙ୍କର ଗୋଟିଏ ରେଡ଼ିଓ-ନାଟକକୁ ନେଇ ଆମେ ଗୁରୁତର କଥାଟିଏ କୌଣସି ସୂତ୍ରରୁ ଶୁଣିଛୁ। ତା'ହେଲା ୧୯୭୯ ମସିହା ବେଳକୁ ଯେତେବେଳେ ଆଜି ଭଳି ପୁଅ ଓ ଝିଅମାନେ 'ଲିଭ୍-ଇନ୍' ସମ୍ପର୍କରେ ଆସି ଏକାଠି ରହିବାର କଥା କେହି ଚିନ୍ତା ବି କରିନଥିଲେ, ସେତେବେଳେ ଆପଣ ଏଭଳି ଏକ ସମ୍ପର୍କକୁ ନେଇ ନାଟକଟିଏ ଲେଖିଥିଲେ। ଏହା ଆକାଶବାଣୀରେ ବାଜିବା ପରେ ସେତେବେଳେ ଚାରିଆଡୁ ପ୍ରତିବାଦର ସୁଅ ଛୁଟିଲା। ଫଳରେ କର୍ତ୍ତୃପକ୍ଷ ସେହି ନାଟକଟି ଆକାଶବାଣୀରେ ଆଉ ପ୍ରସାରିତ ହେବା ଉପରେ ନିଷେଧାଦେଶ ଜାରି କରିଥିଲେ। ଏହା ସତ କି ?

**ଆନଂଦ ଚଂଦ୍ର ପହି:** ହଁ, ସତ। ସେହି ନାଟକଟିର ନାମ ହେଲା, 'ଦୁଇ ଦିଗନ୍ତ'। ସେମାନେ ଏହାକୁ ନିଷିଦ୍ଧ ସିନା କଲେ, ପରେ କିନ୍ତୁ ବିଶିଷ୍ଟ ଅଭିନେତ୍ରୀ ଓ ସୁଲେଖିକା ମାଳବିକା ରାୟ ଆକାଶବାଣୀକୁ ଏକ ଚିଠି ଲେଖି ମୋ'ର ପକ୍ଷ ସମର୍ଥନ କଲେ। ସେ ଲେଖିଥିଲେ ଯେ ଆଜି ସିନା

ଅବିବାହିତ ପ୍ରେମିକ-ପ୍ରେମିକାମାନେ ଏକାଠି ରହିବାର ପ୍ରଥା ଆମ ସମାଜରେ ନାହିଁ; କିନ୍ତୁ ଭବିଷ୍ୟତରେ ଏହା ଘଟିପାରେ। ଲେଖକମାନେ ହେଉଛନ୍ତି ଜଣେ ଜଣେ ଦୂରଦ୍ରଷ୍ଟା; ସେମାନେ ବହୁତ କଥା ପୂର୍ବରୁ ଅନୁମାନ କରିନେଇପାରନ୍ତି।

**ସାହିତ୍ୟ ଚର୍ଚ୍ଚା:** ତା'ଙ୍କ ଏହି ଚିଠିର ପରିଣାମ କିଛି ହେଲା ?

**ଆନଂଦ ଚଂଦ୍ର ପହି:** ଏହାପରେ ସେହି ନାଟକ ଉପରୁ ନିଷେଧାଦେଶ ହଟିଗଲା।

**ସାହିତ୍ୟ ଚର୍ଚ୍ଚା:** ଆପଣ ମଞ୍ଚ ପାଇଁ ମଧ୍ୟ ଅନେକ ନାଟକ ଲେଖିଛନ୍ତି।

**ଆନଂଦ ଚଂଦ୍ର ପହି:** ଯେତେବେଳେ ମୁଁ ବେତାର ଓ ଦୂରଦର୍ଶନରେ ନାଁ କରିଗଲି, ତା'ପରେ ଷ୍ଟେଜ୍‌ବାଲା ମୋତେ ଡାକିଲେ ଏବଂ ନାଟକ ମାଗିଲେ।




**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ବହୁ ନାଟକ ଓଡ଼ିଶାର ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ ହୋଇଛି।

**ଆନଂଦ ଚଂଦ୍ର ପହି:** ଭାରତର କେତେକ ସ୍ଥାନରେ ମଧ୍ୟ ହୋଇଛି। 'ପଞ୍ଚମ ବେଦ' ନାମକ ଗୋଟିଏ ନାଟ୍ୟ ସଂସ୍ଥା ମୋର ନାଟକକୁ ଦେଶର ବିଭିନ୍ନ ସ୍ଥାନରେ ପହଞ୍ଚାଇଥିଲା। ସେଥିମଧ୍ୟରୁ ସର୍ବାଧିକ ଲୋକପ୍ରିୟ ଦୁଇଟି ନାଟକ ହେଲା, 'ଡର', ଓ 'ଫୁଲ୍ ଟେନ୍‌ସନ୍'।

**ସାହିତ୍ୟ ଚର୍ଚ୍ଚା:** ଏଥିରେ ସନ୍ଦେହ ନାହିଁ ଯେ ଆପଣ ଓଡ଼ିଆ ନାଟକକୁ ଗୋଟିଏ ନୂଆ ଦିଶା ଦେଇଛନ୍ତି।

**ଆନଂଦ ଚଂଦ୍ର ପହି:** ତା' ପରଠୁ ଆଜ୍ଞା, ସେ ଅବୋଧ, ଦୁର୍ବୋଧ ନାଟକର ଧାରା ଭାଙ୍ଗିଗଲା।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଆପଣଙ୍କର 'ପ୍ରତୀକ୍ଷାରେ ପରୀକ୍ଷିତ' ନାଟକଟି ପଢ଼ିଲେ ଆମେ ପାଉ ଯେ ଏହା ସ୍ୱାଭାବିକ ଜୀବନକୁ ପ୍ରତିଫଳିତ କରୁଥିବା ଏକ ବାସ୍ତବବାଦୀ ନାଟକ। ଏଇଟି କ'ଣ ଆପଣଙ୍କର ପ୍ରଥମ ପ୍ରକାଶିତ ନାଟକ ଥିଲା ?

**ଆନଂଦ ଚଂଦ୍ର ପହି:** ନା, ଏହା ପ୍ରଥମ ନୁହଁ; ଏହା ତୃତୀୟ କି ଚତୁର୍ଥ ହେବ।

**ସାହିତ୍ୟ ଚର୍ଚ୍ଚା:** ଏହା ପୂର୍ବରୁ ଆପଣଙ୍କର ଯେଉଁ ନାଟକଗୁଡ଼ିକ ପ୍ରକାଶିତ ହୋଇଥିଲା, ସେ ସବୁର ଉଦ୍ଦେଶ୍ୟ ମଧ୍ୟ ସେଇଆ ହିଁ ଥିଲା କି ? - ଅର୍ଥାତ ଉଦ୍ଭଟତା ପରିହାର କରିବା ?

**ଆନଂଦ ଚଂଦ୍ର ପହି:** ହଁ, ସବୁର ଉଦ୍ଦେଶ୍ୟ ସେଇଆ ହିଁ ଥିଲା।

**ସାହିତ୍ୟ ଚର୍ଚ୍ଚା:** ଆପଣ ନିଜର ପ୍ରାୟ ସମସ୍ତ କ୍ଷୁଦ୍ରଗଳ୍ପକୁ ନାଟକରେ ରୂପାନ୍ତରିତ କରିସାରିଛନ୍ତି। ଏହା କ'ଣ ସତ ?

**ଆନଂଦ ଚଂଦ୍ର ପହି:** ଏହା ଆଂଶିକ ଭାବରେ ସତ। ସବୁ ଗପ କରିପାରିନାହିଁ; ମୁଁ ପ୍ରାୟ ଦୁଇଶହଟି ଗଳ୍ପ ଲେଖିଛି; ସେଥିମଧ୍ୟରୁ ଷାଠିଏଟିକୁ ହିଁ ନାଟ୍ୟରୂପ ଦେଇଛି।

**ସାହିତ୍ୟ ଚର୍ଚ୍ଚା:** ଗୋଟିଏ କଥା ହେଲା, ଯେତେବେଳେ ମୌଳିକ ଗପଟିଏ ନାଟକର ରୂପ ନିଏ, ସେତେବେଳେ ଗପର ସେହି ମୌଳିକତାରେ କିଛି ସାଲିସ କରିବାକୁ ପଡ଼େ କି ?

**ଆନଂଦ ଚଂଦ୍ର ପହି:** ଶୁଣନ୍ତୁ, ଯେଉଁଟି ମୋ'ର ନିଜ ଗପ, ତା'କୁ ଚାହିଁଲେ ମୁଁ ଅଧଘଣ୍ଟିଆ କରିଦେଇପାରିବି, ଦେଢ଼ଘଣ୍ଟିଆ ବି କରିଦେଇପାରିବି। ଅଧିକ ଚରିତ୍ର ବି ନେଇପାରିବି। ମୂଳ ଲକ୍ଷ୍ୟକୁ ସ୍ଥିର ରଖି ମୁଁ ମୋ'ର ଯାହା ବଢ଼ାଇପାରିଲି ସେଥିରେ ପ୍ରତିବନ୍ଧକ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଅନ୍ୟ କାହାର କ୍ଷୁଦ୍ରଗଳ୍ପକୁ ନେଇ ନାଟକ କରିଥିଲେ ଏହି ସ୍ୱାଧୀନତା ବୋଧହୁଏ ଆପଣଙ୍କୁ ମିଳିନଥା'ନ୍ତା।

**ଆନଂଦ ଚଂଦ୍ର ପହି:** ମୁଁ ଅନ୍ୟ କେତେକ ଗଳ୍ପକୁ ନେଇ ରେଡ଼ିଓ ପାଇଁ ନାଟକ କରିଛି; କିନ୍ତୁ ସେଗୁଡ଼ିକ ବେତାର କେନ୍ଦ୍ରର ଅନୁରୋଧକ୍ରମେ। ସେମାନେ କହନ୍ତି, ଅମୁକ ଗପଟା ନାଟକ କରିଦିଅନ୍ତୁ। ସ୍ୱତଃପ୍ରବୃତ୍ତ ହୋଇ ମୁଁ ଅବଶ୍ୟ ଆଉ କାହାର ନାଟକ କରିନାହିଁ। ଆପଣ ଯାହା କହିଲେ, ଏଥିରେ ହୁଏତ ନାଟ୍ୟକାରର ସ୍ୱାଧୀନତା ଟିକିଏ କମ୍।

**ସାହିତ୍ୟ ଚର୍ଚ୍ଚା:** ଆପଣ କ୍ଷୁଦ୍ରଗଳ୍ପରୁ ନିଜର ଲେଖକୀୟ ଜୀବନ ଆରମ୍ଭ କରିଥିଲେ ଏବଂ ପରେ ନାଟକକୁ ଆସିଲେ। କିନ୍ତୁ ଆମେ ଏଠି ପ୍ରଥମେ ଆଲୋଚନା କଲେ ଆପଣଙ୍କ ନାଟକ ବିଷୟରେ। ଯେମିତି ଆପଣ କହିଲେ ଯେ ଉଦ୍ଭଟତାର ପ୍ରତିରୋଧ କରିବା ପାଇଁ ଆପଣଙ୍କର ନାଟକ ସୃଷ୍ଟି ହୋଇଥିଲା, ସେମିତି ଗଳ୍ପରେ ଆପଣଙ୍କର ମୁଖ୍ୟ ଧ୍ୟେୟ କ'ଣ ଥିଲା ?

**ଆନଂଦ ଚଂଦ୍ର ପହି:** ସେହି ଏକା କଥା। ସେତେବେଳେ କ୍ଷୁଦ୍ରଗଳ୍ପକୁ ମଧ୍ୟ ବୁଝି ହେଉନଥିଲା। ମୁଁ ଗଳ୍ପରେ ସରଳତା ଆଣିବାକୁ ଚେଷ୍ଟା କଲି।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଆଧୁନିକ କବିତାରେ ଉଦ୍ଭଟତା ଯେତେ ମାତ୍ରାରେ ଥିଲା, ଗଳ୍ପରେ ବୋଧହୁଏ ସେତେ ଅଧିକ ନ ଥିଲା।

**ଆନଂଦ ଚଂଦ୍ର ପହି:** କଥା ହେଲା, ଯେଉଁମାନେ ପ୍ରଥମେ ବୁଝା ଗପ ଲେଖୁଥିଲେ, ସେମାନେ ହିଁ କ୍ରମେ ଅବୁଝା ଗପ ଲେଖିବା ଆରମ୍ଭ କଲେ ଇଂରାଜୀ ବହି ପଢ଼ି, ଯଦିଓ ସେମାନଙ୍କର ସଂଖ୍ୟା କମ୍ ଥିଲା।

**ଯେଉଁମାନେ ପ୍ରଥମେ ବୁଝା ଗପ ଲେଖୁଥିଲେ, ସେମାନେ ହିଁ କ୍ରମେ ଅବୁଝା ଗପ ଲେଖିବା ଆରମ୍ଭ କଲେ ଇଂରାଜୀ ବହି ପଢ଼ି ।**

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ନାଟକ ଭଳି, ନିଜର ଗଳ୍ପରେ ବୋଧହୁଏ ଆପଣ ବିଶେଷ ପରୀକ୍ଷା ନିରୀକ୍ଷା କରିବାପାଇଁ ଚେଷ୍ଟା କରିନାହାନ୍ତି।

**ଆନଂଦ ଚଂଦ୍ର ପହି:** ମୁଁ ଆଙ୍ଗିକ ଭାବରେ ହୁଏତ ପରୀକ୍ଷା ନିରୀକ୍ଷା କରିନାହିଁ; କିନ୍ତୁ ଆତ୍ମିକ ରୂପରେ କରିଛି। ଦୃଷ୍ଟାନ୍ତ ସ୍ୱରୂପ, ଆପଣଙ୍କ ପତ୍ରିକାରେ ଥରେ ପ୍ରକାଶ ପାଇଥିଲା ମୋର ଯେଉଁ ଗଳ୍ପ 'ଈଶ୍ୱରଙ୍କୁ ଇ-ମେଲ୍'; ତାହା ମାନବୀୟ ଦର୍ଶନର ଏକ ନୂଆ ଦିଗକୁ ଇଙ୍ଗିତ କରିଥିଲା।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଗୋଟିଏ ଗଳ୍ପ 'ତୁଚ୍ଛା ମଣିଷ' ପଢ଼ିବା ପରେ ଆମର ଧାରଣା ହୁଏ ଯେ ସମାଜରେ ଏଭଳି କୌଣସି ବର୍ଗର ଚରିତ୍ର ନାହିଁ, ଯାହାକୁ ଆପଣ ନିଜ ଗଳ୍ପରେ ଫୁଟାଇ ନାହାନ୍ତି। ଏଠାରେ ସମାଜର ଜଣେ ତୃତୀୟ-ଲିଙ୍ଗୀ ଚରିତ୍ରକୁ ଆପଣ ଅତି ଜୀବନ୍ତ ଭାବରେ ଉପସ୍ଥାପନ କରିଛନ୍ତି। ଏହି ଚରିତ୍ରଗୁଡ଼ିକୁ ଆପଣ କ'ଣ ନିଜ ବାସ୍ତବ ଜୀବନର ଅଙ୍ଗେନିଭା ଘଟଣାଗୁଡ଼ିକରୁ ନେଇଥାଆନ୍ତି ?

**ଆନଂଦ ଚଂଦ୍ର ପହି:** ନ ଦେଖିଥିବା ଓ ନ ଜାଣିଥିବା ଚରିତ୍ରକୁ ନେଇ ଗଳ୍ପଟିଏ ଲେଖିଲେ ତାହା ସଫଳ ହେବନି। ଏହି ଚରିତ୍ରଟିକୁ ମୁଁ ଆମ ଗାଆଁରେ ପ୍ରକୃତରେ ଦେଖିଥିଲି; ସେ ଅବଶ୍ୟ ଏବେ ସେପୁରକୁ ଚାଲିଗଲେଣି ।

**ସାହିତ୍ୟ ଚର୍ଚ୍ଚା:** ଏଭଳି ବାସ୍ତବତାର ଅନୁଭବ ନଥିଲେ ବୋଧହୁଏ ଗଳ୍ପଟିଏ ଲେଖିହୁଏ ନାହିଁ।

**ଆନଂଦ ଚଂଦ୍ର ପହି:** ଏହି ପ୍ରସଙ୍ଗରେ ଆପଣଙ୍କୁ ଗୋଟିଏ କଥା କହିବି। ଥରେ ଆମେ କିଛି ଜଣ ସାହିତ୍ୟିକ ଯାଇଥିଲୁ ଗୋପୀନାଥ ମହାନ୍ତିଙ୍କୁ ଦେଖା କରିବାପାଇଁ। ତା'ଙ୍କ ଘରର କବାଟ ଡେଇଁ ପଶିଛୁ, ସେ କହିଲେ,'ହେଇ ! ହତ୍ୟାକାରୀମାନେ ଆସିଗଲେ।' ଆମେ ଚମକିଲୁ। ଆମକୁ ହତ୍ୟାକାରୀ ବୋଲି କ'ଣ କହୁଛନ୍ତି ?

**ସାହିତ୍ୟ ଚର୍ଚ୍ଚା:** କାହିଁକି କହିଲେ ଏମିତି ?

**ଆନଂଦ ଚଂଦ୍ର ପହି:** ହଁ, ଆମେ ପଚାରିଲୁ, 'ଆମକୁ ହତ୍ୟାକାରୀ ବୋଲି କ'ଣ କହୁଛନ୍ତି ?' ସେ ଓଲଟି ପଚାରିଲେ, 'ତମେ ସବୁ ଲେଖକ ନୁହଁ କି ?' ଆମେ ହଁ ଭରିବାରୁ ସେ ପୁଣି କହିଲେ,'ତମେ ନିଜର ପକେଟରେ ହାତମାରି ଦେଖିଲ। କାହା ପକେଟରେ କଲମ ଆଉ ଟିପାଖାତା ଖଣ୍ଡିଏ ଅଛି କି ?' ସେତେବେଳକୁ ପକେଟରେ କଲମ ରଖିବାର ପ୍ରଥା ଉଠିଗଲାଣି, ତେଣୁ ଆମ କାହାରି ପାଖରେ ତାହା ନ ଥିଲା। ସେଇଠୁ ସେ କହିଲେ, 'ଲେଖକମାନଙ୍କର ମନକୁ ଫ୍ଲାସ୍‌ଗୁଡ଼ାକ ହଠାତ୍ ଆସେ। ତମେ କେତେବେଳେ ବସିଥିବ, କେତେବେଳେ ଯାଉଥିବ, କେତେବେଳେ ପାଇଖାନାରେ ବସିଥିବ, କି କେତେବେଳେ ଆଉ କ'ଣ କରୁଥିବ, ହଠାତ୍ ଗୋଟିଏ ଅଭିନବ ଭାବନା ମନକୁ ଆସେ। ସେଇ ଫ୍ଲାସ୍‌ଟାକୁ ଟିପି ନେବାକୁ ହୁଏ। ତା'ହେଲେ ସେଇଟା ହଜିପାରିବ ନାହିଁ।'

**ସାହିତ୍ୟ ଚର୍ଚ୍ଚା:** ସେ ବୋଧହୁଏ କହିବାକୁ ଚାହୁଁଥିଲେ ଯେ 'ନ ଲେଖି ସେହି ଭାବନାଗୁଡ଼ିକୁ ଆପଣମାନେ ମାରିଦିଅନ୍ତି।'

**ଆନଂଦ ଚଂଦ୍ର ପହି:** ହଁ, ଏଭଳି ଅନେକ ଥିମ୍‌କୁ ଆମେ ଜନ୍ମରୁ ହିଁ ମାରି ଦେଇଥାଉ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମୂଲ୍ୟବାନ ବାର୍ତ୍ତାଳାପ ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ ଜଣାଉଛୁ।

ଧାରାବାହିକ ବ୍ୟଙ୍ଗ



# ନୂଆବରଷ: ନଟାହସ

ଅଜୟ କୁମାର ମିଶ୍ର

ଘଟି ନ ପାରିଲେ ଘଟଣା ନୁହେଁ, ଘାଣ୍ଟଚକଟ କରି ନ ପାରିଲେ ଘଣ୍ଟୁ ନୁହେଁ । ଗାଢ଼ା ଅନାଣ ଭଳିଆ ଅତି ଟାଉକା ଆଖିରେ ଘଣ୍ଟୁ ତଳ-ଉପର, ଏପାଖ-ସେପାଖ, ସବୁ ଚଉହଦି ନିଘା କରିଥାଏ । କେନ୍ଦ୍ରର ହଉ କି ରାଇଜ ହଉ - ସବୁଠି ସରକାରୀ ସତର୍କତା, ଘରେଇ ହଉ ବା କୁମ୍ପାନୀ ହଉ - ସବୁଠି ଆଉ ନିଘନ ଢାଉକାପଣ । ତା'ଠାରୁ ଆଉ ଚଞ୍ଚଳିଆ କାମ ଅର୍ଦ୍ଧସରକାରୀ କାମ । ଯେମିତି ଶିବ ଠାକୁରଙ୍କୁ କଉଁ ଗୋଟେ ଗଞ୍ଜୋଡ଼ିଆ ଶିଳ୍ପୀ ଅଧାନାରୀଆ କରି ଥୋଇଦେଲା ଯେ, ସେଉଠୁ ଲୋକେ ଦେଖିଲେ ଶିବ ଠାକୁରଙ୍କ ସହ ପାହାଡ଼ୀଝିଅ ପାର୍ବତୀଙ୍କ ଝଳେଇ ମୂର୍ତ୍ତି । ଜଗା କାଠଦିଅଁ, ଶିବା ପଥର ଦିଅଁ, ପାହାଡ଼ୀଝିଅଙ୍କୁ ଏକାଠି ଗଛରେ ନଟା ମାଡ଼ିବା ଭଳିଆ ମଡ଼େଇ ଏକାଠି ଯୋଡ଼ କରିଦେଲା ନୁଉଛୁଣା ଶିଳ୍ପୀ ।




ତିନିଦିଅଁ ଭିତରୁ ବରହମା ବିଚରାକୁ ପଚାରେ କିଏ ? ପରିବାର ଗଢ଼ିବା ପରେ ସେ ମୁରବୀ ମାର୍କା ଅଲୋଡ଼ା ବୁଢ଼ା । ଚତୁରିଆ ପୁରାଣବାଲାଏ କହିଲେ, ପିତାମହ । ପିତାର ମହକ ଥାଏ କି ? ବାକି ରହିଲା ଚଗଲା ଓ ପାରେଖା ବିଷ୍ଣୁ । ପୁଣି ସବୁବେଳେ ତାଙ୍କ ଶଶୁର ଘରେ, କ୍ଷୀର ସମୋଦ୍ରରେ, ଶିବା ବି ତହୁଁ ଦେଖାଦେଖି ହିମ ପରବତରେ ଡେରା ପକେଇଛନ୍ତି । କ'ଣ ନା ତପସ୍ୟା ଚାଲିଚି । ଏହି ଦିଅଁ ଯୋଡ଼ିଙ୍କ ପେଇଁ ଲୋକଙ୍କ ଆଖି । ବାହା ହେବା ପରେ ଶଶୁର ଘରେ ଡେରା ପକାଣ, ନ ହେଲେ, ନିଜ ଘରକୁ ଶାଶୂ-ଶଶୁରଙ୍କୁ ଆଣି ଥଇଥାନକରଣ, ରକ୍ଷଣବେକ୍ଷଣ, ତୋଷଣ-ପୋଷଣ । ସେମାନଙ୍କ କଥାରେ ଉଠଣବସଣ । ନ ହେଲେ ଲକ୍ଷମୀ ପାରବତୀଙ୍କ ସଂହାରିଣୀ ମର୍ଦ୍ଦିନୀ ରୂପରେ ପ୍ରକଟୀକରଣ, ଚଉଠ ପ୍ରଳୟର ଘନ ଘନ ନାଟକାୟନ ।

### ଦମ୍ ନ ଥାଇ ଦମ୍ପତି

ଦମ୍ ନ ଥେଲେ ଦମ୍ପତି କେମିତି ଯେ ? ଦମ୍ ନ ଦେଇପାରିଲେ ପତି, ନ ହେଲେ ଖାଲି ବିପତ୍ତି ହଁ ବିପତ୍ତି । ପରବ ପରବାଣି, ଉଛବ ମଉଛବ ବେଳକୁ ଦମ୍ପତିଙ୍କ ହାଲ୍ ବେହାଲ୍ ହୁଏ । କାରଣ ଏଇ ବେଳକୁ କନ୍ୟାମାତେ, କନ୍ୟାପିତେ ଅଗତ୍ୟା ସରକାରୀ ତୀର୍ଥଯାତ୍ରାର ସୁଆଦ ପାଇଁ ହମହମ ହଅନ୍ତି । ଲାଇଟ୍ କଟିଗଲେ ପୁରୁଣା ଡିବି ଲଣ୍ଠନକୁ ଦରଣ୍ଡାଦରଣ୍ଡି ହେବା ଭଳି, ଏଣିକି ନିଜ ପିତେମାତେ ଲୋଡ଼ା ପଡ଼ନ୍ତି । ମାତ୍ର ସେ ବି ମିଳିବା କଷ୍ଟ ନା, କାରଣ ସେ ବି ତାଙ୍କ କନ୍ୟାଜାମାତାଙ୍କ ପାଖରେ ସ୍ୱଦେହେ ମହଜୁଦ ଥାଆନ୍ତି । ଏଇଟା ସୀମାସମସ୍ୟା, ମାଓସମସ୍ୟାଠାରୁ ଆଉ ବହକି ପଡ଼େ । ଏଇବେଳେ କେହି କେହି ଦମ୍ପତି ଅଥାଇ ଉଖୁଆଳ ଭଡ଼ାରେ ଆଣି ଘର ଜଗାଇ ମଉଛବମୁହାଁ ହୁଅନ୍ତି । ନ ହେଲେ ଠାଉକାମାନେ ପୂରା ଚଟାଣରେ କଳାକନା ବୁଲେଇ ଦେଇଥିବେ ।

ଶ୍ରୀକ୍ଷେତ୍ରରେ ପାଞ୍ଜିଆକରଣ ହୁଏତ ପାଞ୍ଜି ଗଣିବାରେ କେଉଁଠି ଡିଲାପଣରେ ଭୁଲ୍‌ଚୁଲ୍ କରିପାରେ, ମାତ୍ର ଘଣ୍ଟୁର ସବୁଦିନେ କ'ଣ ପ୍ରତି ଘଣ୍ଟେ ଦି ଘଣ୍ଟାରେ, ନିଉଜ୍ ଚାଣେଲର ନୂଆ ନୂଆ ଅମଳ ହେଉଥିବା ଖବରବଖାଣ ଭଳି, ଘନ ଘନ ପାଞ୍ଜିଦେଖା । ଜାଇଁଲା, ଏଥର କାଲେଣ୍ଡର ବଦଳିବା ବଦଳିବା ଟାଇମ୍ ହେଲାଣି । ଦିନ କେଇଟାରେ ନୂଆ କାଲେଣ୍ଡର ଆସିବ, ଆସିବ ତ ଆସିବ । ଆସୁ ଆସୁ ନାନା ନାଟ କିରୀତନ ଲଗେଇଦେବ । ମାତୁଣିଆଏଁ ମାତିବେ, ତାତୁଣିଆଏଁ ତାତିବେ - ତାତିକି ତାଉଧରିବେ, ପାଚିବେ ଆଉ ନାଚିବେ । ମହୁଆ ସାକ୍ଷୀ ମାତାଲ, ଓଧ ସାଥୀ ବଣଭୁଆ ପ୍ରକାରେ, ଏ ତାତୁଣିଆଁ

ତାତୁଣେଇଁମାନଙ୍କୁ ମିଡିଆବାଲାଏ ମଡେଇବେ, ଛୋଟୀକି ଶ୍ରୀମତୀ ସମ୍ବୋଧୀ, ଓଡ଼ିଶୀ ଡ୍ୟାନ୍ସ କରେଇବେ । କଲଚର୍ ଚର୍ ଚର୍ ହେଇ ବଢ଼ିବ, ସାଧାରଣିଆଏଁ କେବଳ ଯାହା କଲବଲ ହେବେ । ଏସବୁ କଳନା କରି ନେଇ ଘଣ୍ଟୁ ତା' କାମ୍ପୁଟରିଆ ମଗଜ ଖେଳେଇଲା ।

## ଆଉ ଥାନ ନାହିଁ

କାଲେଣ୍ଡର ବଦଳିବାକୁ ଦିନ କେଇଟା ବାକିଅଛି । ବଡ଼ ବଡ଼ ହୋଟେଲ, ବାର୍ ସବୁଠି ଆଗୁଆ ମେଳଣ ପାଇଁ ଆଉ ଥାନ ନାହିଁ । ଏମିତିକି ଗଛମୂଳିଆ ପିଣ୍ଡିଘେରକୁ କେତେକେତେ ଲୋକ ଆସିବେ, ତାହା ଆଗୁଆ ସୁମାରି ନେଇଗଲା ଘଣ୍ଟୁ । ଘଣ୍ଟୁ ଏକା ଏକା ବୁଦ୍ଧି ଖଟାଏ, କିନ୍ତୁ ତା' ବୁଦ୍ଧିକୁ ମୁଣ୍ଡରେ ପୂରାଇ କାମ କରନ୍ତି ତା'ର ଚେଲା-ଚାମୁଣ୍ଡାଏ । କାର୍ତ୍ତିକା, କାଳିଆ, ବାଇନ, ନୋକା, ଫଣ୍ଟୁସ୍, ବିଜିନା, ମଖୁ, ରାଜୁଆ - ଏମାନେ ଘଣ୍ଟୁର ଅଷ୍ଟବେତାଳ । ଏମାନଙ୍କ ସାଙ୍ଗରେ ଠା, ଠିକଣା, ଠଣା, ଠନ୍‌ଠନ୍ ମେଳ ଖୁଆଇ ଘଣ୍ଟୁ ହିସାବ ଲଗାଏ । କେବେ କିଏ ମାସିକିଆ ପଣିରେ ତ, କିଏ ଦିନିକିଆ ଅଣିରେ; କିଏ ପରସ୍‌ଣ୍ଟେଜରେ ତ କିଏ ଓଭରଟାଇମ୍‌ରେ ଖୁସି - ସେମାନଙ୍କ ଟାକତ ତରିକା ଉଣ୍ଡି, ଘଣ୍ଟୁ ଏମାନଙ୍କ ସହ ରେଟ୍ ଛିଣ୍ଡାଏ । ରାଜି ହେବା ପରେ କାମରେ ମୁକରିର କରାଏ, ଆଉ ପାଉଣା ସରକାରୀ କଳ ଭଳିଆ ଆଜି ହେଇଯିବ, କାଲି ହେଇଯିବ - ଏମିତି ନ କରି ତତ୍‌କ୍ଷଣାତ୍ ତୁଟାଇଦିଏ ।

**ଗଛମୂଳ, ଖରାବେଳ, ସାଙ୍ଗମେଳ, ବୋତଲ ଖେଳ - ଭିତରେ ଘଣ୍ଟୁ ନିଜ ପଲଟଣକୁ ଡକେଇ କାଲେଣ୍ଡର୍ ବଦଳିବା ଖବରଟି ଜଣେଇଦେଲା ।**

ଗଛମୂଳ, ଖରାବେଳ, ସାଙ୍ଗମେଳ, ବୋତଲ ଖେଳ - ଭିତରେ ଘଣ୍ଟୁ ନିଜ ପଲଟଣକୁ ଡକେଇ କାଲେଣ୍ଡର୍ ବଦଳିବା ଖବରଟି ଜଣେଇଦେଲା । ମଉନମୁହାଁ ମାଷ୍ଟରର ଅତି ଗାଢ଼ା ତତ୍ତ୍ୱ ବଖାଣକୁ, ଗଣିତିଆ ମାଷ୍ଟରର ଜଟିଳ ଗଣିତପାଠକୁ, ଇଂରେଜିଆ ସାଆରଙ୍କ ବଡ଼ବଡ଼ ଶବଦ ବାଣକୁ ମୂର୍ଖ ପିଲାଏ ଅନାଇଲା ଢଙ୍ଗରେ ଘଣ୍ଟୁକୁ ଅନେଇଲେ ପଲଟଣର ଅଷ୍ଟବେତାଳେ । ଆଗେ ତୁଣ୍ଡରୁ ସିଲ୍ ଖୋଲିଲା ରାହୁଆ । "ଏତେ କଥା ନ କହି ସିଧାସିଧା ତମ ପିଲାନ୍ ପୋରଗ୍ରାମମାନ କୁହ, ଆମେ କରିବୁ କ'ଣ ! ଆମର ପାଉଣା ପଣି କଥା କ'ଣ - ସେଇଟା ଆଗେ ଛିଡ଼େଇ ଦେଇ ପଛନ୍ତେ ଅରଡ଼ କର ।" ରାହୁଆ କଥାକୁ ଫଣ୍ଟୁସ୍ ବି ପାଳି ଧରିଲା । କହିଲା - "ରାହୁଆଇ ଠିକଣା କଥା ଠୋସ୍‌ରେ କହିଛି ।"

ସରକାରୀ ଅଫିସ୍, କମ୍ପାନୀ ଗାରଦରେ ବଡ଼ ପ୍ରକାର ଠାଣିମାଣିରେ ଘଟୁଥିବା ମିଟିଂଗୁଡ଼ିକରେ ଉପସ୍ଥିତମାନେ, ମହାଶୟଙ୍କ ମୁହଁକୁ ଅନେଇ ଭବିଷ୍ୟତ କାଣ୍ଡ-କାରନାମା କଳିବା ଭଳିଆ, ଅଷ୍ଟବେତାଳେ ଘଣ୍ଟୁଙ୍କୁ କଳୁଥିଲେ । ଘଣ୍ଟୁ ଏଥର ପହିଲା ଘାଣ୍ଟ ପକେଇଲେ । ସବୁବର୍ଷ ଭଳି ଏସନ ବି ନୂଆବରଷ ଆସିଲା ଆସିଲା ହେଲାଣି । ତମେମାନେ ଆମ ଲୋକଙ୍କ ଖୋଇ ତ ଜାଣିଚ । ଆମ ବଇଶାଖ ସଂକ୍ରାନ୍ତି, ମକର ସଂକ୍ରାନ୍ତିକି ଲୋକେ ଭୁଲିଗଲେଣି । ବିଦେଶୀ କାଲେଣ୍ଡର ବଦଳା ନ୍ୟୁ ଇୟର୍‌ରେ ମାତୁଛନ୍ତି । ଏଇଦିନ ସାଆଣମେଲା ଧାଉଡ଼ି । ଏଇ ଦିନଟିରେ ହସଖୁସି, ମଉଜିଆ କାମର ପାରା ଚଢ଼େ । ପକେଟକୁ ବେଖାତିର, ଗୋଟେ ଏବେ 'ଶୂନରାତି' କାଣ୍ଡ ଚାଲିଆସିଲେଣି । ସତେ ଯେମିତି ଶୂନରାତି କାମ ନ ହେଲେ ବରଷ ହିସାବ ତୁଟିବନି । ନାଲୁଆ ନାଳେଇ ଗରାଖ ଗରାଖୀମାନେ 'ଶୂନରାତି' କାଣ୍ଡ ପାଇଁ ହୋଟେଲରେ ହାଉଜାଉ, କିଲାବରେ ଉଠାପକା । ଏଠି ଅଳପବସନାଙ୍କ ବହୁ ଦର୍ଶନର ମହାଯୋଗ । ନାଚ ନାଆଁରେ ବେଖାପିଆ ଡିଆଁ ଝପଟ ନ କଲେ କାଲେଣ୍ଡର ଅବଦଳ ରହିବ ବୋଧେ । ଏଠି ସେଠି ସମସ୍ତେ ହେବେ ଏକାକାର, ନଥିବ ଲିଙ୍ଗ ଭେଦ କା'ର । ଯିଏ ଯାହାର ଅଣ୍ଟାଧରି, ଡ୍ୟାନ୍ସିବେ ପାଣି ଢ଼େଉପରି । ଡ୍ୟାନ୍ସ ହୋଅସ୍ ଥିବାଯାଏ, ବୁଡ଼ିଲେ ନାଇ ପରାବାଏ ।

କାଳିଆ ଉବାଚ : ଏତେ କଥାରୁ ହେବ କ'ଣ ? ବଖାଣ ଅସଲ ବଚନ । ଘଣ୍ଟୁ କହିଲା - ଏଥର ଗୋଟେ ନୂଆ ଭିଆଣ କରିବା । ସମସ୍ତେ ଖିଆରୁ ପିଆରେ ପକେଟରୁ ଅଧିକ ଝଡ଼ାଣ ବେଳେ ଆମେ ବି ଏଇ ଝଡ଼ାଣରୁ କିଛି ଗୋଟେଇ ନେଲେ ଯାହି ତାଇ ଆମ ଖର୍ଚ୍ଚା ଉଠାଣ କରିପାରନ୍ତେ ।

ବିଜିନା ଉବାଚ : କ'ଣ ଯୋଜନାଟା ଝଅଟ ଶୁଣାଅ ଘଣ୍ଟୁଆଇ ?

ଘଣ୍ଟୁ ଉବାଚ : ଗାଁ ରାମଲୀଳାର ରାବଣ, ମା' ଭାରତର ଦୁଃଶାସନ, ଭାଗତର କଂସର ଭଳିଆ ହସକୁ ଏକାଠି ଗ୍ରାଇଣ୍ଡିଂ

କରି ଆରମ୍ଭିଲା ଘଣ୍ଟୁ – ହାଃ ହାଃ, ହାଃ, ହିଃ ହିଃ ହିଃ, ହୋଃ ହୋଃ ହୋଃ ହୋଃ, ହୁସ୍, ହେଃ ହୋଓ ଓଓଃ – ନନ୍‌ଷ୍ଟପିଆ ମିକଶ୍ଚର୍ ହସ । ଥମ୍ କରିଦେଲା ପଲଟଣକୁ ।

**କାନ ତାବ୍‌ଦା**

ଅଷ୍ଟବେତାଳଙ୍କ କାନ ତାବ୍‌ଦା ହେଇଗଲା, କାନଗିରିକୁ ଘଣ୍ଟୁ ଏ ହସ ଯେମିତି ଡ୍ରିଲିଂ କରାଇ ଥରହର କରିଦେଲା । ଆଉ କିଛି ସମୟ ହେଇଥିଲେ, ହୁଏତ ବାହାର ଲୋକ ଏହାକୁ ଶୁଣି ମେଜିକ୍ ଦେଖିବା ଭଳି ଆସି ଭିଡ଼ ହେଇଥାଆନ୍ତେ । ଏତେ ବଡ଼ ଦୀର୍ଘ ହସର ଜୁଆର ପରେ ଘଣ୍ଟୁ ଟିକେ ଗଳାୟାମ୍ କଲା, ପୁନଶ୍ଚ ଆରମ୍ଭ କରିଦେଲା, ସେକେଣ୍ଡ୍ ରାଉଣ୍ଡ୍ ହସ । ଅବଶ୍ୟ ଏଇଟା ସର୍ଟଆନସିଆ ହସ, ତା'ପରେ ଅବଜେଟିକିଆ ହସ । ଅଷ୍ଟବେତାଳେ ମନେ ମନେ ଭାବୁଥିଲେ ତାଙ୍କ ଦଳପତି ସ୍ୱୟଂ ଘଣ୍ଟୁଆଇଙ୍କ ମଗଜରୁ କୌଣସି ଗୋଟେ ପେଚ ହୁଏତ ଢ଼ିଲା ହୋଇଗଲା ନା କ'ଣ ? ନ ହେଲେ ଦିନେ କାଳେ ଦେଖା ନ ଥିବା ଏ ବଦଖୋଇଟା ଘଣ୍ଟୁଆଇ ପାଖରେ ଦୁରୁଶ ହେଇନଥାନ୍ତା । ସମସ୍ତେ ୱାନ୍ ଟୁ ଥ୍ରୀ କହି ଘଣ୍ଟୁର ହସକୁ କୋରସ୍ କରି ଚୌରସ କରିଦେଲେ । ସବୁରି ଅଜାଣତରେ ଘଣ୍ଟୁ ତା' ସ୍ମାର୍ଟ ଫୋନ୍‌ରେ ରେକର୍ଡ କରିନେଇଥିଲା । ପୁଲିସିଆ କମାଣ୍ଡ୍ ଦେଇ ସେମାନଙ୍କ ଏଇ କୋରସ୍ ହସକୁ ଏକାତାନକେ ଥାମ୍ କରିଦେଲା ।



ଘଣ୍ଟୁ ଉବାଚ : ଆରେ ସେତିକି ଥାଉ, ଏ ହସକୁ ଆଉ ନଟେଇବା ଦରକାର ନାହିଁ । ସେତିକିରେ ଚଳିବ । ଆମକୁ ଆମର ଏଇ କୋରସିଆ ହସଟା ହେବ ଆମର କାମ । ତମେ ସବୁ ଜାଣିଥିବ – ଏବେ ଲୋକେ ବିନା କାରଣ ଅକାରଣରେ ଘୁଷୁରି ଥୋମଣା ଭଳିଆ, ନିଜ ମୁହଁର ଭଙ୍ଗୀ କରୁଛନ୍ତି । କ'ଣ ନା ସିରିୟସ୍ ମୁଡ୍ । ବେଶି ତ ଦେଖିବ ରାଜଧାନୀରେ ଏ ପ୍ରକାର ଘୁଷୁରି ଥୋମଣା ମାର୍କା ମୁଡ୍ । ସାଧାରଣ ଭାବେ ମନ୍ତିରୀ ମୁତୁରା, ସଚିବ, ଉପସଚିବ, ସହସଚିବ, ଗଣ୍ଡିସଚିବ, ଡେପୁଟୀ, ସବଡେପୁଟୀ, ଆସିଷ୍ଟାଣ୍ଟିଆ ଡେପୁଟୀ ସମସ୍ତେ ଯେମିତି ଏ ସିରିୟସିଆ ଥୋମଣା କରିଛନ୍ତି । ଅଫିସ୍‌ରେ କିରାଣୀ ବି ଏ ଥୋମଣା ଦେଖାଏ, ଲେଡି ଲେଡା ସବୁରି ଭିତରେ ଏମନ୍ତ ଯୋଗାଭ୍ୟାସ । ପିଅନ୍‌ଟା ଟୁଲ୍ ଉପରେ ବସି କାନଫୁଙ୍କା ଶୁଣି ହସୁଥିବ, କିଛି ପଚାରିଲେ ଦେଖେଇଦେବ ତା' ସିରିୟସ୍ ଥୋମଣା । ଟିଚରେ ଟିଚରାଣୀ ବି ଭୁଲ୍ ପାଠ ପଢ଼ାଇଲେ ତାଙ୍କୁ ପଚାରିଲେ ଏଇ ଶୂକରମୁଖା ଭାବ ଦେଖାନ୍ତି । ପିଲାଙ୍କୁ ବି ଶୂକରାମୁଖୀ ଭାବ ସଂକ୍ରମିତ ହେଲାଣି । ଷ୍ଟାଟିଷ୍ଟିକ୍ସରୁ ଜଣାଗଲାଣି, ସବୁରି ମୁହଁରେ ଏ ବିଚିକିଚିଆ ଶୂକରାବତାରୀ ମୁଖର ପୁନଃ ପୁନଃ ଅଭ୍ୟାସ । ଫଳରେ ହସ ଏମାନଙ୍କ ମୁହଁକୁ ଆସିବ କ'ଣ ମୁହଁର ବାରଣ୍ଡା ମାଡ଼ିବାକୁ ବି ଭୟରେ ଛାନିଆଁ । ଏଣୁ ଦଳେ ସିରିୟସିଆ ହସ କିଳାବ ଗଢ଼ି, ତୁଛାଟାରେ ପରସ୍ପରକୁ ଖତେଇ ହେବା ଭଳିଆ ଝେଁକି ହଉଥିବା ବିଚିତ୍ର ଦୃଶ୍ୟ ଦେଖାଦେଲାଣି ।

ବୁଢ଼ା ପ୍ରବଚନିଆଁର ଧର୍ମବାଣୀ ବାଚନକୁ ହୁରୁମା ଟୋକାଏ ନାକ ଟେକିବା କାଇଦାରେ ଘଣ୍ଟୁଆଇଙ୍କ ଏ ବୟାନକୁ ଅଷ୍ଟବେତାଳେ କେବଳ ଆଗକୁ କିଛି ରୋକଡ଼ା ପ୍ରାପ୍ତି ଆଶାରେ ବାଧହେଇ ଶୁଣୁଥିଲେ । ସେମାନଙ୍କ ମୁଖଭଙ୍ଗୀର ପୃଷ୍ଠାରୁ ଭିତରର ଭାବକୁ ଠଉର କରିନେଇ ନିଜର ଆଗାମୀ ପ୍ଲାନିଂ ଶୁଣାଇଲେ । ଏ ସହରର ହସମାରେଣା ଲୋକଙ୍କୁ ସିରିୟସ୍ ଜମିରେ ହସଫସଲର ଅସଲ ଚାରା ରୋଇବା ଆମର ପ୍ରଥମ କାମ । ବରଷବଦଳ ଦିନଟା ଏଥିପାଇଁ ଉପଯୁକ୍ତ ଅକ୍ଷୟତୃତୀୟା । ଏଇଦିନ ହସ ବିହନ ଅନୁକୂଳ କରେଇବା । କେଉଁଠି କରେଇବା, କେମିତି କରେଇବା, ତମମାନଙ୍କ କାମ କ'ଣ ହେବ ସେସବୁ ମୁଁ ତମମାନଙ୍କୁ ଦି'ଦିନ ଭିତରେ ବୁଝେଇଦେବି । ବିନା ଧନ୍ୟବାଦରେ ସଭାଭଙ୍ଗ ଏବଂ ଘଣ୍ଟୁଙ୍କ ସହ ଅଷ୍ଟବେତାଳଙ୍କ ପ୍ରସ୍ଥାନ ।

ସହରସାରା ଘଣ୍ଟୁଙ୍କ ଲୋକେ ଡିଜେ ସ୍ୱରରେ ପ୍ରଚାର ଗାଡ଼ିରେ ପ୍ରଚାର ଚଳେଇଲେ, 'ଆସନ୍ତୁ ଆସନ୍ତୁ ଆସନ୍ତୁ । ଏ ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ । ବରଷକେ ଥରେ ଆସୁଚି ଏ ସୁଯୋଗ । ନୂଆବର୍ଷ ଉପଲକ୍ଷେ ଏ ସୁଯୋଗ କେବଳ ଆପଣମାନଙ୍କ ପାଇଁ ଆପଣଙ୍କ ସହରରେ ଆପଣଙ୍କ ହାତ ପାଆନ୍ତାରେ ଉପଲବ୍ଧ । ନୂଆ ବର୍ଷରେ ଆପଣମାନେ ବହୁତ

ଧୁମ୍‌ଧାମରେ ମସ୍ତିରେ କଟେଇବେ । ଶୂନ୍ୟରାତିରେ ଡ୍ୟାନ୍ସ ଡୁନ୍‌ସା କରି ମତୁଆଲା ହେବେ । କିନ୍ତୁ ବିଭିନ୍ନ ଥାନକୁ ଯାଇ ବଣଭୋଜି କରି ବଣପଣ୍ଡିତଙ୍କଠାରୁ ଆଉରି ମାତିବେ । ହେଲେ, ଆପଣ ଆଜିକା ଦିନରେ ଟିକେ ହସିବା ଭୁଲିଗଲେଣି । ଆମ ସହ ଆସି ମିଶନ୍ତୁ, ପେଟଫଟା ହସ ହସନ୍ତୁ, ତା'ପରେ ନୂଆବର୍ଷକୁ ଗଛରୁ ଫଳ ତୋଳିବା ଭଳି ତୋଳି ଆଣିବେ । ମନେ ରଖନ୍ତୁ ବନ୍ଧୁଗଣ ! ବରଷର ପହିଲି ଦିନର ହସ, ବର୍ଷସାରା ରହିବ, ଖୁସିରେ କଟିଯିବ ବର୍ଷଟା । ଅଣଲାଇନ ଆଉ ଅଫ୍‌ଲାଇନରେ ଟିକେଟ୍ ମିଳୁଚି । ଆପଣମାନେ ଚାହିଲେ ଆମ ପ୍ରଚାରଗାଡ଼ି ପାଖରୁ ନିଜ ନିଜ ଟିକେଟ୍ ହାତେଇ ନେଇପାରିବେ ।

**ଗୁରୁଣାଂ ଗୁରୁ**

ଏମନ୍ତ ପ୍ରକାରର ପ୍ରଚାରରେ ନଟିଆ ଗୁରୁଣାଂ ଗୁରୁ । ସେ ନିଜ ବାଇକ୍ ଚାରିପଟେ ବିଭିନ୍ନ ପ୍ରକାରର ଫ୍ଲେକ୍ସ ଟଙ୍ଗେଇଚି । ବିଚିକିଟିଆ, ଅତିବିଚିକିଟିଆ, ବିକୃତିଆ, ଘନବିକୃତିଆ, ବିକଳା, ସ୍କୋୟାର୍‌ବିକଳାଦିଙ୍କ ବିଭିନ୍ନ ଭଙ୍ଗିଚାର ଫଅଟ୍ ମାନ ଟଙ୍ଗେଇ, ସେମାନଙ୍କ ହସ ଦେଖଉଚି । ଆଉଗୋଟେ ପଟେ ସୁନ୍ଦରୀ କୁଇନ୍‌ମାନଙ୍କ ସ୍ମିତହସମାର୍କା ମୁଖ ଛବି ବି ଟଙ୍ଗେଇଚି । ବଙ୍ଗାଳି ହକରଙ୍କ ଛୋଟିଆ ମାଇକ୍ରୋଫୋନିକ୍ ଶୈଳୀରେ ପ୍ରଚାର ଚଳେଇ, ଦିନକ ଭିତରେ କେତେ ଥାନରେ ଗାଡ଼ି ଠିଆ କରାଇ କିଛି ସାଇଟୋକାଙ୍କୁ ମାଗଣା ପାସ୍ ଯୋଗେଇ ଦେଇ ହଜାରେ ସରିକି ୫୦ ଟଙ୍କିଆ, ଦି ହଜାର ସରିକି ୧୦୦ ଟଙ୍କିଆ ଟିକେଟ୍ ବିକେଇ ସାରିଲାଣି । ଅଷ୍ଟବେତାଳଙ୍କ ସମବାୟ ଆନ୍ଦୋଳନରୁ ଲୋକଙ୍କ ଭିତରେ ବିଶ୍ୱାସ ଆସିଲାଣି । ଜଣେ କିଣୁ କିଣୁ, ଅନ୍ୟ ଦଶଜଣ କିଣିଲେଣି । ଟିକେଟ୍ କହିଲେ, ଗୋଟାଏ ବାହାଘରିଆ କାର୍ଡ ପ୍ରକାର ମୁଦା ଖୋଲପା । ତା' ଭିତରେ ହସ ଇଲମ୍ । ସେଇଦିନ ଖୋଲିଲେ ଅସଲ ମଜା, ଟାଇମ୍ ବମ୍ ଭଳିଆ ଟାଇମ୍ ସେଟ୍ ହେଇଚି, ଆଗରୁ ଖୋଲିଲେ ଟିକେଟ୍ ନଷ୍ଟ । 'ଜିରୋ ନାଇଟ୍‌ରେ' ଖୋଲାହେବ, କାଲେଣ୍ଡରଟା ପୁରୁଣାକୁ ଠେଲି ଆସିବା ଆସିବା ହେଉଥିବ, ଠିକ୍ ଏଇ ମାହେନ୍ଦ୍ର ବେଳା ଆଉ ଅମୃତ ଲଗ୍ନରେ ଖାମ୍ ଖୋଲାହେବ, ତା'ପରେ ତ ହସୁଥିବ ଯେ ସାରା ପରିବାରକୁ ସଂକ୍ରାମକ ଭଳିଆ ବାଣ୍ଟି ହେଇଯିବ ଏ ହସ ।

> **କାଲେଣ୍ଡରର ବଦଳିବା ମାହେନ୍ଦ୍ର ବେଳା, ଟିକେଟ୍ ଖୋଲିବା ବେଳକୁ କାଳବେଳା କି ବାରବେଳାରେ ପରିଣତ ହେଇଗଲା ଯେମନ୍ତେ ।**

ନଖିଆଟା ଅତି ଟାଉକା । ନିଜେ ଏମାନଙ୍କଠାରୁ କୋଡ଼ିଏଟା ଟିକେଟ୍ ଖାମ୍ କିଣି କ୍ରିକେଟ୍ ଟିକେଟ୍ ବ୍ଲାକ୍ ହେବା ଭଳିଆ ଦି'ଗୁଣ ଲାଭରେ ଟିକେଟତକ ଧରେଇ ପାଉଣା ପାଇଗଲା । ଭାରିଖୁସି । ଏତିକିବେଳେ ତା' ବନାଦାଦା ଟିକେଟ୍ ଖାମ୍ ଧରି ହାଜର । କହିଲେ- "ହେଇରେ ଏଠି ହସ ବଟିକା କାହିଁ? ଲେଖା ହେଇଛି, ମନଇଚ୍ଛା ହସନ୍ତୁ । ନ ହସିପାରିଲେ ଏକଥା କାହାକୁ କହିଲେ, ସେମାନେ ଆପଣଙ୍କ ଏ ବୋକାପଣ ଠଉରକରି ଥଟ୍ଟାରେ ଉଡ଼େଇଦେବେ ।"

ଯାହା ବି ହେଉ, ଅଷ୍ଟବେତାଳେ ଟିକେଟ୍ ଖାମ୍ ବିକି ପାଉଣା ପାଇ ଖୁସି, ଘଣ୍ଟୁଙ୍କ ଏ ଦିନିକିଆ ବେପାରଟା ବି ବହୁତ ଜମିଲା । ଚାରି, ଛ'ଦିନ ମଗଜ ଖଟେଇ, ଟଙ୍କା ତିନିଲକ୍ଷ ଭିଆଇ ବହୁତ ଖୁସ୍ । କାଲେଣ୍ଡର ବଦଳିବା ମାହେନ୍ଦ୍ର ବେଳା, ଟିକେଟ୍ ଖୋଲିବା ବେଳକୁ କାଳବେଳା କି ବାରବେଳାରେ ପରିଣତ ହେଇଗଲା ଯେମନ୍ତେ । ସହରିଆଙ୍କ ଏ ବେକୁବ୍ ଅବସ୍ଥା ଯେ ଶୁଣିଲା, ସେ ବି କୁତୁକୁତେଇଲା, ବର୍ଷସାରା ଏ କୁତ୍‌କୁତ୍ ନୁହେଁ, ସ୍ମରଣ ଥିବାଯାଏଁ ଏମନ୍ତ କୁତ୍‌କୁତ୍ ।

ଏଇଟା ନଟାହସ ନା, ନିର୍ମୂଳିନଟା ଭଳିଆ ଖାଲି ନଟଉଥିବା ସାର ।

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

'ସାହିତ୍ୟ ଚର୍ଚ୍ଚା' ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି:
www.sahityacharcha.com



**ପ୍ରବନ୍ଧ**

# ଓଡ଼ିଆ ବହିର ପାଠକ

**ମାନସ ରଂଜନ ମହାପାତ୍ର**

ଏକଦା ଆମାଜନ୍ ନଦୀର ଅବବାହିକାରେ ହେଲା ଏକ ଭୟଙ୍କର ବିମାନ ଦୁର୍ଘଟଣା । ସବୁ ଯାତ୍ରୀ ହେଲେ ନିହତ । ହେଲେ ରହସ୍ୟଜନକ ଭାବେ ଜଣେମାତ୍ର ଯାତ୍ରୀ କ୍ଷତବିକ୍ଷତ ହେଇ ଜଂଗଲ ଭିତରେ ପଡ଼ି ରହିଲେ । ନଦୀ କୂଳରେ ରହୁଥିବା ଜଣେ କେଉଟଙ୍କ ଆଖିରେ ପଡ଼ିଲେ ସେ । ଦୟାଳୁ କେଉଟ ତାଙ୍କୁ ଉଦ୍ଧାରକରି ନିଜ ଘରକୁ ଆଣି ତାଙ୍କ ଚିକିତ୍ସା କଲେ । କେତେଦିନର ସେବା ଶୁଶ୍ରୂଷା ପରେ ଯାତ୍ରୀଜଣକ ସୁସ୍ଥହେଲେ । ଦେଖିଲେ, କେଉଟଙ୍କ ପାଖରେ ଅଛି କିଛି ଚାର୍ଲସ ଡିକେନ୍‌ସଙ୍କ ବହି ।

କେଉଟ ଅନୁରୋଧ କଲେ, ସେ ବହିରୁ ଗପସବୁ ପାଟିକରି ପଢ଼ିଲେ ସେ ଶୁଣିପାରିବେ । ସେ ଥିଲେ ନିରକ୍ଷର । ଯାତ୍ରୀଜଣକ ଥିଲେ ଜଣେ ପ୍ରଫେସର । ସେ କେଉଟଙ୍କ କଥାରଖି ଗପଗୁଡ଼ିକ ପଢ଼ିଚାଲିଲେ ।



ସେ ବହିଗୁଡ଼ିକ କେଉଟ କେଉଁଠୁ ପାଇଥିବ ଜଣାନାହିଁ । ଆଉ କେଉଁ ଦୁର୍ଘଟଣାର ମୃତ ଯାତ୍ରୀଙ୍କ ବ୍ୟାଗରୁ ସେ ବହିତକ ସେ ପାଇଥିବ ହୁଏତ । ମାସ ମାସ ବିତିଗଲା । ବହିପଢ଼ା ଚାଲିଲା । ବହି କ'ଣ, ସେକଥା କେଉଟ ହୁଏତ ଜାଣିନଥିଲେ, ହେଲେ ଗପ ଶୁଣିବାର ଆଗ୍ରହ ତାଙ୍କର ଥିଲା । ମଝିରେ ଥରେ ଦି'ଥର ଉଦ୍ଧାରକାରୀ ଦଳଙ୍କ ସହ ତାଙ୍କର ଦେଖାହେଲା । ହେଲେ, ଗପ ଶୁଣିବାର ଆଗ୍ରହ ଏତେ ଅଧିକ ଥିଲା ଯେ, ସେ ଯାତ୍ରୀଙ୍କ ବିଷୟରେ ସୂଚନା ଦେଲେନାହିଁ ।

ମାସ ମାସ ବିତିଗଲା । ବହିପଢ଼ା ସରିଗଲା । ମନରୁ କିଛି ଗପ ଯାତ୍ରୀ କହିଲେ । କେଉଟ ବି ପୂର୍ବରୁ ଶୁଣିଥିବା କିଛି ଡିକେନ୍‌ସଙ୍କ ଗପ ଯାତ୍ରୀଙ୍କୁ କହିଲେ । ଏ ଭିତରେ ନୂଆ ଉଦ୍ଧାରକାରୀ ଦଳ ଠାବକଲେ, ଦୁର୍ଘଟଣାଗ୍ରସ୍ତ ବିମାନର ବଞ୍ଚି ଯାଇଥିବା ଏକମାତ୍ର ଯାତ୍ରୀଙ୍କୁ ।

ଯାତ୍ରୀଜଣକ ତା'ପରେ କୁଆଡ଼େଗଲେ ଜଣାନାହିଁ । କେଉଟ ବି କୁଆଡ଼େ ଗଲେ? ହୁଏତ ଗପ ଶୁଣୁ ଶୁଣୁ ସେ ନୂଆ ସୃଜିବାରେ ଲାଗି ଯାଇଥିଲେ ।

ବଙ୍ଗଳା ଭାଷାରେ ଜଣେ ସେହିପରି ଲେଖକ ଥିଲେ । ସେ ବି ଥିଲେ କେଉଟ । ତାଙ୍କ ନାଁ ଅଦ୍ୱୈତ ମଲବର୍ମନ । କିଛି ପାଠ ପଢ଼ିଥିଲେ । ଗୋଟିଏ ଉପନ୍ୟାସ ସେ ଲେଖିଲେ । ପ୍ରକାଶନର ସୁବିଧା ନଥିଲା । ନିଜ କେଉଟ ଭାଇମାନଙ୍କୁ ସେ ଗପଟି ଶୁଣାଇଲେ । ଉପନ୍ୟାସର କାହାଣୀ । ସେ ଉପନ୍ୟାସର ନାମ 'ତିତାସ ଏକ୍‌ଟି ନଦୀର ନାମ' ।

ପଦ୍ମା ନଦୀକୂଳର ସେ କେଉଟ ସମୟ କୋଳରେ କୁଆଡ଼େ ହଜିଗଲେ । ଅନେକ ବର୍ଷ ପରେ ସେ ଉପନ୍ୟାସର କାହାଣୀ ଶୁଣି ଜଣେ ପ୍ରକାଶକ ତାଙ୍କ ଗାଆଁକୁ ଆସି ସେ ବହିର ପାଣ୍ଡୁଲିପି ପାଇଲେ । ସେତେବେଳକୁ ଅଦ୍ୱୈତ ମଲବର୍ମନ ଏ ପୃଥିବୀରେ ନଥାନ୍ତି । ତାଙ୍କର ପରିବାର ବୋଲି କିଛି ନଥିଲା । ପ୍ରକାଶକ ବହିଟି ଛାପିଲେ । ସମୟକ୍ରମେ ଜଣେ ଚଳଚ୍ଚିତ୍ର ନିର୍ମାତା ସେ ଉପନ୍ୟାସର କାହାଣୀକୁ ନେଇ ଛବିଟିଏ ନିର୍ମାଣ କଲେ । ତାହା ଜାତୀୟ ପୁରସ୍କାର ପାଇଲା । ନବେ ଦଶକରେ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଏଇ ଉପନ୍ୟାସଟି ଭାରତୀୟ ଭାଷାମାନଙ୍କରେ ପ୍ରକାଶ କରିଛନ୍ତି ।

**ସର୍ବକାଳୀନ ଆଦର**

ବହିର ପାଠକ, ବହିକୁ ଭଲପାଉଥିବା ଲୋକେ ସବୁ କାଳରେ ଥିଲେ । ଭଲ ପାଠକ ନିଜ ପଠନ ପ୍ରବୃତ୍ତିର ପ୍ରଚାର କରେନାହିଁ । ଭଲ ବହିର ବିଜ୍ଞାନ ଦରକାର ହୁଏନାହିଁ । ଆଜିଠୁ ଛଅ ଦଶକ ଆଗେ 'ସହକାର' ପତ୍ରିକା ପକ୍ଷରୁ ଏକ ପାଠକୀୟ ସର୍ବେକ୍ଷଣ କରାଯାଇଥିଲା । ସର୍ବେକ୍ଷଣରେ ଓଡ଼ିଆ ଭାଷାରେ

ସେତେବେଳ ସବୁଠୁ ଲୋକପ୍ରିୟ କଥାକାର ମନୋଜ ଦାସ ଥିଲେ ବୋଲି ଜଣାପଡ଼ିଥିଲା । ମୋ' ଜାଣିବାରେ ସେଭଳି ଲୋକପ୍ରିୟତାର ସର୍ବେକ୍ଷଣ ଆଉଥରେ ହୋଇନାହିଁ । ତେବେ, ନବେ ଦଶକରେ ନ୍ୟାସନାଲ ବୁକ୍ ଟ୍ରଷ୍ଟ ପକ୍ଷରୁ ଓଡ଼ିଶାରେ ହୋଇଥିବା ପୁସ୍ତକ ପରିକ୍ରମାରେ ମନୋଜ ଦାସଙ୍କ ଗଳ୍ପ ପୁସ୍ତକମାନ ବହୁଳ ସଂଖ୍ୟାରେ ବିକ୍ରି ହୋଇଥିଲା । ଏହି ଲେଖକ ସେହି ପୁସ୍ତକ ପରିକ୍ରମାର ସଂଯୋଜକ ଥିଲା । ମନୋଜ ଦାସଙ୍କ ବହିର କ୍ରେତା-ପାଠକ ଅଧିକାଂଶ ଥିଲେ ଉପାନ୍ତ ଅଞ୍ଚଳର । ତେବେ ବହି ବିକ୍ରିର ଅର୍ଥ ପାଠକୀୟ ଲୋକପ୍ରିୟତା ନୁହେଁ । ସରକାରୀ ଅନୁଦାନରେ କିଣାଯାଇଥିବା ଲକ୍ଷ ଲକ୍ଷ ବହି ହୁଏତ କାର୍ଟୁନ ବକ୍ସ, ବସ୍ତା, ଆଲମିରା ବା ଲାଇବ୍ରେରୀ କକ୍ଷରେ ବନ୍ଧାହୋଇ ଶଢୁଥାନ୍ତି । ଅନେକ ତଥାକଥିତ ଲେଖକଙ୍କ ବିପୁଳ ପୁରସ୍କାରପ୍ରାପ୍ତ ବହି କେବଳ ଆଲମିରାର ଶୋଭାବର୍ଦ୍ଧନ କରେ, ପାଠକ ତା'ଠୁଁ ଥାଏ ଅନେକ ଦୂରରେ ।

ଗୁଣାଢ୍ୟଙ୍କ 'ବୃହତ କଥା' ବା 'କଥା ସରିତ ସାଗର' ଏଇଠି ଆଲୋଚନା କରିବା । ସେ ସମୟର ରାଜଭାଷା ଥିଲା ସଂସ୍କୃତ, କିନ୍ତୁ ଗୁଣାଢ୍ୟ ଲୋକଭାଷା 'ପୈଶାଚି'ରେ ଲେଖିଥିଲେ । ତତ୍କାଳୀନରାଜା ଏହାକୁ ମନୋଯୋଗ ଦେଇ ଶୁଣିଲେ ନାହିଁ । ଗୁଣାଢ୍ୟ କ୍ଷୁବ୍ଧ ହୋଇ ନିଜ ପାଣ୍ଡୁଲିପିମାନଙ୍କୁ ଜଳେଇଦେବା ଆରମ୍ଭ କଲେ । ଏ ଖବର ରାଜାଙ୍କ ପାଖରେ ପହଞ୍ଚିଲା । କ୍ଷୁବ୍ଧ ଲେଖକଙ୍କୁ ବୁଝେଇବାକୁ ରାଜା ପହଞ୍ଚିଲା ବେଳକୁ ପାଣ୍ଡୁଲିପିର ସତୁରିଭାଗ ପୋଡ଼ି ପାଉଁଶ ହୋଇଗଲାଣି ।

> **ବେବିଲୋନ୍ ପାଠାଗାରଠାରୁ ଆମ ସମୟର ରଘୁନନ୍ଦନ ପାଠାଗାର ପର୍ଯ୍ୟନ୍ତ ସବୁ ରାଜକୀୟ ଅନାଗ୍ରହର ଶିକାର ।**

ରାଜକୀୟ ଅନାଗ୍ରହରୁ ପୃଥିବୀର ଅନେକ ପାଠାଗାର ଧ୍ୱଂସ ପାଇଯାଇଛି । ବେବିଲୋନ୍ ବା ଆଲେକ୍‌ଜାଣ୍ଡ୍ରିଆର ପାଠାଗାରଠାରୁ ଆମ ସମୟର ରଘୁନନ୍ଦନ ପାଠାଗାର ପର୍ଯ୍ୟନ୍ତ ରାଜକୀୟ ଅନାଗ୍ରହର ଶିକାର । ଦାଶରଥୀ ପଟ୍ଟନାୟକଙ୍କ ଯଦୁମଣି ସାହିତ୍ୟ ସଂସଦର ପାଠାଗାର ଗ୍ରାମାଞ୍ଚଳରେ ପଡ଼ିରହିଛି । ସାରା ପୃଥିବୀରେ ଅଜସ୍ର ବହିମେଳା ହେଉଛି । ବହି ବା ଏହାର ଅଧିକାର ସ୍ୱତ୍ତ୍ୱ ବିକ୍ରି ହେଉଛି, ମାତ୍ର ବୈଦ୍ୟୁତିକ ଗଣମାଧ୍ୟମର ଯୁଗରେ ପାଠକ ହଜିଯାଇଛି । ଓଡ଼ିଆ ପ୍ରକାଶକ ବିଜୟ କୁମାର ମହାପାତ୍ର ପୃଥିବୀର ବିଭିନ୍ନ ବହି ମେଳାରେ ଭାଗ ନିଅନ୍ତି ଏବଂ ଓଡ଼ିଆ ବହି ସାଙ୍ଗରେ ନିଅନ୍ତି । ବହିମେଳା ଶେଷରେ ତାଙ୍କୁ ଓଡ଼ିଆ ବହି ବାଣ୍ଟିବାକୁ ପଡ଼େ । ଆମ ପରବର୍ତ୍ତୀ ପିଢ଼ିର ପିଲାମାନେ ମାତୃଭାଷାର ବହି ପଢ଼ନ୍ତି ନାହିଁ ।

**ଶିକ୍ଷାନୁଷ୍ଠାନର ଭୂମିକା**

ଓଡ଼ିଶାରେ ସରକାରୀ, ଘରୋଇ ଓ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ ସଂଖ୍ୟା ୧୦ ହଜାରରୁ ଅଧିକ । ଜୁନିଅର କଲେଜ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଓ ଓଡ଼ିଆ ପାଠ୍ୟ ବିଷୟ ଥିବା ପବ୍ଲିକ୍ ସ୍କୁଲ ସଂଖ୍ୟା ପାଞ୍ଚ ହଜାରରୁ ଅଧିକ । ଏବେ ଓଡ଼ିଆ ଅନର୍ସ ଓ ସ୍ନାତକୋତ୍ତର ପଢ଼ିବା ପାଇଁ ଛାତ୍ରବୃତ୍ତି ବି ସରକାର ଦେଲେଣି । ଓଡ଼ିଆ ଖବରକାଗଜ (ସରକାରୀ ବିଜ୍ଞାପନ ପାଉଥିବା ଦୈନିକ, ସାପ୍ତାହିକ, ପାକ୍ଷିକ ତଥା ମାସିକ) ସଂଖ୍ୟା ପାଞ୍ଚଶହ ପାଖାପାଖି । ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ରାଜ୍ୟ ହେବାକୁ ଆଉ ଦଶବର୍ଷ ପରେ ଶହେ ବର୍ଷ ହେବ । ସରକାରୀ କାଗଜପତ୍ରରେ ନବକୃଷ୍ଣ ଚୌଧୁରୀଙ୍କଠାରୁ ଏଯାଏଁ ଓଡ଼ିଆ ସରକାରୀ ଭାଷା, ଓଡ଼ିଆ ପ୍ରକାଶକଙ୍କ ସଂଖ୍ୟା (ରାଜା ରାମମୋହନ ରାୟ ପାଠାଗାର ପରିଯୋଜନା ମୁତାବକ) ପ୍ରାୟ ହଜାରେ । ସ୍କୁଲ ଶିକ୍ଷା (ଓସେପା) ବହିକିଣାରେ ଉପକୃତ ପ୍ରକାଶକଙ୍କ ସଂଖ୍ୟା ଦିନକୁଦିନ ବଢ଼ି ଚାଲିଛି । ହେଲେ, ଆମ ବହିର ପାଠକ ସଂଖ୍ୟା ଇଂରାଜୀ ତୁଳନାରେ କମିଯିବାର କାରଣ କ'ଣ ? ଚାଲନ୍ତୁ, ଏ ବିଷୟରେ ଏକ ମୁକ୍ତ ଆଲୋଚନା କରିବା । ମୋ' ମତରେ, ନିମ୍ନୋକ୍ତ କାରଣମାନଙ୍କ ଯୋଗୁଁ ଆମେ ଛାତ୍ର ଅବସ୍ଥାରୁ ପିଲାମାନଙ୍କ ପଠନ ପ୍ରବୃତ୍ତି ବଢ଼ାଇପାରୁନାହୁଁ ଏବଂ ଫଳତଃ ସେମାନେ ଜୀବନସାରା ଭଲ ପାଠକଟିଏ ହୋଇପାରୁ ନାହାନ୍ତି ।

୧. ବିଭିନ୍ନ ପ୍ରକାରର ବହିର ଅଭାବ

ଧୀରେ ଧୀରେ ଜ୍ଞାନର ବିଭିନ୍ନ ଭାଗ ବିଷୟରେ ଜାଣିବା ପାଇଁ ବହି ଏକ ପ୍ରକୃଷ୍ଟ ମାଧ୍ୟମ । ଏବେ ଇଂରାଜୀ, ହିନ୍ଦୀ, ବଙ୍ଗଳା ଓ ମରାଠୀ ଭାଷାରେ ପାଠକୀୟ ରୁଚିକୁ ନଜରରେ ରଖି ବିଭିନ୍ନ ପ୍ରକାର ବହି ପ୍ରକାଶିତ ହେଲାଣି । ତଦନୁରୂପ ଏକ ନୂତନ ଲେଖକ ଗୋଷ୍ଠୀ ବି ଗଢ଼ିଉଠିଛି । ସେହି ଅନୁସାରେ ଅଭିଧାନ ବି ତିଆରି ହେଲାଣି । ବିଶେଷଜ୍ଞମାନେ ବି ସେଇ ଅନୁସାରେ ଆସିଗଲେଣି । ମାତ୍ର

ଓଡ଼ିଆ ଭାଷାରେ ଏହାର ବିକାଶ ଅତ୍ୟନ୍ତ ମନ୍ଥର । ଭାରତୀୟ ଭାଷାରେ ବିଜ୍ଞାନ ସାହିତ୍ୟ ପ୍ରକାଶନରେ ଓଡ଼ିଆ ଏକଦା ଅଗ୍ରଣୀଥିଲା । ପଚାଶ ବର୍ଷ ତଳେ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଆକାଶକୁ ସାତୋଟି ପାହାଚ' ଲୋକପ୍ରିୟ ବିଜ୍ଞାନ କାହାଣୀ ଭାବେ ଲୋକପ୍ରିୟ ହୋଇପାରିଥିଲା ।

୨. ମୁଦ୍ରଣ ତ୍ରୁଟି

ଏକଦା ଓଡ଼ିଆ ପ୍ରକାଶକମାନେ ନିଜ ପ୍ରକାଶିତ ବହିର ପ୍ରୁଫ୍ ନିଜେ ଦେଖୁଥିଲେ । ପଣ୍ଡିତ ଶ୍ରୀଧର ମହାପାତ୍ର, ଅଭିରାମ ମହାପାତ୍ର ଓ ଅନନ୍ତ ମିଶ୍ର ଥିଲେ ନିଜ କାଳର ସର୍ବଶ୍ରେଷ୍ଠ ପ୍ରୁଫ୍ ପଢ଼ିପାରୁଥିବା ପ୍ରକାଶକ । ନୁରି ମିଶ୍ର ଓ ମହେନ୍ଦ୍ର ମିଶ୍ର ଏବେବି ଅଛନ୍ତି । ଏ ସମୟର ପ୍ରକାଶକମାନଙ୍କର ଏମାନଙ୍କଠାରୁ ଅନେକ କିଛି ଶିଖିବାର ଅଛି ।

ଏବେ ମୁଦ୍ରଣ ତ୍ରୁଟିହୀନ ଓଡ଼ିଆ ବହି ବା ପତ୍ରିକାଟିଏ ପାଇବା କଷ୍ଟ । ନିକଟରେ ଓଡ଼ିଆ ସାହିତ୍ୟ ଏକାଡେମୀର ପୁସ୍ତକଟିଏ ଦେଖିଥିଲି । ପ୍ରତି ପୃଷ୍ଠାରେ ମୁଦ୍ରଣ ପ୍ରମାଦ । ଖବରକାଗଜ ସାରା ମୁଦ୍ରଣ ତ୍ରୁଟିଭରା । ଆମେ ଏକଦା ନିର୍ଭୁଲ ମୁଦ୍ରଣ ପାଇଁ 'ସମାଜ' ପଢୁଥିଲୁ । ଏବେ ପ୍ରତି ଖବରକାଗଜ ବିଜ୍ଞାପନର କାଗଜ । 'ସମାଜ'ର ପ୍ରତି ଲେଖାରେ ଏକାଧିକ ମୁଦ୍ରଣ ତ୍ରୁଟି।

**ଓଡ଼ିଆ ବହି ତଥାପି ବି ଏବେ ଜଣେ 'ସୁଜ୍ଞାନୀ ଗ୍ରାହକ'ର ସନ୍ଧାନରେ ଅଛି ।**

ମୁଦ୍ରଣ ତ୍ରୁଟି ପାଠକଙ୍କ ପଢ଼ିବାର ଆଗ୍ରହ ହ୍ରାସ କରେ । ଓଡ଼ିଆରେ ଏମିତିପାଠକ କମିଯାଉଛନ୍ତି । ବହିଗୁଡ଼ିକରେ ଅନେକ ମୁଦ୍ରଣ ତ୍ରୁଟି ରହିଲେ, ପାଠକବର୍ଗ କମିଯିବେ, ଏଥିରେ ସନ୍ଦେହନାହିଁ ।

୩. ପୁସ୍ତକଧାରା ବା ସିରିଜ୍

ବିଷୟର କ୍ରମବଦ୍ଧତା ପାଠକଙ୍କୁ ଅଧିକ ପଢ଼ିବାକୁ ପ୍ରୋତ୍ସାହିତ କରେ । ପଞ୍ଚତନ୍ତ୍ର, ଜାତକ, ହିତୋପଦେଶ, ଆରବ୍ୟ ରଜନୀର କାହାଣୀ, ଆଣ୍ଡରସନ କାହାଣୀ, ଗ୍ରୀମ୍ ଭାଇଙ୍କ କଥାମାନ ଏହାର ଉଦାହରଣ । ଆମ ସମୟରେ ଆମେ ହାରି ପୋଟର କଥାମାଳାର ସଫଳତା ଦେଖିଲୁ । ମୋ' ପିଲାଦିନେ ବିଶ୍ୱସାହିତ୍ୟ ଗ୍ରନ୍ଥମାଳା, ଉଦୟନାଥ ଷଡଙ୍ଗୀଙ୍କ ଅନୂଦିତ 'ଟମକଙ୍କାଳ କୁଟୀର', 'ଶୁଆ-ଶାରୀ' କାହାଣୀ, 'ଅବୋଲକରା' କାହାଣୀ, 'ଦଶ କୁମାର ଚରିତ' ଏକ କ୍ରମବର୍ଦ୍ଧିଷ୍ଣୁ ପାଠକ ଗୋଷ୍ଠୀ ତିଆରି କରିବା ମୁଁ ଦେଖିଛି । ଏବେ ସେ ପ୍ରକାରର ମୌଳିକ ରଚନାକ୍ରମ ବା ସିରିଜ୍ ପ୍ରାୟ ନାହିଁ ବୋଲି କହିବାକୁ ପଡ଼ିବ । ଓଡ଼ିଆ ବହିର ପାଠକ କ୍ରମିକ ରଚନା ବା ସିରିଜ୍ ପ୍ରତି ଅଧିକ ଆଗ୍ରହ ଦେଖାଇବେ ।

୪. ପୁସ୍ତକ ପ୍ରସାରରେ ସଂକଟ

ଆଗେ ପୁସ୍ତକ ଉନ୍ମୋଚନ ଉତ୍ସବ ଏକ ସ୍କୁଲ, କଲେଜ ବା ସର୍ବସାଧାରଣ ସ୍ଥାନରେ ହେଉଥିଲା । ଏବେ ତାରକା ଖଚିତ ହୋଟେଲରେ ପୁସ୍ତକ ଉନ୍ମୋଚନ, ସାହିତ୍ୟ ଉତ୍ସବ ଓ ସାହିତ୍ୟ ସଭାମାନ ହେବା ଫଳରେ ପ୍ରବେଶ ସୀମିତ ତଥା ନିର୍ଦ୍ଦିଷ୍ଟ ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ପାଇଁ ହେବା ଫଳରେ ସାଧାରଣ ପାଠକ ପାଖରେ ବହି ପହଞ୍ଚିବାରେ ସମସ୍ୟା ହେଉଛି । ପୁସ୍ତକ ଉନ୍ମୋଚନ ଉତ୍ସବରେ ମାଗଣାରେ ବହି ବଣ୍ଟାଯାଉଥିବାରୁ ବହିର ତଥା ପଠନ ରୁଚିର ଅପମାନ ହେଉଛି ।

ନିଶାନ୍ତ, ଅନୁଶୀଳନ ବା ସୀମା ପରି ସୁସଜ୍ଜିତ ପତ୍ରିକା ଏକଦା ପାଠକୀୟ ଆଦୃତିଲାଭ କରିଥିଲା । ଏବେ ପ୍ରକାଶିତ ଓଡ଼ିଆ ବହିମାନଙ୍କ ମଧ୍ୟରୁ ପଶ୍ଚିମା, ପକ୍ଷୀଘର, ଟାଇମ୍ ପାସ୍ ଓ ପେନ୍ ଇନ୍‌ପ୍ରକାଶନ ସଂସ୍ଥାର ପ୍ରକାଶନଗୁଡ଼ିକ ଅନବଦ୍ୟ । ତେବେ ପ୍ରକାଶନ ଜଗତ ଏବେ ଏତେ ବ୍ୟାପକ ଓ ବହୁବିଧ ଯେ ଏହାର ଚୂଡ଼ାନ୍ତ ମାନ ନିର୍ଦ୍ଧାରଣ କରାଯାଇପାରିବ ନାହିଁ । ସରଳ ଦାସଙ୍କ 'ପାଠକ ନିର୍ବାଚିତ ଗଳ୍ପ' ଏ ଦିଗରେ ଏକ ଉଲ୍ଲେଖଯୋଗ୍ୟ ପ୍ରୟାସ । ପାଠକୀୟ ରୁଚି ଯେ ସାହିତ୍ୟ କୃତିର ଆଦୃତି ନିର୍ଦ୍ଧାରଣ କରେ, ଏହି ପ୍ରୟାସ ଏ ଧାରଣାକୁ ପ୍ରତିପାଦିତ କରିଛି । ତେବେ ଏହାର ଗଣତାନ୍ତ୍ରିକତା ଏବେବି ସ୍ଥାପିତ ହେବାକୁ ଅପେକ୍ଷା ରହିଛି ।

ଓଡ଼ିଆ ବହି ତଥାପି ବି ଏବେ ଜଣେ 'ସୁଜ୍ଞାନୀ ଗ୍ରାହକ'ର ସନ୍ଧାନରେ ଅଛି । ସରକାରୀ କିଣା ଉପରେ ନିର୍ଭରକରି ଏବେ ବି ଓଡ଼ିଆ ପ୍ରକାଶନ ଶିଳ୍ପ ବଞ୍ଚି ରହିଛି । ପୁସ୍ତକ ମେଳା ଲୋକମାନେ ବନ୍ଧୁମିଳନ ବା ସମୟ କଟେଇବା ପାଇଁ ଯାଉଛନ୍ତି । ଚାହା ଖଟି ଏବେ ପ୍ରାୟ ନାହିଁ । କଲିକତାର କଲେଜ ସ୍କୋୟାରର ପାଠକ ଭିଡ଼ ବା ଲେଖକ, ପାଠକମାନଙ୍କର କଫି ହାଉସର ଆତ୍ମାକୁ ଏବେ ଭୁବନେଶ୍ୱର ସଞ୍ଜ ଚାହିଁ ବସିଛି ।

□□

ଲେଖକଙ୍କ ଇ-ମେଲ ଠିକଣା:
mrmahapatra@gmail.com



ଅନୁବାଦ

# ଦେଶଦ୍ରୋହୀ



ମୂଳ ଇଂରାଜୀ: ଥୋମାସ୍ ନାପ୍   ଅନୁବାଦ: ଆଶିଷ କୁମାର ରାୟ

ଏହି ଘଟଣା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର। ହଲାଣ୍ଡ ଦେଶର ସୀମାକୁ ଲାଗି ଗୋଟିଏ ଗ୍ରାମରେ ମିତ୍ର ଦେଶର ଏକ ସେନା ଶିବିର ଥିଲା। ଦିନେ ରାତିରେ କେହି ଜଣେ ଟେଲିଫୋନ୍ କରି ସେହି ସେନା ଶିବିରର ଉଚ୍ଚ ଅଧିକାରୀଙ୍କୁ ସୂଚନା ଦେଲା ଯେ ଜଣେ ଷଡ଼ଯନ୍ତ୍ରକାରୀ ସ୍ଥାନୀୟ ବିଦ୍ୟୁତ କେନ୍ଦ୍ରକୁ ବୋମାରେ ଉଡ଼ାଇ ଦେବାକୁ ଚକ୍ରାନ୍ତ କରୁଛି।

ଏଭଳି ଖବରପାଇ ସେନା ଅଧିକାରୀ ଜଣକ ସେହି ଷଡ଼ଯନ୍ତ୍ରକାରୀକୁ ଧରିବା ପାଇଁ ଜାଲ ବିଛାଇଲେ।

ଟେଲିଫୋନ୍ ମାଧ୍ୟମରେ ମିଳିଥିବା ଖବର ଏକଦମ୍ ଠିକ୍ ଥିଲା। କିଛି ସମୟ ପରେ ଷଡ଼ଯନ୍ତ୍ରକାରୀ ଜଣକ ବିଦ୍ୟୁତ ଯୋଗାଣ କେନ୍ଦ୍ରର ସମ୍ମୁଖ ଦ୍ୱାର ଦେଇ ଭିତରକୁ ପ୍ରବେଶ କଲା। ଯେଉଁଭଳି ସୂଚନା ମିଳିଥିଲା, ଠିକ୍ ସେହିଭଳି ସେହି ଲୋକଟି ବିଦ୍ୟୁତ କେନ୍ଦ୍ରର ଇଞ୍ଜିନ୍ ତଳକୁ ଗୋଟିଏ ଗାତ ଖୋଳି ସେଠାରେ ମାଇନ୍ ବିଛାଇବାକୁ ଲାଗିଲା। ତୁରନ୍ତ ତାକୁ ଗିରଫ୍ କରି ସେନା ଶିବିରକୁ ଅଣାଗଲା।



ନିଜର ଏହି ସଫଳତା ପାଇଁ ଅଧିକାରୀଙ୍କ ମନ ବେଶ୍ ଖୁସି ଥିଲା। ସେ ନିଜ ଦପ୍ତରରେ ବସି ଏ ବାବଦରେ ଅଧିକ ଅନୁସନ୍ଧାନ କରିବା ନିମନ୍ତେ ନିଯୁକ୍ତ ଗୁପ୍ତଚରର ରିପୋର୍ଟକୁ ଅପେକ୍ଷା କରିଥିଲେ।

କିଛି ସମୟ ପରେ ଗୁପ୍ତଚର ଆସି ପହଞ୍ଚିଲା। ତାକୁ ଦେଖି ଅଫିସର୍ ଜଣକ କହିଲେ –

"ଆଉ କିଛି ଜଣାପଡ଼ିଲା କି ? ସେହି ଲୋକଟି କାହିଁକି ସେଠାରେ ମାଇନ୍ ବିଛାଇବାକୁ ଚାହୁଁଥିଲା ? ଆମେ ତ ତାକୁ ହାତାହାତି ଧରିଛୁ, ଆଉ ଆମ ହାତରେ ତା' ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ମଧ୍ୟ ରହିଛି। ଆଜିର ଅଭିଯାନରୁ ଆମକୁ ନିଶ୍ଚିତ ଭାବେ ସଫଳତା ମିଳିଛି। ତଥାପି ଆମର ଅଧିକ କିଛି ଜାଣିବା ନିହାତି ଦରକାର।"

"ହଁ, ସେ ନିଜର ପରିଚୟ ତ ଦେଇଦେଇଛି, କିନ୍ତୁ..." ଗୁପ୍ତଚର କହିଲା।

ଅଫିସର ଖୁସିରେ ଉଛୁଳି ପଡ଼ି କହିଲେ, "ଆସନ୍ତାକାଲିର ଖବରକାଗଜରେ ବାହାରିବାକୁ ଯାଉଥିବା ଖବର ଏବେ ମୋ' ଆଖି ଆଗରେ ନାଚି ଉଠୁଛି। ସେଥିରେ ବଡ଼ ବଡ଼ ଅକ୍ଷରରେ ଲେଖା ଯାଇଥିବ - ପୁଲିସ୍ ଦ୍ୱାରା ଷଡ଼ଯନ୍ତ୍ରକାରୀ ଘଟଣାସ୍ଥଳରୁ ଗିରଫ୍। ଏହା ସହିତ ମୋ'ର, ତୁମର ଆଉ ସେ ଲୋକଟିର ଫଟୋ ମଧ୍ୟ ଖବରକାଗଜରେ ବାହାରିବ। ସେ ଲୋକଟିର ନାଁଟା କ'ଣ ତ ?"

"ତା' ନାଁଟା ହେଲା ବୋଅର୍ସମା, ଆଉ ସେ ମଧ୍ୟ ମୋ' ଭଳି ଜଣେ ଡଚ୍ (ହଲାଣ୍ଡର ଅଧିବାସୀ)।" ଗୁପ୍ତଚର ଜଣକ ଅଫିସରଙ୍କ ପ୍ରଶ୍ନର ଉତ୍ତର ଦେବା ସହିତ କହିଲା, "ସେ ଲୋକଟି ହେଉଛି ଏହି ରାଜ୍ୟର ବାସିନ୍ଦା ଏବଂ ବହୁତ ଦିନରୁ ଚାଷବାସ କରି ଚଳୁଛି। ମୁଁ କିନ୍ତୁ ବୁଝିପାରୁନି ଯେ ସେ ଏହି କାମ କରିବାକୁ ଗଲା କାହିଁକି ? ସେ ମୋତେ ତା' ବିଷୟରେ ସବୁକିଛି କହିଛି, କିନ୍ତୁ ଏଭଳି ଦେଶଦ୍ରୋହ କାର୍ଯ୍ୟ ସେ କାହା ପ୍ରରୋଚନାରେ କରିଛି, ତାହା କହିବାକୁ ଆଦୌ ପ୍ରସ୍ତୁତ ନୁହେଁ। ତେବେ ସବୁଠାରୁ ମଜାକଥା ହେଲା ଯେ ସେ ନିଜକୁ ଦେଶଦ୍ରୋହୀ ନୁହେଁ, ବରଂ ଦେଶଭକ୍ତ ବୋଲି କହୁଛି।"

"କ'ଣ ନାଁ କହିଲ ତୁମେ ? ବୋଅର୍ସମା, ଏହି ନାମରେ ଜଣେ ବୁଢ଼ାଲୋକ ମଧ୍ୟ ଗତବର୍ଷ ଏଠାରେ ରହୁଥିଲା। ଏବେ କିନ୍ତୁ ସେ ଏଠାରେ ନାହିଁ। ମୁଁ ଶୁଣିଛି ଯେ ତାକୁ ଜର୍ମାନ୍ ଆକ୍ରମଣକାରୀମାନେ ଧରି ନେଇଯାଇଛନ୍ତି। ଜଣା ନାହିଁ ଜର୍ମାନ୍

ସୈନିକମାନେ ସେହି ବୁଢ଼ା ସହିତ କିଭଳି ବ୍ୟବହାର କରୁଥିବେ ? ତୁମେ ବି ଏ ବିଷୟରେ ଜାଣିଥିବ।"

> **"ଯେଉଁ ଖନା ଲୋକଟି ମୋ' ପାଖକୁ ଟେଲିଫୋନ୍ କରି ଏହି ଷଡ଼୍‌ଯନ୍ତ୍ରର ସୂଚନା ଦେଲା ସେ କିଏ ?"**

"ଓଃ ! ହଁ ହଁ, ଠିକ୍ କଥା।" ଗୁପ୍ତଚର ଜଣକ ସେହି ବୃଦ୍ଧଙ୍କ କଥା ମନେ ପକାଇବାକୁ ଲାଗିଲା। କିଛି ସମୟ ଚିନ୍ତା କରିବା ପରେ କହିଲା, "ଏବେ ମୁଁ ବୁଝିପାରୁଛି। ସେହି ବୋଅର୍ସମା ଏହି ଷଡ଼୍‌ଯନ୍ତ୍ରକାରୀର ବାପା ହୋଇଥିବ। ସେ ଲୋକଟି ବିଚରା ବହୁତ ବୁଢ଼ା ହୋଇଯାଇଥିଲା ଏବଂ ମରିବା ପୂର୍ବରୁ ନିଜ ଗାଁକୁ ନିଶ୍ଚୟ ଦେଖିବାକୁ ଚାହୁଁଥିଲା। ସେଥିପାଇଁ ସେ ସେଠାକୁ ମଧ୍ୟ ଯାଇଥିଲା, କିନ୍ତୁ ଜର୍ମାନ ସୈନ୍ୟଙ୍କ ଆକ୍ରମଣ ମଧ୍ୟରେ ଫସିଗଲା। ଆଉ ବୋଧହୁଏ ତା' ପରଠାରୁ ପୁଅକୁ ବାପାର କୌଣସି ଖବର ମିଳିନାହିଁ। ନା କ'ଣ କହୁଛନ୍ତି ?"

"ହୁଁ, କିନ୍ତୁ ଏଥିରୁ ଏହା ସ୍ପଷ୍ଟ ହେଉନାହିଁ ଯେ ସେ ଦେଶଦ୍ରୋହ କାର୍ଯ୍ୟ କରିବାକୁ ଗଲା କାହିଁକି ? ସେଭଳି ଦେଖିବାକୁ ଗଲେ ସେ ତ ନାଜିମାନଙ୍କ ବିରୁଦ୍ଧରେ କହୁଥାନ୍ତା, କାରଣ ତା' ବାପାକୁ ସେମାନେ ଧରି ନେଇଯାଇଛନ୍ତି।"

"ନିଶ୍ଚିତ ଭାବେ ଏହି ଲୋକଟିର ନିଜ ବାପାଙ୍କ ପ୍ରତି ବହୁତ ସମ୍ମାନ ରହିଛି। ଧରି ନିଅନ୍ତୁ, ସେହି ଘଟଣାର କିଛିଦିନ ପରେ ଜର୍ମାନ ସୈନିକଙ୍କ ଜଣେ ଗୁପ୍ତଚର ଯା' ପାଖରେ ପହଁଚିଥିବ ଏବଂ ସେ ଆସି କହିଥିବ ଯେ ତୁମ ବାପା ଏବେବି ଜୀବିତ ଅଛନ୍ତି, ତାଙ୍କୁ ଏବେ କିଛି ପଇସା ଦରକାର, ଆଉ ତୁମେ ତାଙ୍କୁ ଏହି ସମୟରେ ସାହାଯ୍ୟ କରିବା ଉଚିତ। ସେଇଠୁ ସେ ଜର୍ମାନମାନେ ଯା'ଠାରୁ ପଇସା ଅସୁଲ କରିବାରେ ଲାଗିଥିବେ। ଆଉ ଯେତେବେଳେ ସେମାନେ ଜାଣିଥିବେ ଯେ ଏହି ବୋଅର୍ସମା ନାମକ ଲୋକଟି ଏବେ ନିକଟସ୍ଥ ସହରର କାରଖାନାରେ ଅସ୍ତ୍ରଶସ୍ତ୍ର ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ହୋଇଛି, ସେତେବେଳେ ସେମାନେ ତାକୁ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରରେ ବାରୁଦ ବିଛାଇବାକୁ କହିଥିବେ। ଆଉ ଏକଥା ମଧ୍ୟ କହିଥିବେ, ଯଦି ସେ ମନା କରିଦିଏ ତେବେ ତା' ବାପାକୁ ଅଧିକ କଷ୍ଟ ଦେବା ପାଇଁ ସେମାନେ ଯାତନା ଶିବିରକୁ ପଠାଇ ଦେବେ।"

"ତୁମେ ହୁଏତ ଠିକ୍ କଥା କହୁଛ। ଏହାର ସମ୍ଭାବନା ତ ନିଶ୍ଚିତ ଭାବେ ରହିଛି। ଆଉ ସେ ଏଥିପାଇଁ ଭେଦ ଖୋଲୁନାହିଁ, କାରଣ ଜର୍ମାନ୍‌ମାନେ ଯଦି ଜାଣିଯିବେ, ତା' ହେଲେ ହୁଏତ ତା' ବୁଢ଼ା ବାପା ଉପରେ ବିପଦ ପଡ଼ିଯିବ।" ଅଧିକାରୀ ଜଣକ ମାମଲାର ଗଭୀରତାକୁ ଯାଇ ଏକଥା କହିଲେ।

"ଆଚ୍ଛା, ଗୋଟିଏ କଥା କିନ୍ତୁ ମୁଁ ଠିକ୍ ଭାବେ ବୁଝିପାରୁନାହିଁ।" କିଛି ସମୟ ନୀରବ ରହି ଅଫିସର୍ ପୁଣି କହିଲେ, "ଯେଉଁ ଖନା ଲୋକଟି ମୋ' ପାଖକୁ ଟେଲିଫୋନ୍ କରି ଏହି ଷଡ଼୍‌ଯନ୍ତ୍ରର ସୂଚନା ଦେଲା ସେ କିଏ ? ସେ ଏକଥା କେମିତି ଜାଣିପାରିଲା ? ସେ ଏଭଳି କହୁଥିଲା, ସତେ ଯେମିତି ଟିକିନିଖି ସବୁ କଥା ସେ ଜାଣିଛି।"

"କ'ଣ କହିଲେ, ଖନା !" କିଛି ସମୟ ପର୍ଯ୍ୟନ୍ତ ଗୁପ୍ତଚର ଜଣକ ଚୁପ୍‌ଚାପ୍ ଅଫିସରଙ୍କ ମୁହଁକୁ ଚାହିଁରହିଲା। ତା'ପରେ କହିଲା, "ଆଜ୍ଞା, ଆମର ଏହି କଏଦୀ ବୋଅର୍ସମା ତ ଖନା। ନିଶ୍ଚିତ ଭାବେ ଏହି ପିତୃଭକ୍ତ ଜଣକ ଦେଶଦ୍ରୋହୀ ହେବା ଦିଗରୁ ନିଜକୁ ରକ୍ଷା କରିପାରିଛି।"

□□

ଅନୁବାଦକଙ୍କ ଇ-ମେଲ ଠିକଣା:
ashisports@gmail.com

ବର୍ତ୍ତମାନ ମିଳୁଛି
ସାହିତ୍ୟ ଚର୍ଚ୍ଚା
୨୦୨୫ ମସିହାରେ ପ୍ରକାଶିତ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ୧୨ଗୋଟି ସଂଖ୍ୟା ବନ୍ଧାଇ ହୋଇ ଏକତ୍ର ।




ମୂଲ୍ୟ : ଟ. ୪୫୦/-
ପ୍ରାପ୍ତି ସ୍ଥାନ:
ମା' ନାରାୟଣୀ ବୁକ୍ ଷ୍ଟଲ୍
ପୁରୁଣା ବସ୍‌ଷ୍ଟାଣ୍ଡ,
ଭୁବନେଶ୍ୱର
ଖୁବ୍ ସୀମିତ ସଂଖ୍ୟକ କପି ଉପଲବ୍ଧ ।

ପ୍ରବନ୍ଧ

# ଓଡ଼ିଆ ସାହିତ୍ୟରେ ପୁରୁଷବାଦ

ଲିଙ୍ଗରାଜ ପ୍ରଧାନ



ଈଶ୍ୱରଙ୍କ ସୃଷ୍ଟିରେ ନାରୀ ଓ ପୁରୁଷ ଉଭୟେ ବିଶେଷ ଗୁଣର ଅଧିକାରୀ। ପ୍ରତ୍ୟେକ ପ୍ରାଣୀ ତା' ଜୀବସତ୍ତାକୁ ପୃଥିବୀରେ ସ୍ଥାୟିତ୍ୱ କରିବା ଉଦ୍ଦେଶ୍ୟରେ ନିଜେ ନିଜ ଭଳି ପ୍ରାଣୀ ସୃଷ୍ଟି କରିବାର ଏକ ଐଶ୍ୱରୀକ ଗୁଣର ଅଧିକାରୀ। ଏଥିନିମନ୍ତେ ଅବୟବଗତ ଭିନ୍ନତା ରହିବା ସ୍ୱାଭାବିକ କଥା, ଏହି ଅବୟବଗତ ପରିବର୍ତ୍ତନ ତା'ର ମନସ୍ତାତ୍ତ୍ୱିକ ଚିନ୍ତନକୁ ପୃଥକ୍ କରିବା ସହିତ ତା'ର ଭାବନାକୁ ମଧ୍ୟ ନିୟନ୍ତ୍ରଣ କରେ । ବିଶ୍ୱସାହିତ୍ୟରେ 'ଫେମିନିଜମ୍' ବା ନାରୀବାଦ ପରି ପୁରୁଷବାଦ (ମାସ୍କୁଲିଜମ୍) ସାମାଜିକ ସ୍ଥିତିବାଦର ଆନ୍ଦୋଳନ ।

ଚାର୍ଲଟେଲ୍ ପର୍କିନ୍ସ୍ ଗିଲ୍ମ୍ୟାନ୍ ୧୯୧୪ ମସିହାରେ ନ୍ୟୁୟର୍କର ଏକ ସଭାରେ ଜନସାଧାରଣଙ୍କୁ ସମ୍ବୋଧନ କରୁଥିବାବେଳେ ଏହି ପୁରୁଷବାଦ ବା 'ମାସ୍କୁଲିଜମ୍' ଶବ୍ଦ ପ୍ରଥମେ ବ୍ୟବହାର କରିଥିଲେ। ଏହାର ଶୀର୍ଷକ ଥିଲା 'ଷ୍ଟଡିଜ୍ ଇନ୍ ମାସ୍କୁଲିଜମ୍' ସାମାଜିକ ସୁଯୋଗ କ୍ଷେତ୍ରରେ ନାରୀ ଓ ପୁରୁଷ ମଧ୍ୟରେ ସାମ୍ୟତା ଆଣିବା ହିଁ ଏହି ଆନ୍ଦୋଳନର ଆଭିମୁଖ୍ୟ ଥିଲା । କେହି କେହି ଏହାକୁ ନାରୀବାଦ ବିରୋଧି ପନ୍ଥା ବା ଆଣ୍ଟିଫେମିନିଷ୍ଟ୍ ଥିଓରୀ ବୋଲି କୁହନ୍ତି।



'ଏ ଡିକ୍ସନାରୀ ଅଫ୍ ମିଡିଆ ଏଣ୍ଡ୍ କମ୍ୟୁନିକେଶନ' ନାମକ ପୁସ୍ତକରେ କୁହାଯାଇଛି, "ପୁରୁଷବାଦ ବା ମାସ୍କୁଲିଜମ୍ ହେଉଛି ଫେମିନିଜମ୍‌ର ସମକକ୍ଷ, ଯାହା ପୁରୁଷମାନଙ୍କ ପାଇଁ ସେହିଟିର ଅନୁରୂପ ଅଭିଳାଷ ଓ ଅଧିକାରକୁ ଇଙ୍ଗିତ କରିଥାଏ ।

ଏହା ଏକ ସାମାଜିକ ଆନ୍ଦୋଳନ, ଯାହା ପୁରୁଷର ସାମାଜିକ ଅଧିକାର, ମନସ୍ତାତ୍ତ୍ୱିକ ସ୍ଥିତି ସଂପର୍କରେ ଆଲୋକପାତ କରେ । ପୃଥିବୀରେ ସମସ୍ତ ଦେଶର ପୁରୁଷଙ୍କ ସାମାଜିକ ସ୍ଥିତି ଭିନ୍ନ, ତେଣୁ ସାମାଜିକ ସ୍ଥିତିର ଭିନ୍ନତାରେ ପୁରୁଷବାଦ ବା ମାସ୍କୁଲିନିଟୀର ସ୍ୱରୂପ ଓ ପରିସରରେ ଭିନ୍ନତା ପରିଲକ୍ଷିତ ହୁଏ । କେଉଁ ଦେଶରେ ଏହା ଉଗ୍ର ପୁଣି ଅନ୍ୟ କେଉଁ ଦେଶରେ ଏହି ଆନ୍ଦୋଳନ ନରମପନ୍ଥାର ମାର୍ଗୀ । କେହି କେହି ଏହି - ଆନ୍ଦୋଳନକୁ 'ମେନିଜମ୍' ବୋଲି କହିଛନ୍ତି। ବିଶ୍ୱ ସାହିତ୍ୟରେ ଏହି ଆନ୍ଦୋଳନ ନାରୀବାଦ (ଫେମିନିଜମ୍) ପରି ଆଖିଦୃଶିଆ ପ୍ରଭାବ ପକାଇ ନ ଥିଲେ ମଧ୍ୟ, ଯେହେତୁ ପୁରୁଷର ମୌଳିକ ମନସ୍ତତ୍ତ୍ୱ ଦେଶ, କାଳ ନିର୍ବିଶେଷରେ ସମାନ; ଏହି ନ୍ୟାୟରେ ବିଶ୍ୱର ଅଧିକାଂଶ ସାହିତ୍ୟକୁ ଏହି ଚେତନା ପ୍ରଭାବିତ କରିଛି ।

## ସାହିତ୍ୟରେ ପୁରୁଷବାଦ

ଓଡ଼ିଆ ସାହିତ୍ୟରେ ପୁରୁଷବାଦ (ମାସ୍କୁଲିଜମ୍) ନାରୀବାଦକୁ ବିରୋଧ କରି ଆରମ୍ଭ ହୋଇନାହିଁ । ଏହା ପୁରୁଷର ଦ୍ୱନ୍ଦାତ୍ମକ ମନସ୍ତାତ୍ତ୍ୱିକ ଚିନ୍ତନରୁ ଆରମ୍ଭ ହୋଇଛି ବୋଲି କହିଲେ ସମୀଚୀନ ହେବ । ସାରଳା ଦାସଙ୍କ ମହାଭାରତ ଏହାର ବିଶାଳ ପୃଷ୍ଠଭୂମି । କର୍ଣ୍ଣଙ୍କ ଚରିତ୍ରକୁ ଏହି ଚେତନାଟି ଆଚ୍ଛାଦିତ କରିଛି । ଆଜନ୍ମ ଜନ୍ମିତ ମାତୃସ୍ନେହରୁ ବଞ୍ଚିତ ସେ, ଆପଣାର ସର୍ବସ୍ୱ ଦାନର ପରାକାଷ୍ଠା ହେଉ ଅଥବା ବନ୍ଧୁତ୍ୱ କର୍ତ୍ତବ୍ୟ ପାଇଁ ଅଧର୍ମ ପକ୍ଷ ନେବା ମଧ୍ୟରେ ଅନ୍ତରୀଣ ପୁରୁଷର ଯନ୍ତ୍ରଣାସିକ୍ତ ଜୀବନଚିତ୍ର ଦେଖିବାକୁ ମିଳେ । ଗଦାପର୍ବରେ ରକ୍ତନଦୀ ସନ୍ତରଣ ପ୍ରସଙ୍ଗରେ ଦୁର୍ଯ୍ୟୋଧନଙ୍କ ପ୍ରିୟଜନମାନଙ୍କ ବିୟୋଗରେ ବିଳାପରେ ପୁରୁଷର ଯନ୍ତ୍ରଣାସିକ୍ତ ମନସ୍ତତ୍ତ୍ୱର ଅବବୋଧ ମିଳେ । ଦ୍ରୋଣ, କର୍ଣ୍ଣ, ଶଲ୍ୟ, ଶକୁନି ଦୁଃଶାସନ, ଭୁରିଶ୍ରବା ଆଦି ସମସ୍ତଙ୍କ ଶବକୁ ଭେଳାକରି ଦୁର୍ଯ୍ୟୋଧନ ରକ୍ତନଦୀ ସନ୍ତରଣ କରିବାକୁ ପ୍ରୟାସ କରିଛନ୍ତି ମାତ୍ର କୌଣସି ଶବ ସହାୟ ହୋଇନାହାନ୍ତି । କୌଣସି ଏକ ଅଜ୍ଞାତ ଶବକୁ ଭେଳାକରି ରକ୍ତନଦୀ ସନ୍ତରଣ ପରେ

ଦୁର୍ଯ୍ୟୋଧନ ଜାଣିବାକୁ ପାଇଛନ୍ତି ସେ ଶବ ନିଜ ପୁତ୍ର ଲକ୍ଷ୍ମଣ କୁମାରର। ପିତାର ହୃଦୟ ସହନ୍ତା ବା କିପରି ? ଦିନେ ନିଜର ଶୌର୍ଯ୍ୟ, ଶକ୍ତି ଓ ସାମର୍ଥ୍ୟକୁ ନେଇ ମାନ କରି ଆସୁଥିବା ଦୁର୍ଯ୍ୟୋଧନ ନିଜ କୃତକର୍ମକୁ ଧିକ୍କାର କରିଛନ୍ତି ।

'ବାବୁରେ ମୋହର ପରା ପିତା ତୋହରେ ନୋହୁ ନୋହୁ
ତୋହୋର ପ୍ରାୟେ ପୁତ୍ର ମୋତେ ଜନ୍ମେ ଜନ୍ମେ ଥାଉ'
(ଗଦାପର୍ବ-ସାରଳା ମହାଭାରତ)

### ଆପ୍ତ ବାକ୍ୟ

'କର୍ମ କଷଣ ଦେହ ସହେ। ଅରଣ୍ୟେ ଅଜଗର ପ୍ରାୟେ।' ଭାଗବତର ଏହି ଆପ୍ତ ବାକ୍ୟଟି ସତେ ଯେପରି ସମସ୍ତ ପୁରୁଷଙ୍କ ପାଇଁ ପ୍ରଯୁଜ୍ୟ । କୈବର୍ତ୍ତ ପ୍ରଭୁ ରାମଚନ୍ଦ୍ରଙ୍କୁ ନଦୀ ପାର କରାଇବା ପୂର୍ବରୁ ମନରେ ଏକ ଆଶଙ୍କା କରିଛନ୍ତି। ଯେଉଁ ରାମଚନ୍ଦ୍ରଙ୍କ ଚରଣ ସ୍ପର୍ଶରେ, ଜଡ଼ ପଥର ମଧ୍ୟ ସୁନ୍ଦର କନ୍ୟାରେ ପରିଣତ ହୋଇଥିଲା, ସେହି ରାମଚନ୍ଦ୍ରଙ୍କର ଚରଣ ସ୍ପର୍ଶରେ ନୌକାଟି ନାୟିକାରେ ପରିଣତ ହେଲେ, ଜୀବିକା ଉଚ୍ଛେଦ ହୋଇପାରେ । ଏକ ପକ୍ଷେ ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭର ଆଶା, ଅନ୍ୟପକ୍ଷରେ ଜୀବିକା ଉଚ୍ଛେଦ ହେବାର ଭୟ । ଧୀବରଙ୍କ ମାନସିକ ସ୍ଥିତାବସ୍ଥାର ଚିତ୍ର କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାଶ'ର ନବମ ଛାନ୍ଦରେ ଦେଖିବାକୁ ମିଳେ ।

ରୀତିଯୁଗର ଶେଷ କବି ତଥା ଆଧୁନିକ ସାହିତ୍ୟର ଉନ୍ମେଷକାଳୀନ କବି ଭୀମ ଭୋଇଙ୍କ କବିତାରେ ପୁରୁଷର ଦୁଃଖଦପୂର୍ଣ୍ଣ ଜୀବନଚିତ୍ର ଦେଖିବାକୁ ମିଳେ। ହେତୁ ପାଇବା ପୂର୍ବରୁ ସେ ନିଜର ପିତାମାତାଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଛନ୍ତି।' ସ୍ତୁତି ଚିନ୍ତାମଣି'ର ଏକବିଂଶ ବୋଲିରେ ସେ ଆପଣା ଜୀବନର ଦୁଃଖପୂର୍ଣ୍ଣ ଜୀବନଚିତ୍ରକୁ ରୂପାୟିତ କରିଛନ୍ତି...

'ଅତି ଦୁଃଖେ ମୁହିଁ ଦିନ ବଞ୍ଚୁଅଛି କସ୍ତୁରୀ ଜୀବନ ପ୍ରାଏ
ଗର୍ଭଧାରୀ ପିତା ଛାଡ଼ିଗଲେ ମୋତେ ଜନ୍ମରୁ ନିସାଖା ହୋଇ
ସୁସ୍ଥେ ଭୋଜନ ସୁଖଭୋଗ ବାଞ୍ଛିଲେ କାହିଁରୁ ପାଇବି ମୁହିଁ
ସପ୍ତ ବରଷରୁ ଅଷ୍ଟମ ନବମ ଦଶମ ଏହାର ହେଲା
ବାର ବରଷରୁ ବସ୍ତାଙ୍କ ସଙ୍ଗତେ ବନେ ବୁଲି ଦିନ ଗଲା।'
(ସ୍ତୁତି ଚିନ୍ତାମଣି-୨୧ ଛାନ୍ଦ)

ସାଧାରଣ ସ୍ତରରୁ ହଠାତ୍ ଉପର ସ୍ତରକୁ ଉଠିଗଲେ ବହୁ ସମୟରେ ମଣିଷର ହେୟଜ୍ଞାନ ରହେନାହିଁ। ପିତା ନିଜକୁ ଭାଙ୍ଗି ପୁତ୍ରକୁ ମଣିଷ କରେ, ବେଳେ ବେଳେ ସେହି ପିତା ପୁତ୍ର ପକ୍ଷରେ ଅଲୋଡ଼ା ଓ ଅସମ୍ମାନସୂଚକ ପାଲଟି ଯାଏ । ଜଣେ ଦରଦୀ ପିତାର; ପୁତ୍ରଦ୍ୱାରା ପ୍ରତ୍ୟାକ୍ଷିତ ଅକୁହା ଯନ୍ତ୍ରଣାକୁ ଫକୀର ମୋହନ ସେନାପତି ତାଙ୍କ 'ଡାକ-ମୁନ୍‌ସି' କ୍ଷୁଦ୍ରଗଳ୍ପରେ ଉଲ୍ଲେଖ କରିଛନ୍ତି- 'ଦେଖ, ତୁମେ ମୋର କିଛି ଉପକାର କରିନାହଁ, ଇଚ୍ଛାହେଲେ ବସାରେ ରହ ନୋହିଲେ ଚାଲିଯାଅ। ଆଉ ଦେଖ, ବାବୁମାନେ ଆମ ଦୁଆରକୁ ଆସିଲେ ତୁମେ ଘରୁ ବାହାରିବ ନାହିଁ।' ଗୋପାଳ କଥା ଶୁଣି ବୁଢ଼ାର କାନମୁଣ୍ଡା ଭାଁ ଭାଁ କଲା- ଗୁମ୍ କରି ବସିପଡ଼ିଲା । କାହାକୁ କହିବ ? ପୁଅ କଥା; ଅଜାଗା ଘା' ଦେଖିହୁଏ ନାହିଁ, ଦେଖାଇ ହୁଏ ନାହିଁ।'

**ପିତା ନିଜକୁ ଭାଙ୍ଗି ପୁତ୍ରକୁ ମଣିଷ କରେ, ବେଳେ ବେଳେ ସେହି ପିତା ପୁତ୍ର ପକ୍ଷରେ ଅଲୋଡ଼ା ଓ ଅସମ୍ମାନ ସୂଚକ ପାଲଟି ଯାଏ ।**

### ପୁରୁଷାର୍ଥ

ସତେ ଯେପରି ଅର୍ଥ ଓ ପଦବୀ ପୁରୁଷର ମାନଦଣ୍ଡ । ପୁରୁଷର ପାରିବା ପଣିଆ ହିଁ ତା'ର ସର୍ବଶ୍ରେଷ୍ଠ ପୁରୁଷାର୍ଥ । ଫ୍ରାଞ୍ଜ୍ କାଫ୍‌କାଙ୍କ ପ୍ରସିଦ୍ଧ ଉପନ୍ୟାସ 'ମେଟାମରଫୋସିସ୍' କାହାଣୀର ମୁଖ୍ୟ ଚରିତ୍ର ଗ୍ରେଗର୍ ସାମ୍‌ସା। କୌଣସି ଦିନ ସେ ଏକ ଅସରପାରେ ପରିଣତ ହୋଇଯାଇଛନ୍ତି। କର୍ମକ୍ଷେତ୍ରରେ ଅର୍ଥର ଉପାର୍ଜନ ଥିବାବେଳେ ସେ ପରିବାରବର୍ଗଙ୍କ ପ୍ରିୟର ପାତ୍ର ଥିଲେ: ମାତ୍ର ଅର୍ଥ ଆଗମନର ପନ୍ଥା ବନ୍ଦ ହେବା ପରେ ସେ, ପ୍ରିୟଜନଙ୍କ ଦ୍ୱାରା ପ୍ରତ୍ୟାକ୍ଷିତ ହୋଇଛନ୍ତି। ସେ ଅଲୋଡ଼ା ଓ ଅଦରକାରୀ ହୋଇ ପଡ଼ିଛନ୍ତି। କୀଟ ଏଠାରେ ଅଯୋଗ୍ୟ ଓ ଅଦରକାରୀର ପ୍ରତୀକ ମାତ୍ର। କବି ଶରତ ଚନ୍ଦ୍ର ମୁଖାର୍ଜୀ ଏହି କାହାଣୀ ଦ୍ୱାରା ପ୍ରଭାବିତ ହୋଇ 'ସେ ମଣି ବିନା ଜୀବନ ସିନା ବିଫଳ' କବିତାଟି ଲେଖିଛନ୍ତି –

'ପୁରୁଷ ମୁଁ ଯେ କରମ ମୋର ଧରମ
କରମ ବିନା ଜୀବନ ମୋର ତୁଚ୍ଛ ଗୋ
କରମହୀନ ପତି ତୋ' ପକ୍ଷେ ସରମ ।
ଯାଉଛି ସଖୀ କରମ ସ୍ରୋତେ ଭାସିବି
ଆଣିବି ଜିଣି ଜୟ ଗୌରବ ମାଳାଟି ଓ'
(ସବୁଜ କବିତା ନୂଆ)

ପୁରୁଷ ତା'ର ପରିବାରର ଆର୍ଥିକ ସମସ୍ୟାକୁ ଦୂର କରିବା ସକାଶେ ନିଜେ ହିଁ ପରିବାରଠାରୁ ଦୂରକୁ ଚାଲିଯାଏ। ଆର୍ଥିକ ସମସ୍ୟା ଭିତରେ ପେଷିହୋଇ ସେ ଅଣନିଃଶ୍ୱାସୀ ହୋଇଥାଏ । ଦାମ୍ପତ୍ୟଜନିତ ସବୁଜ କ୍ଷେତ ତାର ଉଜୁଡ଼ି ଯାଏ। ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ହାତୁଡ଼ି ଓ ଦା' (ଆଧୁନିକ, ଷଷ୍ଠ ସଂଖ୍ୟା-୧୯୩୬) କ୍ଷୁଦ୍ର ଗଳ୍ପରେ ସୁଦାମ ଚରିତ୍ର ମାଧ୍ୟମରେ ଦିନ ମଜୁରିଆଙ୍କ ଜୀବନ ଯନ୍ତ୍ରଣାକୁ ସେ ନିଛକ ଭାବରେ ପ୍ରକାଶ କରିଛନ୍ତି – 'ସୁଦାମ ଭାବିଲା ମୂଲିଆ ମଣିଷର ପୁଣି ଘରଦ୍ୱାରା ପିଲାମାଇପ! ଥିଲାବାଲାଙ୍କର ସିନା ସବୁ ସଉକ । ମୂଲିଆ ମଜୁରିଆର ଯେ ଖାଲି ପେଟଚିନ୍ତା! ତା'ର ପୁଣି ଗୋଟାଏ ସଉକ କ'ଣ, ପ୍ରିୟାପ୍ରୀତି କ'ଣ?'




ପୁରୁଷ ତା'ର ପରିବାର ସକାଶେ ସବୁ ଅତ୍ୟାଚାରକୁ ମଥାପାତି ସହିନିଏ । ଗୋଦାବରୀଶ ମହାପାତ୍ରଙ୍କ କ୍ଷୁଦ୍ର ଗଳ୍ପଗୁଡ଼ିକରେ ଏହି ଚିତ୍ର ଦେଖିବାକୁ ମିଳେ। 'ଦୁଇଟି ଟଙ୍କା' କ୍ଷୁଦ୍ରଗଳ୍ପରେ ସେ ବନା ଚରିତ୍ର ମାଧ୍ୟମରେ ଖଟିଖିଆ ମେହେନ୍ତର ମୂଲିଆର ଜୀବନ ଯନ୍ତ୍ରଣାକୁ ଦର୍ଶାଇଛନ୍ତି । 'ମୋତେ ଯାହା କରିବ କର; ମାର, ଧର, ମାତ୍ର ଏ ଲୁଗାଟି ନେଇ ଚମ୍ପାକୁ ଦେଇ ଆସ । ମୁଁ ଚୋର ନୁହେଁ, ମୁଁ ମୂଲିଆ'।

ସଂସାର ପାଇଁ ଦାନାପାଣି ସଂଗ୍ରହ କରୁକରୁ ପୁରୁଷ ସାମାଜିକ ସଂପର୍କକୁ ଅଣଦେଖା କରେ। ଏହି ଅଣଦେଖା ପଣିଆହିଁ ତା'ର ଅଧୋଗତିର କାରଣ ପାଲଟିଯାଏ । ଶେଷରେ ରହିଯାଏ କେବଳ ମାନସିକ ଯନ୍ତ୍ରଣା ଓ ପଶ୍ଚାତାପ । ଗୋପୀନାଥ ମହାନ୍ତି ତାଙ୍କ 'ଦାନାପାଣି' ଉପନ୍ୟାସରେ ବଳୀଦତ୍ତ ଚରିତ୍ର ମାଧ୍ୟମରେ ଏହି ସତ୍ୟତାକୁ ପ୍ରତିପାଦନ କରିଛନ୍ତି। ଔପନ୍ୟାସିକ ବଳୀଦତ୍ତ ମୁଖରେ ସ୍ୱଗତୋକ୍ତିରେ କହିଛନ୍ତି 'ଏଇ ତା'ର ଜୀବନର ଅଛିଣ୍ଡା କାହାଣୀ, ଦାନା ପାଣିର ମୂଳ ତଉଲରେ ସାଫଲ୍ୟ ଖୋଜୁ ଖୋଜୁ ରାତି ବିତି ଯାଇଛି, ଆପଣାର ଦେହରେ ଲାଗିରହିଛି ନିଆଁ'। (ପୃ-୩୧୪)

**ବିକ୍ଷିପ୍ତ ଚେତନା**

ଆଧୁନିକ ସଭ୍ୟ ସମାଜରେ ପୁରୁଷର ଚେତନା ବିକ୍ଷିପ୍ତ। ତା'ର ଆଦିମ ପ୍ରବୃତ୍ତି ଓ ପ୍ରକୃତିକୁ ସେ ସଭ୍ୟ ପୋଷାକର ଆବରଣ ତଳେ ଲୁଚାଇରଖେ । ସମାଜଦ୍ୱାରା ନିର୍ଦ୍ଧାରିତ ନିୟମ ଅପର ପକ୍ଷେ ପଦବୀର ମୋହ । କବି ରମାକାନ୍ତ ରଥଙ୍କ 'ଲଣ୍ଠନ' କବିତାଟି ଏହି ଚେତନାକୁ ଭିତ୍ତିକରି ରଚିତ ଏକବିଂଶ ଶତାବ୍ଦୀରେ ପୁରୁଷର ଚେତନା ବିକ୍ଷିପ୍ତ, ଆର୍ଥିକ ସ୍ଥିତିରେ ଅନ୍ୟମାନଙ୍କ ସହ ସମକକ୍ଷ ହେବାର ଧାଆଁ ଦୌଡ଼ ଭିତରେ ପୁରୁଷ ନିଜର ଆତ୍ମ ଚେତନାକୁ ଭୁଲିଯାଏ, ଆବଶ୍ୟକତା ପୂରଣ କରୁଥିବା ପର୍ଯ୍ୟନ୍ତ ସେ ମଣିଷ, ଯେଉଁଦିନ ଆବଶ୍ୟକତା ପୂରଣ କରିବାରେ ଅକ୍ଷମ ହୁଏ ସେ ମଣିଷରୁ ଜୀବନ୍ତ ମୁର୍ଦ୍ଦାର ପାଲଟିଯାଏ । ଗଛକୁ ପୁରୁଷର ଆର୍ଥିକ ସ୍ଥିତିର ପ୍ରତୀକ ଦେଇ କବି ବ୍ରଜନାଥ ରଥ 'କାଠଗଡ଼' କବିତାରେ ଅର୍ଥହୀନ ପୁରୁଷଙ୍କୁ ଜୀବନ୍ତ ମୁର୍ଦ୍ଦାର ବୋଲି କହିଛନ୍ତି ।

ସାଂପ୍ରତିକ ସମୟରେ ପୁରୁଷ ତା'ର ମାନସିକ ଯନ୍ତ୍ରଣାକୁ ଲାଘବ କରିବା ପାଇଁ ମଦ୍ୟପାନ କରେ। ଏହି ମଦ୍ୟପ ପ୍ରବୃତ୍ତି ହିଁ ତା'ର ସର୍ବନାଶର କାରଣ ପାଲଟେ। ଦାମ୍ପତ୍ୟରେ ଫାଟ, ସ୍ୱାସ୍ଥ୍ୟ ଭଙ୍ଗ, ପାରିବାରିକ ଜୀବନରେ ଝଡ଼ ଆଦି ସମସ୍ୟା ସାଂପ୍ରତିକ ସମୟରେ ଉତ୍କଟ ରୂପ ଧାରଣ କରିଛି। ଏହି ପ୍ରସଙ୍ଗକୁ କେନ୍ଦ୍ରକରି କବି ହରିହର ମିଶ୍ରଙ୍କ 'ନିଶା' କବିତାଟି ରଚିତ। ବେକାରି ସମସ୍ୟା ବୃଦ୍ଧି ହେତୁ ପୁରୁଷ ନିଜର ଭିଟାମାଟି ଛାଡ଼ି ଦେଶାନ୍ତର ହେବାକୁ ବାଧ ହୁଏ। ଦେଶାନ୍ତରରେ ଭୋଗୁଥିବା ଶାରୀରିକ ଓ ମାନସିକ ଯନ୍ତ୍ରଣା ଅକୁହା, ଏହିପରି ଏକ ପୃଷ୍ଠଭୂମିକୁ କେନ୍ଦ୍ର କରି ଗୌରହରି ଦାସଙ୍କ ଅନୂଦିତ ଉପନ୍ୟାସ 'ଛେଳି ଚରେଇବାର ଦିନ'ଟି ରଚିତ ।

ହୃଦୟର ସମସ୍ତ ବେଦନାକୁ ପୁରୁଷ ଲୁଚାଇ ରଖେ, ଏହି ଅଥୟ ଭାବନାରେ ସେ ତିଳତିଳ ହୋଇ ଜଳେ ଓ ମରେ । ଏହି ମାନସିକ ଏକଲାପଣ ତା'ର ଜୀବନକୁ ଦୁର୍ବିସହ କରିଦିଏ । ଏହିପରି ଏକ ଭାବନାକୁ କେନ୍ଦ୍ରକରି ଶଙ୍କର

ତ୍ରିପାଠୀଙ୍କ ନାଦବିନ୍ଦୁ ଉପନ୍ୟାସଟି ରଚିତ । ନୀଳକଣ୍ଠ ଚରିତ୍ର ମାଧ୍ୟମରେ ସେ ପୁରୁଷର ମାନସିକ ଏକଲାପଣ, ପ୍ରେମ ବିଚ୍ଛେଦ ଆଦି ସମସ୍ୟା ଉପରେ ଆଲୋକପାତ କରିଛନ୍ତି ।

କୃଷକ ସବୁଜ କ୍ଷେତରେ ଭବିଷ୍ୟତର ସୁନେଲୀ ସ୍ୱପ୍ନଦେଖେ। ଜଳ ବାୟୁରେ ପରିବର୍ତ୍ତନ କୃଷି କାର୍ଯ୍ୟକୁ ପ୍ରଭାବିତ କରେ । ଆର୍ଥିକ ମାନଦଣ୍ଡ ତା'ର ଦୋହଲିଯାଏ । କ୍ଷେତରେ କାଦୁଅ ସହ କାଦୁଅ ପାଲଟିଯାଏ ସେ । ଉଜୁଡ଼ା କ୍ଷେତ ବେଳେ ବେଳେ ତା'ର ମୃତ୍ୟୁର କାରଣ ପାଲଟେ । ସେ ପୁରୁଷ, ଦୁଃଖଯନ୍ତ୍ରଣା କୁହନ୍ତା ବା କିପରି ? ଏହିପରି ଏକ ପ୍ରସଙ୍ଗକୁ କେନ୍ଦ୍ର କରି ଅଧ୍ୟାପକ ଦିଲୀପ ସ୍ୱାଇଁଙ୍କ 'ଧାନଫୁଲ କାନଫୁଲ' କବିତାଟି ରଚିତ । ପୁତ୍ର ମୁଖରେ ସେ କୃଷକ ପିତାର ଜୀବନର ଅନ୍ତରୀଣ ଦୁଃଖକୁ ପ୍ରକାଶ କରିଛନ୍ତି-

"ଧାନ କାଟୁ କାଟୁ ହାତ କାଟି ଦେବ ବାପା
ରକ୍ତବର୍ଣ୍ଣ ହୋଇଯିବ ମାଟି
ତୁମ ସହିବାର ସୀମା ଟପି ଡେଇଁ
ପଡ଼ିବେ ଦୁଃଖ
କହୁ ନଥିଲି ଧାନ ନୁହେଁ ନିଜକୁ
ପୋତିଲ ପଙ୍କରେ
କଳ, କେନାଲ ଆକାଶକୁ ଭରସା କ'ଣ ?
ଏଠି ପାଣି କହିଲେ ତୁମ ଆଖିର ଲୁହକୁ ବୁଝାଏ ।
ଧାନ ନୁହେଁ ନିଜକୁ ପୋତିଲ ପଙ୍କରେ' (ଧାନଫୁଲ କାନଫୁଲ)

**ବାରମ୍ୱାର ପରୀକ୍ଷାରେ ଅସଫଳ ହୋଇ ପୁରୁଷ ନିଜ ଉପରୁ ଆତ୍ମବିଶ୍ୱାସ ହରାଇ ବସେ ।**

ସାଂପ୍ରତିକ ସମୟରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବାରମ୍ୱାର ପରୀକ୍ଷାରେ ଅସଫଳ ହୋଇ ପୁରୁଷ ନିଜ ଉପରୁ ଆତ୍ମବିଶ୍ୱାସ ହରାଇ ବସେ । ଏକପକ୍ଷେ ବୟସର ବୃଦ୍ଧି, ଅନ୍ୟପକ୍ଷେ ପରିବାରର ଆର୍ଥିକ ଅନଟନ ମଧ୍ୟରେ ସେ ଅସହାୟକ ହୋଇପଡ଼େ। ଭବିଷ୍ୟତର ସ୍ୱପ୍ନ ତା'ର ଅର୍ଥ ନିକଟରେ ଆତ୍ମସମର୍ପଣ କରେ। ଏହିପରି ଏକ ବିଷୟକୁ କେନ୍ଦ୍ରକରି ବିଭୁ ହୋତା 'ସ୍ୱୟଂସୂର୍ଯ୍ୟ' ନାମକ ଉପନ୍ୟାସ ରଚନା କରିଛନ୍ତି ।

ପୁରୁଷ କର୍ମ ସଂସ୍ଥାନ ପାଇଁ ଗ୍ରାମରୁ ସହରାଭିମୁଖୀ ହୁଏ, କେତେବେଳେ ଯେ ତା'ର ପ୍ରକୃତ ପନ୍ଥାକୁ ପରିତ୍ୟାଗ କରି ସେ କୁପଥରେ ପାଦ ଦିଏ, ସେଥିପ୍ରତି ସେ ଆତ୍ମସଚେତନ ନୁହେଁ। ଉଚ୍ଚ ଶିକ୍ଷିତ ହେବାପରେ ସହରରେ ରହି ସରକାରୀ ଚାକିରିର ସ୍ୱପ୍ନ ଦେଖୁଥିବା ଯୁବସମାଜର ଜୀବନ ଯନ୍ତ୍ରଣା ଅସହ୍ୟ । ଏହିପରି ଏକ ପୃଷ୍ଠଭୂମିରେ ଅନୀଲ ପାଢ଼ୀଙ୍କ 'ଓ ଏକାକୀ' ଉପନ୍ୟାସଟି ରଚିତ । ବ୍ରଜସୁନ୍ଦର ଚାକିରି ଉଦ୍ଦେଶ୍ୟରେ ସହରକୁ ଆସିଛନ୍ତି, ମାତ୍ର ଷଡ଼ଯନ୍ତ୍ରର ଶିକାର ହୋଇ ସେ ଜିଗୋଲ ବା ପୁରୁଷ ବେଶ୍ୟାରେ ପରିଣତ ହୋଇଯାଇଛନ୍ତି । ସମଗ୍ର ସଂସାର ତାଙ୍କୁ ଉଲଗ୍ନମୟ ଦିଶିଛି ।

ବିଶ୍ୱ ସାହିତ୍ୟରେ ପୁରୁଷବାଦ (ମାସ୍‌କୁଲିଜମ୍) ଯେଉଁ ଆଭିମୁଖ୍ୟ ନେଇ ଉତ୍ପତ୍ତିଲାଭ କରିଥିଲା, ସାଂପ୍ରତିକ ସମୟରେ ତାହା ପରିବର୍ତ୍ତିତ ହୋଇଛି। ବିଶ୍ୱର ପ୍ରତିଟି ସାହିତ୍ୟରେ ଆକ୍ଷରିକ ପୁରୁଷବାଦର ସ୍ୱରୂପ ନଥିଲେ ମଧ୍ୟ ଏହା ପୁରୁଷର ମାନସିକ ସ୍ଥିତାବସ୍ଥା, ଜୀବନ ଯନ୍ତ୍ରଣା, ମନସ୍ତାତ୍ତ୍ୱିକ ଅସହାୟତା ଆଦିର ଚିତ୍ର ଦେଖିବାକୁ ମିଳେ। ପୁରୁଷବାଦ ନାରୀବାଦ ବିରୁଦ୍ଧ ଏକ ସାମାଜିକ ଆନ୍ଦୋଳନ ନୁହେଁ ବରଂ ଏହା ପୁରୁଷର ସାମାଜିକ ଜୀବନଯନ୍ତ୍ରଣାକୁ ସାହିତ୍ୟର ପଦମର୍ଯ୍ୟାଦା ଦିଏ ।

**ସହାୟକ ଗ୍ରନ୍ଥସୂଚୀ**


୧. ନାୟକ, ପବିତ୍ରମୋହନ (ସଂପାଦନା), ସ୍ତୁତି ଚିନ୍ତାମଣି ମୂଳକୃତି-ସନ୍ଥକବି ଭୀମ ଭୋଇ, ଫ୍ରେଣ୍ଡର୍ସପବ୍ଲିଶର୍ସ, ବିନୋଦବିହାରୀ, କଟକ, ପ୍ରଥମସଂସ୍କରଣ-୨୦୨୨ ।
୨. ମହାନ୍ତି, ଆର୍ତ୍ତବଲ୍ଲଭ (ସଂପାଦନା), ଗଦାପର୍ବ-ମୂଳକୃତି-ସାରଳା ଦାସ, ପ୍ରଥମମୁଦ୍ରଣ-୧୯୬୫।
୩. ମହାନ୍ତି, ଗୋପୀନାଥ, 'ଦାନାପାଣି',କଟକ ଷ୍ଟୁଡେଣ୍ଟସ ଷ୍ଟୋର, ବାଲୁବଜାର, କଟକ -୨,ଚତୁର୍ଥମୁଦ୍ରଣ-୧୯୭୮ ।
୪. ମୁଖାର୍ଜୀ, ଶରତ ଚନ୍ଦ୍ର, 'ସବୁଜ କବିତା ନୂଆ'-ପୁଷ୍ପିତା ପ୍ରିଣ୍ଟର୍ସ, ଜଗତପୁର, କଟକ-୯,ପ୍ରଥମ ସଂସ୍କରଣ-୧୯୮୭ ।
୫. ଶତପଥି, ବିଜୟ କୁମାର, (ସଂପାଦନା), ଭଗବତୀଚରଣ ଗଳ୍ପମାଳା, ଏନ୍.ବି.ଟି., ନେହେରୁ ଭବନ-କ,ନୂଆଦିଲ୍ଲୀ,ପ୍ରଥମସଂସ୍କରଣ-୨୦୦୭
୬. ସିଂହ, ବିଜୟାନନ୍ଦ, (ସଂପାଦନା), ଫକୀରମୋହନ ଗ୍ରନ୍ଥାବଳୀ (ଗଦ୍ୟପର୍ବ), ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତିଭବନ, ଭୁବନେଶ୍ୱର -୭୫୧୦୧୪, ପ୍ରଥମ ସଂସ୍କରଣ-୨୦୦୪ ।
୭. ସ୍ୱାଇଁ, ଦିଲୀପକୁମାର, 'ଧାନଫୁଲ କାନଫୁଲ', ବିଜୟିନୀ ପବ୍ଲିକେଶନ, ଶଙ୍କରପୁର, କଟକ-୧୨, ତୃତୀୟସଂସ୍କରଣ-୨୦୨୫ ।
୮. ଆଲିଏନ୍, ଜୁଡିଥ୍ ଏ (୨୦୦୯) 'ଦି ଫେମିନିଜମ୍ ଅଫ୍ ଚାଲୋଟ୍ ପରକିନ୍‌ସ ଗିଲମ୍ୟାନ୍', ୟୁନିଭରସିଟି ଅଫ୍ ସିକାଗୋ ପ୍ରେସ୍ ।
୯. କାଫ୍‌କା, ଫ୍ରାନ୍‌ଜ୍, 'ମେଟାମର୍ଫସିସ୍', ପ୍ରକାଶ ବୁକ୍ ଇଣ୍ଡିଆ ପ୍ରା.ଲି. ନୂଆଦିଲ୍ଲୀ ।


□□

ଲେଖକଙ୍କ ଇ-ମେଲ ଠିକଣା:
lingarajpradhan431@gmail.com

ଗଳ୍ପ

# ପୁନର୍ଜନ୍ମ



ପ୍ରଫୁଲ୍ଲ ବାରିକ

ଆକାଶରେ ଧୂମକେତୁ ପରି ଅଚାନକ ଆବିର୍ଭାବ ଶ୍ୱେତାର ଦୁଇ ପିଲାଙ୍କ ସହ । ଖରାଦିନ ଅପରାହ୍ନ । ସୂର୍ଯ୍ୟ ଢଳିବାରୁ ଉତ୍ତାପରେ ଆସୁଥାଏ ଶୀତଳତା । ଦାଣ୍ଡ ଦୁଆରେ ବସି ଶୀତଳ ପବନ ସେବନ କରୁଥାଆନ୍ତି ସାବିତ୍ରୀ ଦେବୀ । କୃପାସିନ୍ଧୁ ନିଦ ଭାଙ୍ଗିଲେ ବି ଅଳସ ଭାଙ୍ଗୁଥାଆନ୍ତି ବିଛଣାରେ । ଶ୍ୱେତା ଟେମ୍ପୋରୁ ବ୍ୟାଗ ଓହ୍ଲାଉ ଥିବାବେଳେ ପିଲା ଦି'ଜଣ ଗେଟ ଖୋଲି ପଶିଲେ ହସିହସି ଭିତରକୁ । ସାବିତ୍ରୀଙ୍କ ଆଖି ପଡ଼ିଗଲା । ଦେହରେ ବିଜୁଳିର ଚମକ ନେଇ ଆନନ୍ଦରେ ଧାଇଁଆସିଲେ ଗେଟ୍‌ପାଖେ । ନାତି ନାତୁଣୀଙ୍କୁ କୁଣ୍ଢେଇ ପକେଇଲେ । ଶ୍ୱେତା ଗାଡ଼ିକୁ ବିଦାକରି ଟ୍ରଲିବ୍ୟାଗ ହାତରେ ଶାଶୂଙ୍କ ପାଦ ଛୁଇଁଲା । ସାବିତ୍ରୀ ଶ୍ରଦ୍ଧାରେ ହାତ ବୁଲେଇ ଆଣିଲେ ତା' ମଥାରୁ । ଅନେଇ ରହିଲେ ଗାଁ ମୁଣ୍ଡଆଡ଼େ । ଶାଶୂଙ୍କୁ ଅପେକ୍ଷା କରିବାର ଦେଖି ଶ୍ୱେତା ପଚାରିଲା, କାହାକୁ ଅପେକ୍ଷା କରିଛନ୍ତି ବୋଉ ?



...ପୁଅ ?

...ସିଏ ଆସିନାହାନ୍ତି । ଆମେ ଏକା ଆସିଚୁ ।

ଶ୍ୱେତା ଉତ୍ତର ଦେଲା ଶାଶୂଙ୍କ ପ୍ରଶ୍ନର ।

ସାବିତ୍ରୀଙ୍କ ମୁହଁ ଶୁଖିଗଲା । ଇଏ କି କଥା ? କେବେତ ଆସନ୍ତିନି ଏକାଏକା । ଆସନ୍ତି ସପରିବାରେ । ଆଜି କାହିଁକି ? ବାହାରକୁ ଯାଇଥିବ ହୁଏତ ଅଫିସ କାମରେ, କି ବ୍ୟସ୍ତ ଥିବ କାମରେ । ଶ୍ୱେତାକୁ ପାଛୋଟି ନେଉନେଉ ସାବିତ୍ରୀ ଭାବୁଥାଆନ୍ତି କେତେକଣ ।

ଏମାନଙ୍କ ପାଟି ଶୁଣି ବିଛଣାରୁ ଉଠି କୃପାସିନ୍ଧୁ ଆସି ଠିଆ ହେଇଥାଆନ୍ତି ଦୁଆରେ । ଶ୍ୱେତା ବାପାଙ୍କ ପାଦକୁ ଛୁଇଁ ମଥାରେ ମାରିଲା । ସିଏବି ପଚାରିଲେ, ପୁଅ ?

... ସିଏ ଆସି ନାହାନ୍ତି ।

ଛୋଟ ଉତ୍ତରଟିଏ ଶ୍ୱେତା ମୁହଁରେ ।

ତା'ପରେ ଚାଲିଲା ସ୍ୱାଭାବିକତାରେ କର୍ମମାନ । ଦିନସାରା ଗାଡ଼ିରେ ବସି ସିଝି ଯାଇଥିଲା ଦେହ । ଶ୍ୱେତା ପିଲାଙ୍କୁ ନେଇ ଗାଧୋଇଦେଲା କୂଅମୂଳେ । ନିଜେ ବି ମୁଣ୍ଡଧୋଇ ଗାଧେଇଲା । ଶାଶୂ ପଖାଳ ବାଢ଼ିଦେଇ କହିଲେ, ଗରମରେ ସିଝିଚ । ପଖାଳ ମୁଠେ ମୁଠେ ଖାଇ ବିଶ୍ରାମ କର । ଭଲ ଲାଗିବ । ଶ୍ୱେତା ସେଇଆ କଲା । ଭୋକରେ ପେଟ ଜଳୁଥିଲା । ସାରାଦିନ ସେ ଖାଇନି । ପିଲାଙ୍କୁ ବିସ୍କୁଟ୍ ଖୁଆଇ ପାଣି ଦେଇଚି । ପଖାଳ ଲାଗିଲା ପାଟିକୁ ଅମୃତ । ପେଟେ ପେଟେ ଖାଇ ତୋରାଣି ପିଇ ବିଶ୍ରାମ ନେଲେ ସମସ୍ତେ ।

ସାବିତ୍ରୀ ପଚାରିଲେ ସ୍ୱାମୀଙ୍କୁ, କିଛି ଅନୁଭବ କରୁଛକି ? ମୋତେ କାଇଁକି କିମିତି କିମିତି ଲାଗୁଚି । ସମ୍ପୂର୍ଣ୍ଣ ଅସ୍ୱାଭାବିକ । କିଛି ନହେଇଥିଲେ ଏତେ ବାଟରୁ ଏକା ଏକା ଆସିଥାଆନ୍ତେ ? ସିଏ ଛାଡ଼ିଲା କିମିତି ? ନିଶ୍ଚୟ କଥାର ରହସ୍ୟ ଅଛି । ମୋ' ମନ କହୁଛି ।

...ଛାଡ଼ । ତାଙ୍କୁ ବିଶ୍ରାମ ନେବାକୁ ଦିଅ । ଉଠିଲେ ପଚାରିବ । ବୋହୂ କହିବେନିକି । ସନ୍ଧ୍ୟାସାରି ସାବିତ୍ରୀ ଡାକିଲେ ଶ୍ୱେତାକୁ, ମାଆଟା, ସନ୍ଧ୍ୟାହେଲାଣି । ଉଠିପଡ଼ । ଠାକୁର ଘରେ ଯାଇ ମୁଣ୍ଡିଆ ମାର । ରାତିକୁ ଶୋଇଲେ ଥକ୍କା ମେଣ୍ଟିଯିବ । ଶ୍ୱେତା ସେଇଆକଲା । ଆସି ବସିବାରୁ ଶାଶୂ ଗେଲେଇ ପଚାରିଲେ, କହ ମାଆ ସତକଥା । ତମ ଭିତରେ କିଛି ହେଇଛି କି ? ଏଇ ଝଗଡ଼ା, ମନ ଫଟାଫଟି ? ନ ହେଇଥିଲେ କେବେ ତୁ ଆସିନଥାଆନ୍ତୁ ପିଲାଙ୍କୁ ଧରି ଦୂରରୁ ଏକାଏକା ? ମୋ'

ମନ ନେଇପାରୁନି କଥାଟାକୁ ସହଜରେ ।

ଆଖିରୁ ଲୁହପୋଛି ଶ୍ୱେତା କହିଲା, କିଛି କ'ଣ କହୁଛନ୍ତି, ହେଇଚି ବହୁତ କିଛି । ଯାହାକୁ ସହିନପାରି ଆସିବାକୁ ବାଧହେଲି ମୁଁ । ଭାବିଲି ମରିବି ତ ଘରେ ଯାଇ ବାପ-ମାଆଙ୍କ ପାଖରେ ମରିବି । ଏଠି ମଲେ ମୋତେ ଉଠେଇବ କିଏ ?

... ତୁ ଏ କାଳ କଥାଗୁଡ଼ା କ'ଣ କହୁଚୁ ମାଆ ? ଖୋଲି କହ । ଆମେ ଜାଣିବୁ କିମିତି ?

ଶ୍ୱେତା କହିଲା, ସିଏ ଆଉ ନାହାନ୍ତି ମଣିଷହେଇ । ମଣିଷ ଶରୀରରେ ସବାର ହେଇସାରିଛି ଅସୁରର ଆତ୍ମା । ବ୍ୟବହାରରେ ସେଥିନେଇ ଆସୁରିକତା । ତାଙ୍କ ମଦ ପାଖରେ ଆମେସବୁ ତୁଚ୍ଛ । ଅଫିସ୍ ସମୟକୁ କୌଣସି ପ୍ରକାରେ ଛାଡ଼ି ବାକି ସବୁବେଳେ ପିଇକି ମାତାଲ । ଆଉ ରହୁନାହାନ୍ତି ଚେତାରେ । କେତେଥର ରାସ୍ତାରୁ ଆଣି ଲୋକେ ପହଞ୍ଚାଉଛନ୍ତି ଘରେ । ବାରଣ କଲି । ରାଣ ନିୟମ ଦେଇ ଅଭିମାନରେ ଓପାସ ରହିଲି । ଚେତା ଥିଲେ ତ ବୁଝିବେ । ଓଲଟା ଶୋଧା ମୋ' ଉପରେ । ମୋ' ସମେତ ମୋ' ବାପା ବୋଉଙ୍କୁ ବି । ପରେପରେ ଗାଳି ପରିବର୍ତ୍ତିତ ହେଲା ମାଡ଼କୁ । ହାତରେ ଯାହା ପାଇଲେ ଧରି ପିଟିଲେ । ସହର ବଜାର ଜାଗା । ଯିବି କୁଆଡ଼େ ପ୍ରାଣ ବଞ୍ଚେଇବାକୁ ? ପିଲାମାନେ ଆଉ ନାହାନ୍ତି ଛୋଟହେଇ । ତାଙ୍କ ଆଖି ଆଗରେ ଘଟଣା ନିଇତି । ଦେଖିଦେଖି ସେମାନେ ବି କାଠ । ନିର୍ବାକ । କେତେଥର ଭାବିଛି ଜୀବନ ହାରିବାକୁ । ଏଠି ଜୀବନ ହାରିଲେ ଉଠେଇବ କିଏ ? ଜଣେଇ ନଥିଲି ତୁମକୁ । ଜଣେଇବି ନାହିଁ ମୋ' ବାପା-ବୋଉଙ୍କୁ । ଯାହା ତ କଷ୍ଟ ଉଠାଉଛି ମୁଁ, ଜଣେଇଲେ ଦୁଃଖ ବଢ଼ିବ ସିନା ଲାଘବ ହେବାର ପ୍ରଶ୍ନ ଉଠେନା । ଆନତ ବୟସରେ ତୁମମାନଙ୍କୁ ନ ଜଣେଇବାକୁ ମନସ୍ଥ କରିଥିଲି । ଆଉ ପାରିଲିନି । ପିଲାଙ୍କୁ ନେଇ ପଳେଇ ଆସିଲି । ତମ ବଂଶଜଙ୍କୁ ତମକୁ ଟେକିଦେଇ ତେଣିକି ମୋର ଗଲେ ଦୁଃଖନାହିଁ । ଶ୍ୱେତା ତଳକୁ ଅନେଇ ବସିଲା । ତା' ଆଖିର ଲୁହରେ ଭୂଇଁ ଭିଜୁଥାଏ । ପାଖରେ ବସି ଶାଶୂ ପଥର । ନିର୍ବାକ ନିଷ୍ପନ୍ଦ । ଶ୍ୱଶୁର ବି ସାମାନ୍ୟ ଦୂରରେ ବସି ଶୁଣୁ ଥାଆନ୍ତି ବୋହୂଙ୍କ କଥା । ସିଏ ବି ନିର୍ବାକ୍ । ପ୍ରବୋଧନା ଦେବାକୁ ତାଙ୍କ ମୁହଁରେ ଭାଷା ସ୍ଫୁରୁ ନାହିଁ ।

**"ମାଆ, ଅପେକ୍ଷା କର । ସମୟ କରିବ ସମାଧାନ । ଏଡ଼େ ନିର୍ଦ୍ଦୟ ହେବନି ସମୟ ଆମପ୍ରତି ।"**

...ହଉ ମାଆ । ପଳେଇ ଆସି ଭଲକରିଛୁ । ଆମେ ବଞ୍ଚିଛୁ ବାପମାଆ । ତୁ ବ୍ୟସ୍ତ ହଅନା । ତୁ ଭାବେନା ଏକଲା ନିଜକୁ । ଆମେ ଅଛୁ ସମସ୍ତେ । ଧୈର୍ଯ୍ୟ ଧର । ସାମର୍ଥ୍ୟ ରଖ । ତୁ ଶିକ୍ଷିତା, ଯୋଗ୍ୟା । ବଞ୍ଚି ରହିବାକୁ ଶକ୍ତି ତୋ'ଠାରେ । ସେ ଶକ୍ତିକୁ ଜାଗ୍ରତ କର । ହାରି ଦୁର୍ବଳ କରନା ନିଜକୁ । ସବୁ ଠିକ୍ ହେଇଯିବ । ଅପେକ୍ଷା କର ।

ଶ୍ୱଶୁର ବୁଝେଇଲେ ଶ୍ୱେତାକୁ ।

...ହଁ ମାଆ, ଅପେକ୍ଷା କର । ସମୟ କରିବ ସମାଧାନ । ଏଡ଼େ ନିର୍ଦ୍ଦୟ ହେବନି ସମୟ ଆମପ୍ରତି । ଧୈର୍ଯ୍ୟ ଧର ମାଆ । ଆମେ ଦେଖୁଚୁ ... ।

ଶାଶୂଙ୍କ ମୁହଁରେ ବି ଅଭୟବାଣୀ ।

ଶ୍ୱେତା ପୁଳେ ବଳ ପାଇ ଶାଶୂ ଶଶୁରଙ୍କଠୁ ଟିକେ ଶାନ୍ତକଲା ନିଜକୁ । ଧୈର୍ଯ୍ୟ ଠୁଳାଉଥିଲା ମନରେ ନୂଆକରି ।

ସେଦିନ ରାତିଟା ପାହିଲା କୃପାସିନ୍ଧୁଙ୍କର ଅନିଦ୍ରାରେ । ଅନେଇ ଥାଆନ୍ତି ସକାଳ ହେବାକୁ ।

ସକାଳୁ ସକାଳୁ ବାହାରି ସିଧା ଯାଇ ପହଁଚିଲେ ପୁଅ ପାଖରେ । ଅଫିସ ସାରି ଫେରୁଥାଏ ସୁଶାନ୍ତ । ବାପାଙ୍କୁ ଦେଖି ହଡବଡ଼େଇଗଲା । ତାକୁ ଘରେ ବସେଇ ବାପା କହିଲେ, ମୁଁ ଶୁଣିସାରିଛି ସବୁ । ଆଉକିଛି ଅଧିକ ଚାହୁଁନି ତୋ' ମୁହଁରୁ ଶୁଣିବାକୁ । ମୁଁ ଜଣେ ଅବସରପ୍ରାପ୍ତ ଶିକ୍ଷକ । ନୀତି ଆଦର୍ଶକୁ ଧରି ବଞ୍ଚି ଆସିଚି ଜୀବନଗୋଟା । ପରିବାରକୁ ବି ରଖି ଆସିଚି ଶୃଙ୍ଖଳା ଭିତରେ । ସେଥିପାଇଁ ସବୁଠି ଥିଲା ମୋର ଆଦର ସମ୍ମାନ । ମୁଁ ସନ୍ତୁଷ୍ଟ ଥିଲି ମୋ' ପରିବାରକୁ ନେଇ । ଶିକ୍ଷିତ ସୁନ୍ଦରୀ ବୋହୂଟିଏ ବାଛି ବାଛି ଆଣିଥିଲି ଘରକୁ । ତା' ଦୁଃଖରେ ଏବେ ମର୍ମାହତ ମୁଁ । ତୋତେ ପୁଅ ବୋଲି ସ୍ୱୀକାର କରିବାକୁ ମୋ' ମନ ଚାହୁଁନି । ଏଇ ସଂସ୍କାର, ଏଇ ଆଦର୍ଶରେ ବଢ଼େଇଥିଲି ତୋତେ ? କେତେ ସ୍ୱପ୍ନ ଦେଖିଚି ରାତିରାତି । ଶିକ୍ଷକର ସୀମିତ ଦରମା ସହ ପେଟରୁ କାଟି କରିଥିଲି ଉଚ୍ଚଶିକ୍ଷିତ । ଭାବିଥିଲି ବଂଶର ନାଁ ରଖିବୁ । ମର୍ଯ୍ୟାଦାବନ୍ତ ହେବୁ । କିମିତି ହେଲୁ ନଷ୍ଟ ଭ୍ରଷ୍ଟ ? ଭାବିଲୁନି ବାପା ବୋଉଙ୍କ କଥା ? ତୋ' ପରିବାର କଥା ? ଧିକ୍ ମୋ' ଜୀବନକୁ ତୋ'ପରି ପୁଅକୁ ଜନ୍ମ ଦେଇଥିବାରୁ ।

**ସୁଶାନ୍ତର ସାହସ ନଥିଲା ଅଟକେଇବାକୁ ବାପାଙ୍କୁ । ଘଟଣା ଘଟିଗଲା ତା' ଆଖି ଆଗରେ ପରଦାର ଛବିପରି ।**

କେତେଥର ବୋହୂ ଏଠି ଚାହିଁଛନ୍ତି ମରିବାକୁ । ପାରି ନାହାନ୍ତି ପାଖରେ ପିଲା ଦିଇଟା ଥିବାରୁ । ଘରକୁ ଯାଇଛନ୍ତି ଆମଙ୍କୁ ସଅଁପିଦେଇ ତାଙ୍କ ରାସ୍ତାରେ ସିଏ ଯିବେ । ଶୁ'ଣୁ ପୁଅ, ବୋହୂ ଯଦି ଆତ୍ମହତ୍ୟା କରେ, ସେ ଏକଲା ମରିବନି, ଜାଣିରଖ । ତା'ସହ ମରିବେ ଗୋଟା ପରିବାର । କେହି ରହିବେ ନାଇଁ । ଆଉ ସେମାନଙ୍କ ମୃତ୍ୟୁ ପାଇଁ ଦାୟୀ ହେବୁ ତୁ । ହଁ ହଁ ତୁ । ତେଣିକି ତୁ ହେଇଯିବୁ ସମ୍ପୂର୍ଣ୍ଣ ସ୍ୱାଧୀନ ତୋ' ବୋତଲକୁ ନେଇ । ପିଉଥିବୁ ମନଭରି । କେହି ନଥିବେ ଅଟକେଇବାକୁ । ମୁଁ ଆସୁଛି.... ।

ଝଡ଼ପରି ବାହାରି ଆସିଲେ ବାପା । ବସି ନାହାନ୍ତିକି ପାଣି ଠୋପେ ପିଇନାହାନ୍ତି ଏତେ ଦୂରରୁ ଆସି । ସୁଶାନ୍ତର ସାହସ ନଥିଲା ଅଟକେଇବାକୁ ବାପାଙ୍କୁ । ଘଟଣା ଘଟିଗଲା ତା' ଆଖି ଆଗରେ ପରଦାର ଛବିପରି । କାଲି ଯାଇଛି ଶ୍ୱେତା । ଆଜି ବାପା । ସୁଶାନ୍ତ ବୁଝି ପାରିଲାନି କ'ଣ କରିବ, କ'ଣ ନ କରିବ । ସିଧାଯାଇ ପଡ଼ିଗଲା ଖଟରେ ।

ଦିନ ତିନି/ଚାରିଟା ଯାଇଛି ହଠାତ ଆବିର୍ଭାବ ସୁଶାନ୍ତର । ଇମିତି ଯେ ଯିମିତି ଆବିର୍ଭୂତ ହେଇଥିଲେ ସିଦ୍ଧାର୍ଥ କପିଳବାସ୍ତୁରେ, ଯଶୋଧାରାଙ୍କ ଆଗରେ । ଲଣ୍ଡିତ ମସ୍ତକ । ଶୁଭ୍ର ପୋଷାକ । ସ୍ଥିର ଚକ୍ଷୁ । ନରମ ସ୍ୱର । ତା'ର ଏପରି ରୂପରେ ଚିହ୍ନିବି ଦୋ'ଦୋ ଚିହ୍ନା ହେଲେ ଘରେ ସମସ୍ତେ । ସୁଶାନ୍ତ ଠିଆ ହେଇଥାଏ ନିର୍ବିକାରରେ । ପ୍ରଶାନ୍ତ ବଦନରେ । ବାପା ବୋଉଙ୍କ ପାଦଛୁଇଁ ସୁଶାନ୍ତ କହିଲା, ତମେ ଆଚମ୍ବିତ ହେଉଥିବ ମୋର ଅବସ୍ଥାରେ । ହେବା ସ୍ୱାଭାବିକ । ମୋର ହେଇଚି ପୁନର୍ଜନ୍ମ । ହରିଦ୍ୱାର ଯାଇ ମାତା ଗଙ୍ଗାଙ୍କ ପାଣି ସୂର୍ଯ୍ୟ ଦେବତାଙ୍କୁ ଟେକି ମୁଁ ନେଇଛି ଶପଥ । ଆଉ ଯିବିନି ମରଣକୁ ଫିଟିଥିବା ରାସ୍ତାରେ । ଯିବା ତ ଦୂର, ମନକୁ ଆଣିବିନି କେବେ ସେ ପାପକଥା । ବଞ୍ଚିବି । ବଂଚେଇବି ମୋ' ପରିବାରକୁ । ଛଅଥର ଡୁବ ପକେଇ ସପ୍ତମ ଥରରେ ଦର୍ଶନ ପାଇଛି ଗଙ୍ଗା ମାତାଙ୍କର, ସେଇ ପାଣିରେ । ତଥାସ୍ତୁ କହି ମୋତେ ଆଶୀର୍ବାଦ ଦେଲେ । ସେଇଠୁ ପାଇଲି ଦିବ୍ୟଦୃଷ୍ଟି ଓ ପବିତ୍ର ମନ । ସବୁ ଗଙ୍ଗାମାତାଙ୍କ କୃପାରୁ । ବାପାଙ୍କ ଅବଦାନକୁ ଭୁଲିବି ନାହିଁ । ତାଙ୍କ ଶେଷବାଣୀ ଶୁଣେଇ ଯୋଉ ଫେରିଆସିଲେ ତିନିଶହ କିଲୋମିଟର ଦୂରରୁ ଯାଇ, ପାଣି ଗ୍ଲାସେ ନପିଇ, ତାହାହିଁ ଆଣିଦେଲା ଭାବନା ମୋ' ମଥାରେ । ମୋତେ ସମସ୍ତେ କ୍ଷମା କରିଦିଅ, ପାରିବ ତ । ମୋତେ ବିଶ୍ୱାସ କର ।

କେଳାର ପଦ୍ମତୋଳା ସାପ ଶୁଣିବାପରି ଶୁଣୁଥାଆନ୍ତି ସମସ୍ତେ ନିରବରେ । ଗୋଟେ ଆଲୁଅର ଶୁଭ୍ରଝଲକ ବାରି ପଡୁଥିଲା ସମସ୍ତଙ୍କ ମୁହଁରେ । ସାବିତ୍ରୀ ଦେବୀ ହାତ ଯୋଡ଼ିଲେ ଗଙ୍ଗାମାତାଙ୍କ ଉଦ୍ଦେଶ୍ୟରେ । କହିଲେ ବୋହୂ, ଅନେଇଛୁ କ'ଣ, ଯାଆ । ଖାଇବାର ବନ୍ଦୋବସ୍ତ କର । ପିଲାଟା ଆସିଚି କେତେଦୂରରୁ ସାରାଦିନ ଗାଡ଼ିରେ । ଶ୍ୱେତା ଅନେଇଲା ବାପାଙ୍କ ଆଖିକୁ । ବାପା ଚାହାଣିରେ ତାକୁ ବିଶ୍ୱାସ ଦେଲେ । କହିଲେ, କହୁଥିଲିନା ମାଆ, ସମୟ ସବୁଠୁ ବଳବାନ । ଅପେକ୍ଷା କର । ସମୟ କେବେବି ନିର୍ଦ୍ଦୟ ହେବନି । ବହୁଦିନ ପରେ ଶ୍ୱେତା ଓଠରେ ହସଧାରେ ଉକୁଟିଲା, ଯାହାକୁ ଦେଖି ଶ୍ୱଶୁର ମଣୁଥିଲେ ନିଜକୁ କୃତକୃତ୍ୟ । ହଟି ସାରିଥିଲା ପରିବାର ଆକାଶରୁ କଳାବାଦଲ । ଏବେ ନିର୍ମଳ ଆକାଶରେ ତୋଫାଜହ୍ନ ଦେଖୁଥିଲେ ପରିବାରର ପ୍ରାଣୀମାନେ ।

□□

ଲେଖକଙ୍କ ଇ-ମେଲ ଠିକଣା:
prafullabarik988@gmail.com



**ପଢ଼ନ୍ତୁ ! ବୈଷ୍ଣବ ଚରଣ ସାମଲଙ୍କ**

**ରମ୍ୟରଚନା ସମଗ୍ର**

ପୃଷ୍ଠାସଂଖ୍ୟା : ୧୪୨୮, ମୂଲ୍ୟ : ଟ.୧୩୫୦

**ଧାରା ଶ୍ରୀରାଧା ଟ୍ରଷ୍ଟ, ଭୁବନେଶ୍ୱର**

DHARA SHREE RADHA TRUST
Regd. No.: 41081705388
Bhubaneswar, Odisha

ପ୍ରବନ୍ଧ



# ପ୍ରଥମା ଦୌଡ଼ରେ ଓଡ଼ିଆ ନାଟକ

ଦୀପା ନାଥ

ଆଧୁନିକ ଗଠନ ପ୍ରକ୍ରିୟା ଓ ଶୈଳୀଦୃଷ୍ଟିରୁ ଆମେ ଯେଉଁ ରଚନାବଳୀକୁ ନାଟକର ମାନ୍ୟତା ଦେଉଛେ, ତା’ର ମୂଳ ସମ୍ଭାବନା ସୃଷ୍ଟି କରିଥିଲା ଲୋକନାଟକ। ଗ୍ରାମ୍ୟ ସମାଜର ଲୀଳା, ଗୀତିନାଟ୍ୟ ଆଦି ଏହି ଲୋକନାଟକରେ ଅନ୍ତର୍ଭୁକ୍ତ। କାରଣ ନାଟକ ହେଉଛି ଦୃଶ୍ୟ ଶ୍ରାବ୍ୟର ମିଶ୍ରିତ କଳାଟିଏ ଏବଂ ଲୀଳା ଗୀତିନାଟ୍ୟରେ ଉଭୟ ଦୃଶ୍ୟଶ୍ରାବ୍ୟର କଳା ଭରିରହିଥାଏ। ଏଥିରେ ରାମ ଓ କୃଷ୍ଣଙ୍କୁ ନେଇ ରଚିତ ପୌରାଣିକ କାହାଣୀଗୁଡ଼ିକରେ ସଂଗୀତର ସଂଳାପ ସଂଯୋଜନା କରି ଅଭିନୟ କରାଯାଉଥିଲା। ସେତେବେଳଯାଏ ଚରିତ୍ରକୁ କେନ୍ଦ୍ରକରି ସଂଳାପ ଦିଆଯାଇ ନାଟକ ରଚନା କରାଯାଇଥିଲା। କବିସୂର୍ଯ୍ୟ ବଳଦେବ ରଥଙ୍କ ‘କିଶୋର ଚନ୍ଦ୍ରାନନ ଚମ୍ପୂ’ ଶୈଳୀ ଦୃଷ୍ଟିରୁ ନାଟକର ପ୍ରଥମ ପ୍ରୟାସ ପରି ମନେହୁଏ। ଓଡ଼ିଆ ପଦ୍ୟ ଓ ସଂସ୍କୃତ ଗଦ୍ୟର ମିଶ୍ରଣରେ ଏହା ରଚିତ । କିନ୍ତୁ ଏହା ଏପରିଭାବେ ରଚିତ ଯେ ସଂସ୍କୃତ ଗଦ୍ୟାଂଶକୁ ବାଦ ଦେଇଦେଲେ ମଧ୍ୟ ଏହାର ସ୍ୱୟଂସମ୍ପୂର୍ଣ୍ଣତାରେ କୌଣସି ଆଞ୍ଚ ଆସେନାହିଁ। ଏହାକୁ ଅଙ୍କଦୃଶ୍ୟବିହୀନ ଏକ ନାଟ୍ୟକାବ୍ୟ କୁହାଯାଇପାରେ। କାରଣ ଏଥିରେ ଶ୍ରୀକୃଷ୍ଣ, ରାଧା ଓ ଲଳିତା ଏହି କାବ୍ୟର ଚରିତ୍ର ଭାବରେ ରହିଛନ୍ତି ଏବଂ ଏଥିରେ ପାତ୍ରୋପଯୋଗୀ ସଂଳାପ ମଧ୍ୟ ସ୍ଥାନ ପାଇଛି।

**ଏହି ଦୌଡ଼ର ପ୍ରାଥମିକ ପର୍ଯ୍ୟାୟରେ ‘ପଦ୍ମାବତୀ ହରଣ’ ଓ ‘ଗୌରୀ ହରଣ’ ନାଟକକୁ ସାମିଲ୍ କରାଯାଏ।**

### ଆଧୁନିକ ନାଟ୍ୟଧାରା

ପରବର୍ତ୍ତୀ ପର୍ଯ୍ୟାୟରେ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ମାଧ୍ୟମରେ ଅନୁବାଦ ଜରିଆରେ ଆମେ ବିଭିନ୍ନ ଭାଷାର ନାଟକକୁ ଆହରଣ କରି ନାଟକର ଏକ ନିର୍ଦ୍ଦିଷ୍ଟ ଗଠନ ପ୍ରକ୍ରିୟା ବା ଆଙ୍ଗିକ ଦିଗକୁ ଜାଣିଲେ। ତାହାକୁ ନେଇ ଓଡ଼ିଆ ସାହିତ୍ୟରେ ଆଧୁନିକ ନାଟ୍ୟଧାରାର ନାଟକ ରଚନା ଆରମ୍ଭ ହେଲା। ସେହିପରଠାରୁ ପ୍ରଥମ ହେବାର ଦୌଡ଼ ଆରମ୍ଭ ହେଲା। ନାଟକ କ୍ଷେତ୍ରରେ ଏହି ପ୍ରଥମା ଦୌଡ଼ରେ ରହିଥିବା ନାଟକଗୁଡ଼ିକ ହେଉଛନ୍ତି- ‘ପଦ୍ମାବତୀ ହରଣ’, ‘ଗୌରୀ ହରଣ’, ‘ଗୋପୀନାଥ ବଲ୍ଲଭ’, ‘ବାବାଜୀ’ ଏବଂ ‘କାଞ୍ଚିକାବେରୀ’।

ଏହି ଦୌଡ଼ର ପ୍ରାଥମିକ ପର୍ଯ୍ୟାୟରେ ଯେଉଁ ଦୁଇଟି ନାଟକକୁ ସାମିଲ୍ କରାଯାଏ, ତାହାହେଲା- ‘ପଦ୍ମାବତୀ ହରଣ’ ଓ ‘ଗୌରୀ ହରଣ’। ଏହାର ରଚୟିତା ହେଉଛନ୍ତି ଖଡଗ ପ୍ରସାଦ। ଅଧ୍ୟାପକ କାହ୍ନୁଚରଣ ମିଶ୍ରଙ୍କ ‘ସାହିତ୍ୟ ସମୀକ୍ଷା’ ପୁସ୍ତକ ଅନୁସାରେ ‘ପଦ୍ମାବତୀ ହରଣ’ ୧୮୩୪ ମସିହାରେ ରଚିତ ଓ ଅଭିନୀତ ହୋଇଥିଲା। ଆନୁମାନିକ ‘ଗୌରୀ ହରଣ’ ମଧ୍ୟ ଏହାର ନିକଟବର୍ତ୍ତୀ ରଚନା। ସୁନୀଲ୍ କୁମାର ଚାଟାର୍ଜୀଙ୍କ ସଂପାଦିତ ‘ଇଣ୍ଡିଆନ୍ ଡ୍ରାମା’ ପୁସ୍ତକର ‘ଓଡ଼ିଆ ଡ୍ରାମା’ ବିଭାଗରେ ଉକ୍ତ ନାଟକଦ୍ୱୟର ନାମ ମଧ୍ୟ ଉଲ୍ଲେଖ ଅଛି। କିନ୍ତୁ ନାଟକଦ୍ୱୟର ପାଣ୍ଡୁଲିପି କିମ୍ବା ପାଣ୍ଡୁଲିପି ସମ୍ପର୍କିତ କୌଣସି ପ୍ରାମାଣିକ ତଥ୍ୟ ମିଳିନାହିଁ । ଏହି ନାଟକ ଦୁଇଟିକୁ ଅଭିନୀତ ହେବାର ପ୍ରତ୍ୟକ୍ଷଦର୍ଶୀ ମଧ୍ୟ କେହି ନାହାନ୍ତି। ଯେଉଁକାରଣରୁ ଏହି ଦୁଇଟି ନାଟକ ମଧ୍ୟରୁ କାହାକୁ ବି ପ୍ରଥମ ନାଟକର ମାନ୍ୟତା ମିଳିପାରିନାହିଁ।

ଏହି ଦୌଡ଼ରେ ଥିବା ତୃତୀୟ ନାଟକଟି ହେଉଛି ‘ଗୋପୀନାଥ ବଲ୍ଲଭ’। ଏହା ୧୮୬୮ ମସିହାରେ ରଘୁନାଥ ପରିଚ୍ଛାଙ୍କ ଲିଖିତ ଓ ପ୍ରକାଶିତ। ଏହା ସଂସ୍କୃତଧାରାରେ ତଥା ରୀତିକାବ୍ୟ ପରମ୍ପରାର ଶୈଳୀରେ ରଚିତ ହୋଇଛି ଓ ଏଥିରେ ସଂଗୀତର ବହୁଳ ପ୍ରୟୋଗ ହୋଇଛି। ଏଣୁ ଏହାକୁ ପ୍ରଥମ ନାଟକର ମାନ୍ୟତା ମିଳିନାହିଁ। ଆଲୋଚକମାନେ ଏହାକୁ

କେବଳ ଏକ ଗୀତିନାଟ୍ୟ କ୍ରମରେ ଅନ୍ତର୍ଭୁକ୍ତ କରିଛନ୍ତି। କିନ୍ତୁ ଅପର୍ଣ୍ଣା ମହାନ୍ତି ଏହାକୁ ପ୍ରଥମ ନାଟକ ରୂପେ ଗ୍ରହଣ କରି ରଘୁନାଥ ପରିଚ୍ଛାଙ୍କ ସମ୍ପର୍କରେ ଲେଖିଛନ୍ତ, "ରଘୁନାଥ ପରୀକ୍ଷ ହେ ପାରଳା ନିବାସୀ/ କବିତା ପ୍ରଭାବେ ତୁମେ ହେଲ କବିଶଶୀ/ ଉତ୍କଳେ ନାଟକ ଗନ୍ଧ ନଥିଲା ପୂର୍ବରେ/ ରଚିଲ ନାଟକ ଏକ ତୁମ୍ଭେ ପ୍ରଥମରେ।" ମାତ୍ର ଅଧିକାଂଶ ସମାଲୋଚକ ପ୍ରଥମ ନାଟକ କ୍ରମରେ ଏହାକୁ ବିଚାରକୁ ନିଅନ୍ତିନାହିଁ।

**ଜଗନ୍ମୋହନଙ୍କ 'ବାବାଜୀ'**

ପ୍ରଥମା ଦୌଡ଼ରେ ସବୁଠୁ ଚର୍ଚ୍ଚାରେ ରହିଥିବା ନାଟକଟି ହେଉଛି ଜଗନ୍ମୋହନ ଲାଲଙ୍କ 'ବାବାଜୀ'। କେତେକ ସମାଲୋଚକ ଏହାକୁ ଅସଫଳ ନାଟକ ବୋଲି ଆଖ୍ୟା ଦେଉଥିବାବେଳେ ଅନ୍ୟ କିଛିଜଣ ଏହାକୁ ଆଧୁନିକ ନାଟକର ସକଳ ଗୁଣାବଳୀରେ ପରିପୂର୍ଣ୍ଣ ବୋଲି କହିଛନ୍ତି। ୧୯୭୭ ମସିହା ନଭେମ୍ବର ମାସ ୩ ତାରିଖରେ 'ଉତ୍କଳ ଦୀପିକା' ପତ୍ରିକାରେ 'ବାବାଜୀ' ନାଟକ ସମ୍ପର୍କରେ ଏକ ମତ ପ୍ରକାଶ ପାଇଥିଲା। ସେଥିରେ ଲେଖାଯାଇଥିଲା, "ଓଡ଼ିଆ ଭାଷାରେ ଏପର୍ଯ୍ୟନ୍ତ ନାଟକ ରଚନା ହୋଇନଥିଲା। ଏ ପୁସ୍ତକ ତହିଁର ପ୍ରଥମ ଉଦ୍ୟମ ଅଟଇ। ଏହାଦ୍ୱାରା ନାଟକର ବାଟ ଫିଟିଲା। ଅଚିରେ ପ୍ରକୃତ ନାଟକ ଓଡ଼ିଆ ଭାଷାରେ ବାହାରିପାରେ।" ଏହାବ୍ୟତୀତ 'ବାବାଜୀ' ନାଟକଟି ଅଭିନୀତ ହୋଇଥିବାର କୌଣସି ଯୁକ୍ତିଯୁକ୍ତ ପ୍ରମାଣ ମିଳେନାହିଁ। ଯାହାଦ୍ୱାରା ଗିରିଜାଶଙ୍କର ରାୟ ଓ ପ୍ରିୟରଞ୍ଜନ ସେନ ତାଙ୍କ ରଚିତ ପୁସ୍ତକମାନଙ୍କରେ ଏହାକୁ ଏକ ସାର୍ଥକ ନାଟକ ଭାବେ ଗ୍ରହଣ କରିନାହାନ୍ତି।




ଏହି ଦୌଡ଼ରେ ଥିବା ଶେଷ ନାଟକଟି ହେଉଛି 'କାଞ୍ଚିକାବେରୀ'। ଏହା ୧୮୮୦ ମସିହାରେ ରାମଶଙ୍କର ରାୟଙ୍କ ଦ୍ୱାରା ରଚିତ ହୋଇ ୧୮୮୧ ମସିହା ଫେବୃଆରୀ ମାସ ୭ ତାରିଖ ଦିନ ଅଭିନୀତ ହୋଉଥିଲା। ଓଡ଼ିଆ ନାଟକର ଅଭାବ ହେତୁ ୧୮୭୮ ମସିହାରେ କଟକରେ 'ରାମାଭିଷେକ' ନାମକ ବଙ୍ଗଳା ନାଟକ ଅଭିନୀତ ହେବାର ଦେଖି ରାମଶଙ୍କରଙ୍କ ମନରେ ଗଭୀର ଆଘାତ ଲାଗିଥିଲା। ଯାହାଦ୍ୱାରା ସେ ପ୍ରଭାବିତ ହୋଇ ଓଡ଼ିଆରେ ନାଟକ ଲେଖିବାକୁ ମନ ବଳାଇଲେ। 'ବାବାଜୀ'କୁ ପ୍ରଥମ ନାଟକ ବୋଲି ଗ୍ରହଣ କରୁଥିବା ସମାଲୋଚକମାନେ 'କାଞ୍ଚିକାବେରୀ'କୁ ପ୍ରଥମ ନାଟକର ମାନ୍ୟତା ଦେଇନାହାନ୍ତି।

ପ୍ରଥମାର ଏହି ଦୌଡ଼ରେ 'ପଦ୍ମାବତୀ ହରଣ', 'ଗୌରୀ ହରଣ', 'ଗୋପୀନାଥ ବଲ୍ଲଭ' ନାଟକମାନ ଆଧୁନିକତାର ଗୁଣାତ୍ମକ ଗଠନଭିତ୍ତିରେ ଓହରି ଯାଇଥିବାବେଳେ 'ବାବାଜୀ' ଓ 'କାଞ୍ଚିକାବେରୀ' ନାଟକଦ୍ୱୟ ଏଥିରେ ବଳବତ୍ତର ରହିଛନ୍ତି।

'ବାବାଜୀ' ନାଟକର ପାତ୍ରମୁଖୀ ସଂଳାପ ଓ ନାଟକୀୟ ଯୋଗ୍ୟତାକୁ ଲକ୍ଷ୍ୟକରି 'ଉତ୍କଳ ଦୀପିକା'ରେ କୁହାଯାଇଛି, "ନାଟକର ଭାଷା ଓ ରଚନାଛଟା କି ପ୍ରକାରର ହେବ ଏସବୁ ଅତି ଚମତ୍କାର ରୂପେ ଗ୍ରନ୍ଥକର୍ତ୍ତା ଦେଖାଇ ଅଛନ୍ତି।" ଏହାର ବସ୍ତୁକଳ୍ପନା, ଚରିତ୍ରଚିତ୍ରଣ ଓ ସଂଳାପ ସଂଯୋଜନା ଗୀତିନାଟ୍ୟ ଓ ଯାତ୍ରାଠୁ ଖୁବ୍ ଭିନ୍ନ ଓ ଉନ୍ନତ। ଅନ୍ୟପକ୍ଷରେ ଏକ ପୂର୍ଣ୍ଣାଙ୍ଗ ନାଟକ ପାଇଁ ଯେଉଁସବୁ ଉପାଦାନ ଏକାନ୍ତ ଅପରିହାର୍ଯ୍ୟ, ଯଥା: କାହାଣୀ, ଘଟଣା, ଚରିତ୍ର, ସଂଳାପ ଏସବୁ ଉକ୍ତ ନାଟକରେ ରହିଛି। ଏହାବ୍ୟତୀତ ଯେହେତୁ ନାଟ୍ୟକାର ଜଗନ୍ମୋହନ ନିଜେ ୧୮୭୫ ମସିହାରେ ରାଧକାନ୍ତ ରଙ୍ଗମଞ୍ଚ ସ୍ଥାପନ କରି ବିଭିନ୍ନ ନାଟକକୁ ମଞ୍ଚସ୍ଥ କରାଇଥିଲେ; ସେ ଯେ ନିଜର ପ୍ରଥମ ନାଟକକୁ ମଞ୍ଚସ୍ଥ କରାଇ ନଥିବେ, ତାହା କହିବା ବାହୁଲ୍ୟ ମାତ୍ର। ତେଣୁ ଏହିସବୁ କାରଣକୁ ଲକ୍ଷ୍ୟକରି 'ବାବାଜୀ'କୁ ଓଡ଼ିଆ ଭାଷାର ପ୍ରଥମ ନାଟକ ଭାବେ ଗ୍ରହଣ କରାଯାଇଥାଏ।

**କାଞ୍ଚିକାବେରୀ**

ତେବେ 'ବାବାଜୀ'କୁ ବିଭିନ୍ନ କାରଣରୁ ପ୍ରଥମ ନାଟକ ଭାବେ ଗ୍ରହଣ କରୁନଥିବା ଆଲୋଚକମାନେ ରାମଶଙ୍କରଙ୍କ ରଚିତ 'କାଞ୍ଚିକାବେରୀ' ନାଟକକୁ ପ୍ରଥମ ନାଟକର ମାନ୍ୟତା ଦେଇଛନ୍ତି। ଯେପରି ଫକୀରମୋହନ 'ଉତ୍କଳ ଭ୍ରମଣଂ'ରେ ଏସମ୍ପର୍କରେ ଲେଖିଛନ୍ତି-

"ହେ ରାମଶଙ୍କର ମୋର ମାନୁଛି ମନକୁ

ହୋଇପାର ଭାଇ ତୁମେ
ଗଉରି ପଛକୁ
ଓଡ଼ିଆ ନାଟକ ଆଉ
ନଭେଲର ଲେଖା
ପ୍ରଥମରେ ତୁମ୍ଭଠାରେ
ଗଲାସିନା ଦେଖା।"

**ରାମଶଙ୍କର ନିଜେ 'କାଞ୍ଚିକାବେରୀ' ନାଟକର ପ୍ରସ୍ତାବନାରେ ଏହାକୁ ପ୍ରଥମ ଓଡ଼ିଆ ନାଟକ ବୋଲି ଘୋଷଣା କରିଛନ୍ତି।**

ଏପରିକି ରାମଶଙ୍କର ନିଜେ 'କାଞ୍ଚିକାବେରୀ' ନାଟକର ପ୍ରସ୍ତାବନାରେ ଏହାକୁ ପ୍ରଥମ ଓଡ଼ିଆ ନାଟକ ବୋଲି ଘୋଷଣା କରିଛନ୍ତି। ମଧୁବାବୁ ମଧ୍ୟ ରାମଶଙ୍କର ରାୟଙ୍କୁ ପ୍ରଥମ ନାଟ୍ୟକାରର ମାନ୍ୟତା ଦେଇଛନ୍ତି। ଏହାବ୍ୟତୀତ ଗିରିଜାଶଙ୍କର ରାୟ ଓ ପ୍ରିୟରଞ୍ଜନ ସେନ୍ ରାମଶଙ୍କରଙ୍କୁ ପ୍ରଥମ ଓଡ଼ିଆ ନାଟ୍ୟକାର ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି।

ବିଭିନ୍ନ ସମାଲୋଚକଙ୍କ ମଧ୍ୟରୁ କେହିକେହି ନିଜ ଯୁକ୍ତିକୁ ପ୍ରତିଷ୍ଠା କରି ତ 'ବାବାଜୀ' ଓ 'କାଞ୍ଚିକାବେରୀ'କୁ ପ୍ରଥମ ନାଟକ ବୋଲି କହିଆସିଛନ୍ତି ଏବଂ ପାଠକ ତଦନୁଯାୟୀ ଗ୍ରହଣ ମଧ୍ୟ କରିଛନ୍ତି। 'ବାବାଜୀ' ଓ 'କାଞ୍ଚିକାବେରୀ' ଅନେକଙ୍କ ଦୃଷ୍ଟିରେ ପ୍ରଥମ ନାଟକର ମାନ୍ୟତା ପାଇଥିଲେ ହେଁ ଏହି ନାଟକଦ୍ୱୟର ସୃଷ୍ଟି ପଛରେ ରହିଛି 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ', 'ପଦ୍ମାବତୀ ହରଣ', 'ଗୌରୀ ହରଣ', 'ଗୋପୀନାଥ ବଲ୍ଲଭ' କୃତିମାନ। ଯେଉଁମାନେ ପ୍ରଥମ ନାଟକଟିଏ ସୃଷ୍ଟିହେବାର ମୂଳ ସମ୍ଭାବନାଟିକୁ ତିଆରି କରିଛନ୍ତି। ତେଣୁ ପ୍ରଥମ ନାଟକ ଭାବେ 'ବାବାଜୀ' ଓ 'କାଞ୍ଚିକାବେରୀ' ଯେତିକି ଗୁରୁତ୍ୱପୂର୍ଣ୍ଣ, ପାଖାପାଖି ସେହି ଗୋଟିଏ ସମୟଖଣ୍ଡରେ ନାଟକର ଭିତ୍ତିମୂଳ ସ୍ଥାପନ ପାଇଁ ଯେଉଁସବୁ ଅନ୍ୟକୃତିମାନ ରହିଛି, ସେସବୁ ସେତିକି ଗୁରୁତ୍ୱପୂର୍ଣ୍ଣ। ଯଦିଓ ଉକ୍ତକୃତିମାନ ପାଶ୍ଚାତ୍ୟ ଗୁଣାବଳୀ ଓ ଗାଠନିକ ରୀତିରେ ନାଟକ ହେବାର ସମ୍ଭାବନାଠୁ ପଛରେ ପଡ଼ିଯାଇଛନ୍ତି, କିନ୍ତୁ ସେମାନେ ମଧ୍ୟ ନିଜର ମୌଳିକତା ଓ ସ୍ୱତନ୍ତ୍ରତା ଦୃଷ୍ଟିରୁ ନାଟକ ପରମ୍ପରାରେ ପ୍ରଥମ ପଦବାଚ୍ୟ।

**ସହାୟକ ଗ୍ରନ୍ଥସୂଚୀ**


- ଦାସ, ବୀରକିଶୋର, ଯୁଗେ ଯୁଗେ ନାଟ୍ୟ ସାହିତ୍ୟ, କଟକ, ଓଡ଼ିଶା ବୁକ୍ ଷ୍ଟୋର, ନୂତନ ସଂସ୍କରଣ, ୧୯୮୧ ।
- ଦାସ, ସର୍ବେଶ୍ୱର, ଓଡ଼ିଆ ନାଟ୍ୟ ସାହିତ୍ୟ, ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ତୃତୀୟ ମୁଦ୍ରଣ, ୨୦୧୨ ।
- ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକ ଉଦ୍ଭବ ଓ ବିକାଶ, କଟକ, ଓଡ଼ିଶା ବୁକ୍ ଷ୍ଟୋର, ଦ୍ୱିତୀୟ ପ୍ରକାଶ,୧୯୯୩ ।
- ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ, କଟକ,ଏସ୍‌ବି ପବ୍ଲିକେଶନ୍‌ସ, ପ୍ରଥମ ସଂସ୍କରଣ,୨୦୦୩ ।
- ଦାସ, ହେମନ୍ତ କୁମାର, ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା, ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ପୁସ୍ତକ ଭବନ, ଦ୍ୱିତୀୟ ମୁଦ୍ରଣ,୨୦୨୪ ।
- ମିଶ୍ର, ଜ୍ଞାନୀ ଦେବାଶିଷ, ସମୟ ସହ କେଇ ପାଦ, ଭୁବନେଶ୍ୱର, ଟାଇମ୍‌ପାସ୍, ପ୍ରଥମ ସଂସ୍କରଣ, ୨୦୧୩।
- ସାହୁ, ନାରାୟଣ, ମଞ୍ଚ ଓ ନାଟକର କଳାକୌଶଳ, ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଦ୍ୱିତୀୟ ମୁଦ୍ରଣ,୨୦୦୭ ।


□□

ଲେଖିକାଙ୍କ ଇ-ମେଲ ଠିକଣା:
deepanath2025@gmail.com




ପ୍ରକାଶ ପାଇଲା !

**ଗ୍ରନ୍ଥ ମନ୍ଥନ**

*ଶ୍ରୀଜଗନ୍ନାଥ ଓ ଓଡ଼ିଶା ସମ୍ପର୍କିତ କେତେକ ଦୁର୍ଲଭ ଗ୍ରନ୍ଥର ଆଲୋଚନା*

**ଲେଖକ: ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**

ଆମାଜନରେ ଉପଲବ୍ଧ । ମୂଲ୍ୟ: ଟ.୨୭୯

**ବି.କେ. ପବ୍ଲିକେଶନ୍ସ ପ୍ରା.ଲିଃ, ଭୁବନେଶ୍ୱର**

**ଅଣୁ ନାଟକ**

# ଅସ୍ଥି ବିସର୍ଜନ



**ଅଭୟ ଦାଶ**

(ମଞ୍ଚ ପଛରେ ବେଳାଭୂମିର ଦୃଶ୍ୟ, ପଣ୍ଡିତ ଜଟାଧାରୀ ମିଶ୍ର ଆସନ ଉପରେ ବସି ପଇତା ସଜାଡୁଥାଆନ୍ତି, ମୋବାଇଲ୍ ବାଜିଲା)

ପଣ୍ଡିତ - (ମୋବାଇଲରେ) ହେଲୋ! କିଏ ? ମନୁବାବୁ ? ବାପାଙ୍କ ଅସ୍ଥି ବିସର୍ଜନ ? କେବେ ? ଉଁହୁଁ ମୋ' ପାଖରେ ଟାଇମ୍ ନାହିଁ । ଆପଣ ଆଉ କାହାକୁ ଦେଖନ୍ତୁ। ହଉ ରଖୁଛି । (ଆଗନ୍ତୁକଙ୍କ ପ୍ରବେଶ )

ଆଗନ୍ତୁକ - ଆଜ୍ଞା ପଣ୍ଡିତ ମହାଶୟ, ଓଳିକି ନମସ୍କାର। ଆଜ୍ଞା ମୁଁ ମୋହନ ଖଣ୍ଡାୟତ। ମଧୁ ଖଣ୍ଡାୟତଙ୍କ ପୁଅ। ବହୁଦିନୁ ଗାଁ ଛାଡ଼ିଲିଣି ଆଜ୍ଞା। ବାପାଙ୍କ ସାଙ୍ଗେ ଆପଣଙ୍କୁ ଦେଖିବା ମୋର ମନେଅଛି । ସେଥିପାଇଁ ତ ଆସିଛି ଆପଣଙ୍କ ପାଖକୁ।



ପଣ୍ଡିତ - ମୁଁ ଜାଣିଛି ତୁମେ ଆମେରିକାରେ ଅଛ ଅନେକ ଦିନରୁ। ବାପା ଚାଲିଯିବା ଖବର ମୁଁ ପାଇଛି। ବର୍ଷେ ଉପରେ ହୋଇଯିବଣି ବୋଧହୁଏ ?

ମୋହନ- ଆଜ୍ଞା ହଁ । ମୁଁ ଆସିଛି ବାପାଙ୍କ ଅସ୍ଥି ମହୋଦଧିରେ ବିସର୍ଜନ କରିଦେବି । ପ୍ରୟାଗରାଜ, ଗୟା ଯିବାକୁ ମୋ' ପାଖରେ ଟାଇମ୍ ନାହିଁ। କାଲି ଗୋଟାଏ ଦିନ ମୋ' ହାତରେ । ପରଦିନ ସକାଳୁ କଲିକତା ହୋଇ ଚାଲିଯିବି। ଆପଣ ସେ କାମରେ ମୋତେ ସାହାଯ୍ୟ କରନ୍ତୁ, ଆଶାକରି ଆସିଛି ।

ପଣ୍ଡିତ - ବାବୁରେ ମୁଁ କାଲି ଅନ୍ୟ କାମରେ ବ୍ୟସ୍ତ ଅଛି । ମୋ' ପାଖରେ ଟାଇମ୍ ନାହିଁ ।

ମୋହନ - ଆଉ କିଏ ନାହାନ୍ତି ?

ପଣ୍ଡିତ-ଦେଖୁଛି । (ଫୋନ୍‌ରେ ) କିଏ ଘନ ? ଆରେ ଆମର ଆପଣାର ପିଲାଟାଏ ମୋହନ; ଆମେରିକାରେ ଥାଏ। ତା' ବାପର ଅସ୍ଥି ପୁରୀ ମହୋଦଧିରେ ବିସର୍ଜନ କରିବ କାଲି। ମୋ' ପାଖରେ ଟାଇମ୍ ନାହିଁ । ତୁମେ କରିଦେଇପାରିବ ? (ମୋହନକୁ ଚାହିଁ) ଆଛା ଗୋଟାଏ କାମକର ।

ଦେଖ, ଏଇଲେ ପୂଜା ଘଡ଼ି କାହା ପାଖରେ ବେଳ ନାହିଁ । ମୁଁ ଭାବୁଛି ଡିଜିଟାଲ୍ ବିସର୍ଜନ କରିଦେବା ।

ମୋହନ - ଡିଜିଟାଲ ?

ପଣ୍ଡିତ - ହଁ ଡିଜିଟାଲ୍ । ମାନେ ଟେକ୍ନୋଲୋଜିର ପ୍ରୟୋଗ । ଆପଣ ତ ଏନ୍ ଆର୍ ଆଇ, ବୁଝିଯିବେ । ଆପଣ ଓ ଆଉ ଜଣେ ଆପଣଙ୍କ ସମ୍ପର୍କୀୟ ସମୁଦ୍ର ପାଣିରେ ପଶିବେ। ଗୋଟାଏ ହାତରେ ଅସ୍ଥି ପୁଡ଼ିଆ ଆର ହାତରେ ମୋବାଇଲ । ମୁଁ ଭିଡ଼ିଓରେ ମନ୍ତ୍ର ଛାଡ଼ିବି। ଆପଣ ସେଇ ଅନୁସାରେ କାମ କରିବେ।

ମୋହନ - ଠିକ୍ ଅଛି ସାର୍। ଦକ୍ଷିଣା ?

ପଣ୍ଡିତ - ଗୁଗୁଲ୍ ପେ ।

ମୋହନ - ଠିକ୍ ଅଛି ମୁଁ ସବୁ ଜିନିଷ ନେଇ ପହଞ୍ଚିଯିବି। ଆପଣ ହ୍ୱାଟ୍ସଆପ୍ କରିଦେବେ ।

(ମଞ୍ଚ ଅନ୍ଧାର ପରେ ପରେ ଆଲୋକିତ । ସମୁଦ୍ର ଗର୍ଜନ ଶବ୍ଦ ଶୁଭୁଛି । ସମୁଦ୍ରର ଦୃଶ୍ୟ । ମୋହନ ଓ ଅନ୍ୟ ଜଣେ ଠିଆହୋଇଛନ୍ତି । ଦୁହିଁଙ୍କ ହାତରେ ମୋବାଇଲ, ଫୁଲ, ଫଳ, ଅସ୍ଥି ପୁଡ଼ିଆ ।)

ଶୁଭିଲା ଭିଡ଼ିଓରେ: ନାଗସ୍ୟ ଗୋତ୍ରଃ ମଧୁ ଖଣ୍ଡାୟତ ନାମ ପ୍ରେତଃ । ହଠାତ୍ ଚଷମା ଓ ମୋବାଇଲ ଖସି ପଡ଼ିଲା ।

ମୋହନ - ଭାଇ ମୋବାଇଲ ତ ଗଲା । ଚଷମା ଭାସିଗଲା, କ'ଣ କରିବା ? ପଣ୍ଡିତଙ୍କ ପେମେଣ୍ଟ ତ ହୋଇଯାଇଛି। ଦେ ସେ ବାପାଙ୍କ ପୁଡ଼ିଆ ଫୁଲ ଫଳ ଭସାଇ ଦେ। ଚାଲ ଯିବା ।

(ନମସ୍କାର କରି ପଛକୁ ଚାହିଁଲେ) ମ୍ୟୁଜିକ୍ ।

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com



କବିତା

# ମଶାଣିର ଫୁଲ

ପ୍ରଦୀପ କୁମାର ଦାସ

ଗାଁ ଶେଷ ପଥେ ବିଲ ବନ ପାଖେ
ଆମ ଗାଁ ମଶାଣି ଭୂଇଁ
ଦୂବ ଘାସେ ଶେଯ ସଜାଇ ରଖିଛି
ଶାନ୍ତିରେ ଶୋଇବା ପାଇଁ ।
କୁଆଁ କୁଆଁ ରାବେ ଯେଉଁ ଦିନ ମୁହିଁ
କାନ୍ଦିଲି ଜନନୀ କୋଳେ
ସେ ଦିନୁ ଶାବକ ସାଜିଛି ଧାବକ
ଯିବା ଲାଗି ତା'ର କୋଳେ,
ମହାଯାତ୍ରା ସିନ୍ଧୁ ତୀରେ ।
ହସିଥିଲେ ବନ୍ଧୁ ଆମ୍ଭ ପରିଜନ
ଦେଖି ନବ କୁଳଦୀପ,
ସଦ୍ୟ ପ୍ରସ୍ଫୁଟିତ ସୁବାସେ ମହକ
ଖେଳିଥିଲା ଯାର ରୂପ ।
ଏନ୍ତୁଡ଼ି ନିଆଁରେ ପ୍ରାରମ୍ଭ ଜୀବନ
ଶେଷରେ ଚାହିଁଛି ଜୁଇ
ଜନମ ମରଣ ଏ ନିତି ଦିନିଆ
ବିଧିର ବିଧାନ ଏଇ ।
ବାହୁଡ଼ିବ ପିଣ୍ଡ ଛାଡ଼ିଲେ ପରାଣ
ତା' କୋଳେ ଶୋଇବା ପାଇଁ
ଜୀବନ ସଂଗ୍ରାମେ ସଂଗ୍ରାମୀ ପଥିକ
ପଥ ପ୍ରାନ୍ତେ ବସି ଭାଳେ,
ସେ ଦିନୁ ମଶାଣି ଅନାଇ ରହିଛି
କେବେ ଯିବି ତା'ର କୋଳେ ?
ସୁର ବୀର ନର ଅମିର ଫକିର
ଦାନୀ-ଜ୍ଞାନୀ-ମାନୀ କୃପଣ ଅଜ୍ଞାନ
ସାଜନ୍ତି ପଥିକି ଦିନେ
ସମ ଆଦରରେ ପାଛୋଟି ନିଏ ସେ
ପ୍ରଭେଦ ନ କରି ମନେ



ଶିଥିଳ ସୁଶାନ୍ତ ଅଟଇ ପ୍ରଶାନ୍ତ
ଶାନ୍ତି ମୁକ୍ତିର ସଦନେ ।
ଲୋଭ ପାପ ହିଂସା ଲମ୍ପଟପଣିଆ
ଇତର ଗୁଣରେ ଗଣା
କି ଲୋଡ଼ା ତହିଁରେ ରହି ଏ ମହୀରେ
ମହତ କରମ ବିନା ?
ଆସିଛି ଲଙ୍ଗଳା ଯିବି ଶୂନ୍ୟ ହୋଇ
କେହି ସଂଗତେ ନଯିବେ ପରା
ସତ୍ୟ ପ୍ରେମ ଶାନ୍ତି ଅହିଂସା କରମେ
ଉଡ଼େ କେତନ ଜଗତ ସାରା ।
ମୋ ପରି ଅକ୍ଷମ ଅଧମ ସନ୍ତାନ
ଭାବେ ସମୟର ତାଳେ
ଜଳିଛି ଏନ୍ତୁଡ଼ି ଜଳିବ ମୋ ଜୁଇ
ଆମ ଗାଁ ମଶାଣି କୋଳେ
ଯେଉଁ ଫୁଲ ଦିନେ ମହକ ଦେଖାଇ
ହସାଇଲା ଭିନ୍ନ ରୂପେ
ଝାଉଁଳି ଯିବ ସେ ବାସି ଫୁଲ ହୋଇ
ଗଗନ ତପନ ତାପେ
ମୋର ଜୁଇ ଦିନେ ଜଳିବ ସେଠାରେ
ମଶାଣିର ଫୁଲ ରୂପେ ।

କବିଙ୍କ ଇ-ମେଲ ଠିକଣା:
pradeepdasjsr@gmail.com

# ଦୁଇଟି ଅଣୁଗପ

ଜିନତମାମ ଦରଜୀ



## ପଥର

କଲେଜ ଯାଉଥିବା ପିଲାଟି ଚିଡ଼ୁ ଗଛ ତଳେ ଅଟକି ଗଲା । ଗଛ ତଳେ ଥିବା ପାଖାପାଖି ଦୁଇଟି ପଥର ମଧ୍ୟରୁ ଗୋଟିଏ ଉପରେ ରଖିଦେଲା ନିଜର ବ୍ୟାଗ, ଆଉ ଅନ୍ୟ ପଥର ଉପରେ ନିଜ ଗୋଡ଼ ରଖି ନିଜ ଜୋତାର ଫିତା ବାନ୍ଧିବାରେ ଲାଗିଲା । ପିଲାଟି ଚାଲିଗଲା ପରେ ପ୍ରଥମ ପଥରଟି ଦେଖିଲା ଦ୍ୱିତୀୟ ପଥରଟି ଦେଖାଯାଉଛି ଦୁଃଖିତ ଓ ବିଚଳିତ । ନିଜକୁ ରୋକିନପାରି ସାଥୀ ପଥରଟିକୁ ପଚାରିଲା,

-କ'ଣ ହେଲା ? ମୁଁ ଦେଖୁଛି ସେ ପିଲାଟି ଗଲା ପରଠୁ ତୁ ତୋ ସ୍ୱାଭାବିକ ଅବସ୍ଥାରେ ନାହୁଁ । ଦୁଃଖୀ ଓ ବିଚଳିତ ଜଣାପଡୁଛୁ  !!

-ମୁଁ ଅତ୍ୟନ୍ତ ଲଜ୍ଜିତ, ଅପମାନିତ ଅନୁଭବ କରୁଛି ସାଙ୍ଗ !!

-କିନ୍ତୁ କାହିଁକି ?

-ଦେଖିଲୁନି ସେ ପିଲାଟି କେମିତି ମତେ ଗୋଇଠା ମାରିଲା !

-ଏଥିରେ ଲଜ୍ଜିତ କିମ୍ୱା ଅପମାନିତ ହେବାର କ'ଣ ଅଛି ? ଆମେ ତ ପଥର ନା ? ଆମ ଜନ୍ମ ହିଁ ଗୋଇଠା ଖାଇବା ପାଇଁ ହେଇଛି । ମୁଁ ବି ତ ତା'ର ବୋଝ ବୋହିଲି, ଯାକୁ ନେଇ କ'ଣ ମୁଁ ଆଉ ଦୁଃଖିତ ହେବି ?

-ସବୁ ପଥରଙ୍କ ଭାଗ୍ୟ କିନ୍ତୁ ଏମିତି ନୁହେଁ ?

-ଆଉ ?

-ମୁଁ ଶୁଣିଛି ଆମ ଦେଶରେ ଅନେକ ଚମତ୍କାର ଶିଳ୍ପୀ ଅଛନ୍ତି । ସେମାନେ ପଥରଗୁଡ଼ିକୁ ମୂର୍ତ୍ତି ରୂପରେ ଗଢ଼ି ଦିଅନ୍ତି; ଖାସକରି ଈଶ୍ୱର ମୂର୍ତ୍ତି । ଆଉ ଯଦି ଥରେ ପଥର ଈଶ୍ୱର ମୂର୍ତ୍ତି ପାଲଟିଯାଏ ତା'ହେଲେ ତାକୁ କେହି ଗୋଇଠା ମାରି ପାରିବେନି; ପୂଜା କରିବେ ।

## ସ୍ୱାଭିମାନୀ

ସବୁଦିନେ ମୁଁ ଦେଖେ ନିଜର ନଇଁ ଆସୁଥିବା ଅଣ୍ଟାକୁ ଯଥାସମ୍ଭବ ସଳଖେଇବାର ନିଷ୍ଫଳ ଚେଷ୍ଟାକରି ସେ ହାରିଯାଆନ୍ତି । ଥକ୍କାହେଇ ବସି ପଡ଼ନ୍ତି ଆମ ଦୁଆର ପାଖରେ ଥିବା ସିମେଣ୍ଟ ବେଞ୍ଚରେ । ଏଥର ବି ଆସିଲେ । ପୂର୍ବ ପ୍ରକାର ଦୁଆରେ ବସିଲେ । ମୁଁ ଦେଖେ ସେ କେବେ କାହାକୁ କିଛି ମାଗନ୍ତି ନାହିଁ । ତାଙ୍କ ରୂପଭେକ ଦେଖି କେହି କିଛି ଦେଲେ ପ୍ରତି ବଦଳରେ ସେ ନିଜ କୋଥଳିରୁ କିଛି ଜିନିଷ ବାହାର କରିଦିଅନ୍ତି ।



ମୋତେ ଆଶ୍ଚର୍ଯ୍ୟ ଲାଗେ । ଭିକାରୁଣୀ ପରି ଦେଖାଯାଉଥିବା ଏଇ ସ୍ତ୍ରୀଲୋକ ଜଣକ କ'ଣ ଫେରାନ୍ତି ସମସ୍ତଙ୍କୁ ?

ଏଥର ମୁଁ ବି ତାଙ୍କୁ ଗୋଟିଏ ଗିନାରେ ଗିନାଏ ଚାଉଳ ଦେଲି । ଗିନାଟି ଫେରେଇବା ବେଳେ ମୁଁ ଦେଖିଲି ସେ ସେଥିରେ କିଛି ପଣସ ମଞ୍ଜି ରଖି ଫେରେଇଛନ୍ତି । ମୁଁ ପଚାରିଲି 'ଏଇଟା କଣ ମାଉସୀ...।' ଏବଂ ସେ କହିଲେ, 'ଝିଅ, ଯେତିକି ଚାଉଳ ତୁମେ ଦେଇଛ ସେଥିରେ ଏତିକି ହିଁ ହେବ ।'

ପରୋକ୍ଷରେ ସେ ଜଣେଇ ଦେବାକୁ ଚାହିଁଥିଲେ ଯେ ସେ ଭିକାରୁଣୀ ନୁହନ୍ତି ।  ଆଶ୍ଚର୍ଯ୍ୟ ! ମୁଁ ଆଜି ଜାଣିଲି ଯେ ସେ ଭିକ ନ ମାଗି ପଣସ ମଞ୍ଜି ବିକନ୍ତି ବୋଲି ।

□□

ଲେଖକଙ୍କ ଇ-ମେଲ ଠିକଣା:
Jinatamamdarjee@gmail.com



ଶିଶୁ ଗଳ୍ପ

# ହନୁମାଙ୍କଡ଼ର ପିଜୁଳି ବାଡ଼ି

ସଂଗ୍ରାମ କେଶରୀ ପୃଷ୍ଟି

ବଣ ଭିତରେ ହନୁମାଙ୍କଡ଼ର ଥିଲା ଗୋଟିଏ ସୁନ୍ଦର ପିଜୁଳି ବଗିଚା । ବଡ଼ ଯତନରେ ବଗିଚାକୁ କରିଥିଲା ସେ । ତା' ପିଜୁଳିବାଡ଼ି ଯିଏ ବି ଦେଖୁଥିଲା, ଖୁସି ହେଉଥିଲା । ବାରମାସୀ ପିଜୁଳିଗଛ ସବୁ ବଗିଚାର ଶୋଭା ବଢ଼ାଉଥିଲା । ବର୍ଷତମାମ ପିଜୁଳି ସବୁ ପେନ୍ଥାପେନ୍ଥା ହୋଇ ଗଛଡ଼ାଳରେ ଝୁଲୁଥିଲା । ହନୁ ମନ ଖୁସିରେ ପିଜୁଳି ଖାଉଥିଲା ।

ହନୁମାଙ୍କଡ଼ର ଏ ପିଜୁଳିବାଡ଼ି ଉପରେ ଥିଲା ସମସ୍ତଙ୍କର ଆଖି । ସେଇ ବାଟଦେଇ ଯିବାଆସିବା କରୁଥିବା ପଶୁପକ୍ଷୀମାନେ ପିଜୁଳି ସବୁ ଦେଖନ୍ତି । ଖାଇବାକୁ ମନ କରନ୍ତି । ହେଲେ ନିରାଶ ହୁଅନ୍ତି । କାହିଁକି ନା ହନୁମାଙ୍କଡ଼ ଥିଲା ଭାରି ଲୋଭୀ । କାହାକୁ ପିଜୁଳିଟାଏ ଦିଏନି । ବଗିଚାକୁ କିଏ ଆସିଲେ ଖରାପ ଭାଷା କହି ଘଉଡ଼ାଇଦିଏ ।



ଗଛମାନଙ୍କରେ ଗଛେ ଲେଖାଏଁ ପିଜୁଳି । ପିଜୁଳିସବୁ ପାଚି ତଳେପଡ଼ି ଶଡ଼ି ଯାଉଥାଏ । ତଥାପି ହନୁମାଙ୍କଡ଼ ସେଥିରୁ କାହାକୁ ଖାଇବାକୁ ଦେବାକୁ ମନ କରୁନଥାଏ । ତା'ର ଏ ଗୁଣ ପାଇଁ କେହି ତାକୁ ଭଲପାଉ ନଥାନ୍ତି । ଘୃଣା କରୁଥାନ୍ତି ।

ହନୁମାଙ୍କଡ଼ର ପ୍ରିୟ ସାଙ୍ଗ ଥିଲା ଠେକୁଆ । ସେ କେବେ କେମିତି ହନୁ ପାଖକୁ ଆସେ । ପୁଳେ ପିଜୁଳି ଖାଇ ଚାଲିଯାଏ । ଠେକୁଆ କିନ୍ତୁ ସାଙ୍ଗର ଏ କଞ୍ଜୁସ୍ ଗୁଣକୁ ଜମାରୁ ଭଲ ପାଏନାହିଁ । ସେ ସାଙ୍ଗକୁ ଅନେକ ବୁଝାଏ । ହେଲେ ହନୁମାଙ୍କଡ଼ କିଛି ବି ଶୁଣେନାହିଁ । ଓଲଟି କହେ:-

"ନାଇଁରେ ନାଇଁ,
ବଡ଼ ଶରଧାରେ ପିଜୁଳିବାଡ଼ିକୁ
କରିଛି ମୁହିଁ
ଯିଏ ଯାହା କହୁ, ଏଥିରୁ ପିଜୁଳି
ଦେବି ମୁଁ ନାହିଁ ।"

ଠେକୁଆ ଦେଖିଲା, ଯେତେ ଯାହା କହିଲେ ବି ହନୁ ସଙ୍ଗାତ ସୁଧୁରିବ ନାହିଁ । ଏତେ ସ୍ୱାର୍ଥପର ହେବାଟା ଜମାରୁ ଠିକ୍ ନୁହେଁ । ଆଜି ସିନା ସିଏ ଭଲ ଅଛି, ହେଲେ ସବୁଦିନ ତ ସମାନ ଯାଏନି । ଆଗକୁ ବି ବିପଦ ଯେ ନ ଆସିବ ସେକଥା କିଏ କହିବ । ତେଣୁ ଠେକୁଆ ସାଙ୍ଗକୁ ବଦଳାଇବା ପାଇଁ ବୁଦ୍ଧିଟିଏ ବାହାରକଲା । ଆଉ ସୁଯୋଗ ଅପେକ୍ଷାରେ ରହିଲା ।

କାର୍ତ୍ତିକ ମାସ ସରିବ ସରିବ ହେଉଛି । ଏମିତି ଏକ ବେଳାରେ ଠେକୁଆ ଯାଇ ହନୁମାଙ୍କଡ଼ ପାଖରେ ପହଞ୍ଚିଲା । କଅଁଳିଆ ଖରାରେ ବସି ଉଷୁମ ଟାଣୁଥାଏ ହନୁମାଙ୍କଡ଼ । ଠେକୁଆକୁ ଦେଖି ସେ ଖୁସିହେଲା । ଅବେଳରେ ଆସିବାର କାରଣ ପଚାରିଲା ।

ଠେକୁଆ ଉତ୍ତର ଦେଲା:

"ପୁଣ୍ୟ ମାସ ଏଇ କାର୍ତ୍ତିକ ମାସ
ପାଞ୍ଚଦିନ ପରେ ହୋଇବ ଶେଷ
ଆସ ହେ ସଙ୍ଗାତ ଆସ
ନଈ-ପୋଖରୀରେ ବୁଡ଼ ପକାଇବା
ପାପକୁ କରିବା ନାଶ ।"

"ଏଁ... ଏମିତି କଥା ! ପଙ୍କରେ ବୁଡ଼ ପକାଇଲେ ପୁଣ୍ୟ ମିଳିଥାଏ । ପାପ ଦୂର ହୋଇଥାଏ ? ବଢ଼ିଆ କଥା ତ !" ହନୁମାଙ୍କଡ଼ କହିଲା ।

ହନୁମାଙ୍କଡ଼ ବାଟକୁ ଆସିବାର ଦେଖି ଠେକୁଆ କହିଲା - "ହଁ ପରା ସାଙ୍ଗ । ସେଇଥିପାଇଁ ତ ସମସ୍ତେ ଭୋର୍ ସକାଳୁ ପାଣିରେ ବୁଡ଼ ପକାଇଥାନ୍ତି । ଆମେ ଏ ସୁଯୋଗ ଛାଡ଼ିବା

କାହିଁକି ? ଚାଲ, କାଲି ସକାଳୁ ପାଣିରେ ଆମେ ବୁଡ଼ ପକାଇ ଆସିବା ।”



ଠେକୁଆ କଥାରେ ହନୁମାଙ୍କଡ଼ ହଁ ଭରିଲା । ତା’ ପରଦିନ ଭୋର୍ ସକାଳୁ ଦୁଇସାଙ୍ଗ ବାହାରିଲେ । ପାଣି ଖୋଜି ଖୋଜି ଗୁଡ଼ାଏ ବାଟ ଚାଲିଗଲେ । ପାଖରେ ଘୋ... ଘୋ... ଗର୍ଜନ କରୁଥାଏ ସମୁଦ୍ର । ତା’ ଲହଡ଼ି କୂଳକୁ ମାଡ଼ି ଆସୁଥାଏ, ପୁଣି ଚାଲିଯାଉଥାଏ ।

ସମୁଦ୍ର ପାଣିକୁ ଦେଖି ଦୁଇସାଙ୍ଗ ଖୁସିହେଲେ । ଭିତରକୁ ଯାଇ ପାଣିରେ ବୁଡ଼ ପକାଇଲେ । ଢ଼ୋକେପାଣି ଯେମିତି ହନୁମାଙ୍କଡ଼ ପାଟିରେ ପଶିଛି, ସେ ରଡ଼ି ଛାଡ଼ିଲା – ‘ଆରେ ସାଙ୍ଗ, ଏ ପାଣି ତ ଲୁଣିଆ । ଥୁଃ... ଥୁଃ... ଥୁଃ... ଏତେ ପାଣି ଅଥଚ ଲୁଣିଆ । ଯା’ ପାଣି କିଏ ଭଲା ପିଇବ କହିଲୁ ।”

ଠେକୁଆ ବୁଝାଇଲା – “ଛାଡ଼ ସାଙ୍ଗ । କାଲି ଆମେ ନଈକୁ ଯିବା । ସେଇଠି ବୁଡ଼ ପକାଇବା ।”

ଦୁଇସାଙ୍ଗ ବୁଡ଼ ପକାଇ ଘରକୁ ଚାଲିଗଲେ । ପୁଣି ତା’ ପରଦିନ ବଡ଼ି ଭୋର୍‌ରୁ ବାହାରିପଡ଼ିଲେ । ଏଥର ଦୁହେଁ ନଈକୂଳକୁ ଗଲେ । ନଈପାଣି ଖଳଖଳ ହୋଇ ଆଗକୁ ବୋହି ଚାଲିଥାଏ । ଦୁଇସାଙ୍ଗ ନଈପାଣିରେ ବୁଡ଼ ପକାଇଲେ । ନଈପାଣି ହନୁମାଙ୍କଡ଼କୁ ଭାରି ଭଲ ଲାଗିଲା । ତାହା ସମୁଦ୍ର ପାଣିପରି ଲୁଣିଆ ନଥିଲା । ମଧୁର ଥିଲା ।

ନଈପାଣିରେ ବୁଡ଼ ପକାଇସାରି ଦୁହେଁ ଉପରକୁ ଉଠିଲେ । ଏତିକିବେଳେ ହନୁମାଙ୍କଡ଼ ମୁଣ୍ଡରେ କ’ଣ ଜୁଟିଲା କେଜାଣି ପଚାରିଦେଲା – “ଆଚ୍ଛା, କହିଲୁ ସାଙ୍ଗ ! ସମୁଦ୍ର ପାଣି ଏତେ ଲୁଣିଆ ଆଉ ନଈପାଣି ଏତେ ମଧୁର କାହିଁକି ?”

ସଙ୍ଗାତ ବାଟକୁ ଆସିବାର ଦେଖି ଠେକୁଆ ବୁଝାଇଦେଲା – “ବୁଝିଲ ସାଙ୍ଗ, ନଈ ଯାହା ପାଏ ବେଶୀ ବାଣ୍ଟିଦିଏ । କିନ୍ତୁ ସମୁଦ୍ର କଞ୍ଜୁସ୍ ହୋଇ ସବୁକିଛି ନିଜ ପାଖରେ ରଖେ । ନିଜ କାମରେ ଆସୁନଥିବା ଏହି ସ୍ୱାର୍ଥର ଫଳ ନିଷ୍ଫଳ ହୋଇଥାଏ । ତେଣୁ ତା’ ପାଣି ଲୁଣିଆ । ସେଇଥିଲାଗି ସଭିଏଁ ନଈର ମିଠାପାଣି ପିଅନ୍ତି । ତାକୁ ଆଦର କରନ୍ତି । ସମୁଦ୍ର ପାଣିକୁ ପିଅନ୍ତିନି । ସେଥିରେ ଶୋଷ ବି ମେଣ୍ଟେନାହିଁ । ତେଣୁ ସମୁଦ୍ର ଏଥିରେ ଭଲା ଆଦର ପାଇବ କୋଉଠୁ ! ଏଣୁ ନିଃସ୍ୱାର୍ଥପର ଭାବରେ କାମ କରିବାରେ ହିଁ ଆନନ୍ଦ ଥାଏ । ଜୀବନ ସାର୍ଥକ ହୁଏ ।”

ଠେକୁଆର କଥା ପଦକ ହନୁମାଙ୍କଡ଼ ମନକୁ ବେଶ୍ ପାଇଲା । ତା’ ମନରେ ଆସିଲା ଏକ ବିରାଟ ପରିବର୍ତ୍ତନ । ଦୁହେଁ ଘରକୁ ଫେରିଗଲେ ।

ତା’ପରଦିନ ହନୁମାଙ୍କଡ଼ ପିଜୁଳିବାଡ଼ିରେ ଥିଲା ପଶୁପକ୍ଷୀଙ୍କ ଭିଡ଼ । ସମସ୍ତେ ଖୁସି ମନରେ ପାଚିଲା ପିଜୁଳିସବୁ ଖାଉଥିଲେ । ସେମାନଙ୍କ ରାବରେ ପିଜୁଳିବାଡ଼ି ସତେ ଯେମିତି ହସିଉଠୁଥିଲା । ଅନେକଦିନ ପରେ ହନୁମାଙ୍କଡ଼ ମୁହଁରେ ଲାଗି ରହିଥିଲା ଆତ୍ମତୃପ୍ତିର ମିଠା ହସଟିଏ ।

□□

ଲେଖକଙ୍କ ଇ-ମେଲ ଠିକଣା:
sangramprusty2012@gmail.com

**ବର୍ତ୍ତମାନ ‘ଗୁଗୁଲ୍ ପ୍ଲେ-ବୁକ୍ସ’ରେ ପଢ଼ନ୍ତୁ ‘ସାହିତ୍ୟ ଚର୍ଚ୍ଚା’ ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ ।**

Google Play Books

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୨୩.୬୦
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)




**ପୁସ୍ତକ ସମୀକ୍ଷା**

# ମାଛ କଥା

ଲେଖକ : ନଟବର ଷଡ଼ଙ୍ଗୀ
ପ୍ରକାଶକ: ସମଦୃଷ୍ଟି ଓ ତୀରତରଙ୍ଗ
ପୃଷ୍ଠା: ୧୨୮, ମୂଲ୍ୟ: ଟ. ୧୭୫/-

ସୁପରିଚିତ କୃଷି ବିଶେଷଜ୍ଞ ନଟବର ଷଡଙ୍ଗୀଙ୍କ କଲମରୁ ରୂପ ନେଇଥିବା 'ମାଛ କଥା' କେବଳ ମାଛ ସମ୍ପର୍କୀୟ ଏକ ତଥ୍ୟପ୍ରଦ ପୁସ୍ତକ ହିଁ ନୁହେଁ, ଏହା ମଧ୍ୟ ପାଠକଙ୍କ ମନକୁ ଅନୁପମ ଭାବରେ ସ୍ପର୍ଶ କରିପାରୁଥିବା ଏକ ନିଆରା ସାହିତ୍ୟର ନିଦର୍ଶନ। ବହିଟି ପଢ଼ିବା ବେଳେ ଆଖି ଆଗରେ ନାଚିଯାଏ ସୁଲେଖକ ବୈଷ୍ଣବ ଚରଣ ମହାନ୍ତିଙ୍କ 'ପାନ ଓ ପ୍ରିୟତମା' ପୁସ୍ତକ, ଯେଉଁଥିରେ ମଧ୍ୟ ଅନୁରୂପ ଭାବରେ ପାନ ଭଳି ଏକ ସାମାନ୍ୟ ବସ୍ତୁକୁ ସାହିତ୍ୟର ଜାମା ପିନ୍ଧାଇ ଗୌରବଶାଳୀ କରାଯାଇଛି। ସେହିପରି ମଧ୍ୟ ସ୍ମରଣକୁ ଆସେ ଏହି ପର୍ଯ୍ୟାୟର ଆଉ ଗୋଟିଏ ବହି, ବୈକୁଣ୍ଠନାଥ ମିଶ୍ରଙ୍କର 'ମୁଢ଼ି'। ଅନୁରୂପ ଭାବରେ ଆଲୋଚ୍ୟ ପୁସ୍ତକଟିରେ ଆମ ଭୋଜନର ଏକ ଲୋଭନୀୟ ଅଂଶ ସାଜିବାର ନିୟତି ନେଇ ଜନ୍ମ ନେଇଥିବା ନିରୀହ ପ୍ରାଣୀ, ମାଛର ଗୋଟିଏ ନିଆରା ପରିଚୟ ଗଢ଼ିତୋଳିଛନ୍ତି ଲେଖକ। ସୂଚିପତ୍ରରେ ଥିବା କେତେକ ଅଧ୍ୟାୟର ଶିରୋନାମାରୁ ଏହାର ସ୍ପଷ୍ଟ ଆଭାସ ମିଳେ; ଯଥା, 'ବିକାଶ ଯଜ୍ଞରେ ମାଛ ଆହୁତି', 'ଧର୍ମ, ସଂସ୍କୃତି ଓ ପରମ୍ପରାରେ ମାଛ', 'ମାଛଧରା, ଭାଗ ବଣ୍ଟା ଓ ଶାଶୂ ବୋହୂ କଳି', 'ଆମ ପିଲାଦିନ: ବର୍ଷକ ବାରମାସ ମାଛ ଭାତ,' ତଥା 'ମାଛର ଉତ୍ପତ୍ତି ଓ ବିବିଧତା'। ଗୋଟିଏ କଥାରେ କହିଲେ ଏହା ମାଛକୁ ଆଧାର କରି ବିଜ୍ଞାନ, କୃଷି, ସଂସ୍ମରଣ, ସଂସ୍କୃତି ଓ ସାହିତ୍ୟର ଏକ ମିଶାମିଶି ପ୍ରସ୍ତୁତି।

ଲେଖକଙ୍କ ବର୍ଣ୍ଣନା ଶୈଳୀରେ ଆତ୍ମୀୟତା ଭରପୂର। ଆସନ୍ତୁ ଦେଖିବା, ଇଲିସି ମାସର କଥା କହିବା ବେଳେ ସେ କେମିତି ନିଜ ପିଲାଦିନର ସ୍ମୃତିକୁ ଉଖାରିଛନ୍ତି, "ଇଲିସି ମାଛରେ ବହୁତ କଂଟା। ଡରିବାର ନାହିଁ। ଖାଇବା ଘର ପୁଅ ଝିଅ ତ ରଙ୍କ। ମାଛ ଖରଡ଼ା ବେଳୁ ବାସ ଚହଟିଗଲାଣି। ମା'ତ ପୁଅର ପେଟ ଚିହ୍ନିବା ଲୋକ। ଇଲିସି କରେଇରେ ଖରଡ଼ା ବେଳେ ବୋଉ ମୋତେ ୨/୩ ଖଣ୍ଡ ଦେଇଦିଏ। ନିଆଁ ବାହାରୁଥାଏ। ମୁଁ ଟାଉଟାଉ କରି ଖାଇଦେବାକୁ ଚାହେଁ। ପାଟି ପୋଡ଼ି ଯାଉଥାଏ। ଦେଖିଲା ଲୋକ ଭାବିବ ସତେ ଯେପରି ବର୍ଷେ ଛଅ ମାସ ହେଲା କିଛି ଖାଇନି। ଇଲିସି ମାଛକୁ ମାନିବାକୁ ହେବ। ମିଛରେ କ'ଣ ବଂଗାଳି ଇଲିସି ମାୟାରେ ପଡ଼ି ବାଉଳା ଚାଉଳା ହୁଅନ୍ତି!" (ପୃ- ୮୧)

କେବଳ ମାଛ ନୁହେଁ, ଏହାର ଏକ ବିକଳ୍ପ ଭାବରେ ଗେଣ୍ଡା ଓ କଙ୍କଡ଼ାଙ୍କ କଥା ମଧ୍ୟ କହିଛନ୍ତି ଲେଖକ। ସେ ସୂଚାଇଛନ୍ତି ଯେ ଗେଣ୍ଡା ମାଂସରେ ପୁଷ୍ଟିସାର ଓ ସ୍ନେହସାର ଖୁନ୍ଦି ହୋଇ ରହିଛି। ଏ ସବୁକୁ ଖାଇ କେଉଟମାନେ ଖୁବ୍ ସବଳ ଓ ନିରୋଗୀ ଥିଲେ। ଲେଖକ ନିଜର ଅଙ୍ଗେ ନିଭେଇଥିବା ଅନୁଭୂତିରୁ କହିଛନ୍ତି ଯେ ଗେଣ୍ଡାର ମାଂସ ଖାଇ ସେ ସମୟରେ ଲୋକମାନେ ଦୁଃସାଧ୍ୟ ରୋଗ ଟି.ବି.ଜନିତ ଶରୀର ଦୁର୍ବଳତାରୁ ମଧ୍ୟ ଉପଶମ ଲାଭ କରୁଥିଲେ।

ଏହି ପୁସ୍ତକ ସୂଚାଇଦିଏ ଯେ ମାଛ ପ୍ରତି ଆବାଲ୍ୟ ରୁଚି ଏବଂ ପରେ ପରିଣତ ବୟସରେ ଜଣେ ବୈଜ୍ଞାନିକ ହେବାପରେ ମାଛଚାଷର ଏକ ଗହନ ଅଧ୍ୟୟନର ପରିଣାମରେ ହିଁ ଲେଖକ ଏହା ରଚନା କରିବାପାଇଁ ସକ୍ଷମ ହୋଇଛନ୍ତି। କିନ୍ତୁ ଏହାକୁ ଏକ ନିରସ ତଥ୍ୟାଶ୍ରୟୀ ପୁସ୍ତକଟିଏ ମାତ୍ର ଭାବରେ ପ୍ରସ୍ତୁତ କରିବାରୁ ସେ ବିରତ ହୋଇଛନ୍ତି। ବରଂ ସେଥିରେ ଖୋଜି ପାଇଛନ୍ତି ହୃଦୟସ୍ପର୍ଶୀ ସାହିତ୍ୟର ସମ୍ଭାବନା। ଲକ୍ଷ୍ୟ କରିବାର କଥା ଯେ ବହିଟିକୁ ସେ ସମର୍ପଣ କରିଛନ୍ତି, 'ତଥାକଥିତ ବିକାଶର ରଥଚକା ତଳେ ପେଶି ହୋଇ ଜୀବିକା ହରାଇଥିବା ଲକ୍ଷ ଲକ୍ଷ ମତ୍ସ୍ୟଜୀବୀଙ୍କ ଉଦ୍ଦେଶ୍ୟରେ।'

**ନିହାର ଶତପଥୀ**

# ସାହିତ୍ୟ ସମାଚାର

## ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଖୋଲିବ 'ସେଣ୍ଟର୍ ଫର୍ ଓଡ଼ିଆ ଷ୍ଟଡିଜ୍'




କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା କ୍ରମେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଶୀଘ୍ର ଖୋଲିବାକୁ ଯାଉଛି ଏକ 'ସେଣ୍ଟର୍ ଫର୍ ଓଡ଼ିଆ ଷ୍ଟଡିଜ୍'। ଦେଶର ରାଜଧାନୀରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଷୟରେ ଉଚ୍ଚତର ଅଧ୍ୟୟନ ଓ ଗବେଷଣା ପାଇଁ ଏହା ପଥ ପ୍ରଶସ୍ତ କରିବ। ଦେଶର କୌଣସି ବିଶ୍ୱବିଦ୍ୟାଳୟରେ ଗୋଟିଏ ଭାଷାର ଏହିଭଳି ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା ହେବା ଏହା ସର୍ବପ୍ରଥମ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଡିନ୍ ବଳରାମ ପାଣି ଏ ବିଷୟରେ ସୂଚନା ଦେଇ କହିଛନ୍ତି ଯେ ଏହି କେନ୍ଦ୍ର ପ୍ରତିଷ୍ଠା ପାଇଁ ଗୋଟିଏ ପ୍ରସ୍ତାବ ୟୁ.ଜି.ସିକୁ ପଠାଯାଇଛି। ଆବଶ୍ୟକ ମଞ୍ଜୁରୀ ପାଇବା ପରେ ଆସନ୍ତା ବର୍ଷଠାରୁ ଏହି କେନ୍ଦ୍ରରେ ଓଡ଼ିଆ ବିଷୟରେ ଏମ୍.ଏ, ପିଏଚ୍.ଡି ତଥା ପୋଷ୍ଟ-ପିଏଚ୍.ଡି ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ। ଏହି ଅଧ୍ୟୟନ କେନ୍ଦ୍ର ବାବଦରେ ୩୯ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ଯୋଗେଶ ସିଂହ ଏ ବିଷୟରେ ଏକ ବିବୃତି ଦେଇ କହିଛନ୍ତି ଯେ ଏହି କେନ୍ଦ୍ର ପ୍ରତିଷ୍ଠା ହେବାପରେ ଆଗାମୀ ପିଢ଼ି ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅଧ୍ୟୟନ ଉଦ୍ଦେଶ୍ୟରେ ଏକ ନୂତନ ସୁଯୋଗ ସୃଷ୍ଟି ହେବ।

ଏଠାରେ ପ୍ରକାଶଯୋଗ୍ୟ ଯେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ସ୍ୱର୍ଗତ ଖଗେଶ୍ୱର ମହାପାତ୍ରଙ୍କ ଉପସ୍ଥିତିରେ ୧୯୭୧ ମସିହାଠାରୁ ଓଡ଼ିଆ ଭାଷାରେ ଏକ ସାର୍ଟିଫିକେଟ୍ ଓ ଡିପ୍ଲୋମା କାର୍ଯ୍ୟକ୍ରମ ଚାଲିଆସୁଥିଲା; କିନ୍ତୁ ପରବର୍ତ୍ତୀ କାଳରେ ଛାତ୍ର ଅଭାବରୁ ଏହା ବନ୍ଦ ହୋଇଯାଇଥିଲା।

## ସ୍ତମ୍ଭସାହିତ୍ୟ ବିଷୟକ ଆଲୋଚନାରେ ଭାଗନେଲେ ଅନେକ ସ୍ତମ୍ଭକାର




ଓଡ଼ିଶା ସାହିତ୍ୟ ଏକାଡେମୀ ଓ 'ଶବ୍ଦସ୍ପର୍ଶ' ଅନୁଷ୍ଠାନର ମିଳିତ ଆୟୋଜନକ୍ରମେ ଭୁବନେଶ୍ୱରର ଗୀତଗୋବିନ୍ଦ ସଦନଠାରେ ଡିସେମ୍ବର ଚାରି ତାରିଖରେ ଓଡ଼ିଆ ସ୍ତମ୍ଭସାହିତ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଅନେକ ସୁପରିଚିତ ସ୍ତମ୍ଭକାର ଯୋଗଦେଇ ସ୍ତମ୍ଭସାହିତ୍ୟ ବିଷୟରେ ହୋଇଥିବା ଏକ ଉପଯୋଗୀ ବିଚାର-ବିମର୍ଶରେ ଭାଗନେଇଥିଲେ। କିନ୍ତୁ ତିନୋଟି ଅଧିବେଶନରେ ଆୟୋଜିତ ହେବାକୁ ଥିବା ଏହି ଆଲୋଚନାଚକ୍ରଟିକୁ ସମୟାଭାବରୁ ମାତ୍ର ଦୁଇଟି ଅଧିବେଶନରେ ସୀମିତ କରିଦିଆଯାଇଥିଲା। ଫଳରେ ଅନେକ ସ୍ତମ୍ଭକାର ନିଜର ବକ୍ତବ୍ୟକୁ ସମ୍ପୂର୍ଣ୍ଣ ଭାବରେ ପରିପ୍ରକାଶ କରିପାରିନଥିଲେ। ପୂର୍ବାହ୍ଣ ୧୧ଟା ବେଳେ ଆରମ୍ଭ ହୋଇଥିବା ଏହି ଆଲୋଚନାଚକ୍ରରେ ରାଜ୍ୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦାନ କରିବାର କାର୍ଯ୍ୟକ୍ରମ ଥିଲେ ହେଁ କେତେକ କାରଣରୁ ସେ ସଭାରେ ଉପସ୍ଥିତ ହୋଇପାରିନଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ଆଲୋଚନା ଆରମ୍ଭ କରି କହିଲେ ଯେ ସ୍ତମ୍ଭକାରମାନେ ହେଉଛନ୍ତି ଗଣତନ୍ତ୍ରର ପଞ୍ଚମ ପ୍ରହରୀ ଏବଂ ଏକ ବସ୍ତୁନିଷ୍ଠ ବିଶ୍ଳେଷଣ ହେଉଛି ସ୍ତମ୍ଭସାହିତ୍ୟର ଆଧାର। 'ପ୍ରଗତିବାଦୀ'ର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ କହିଲେ ଯେ ସ୍ତମ୍ଭକୁ ସାହିତ୍ୟ ଭାବରେ ସ୍ୱୀକୃତି ଦିଆଯାଇପାରିନଥିବା ପରିତାପର ବିଷୟ।

# ଶେଷ ପୃଷ୍ଠା



ପ୍ରଶାନ୍ତ ଭୂୟାଁ

# ବ୍ୟୁକ୍ରାନ୍ତା*

ଇଂରାଜୀ ନବବର୍ଷାରମ୍ଭର ଏଇ ଶେଷପୃଷ୍ଠାରେ ଆପଣଙ୍କ ପାଇଁ ଶୁଭେଚ୍ଛା। ନବବର୍ଷର ପ୍ରତ୍ୟେକ ମୁହୂର୍ତ୍ତ ଆପଣଙ୍କ ପାଇଁ ପୂଣ୍ୟାହ ହେଉ ପାଠକକୁଳ, ଲେଖକକୁଳ, ପ୍ରକାଶକକୁଳ ଓ ସର୍ବୋପରି ଆଦର୍ଶ ସମୀକ୍ଷକକୁଳ।

ସାମ୍ପ୍ରତିକ ପ୍ରେକ୍ଷାପଟ୍ଟରେ ଯେତେବେଳେ ଓଡ଼ିଆ ସାହିତ୍ୟ ସଂସାରକୁ ଦେଖୁଛି; ଢଗଟିଏ ପଇଟୁଛି ମନରେ:

"ତେଲ ଲଗେଇବ ହାବା ଗେବା, ଖାଇ ବସିବ ଆଗା।
ଶୋଇ ପଡ଼ିଥିବ ଚିତି ହୋଇ, ମାଡ଼ି ବସିଥିବ ଜାଗା।"

ଇଏ ହେଲା ଆଜିକାଲିର ସାହିତ୍ୟିକଙ୍କ ରଙ୍ଗଢଙ୍ଗ। ଏଣୁ ମୂଳରୁ କହେ; ଆଜିର ଓଡ଼ିଆ ସାହିତ୍ୟ ମଣ୍ଡଳୀରେ ଏକ ଅଦ୍ଭୁତ ଦ୍ୱନ୍ଦ୍ୱ ଦେଖାଯାଉଛି; ପାଠକ, ଲେଖକ, ପ୍ରକାଶକ ଓ ସମାଲୋଚକ ସମସ୍ତେ ଏକ ମଞ୍ଚରେ ଥିଲେ ମଧ୍ୟ ତାଙ୍କ ଭୂମିକା ଅସ୍ପଷ୍ଟ। ସବୁ ବ୍ୟୁକ୍ରାନ୍ତା ଏବେ। ସାହିତ୍ୟ ଏବେ ସାହିତ୍ୟିକଙ୍କ କେବଳ ଚିନ୍ତା ଓ ଚେତନାର ସାଧନ ନୁହେଁ; ଏହା ଗୋଟିଏ ସାମାଜିକ ପରିଚୟ, ମର୍ଯ୍ୟାଦା ଓ ବଡ଼ଲୋକି ହେବାର ଅବରିତଦ୍ୱାର ହୋଇଯାଇଛି। ଫଳରେ, ଅନେକେ ଏହି ଭାଷା ଓ ସାହିତ୍ୟ ଗଙ୍ଗାରେ କେବଳ ସ୍ନାନ କରିବା ପାଇଁ ନୁହେଁ, ବରଂଚ ସ୍ୱଦେହରେ ମଞ୍ଚସ୍ୱର୍ଗରେ ପୁରସ୍କୃତ ହେବା ପାଇଁ ସାହିତ୍ୟଗଙ୍ଗାରେ ଲମ୍ଫ ଦେଉଛନ୍ତି।

ଭାଷା ଓ ସାହିତ୍ୟର ବିବର୍ତ୍ତନ ପଥରେ; ଶ୍ରୁତିରୁ ଲେଖା, ଲେଖାରୁ ମୁଦ୍ରଣ, ମୁଦ୍ରଣରୁ ପରଦାପାଠ, ପ୍ରଭୃତି ଦେଇ ଏବେ ବୃତ୍ତପଥରେ ପୁଣି ସେଇ ଶ୍ରୁତିସାହିତ୍ୟକୁ ଆମେ ଧୀରେଧୀରେ ଫେରୁଛେ। ପରମବ୍ରହ୍ମ, ବ୍ରହ୍ମାଣ୍ଡତତ୍ତ୍ୱ, ପୃଥିବୀ, ଶାସକ, ସମାଜ, ପ୍ରଭୃତିଙ୍କ ସ୍ତୁତିରଚନା ପରେ ସାହିତ୍ୟ ଏବେ ମାନବତତ୍ତ୍ୱକୁ ସାଉଁଟିବାରେ ଲାଗିଛି। ସମାଜର ବିଦଳିତଙ୍କ ପାଇଁ ସ୍ୱର ଉଠିଛି ଏବେ। ନାରୀ ସଶକ୍ତୀକରଣର ସ୍ୱର ଉତ୍ତୋଳନ ହେଉଛି।

ଆଧୁନିକ ପ୍ରଯୁକ୍ତି ଓ ବଜାର ବ୍ୟବସ୍ଥା ସାହିତ୍ୟକୁ ନୂଆ ରୂପ ଦେଇଛି। ଓଡ଼ିଆ ପୁସ୍ତକ ଏବେ ଆମାଜନ, କିଣ୍ଡଲ, ପ୍ରିଣ୍ଟ-ଅନ୍-ଡିମାଣ୍ଡରେ ଉପଲବ୍ଧ। ଏଣୁ ତ ପୁସ୍ତକ ଦୋକାନର ଗହଳିଆ ଥାକରୁ, ପୁସ୍ତକ ମେଳା ତଥା ପ୍ରଦର୍ଶନୀର ଆଲୋକିତ ମଞ୍ଚକୁ ଆସିଛି। ପାଠକ ଏବେ ଗ୍ରନ୍ଥାଳୟର ନିରବତା ଛାଡ଼ି ଲେଖକ ସହ ମିଶିବା, ସ୍ୱଛବି ନେବା, ଓ ଆଲୋଚନା କରିବାକୁ ଚାହୁଁଛି। ଚା ଦୋକାନ ଓ କଫି କାଫେରେ ପୁସ୍ତକ ରଖାଯାଉଛି; ପଢ଼ା ସହ ପ୍ରେମ ଆଲୋଚନାର ଆକର୍ଷଣ। ଏହି ପ୍ରସଙ୍ଗରେ ପ୍ରତିଭା ରାୟଙ୍କର ଭାଲେଣ୍ଟାଇନ୍ ଡେ'କୁ "ବୁକ୍ ଡେ" କରିବାର ଆହ୍ୱାନ ଏକ ସାମ୍ପ୍ରତିକ ସାଦରସମ୍ଭାଷଣ।

ସାମ୍ପ୍ରତିକ ସାହିତ୍ୟ ଆଡ଼ମ୍ବରର ପଟପ୍ରାନ୍ତ ତଳେ ଗୁଣଗତ ସଙ୍କଟ ଲୁଚି ରହିଛି। ଅନେକ ପୁସ୍ତକରେ ଭାଷା, ଶବ୍ଦଚୟନ, ବିଷୟବସ୍ତୁ ଓ ବ୍ୟାଖ୍ୟାରେ ନୀତିଗତ ଓ ସାହିତ୍ୟିକ ଦାୟିତ୍ୱ ହ୍ରାସ ପାଉଛି। ଅଧିକାଂଶ ପ୍ରକାଶକ ନିଜ ପ୍ରକାଶନ ବଜାର ବଞ୍ଚାଇବାରେ ବ୍ୟସ୍ତ, ସାହିତ୍ୟ ସମାଲୋଚନା ପ୍ରାୟତଃ ସ୍ତୁତିପାଠ, ଏବଂ ପାଠକ ସମଗ୍ର ମଞ୍ଚର ଚିକିମିକିଆ ଛବିଲାରେ ଭ୍ରମିତ।

ଭାରତୀୟ ସାହିତ୍ୟରେ ପ୍ରେମଚାନ୍ଦଙ୍କ ଗଳ୍ପରେ ସମାଜର ନୀରବ ଯନ୍ତ୍ରଣା, ରବୀନ୍ଦ୍ରନାଥଙ୍କ ରଚନାରେ ମାନବତାର ଗଭୀର ସ୍ୱର, ଫକୀର ମୋହନ ସେନାପତି ଓ ଗୋପୀନାଥ ମହାନ୍ତିଙ୍କ ଲେଖାରେ ସତ୍ୟ, ସମୟ ଓ ସାମାଜିକ ଚେତନାବୋଧ; ଆଡ଼ମ୍ବର ନୁହେଁ ବରଂଚ ଜୀବନାନୁଭୂତିର ପ୍ରତିଫଳନ।

ଆଜିର ଓଡ଼ିଆ ସାହିତ୍ୟସଂସାର ପାଇଁ ଏକଇ ପ୍ରଶ୍ନ; ଆମେ ସାହିତ୍ୟକୁ ମଞ୍ଚମାୟାରୁ ମୁକ୍ତ କରି ତାହାର ଆତ୍ମାକୁ ଫେରିପାଇବା ତ?

-ପ୍ରଭୂ

*ବ୍ୟୁକ୍ରାନ୍ତା- ପ୍ରହେଳିକା

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

# ପୂଜ୍ୟ ପ୍ରଣାମ

କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ
୩୫ତମ ତିରୋଧାନ ଦିବସ ଲପଲକ୍ଷେ



# କଥାସମ୍ରାଟ ସୁରେନ୍ଦ୍ର ମହାନ୍ତି

(୨୧.୬.୧୯୨୨ - ୨୧.୧୨.୧୯୯୦)

**"ଶ୍ରୀମନ୍ଦିର କେବଳ ତ ଏକ ଦେବାୟତନ ନୁହେଁ,**
**ଏହା ଓଡ଼ିଆ ଜାତିର ନିରବଚ୍ଛିନ୍ନ ଇତିହାସର ପ୍ରନ୍ଥଶାଳା।"**

ଶତାବ୍ଦୀର ସୂର୍ଯ୍ୟ (ପୃ- ୩୨୧)


**କଥାସମ୍ରାଟ ସୁରେନ୍ଦ୍ର ମହାନ୍ତି ମେମୋରିଆଲ୍ ଟ୍ରଷ୍ଟ**
ଭୁବନେଶ୍ୱର, ଫୋନ୍: ୯୭୭୭୨୪୦୨୯୫




# ଓଡ଼ିଆ ଖାଦ୍ୟ ପରମ୍ପରାର ବିନମ୍ର ପ୍ରହରୀ



ଓଡ଼ିଆଣୀ
ODIANEE

**ଏକ ପ୍ରୟାସ ମାତ୍ର**

ଜାତୀୟ ରାଜପଥ -୧୬, ପାଣିକୋଇଲି, ଜିଲ୍ଲା: ଯାଜପୁର

ମୋବାଇଲ: ୯୪୩୭୦୭୮୩୬୧

SAHITYA CHARCHA ● January 2026 ● Rs.50 ● RNI No: ODIODI/2022/81590 ● Postal Regn. No.RMS 'N' Dn/004/202527




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy